Split by PDF Splitter



ଗତ ଶେଷପ୍ରହର ମଧ୍ୟରେ ବଡ଼ାହକାର୍ଯ୍ୟ ସମ୍ପନ୍ନ ଭାବରେ ମହାରାଜ ସ୍ୱ ପତ୍ନୀ ସହିତ ଅପଣା ନଗରକୁ ପ୍ରତ୍ୟାଗମନ ସମୟେ ଛତ୍ରି-ବର୍ଗ ଏପ୍ରକାର ସତର୍କ ଓ ଉଦ୍ୟୋଗୀ ଥିଲେ ଯେ ବାଉଧାରୀ ଶ୍ରେଣୀ ମଧ୍ୟରୁ ଗୋଟିଏମାତ୍ର ଶ୍ରେଣୀ ନ ଥିଲା । ଲୋକମାନଙ୍କର ଅସୀମ ଆନନ୍ଦ ଓ ରାଜାଙ୍କର ବହୁତ ମୁଦ୍ରା ଗରତ ଓ ସେ ମୁଦ୍ରା ଖର୍ଚ୍ଚର ଯେ ଯଶ ତାକୁ ଏ ଛତ୍ରି-ବର୍ଗ ଯେପ୍ରକାର ରଖିଲେ ତାହା ଏତଦ୍ଦ୍ୱାରା ଅବଗତ ହେବେ ବିବାହ ପର ଦିନଠାରୁ ସପ୍ତମଙ୍ଗଳା ପର୍ଯ୍ୟନ୍ତ ବାଇନାଚ, ଗୋଟିପୋ ନାଚ ଇତ୍ୟାଦି ଅହୋରାତ୍ର ହେଉଥିଲା ଏ ଏମଧ୍ୟରେ ବ୍ରାହ୍ମଣ, ବୈଷ୍ଣବ, ମହନ୍ତ, ଅମଲା ପ୍ରଭୃତି ଲୋକମାନଙ୍କୁ ଏକ ଦିନରେ ଅନ-ଗ୍ରହକର ମହନ୍ତ୍ୱ ଦେଖାଇ ସନ୍ତୋଷ କରି-ଥିଲେ ।

ମଜଲିସ ନୃତ୍ୟର ବହୁ ବୃତ୍ତାନ୍ତ ଜଣାଉ-ଅଛୁଁ ଯେ ଦକ୍ଷିଣପ୍ରଦେଶରୁ ଦୁଇଗୋଟି ଦେଶା-ସୁନ୍ଦର ବେଶ୍ୟା ଅସିଥିଲେ ଓ କଟକରୁ ପ୍ରସିଦ୍ଧ ଶ୍ରେଷ୍ଠଭାଗ୍ୟ ଜାନକ ବାଈ ଓ ଅନ୍ୟ ଦୁଇଗୋଟି ବନ୍ଧୁ ସମଭରେ ଆଗମନ କରିଥିଲେ ଓ ପୁଣ୍ଡ୍ରି-ଯବରୁ ମଧ୍ୟ ଦୁଇ ଛତ୍ରଦଳ ଆଗତାଯିଲା ହୋଇଥିଲେ ଏ ସମସ୍ତଙ୍କ ଗାଉଣାରୁ ଶ୍ରେଷ୍ଠଭା-ସର ଗାଏଣଦ୍ୱାର ସମସ୍ତଲୋକେ ଅଶ୍ଚର୍ଯ୍ୟ ହୋଇ ରହିଲେ ଅହା ତାହା ବୋଲିବାର ଧନ୍ୟ ଅଧିକ କରନ୍ତେନେବାର ଧନ୍ୟ କଟକର ନାମକୁ ଏଠାରେ ଏଥର ବଢ଼ାଇ କରିଗଲା । ଅହା ତାହାରବଣୀ ଡୋକଲଠାରୁ ଅଧିକ ପ୍ରକାଶ ହେଲା । ବିଶେଷ କି ଏ ପତ୍ରେ ବିବାହ-ପରର ସବିଶେଷ ବୃତ୍ତାନ୍ତ ଲେଖିବୁଁ । ତା୨୧ରିଖ ଏପ୍ରେଲ ସନ ୧୮୭୩ ମସିହା ।

। ତ । ଗ୍ରୀ—

ବିଜ୍ଞାପନ ।

ପଜିଟିବ ଲାଇଫ ଅସୁରେନ୍ସ କମ୍ପାନୀ ଲିମିଟେଡ ।

ସମସ୍ତ ଗୃହସ୍ଥଙ୍କୁ ଉଚିତ କି ଉପରଲିଖିତ ଅଫିସରୁ ବଗଡ଼ ହାସଲ କରି ରଖନ୍ତୁ । ଏଥିପାଇ ଦେଶୀୟ ଭଦ୍ରଲୋକଙ୍କୁ ଅନୁରୋଧ କରା-ଯାଉଅଛି ।

ମୂଲ୍ୟାଦିର ସବିଶେଷ ବୃତ୍ତାନ୍ତ ଜାଣିବାର ଅଭିଳାଷ ଯାହାଙ୍କର ହୁଅଇ ସେମାନେ କଟକ ଚୌଧୁରୀବଜାର ବାବୁ ହରଲାଲ ମିତ୍ରଙ୍କ ନିକଟ-ରେ ତତ୍ତ୍ୱ କଲେ ଜାଣି ପାରିବେ ।

TO NATIVE GENTLEMEN

PARTICULARLY

POSITIVE

GOVERNMENT SECURITY LIFE ASSURANCE COMPANY LIMITED.

No family man should be without a Policy from the above office.

Full particulars about the rates &c. Apply to Baboo Horolall Mitter.

Agent

Chowdhoory Buzzar

Cuttack

---

ନିମ୍ନଲିଖିତ ପୁସ୍ତକ ସମୂଦାୟ କଟକପ୍ରିଣ୍ଟିଂ-କମ୍ପାନିଙ୍କ ଛାପାଖାନାରେ ଅମ୍ଭ ନିକଟରେ ତତ୍ତ୍ୱ କଲେ ପାଇପାରିବେ ।

| ପୁସ୍ତକର ନାମ | ମୂଲ୍ୟ |
|---|---|
| ସଂସ୍କୃତ ଗୀତଗୋବିନ୍ଦ ଧରଣିଧରଙ୍କ ଭାଷାର୍ଥ ସହିତ | ଗ ୧ ୫୦୨ |
| ଅର୍ଦ୍ଧଧ୍ୱଂସନ [ଶ୍ରୀ ଜଗନ୍ନାଥ ମହା-ପ୍ରଭୁଙ୍କ ଜଣାଣ] | ଗ ୧ ୫୦ / |
| ଗ୍ରନ୍ଥ | ଗ ୧ ୫୦ ୵୩ |
| ପ୍ରକୃତ ଅବକାଶ | ଗ ୧ ୫୦ / |

ଶ୍ରୀ ଭଗବତ ଦାଁ

---

୧୮୬୦ଣଠାରୁ ୧୮୬୫ଣ ପର୍ଯ୍ୟନ୍ତ ଅମିନ ବି ଯେଉଁମାନେ କଚେରି ଓ କମିସନରଙ୍କ ଦ୍ୱାରା ଜରିବ କରି କାଗଜରେ ନକସା କରି ଜାଣିଥିବେ ସେମାନଙ୍କୁ ମାସିକ ୫୧୮ଙ୍କା ବେତନରେ ମୁକ-ରର କରିବି ଓ ଯେଉଁମାନେ ଉକ୍ତ କର୍ମ ନ ଜାଣନ୍ତି କିନ୍ତୁ ଯେବେ ସେମାନେ ଶିକ୍ଷା କରିବାକୁ ମାନସ କରନ୍ତି ମାସିକ ୬୮ଙ୍କା ହିସା-ବରେ ଖୋରାକି-ପାଇ କନାଲେଞ୍ଜିନରେ ଶିକ୍ଷା କରିପାରିବେ ଶିକ୍ଷା ହେଲାଉତ୍ତାରେ ଯେତେ-ବେଳେ ସେମାନେ କର୍ମକ୍ଷମ ହେବେ ସେମାନଙ୍କୁ ଅମିନୀକର୍ମ ଦିଆଯିବ ଉକ୍ତ କର୍ମରେ ଓଡ଼ିଶା-ବାସିମାନଙ୍କୁ ଇଚ୍ଛାହ ଦିଆଯିବ ଦରଖାସ୍ତକାରୀ-ମାନେ ନିମ୍ନଲିଖିତ ମହାଶୟଙ୍କ ନିକଟରେ କଟକନଗରରେ ଦରଖାସ୍ତ କଲେ ତାଙ୍କଠାରୁ ଅନ୍ୟ ଅନ୍ୟ ବିଷୟମାନ ବିଶେଷରୂପେ ଜାଣି-ପାରିବେ ।

ଶ୍ରୀ ଟଏନବି ସାହେବ କେନାଲ
ରେଭିନ୍ୟୁ ସୁପ୍ରେଣ୍ଟେଣ୍ଡେଣ୍ଟ
( Sd. ) G. Toynbee
Canal Revenue Supdt.

---

ଇସ୍ତାହାର କଟେଶ୍ୱ ଇରିଗେସନ କେନାଲ ରେଭିନ୍ୟୁ ସୁପ୍ରେନଟେଣ୍ଡ ସାହେବ । ଜି । ଟଏନ ।

ଏହିକି ।

ଯେହେତୁ ଜଳକର କବୁଲିୟତିର ମିଆଦ ମଇମାସ ତା ୧ ରିଖ । ମୂ । ସନ ୧୨୮୦ ସାଲ ବୈଶାଖମାସ ତା ୨୧ ରିଖରେ ସମାପ୍ତ ହେଉଁ ଶ୍ରବେ ଯେମାନେ ଶାରଦ ଓ ଦାଳୁଆ ଫସଲ ନିମନ୍ତେ କବୁଲିୟତି କରିବେ ସେମାନଙ୍କଠାରୁ ୫ ୧ ଙ୍କା ନିରଖରେ କବୁଲିୟତି ନିଆଯିବ ଓ ମଇମାସ ତା ୧ ରିଖ । ମୂ । ବୈଶାଖ ତା୨୧ରିଖ ପରେ ଯେମାନେ କବୁଲିୟତି କରିବେ ସେମା-ନଙ୍କଠାରୁ ଫି ୧ ମାଣକୁ ୫୧୨ ଙ୍କା ହିସାବ ଅନୁ-ସାରେ ନିଆଯିବ ଏହା ଜଳକର କବୁଲିୟତି ଲେଖାଯାଇ ତଳ ଦିଆଯିବା ବିଷୟ ସମସ୍ତଙ୍କୁ ଜ୍ଞାତ କରି-ବାର ଆବଶ୍ୟକ ଅତଏବ ଉପରଲିଖିତ ବିଷୟ ସର୍ବସାଧାରଣଙ୍କ ଜ୍ଞାନାର୍ଥେ ଏ ଇସ୍ତା-ହାର ପ୍ରଚାର କରାଯାଇ ଲେଖା ଯାଉଅଛି କି ଯେଉଁମାନେ କବୁଲିୟତି କରିବାର ଚେଷ୍ଟା ରଖୁଥିବେ ସେମାନେ ଉକ୍ତ ମିଆଦ-ରେ ଅଧ ଇଲାକାର ତହସିଲଦାରମାନଙ୍କ ନିକଟରେ ହାଜର ହୋଇ କବୁଲିୟତି କରିବା କାରଣ ଦରଖାସ୍ତ ଦାଖଲ କରିବେ ଓ ପ୍ରକାଶ ଥାଉ କି ସନ ୧୨୮୦ ସାଲଠାରୁ । ନ ସନ ୧୨୮୪ ସାଲ ପର୍ଯ୍ୟନ୍ତ ଉପରଲିଖିତ ୫ ୧ ଙ୍କା ରେଟ ନିମନ୍ତେ ମିଆଦ ଘଟିବ ।

---

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED NO. 43



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା୮ଗ | ସଂ୧୯ଖ୍ୟା

ତାଂ ୮ ମଇ ସନ ୧୮୯୭ ମସିହା । ମୁ । ବୈଶାଖ ୨୬ଶେ ସନ ୧୩୦୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩
ମଫସଲ ଠାଇ ଡାକମାସୁଲ ୧୷୵

ଗତ ମଙ୍ଗଳବାର କଟକ ହାଇସ୍କୁଲରେ ନୂତନ ଶିକ୍ଷାକମିଟୀର ପ୍ରଥମ ଅଧିବେଶନ ହୋଇଥିଲା ଦୁଃଖର ବିଷୟ ଯେ କେବଳ ଜଣେ ସଭ୍ୟ ଉପସ୍ଥିତ ଥିଲେ ଆଉ କେହି ଆସିଲେ ନାହିଁ । ସଭରେ କାର୍ଯ୍ୟ ମଧ୍ୟ ଅଭିନୟ ହେଲା । ଅବଶିଷ୍ଟ ଲୋକେ ତାଳ କଥାବାର୍ତ୍ତାରେ ଗଲା କାର୍ଯ୍ୟ ମଧ୍ୟରେ ଏହି ଯେ କେତେଗୁଡିଏ ଝିଅଟୋଲୀଙ୍କୁ ସାହାଯ୍ୟ ଦେବାର ସ୍ଥିର ହେଲା ଓ ପାଠଶାଳାର ଛାତ୍ରଙ୍କୁ ବୃତ୍ତି ଦେବାକାରଣ ପରୀକ୍ଷା ନେବାର ବନ୍ଦୋବସ୍ତ ହେଲା । ଏଥିପୂର୍ବେ ଏକଦିନ ସଭା ହେବାର ସ୍ଥିର ହୋଇ କେତେକ ସଭ୍ୟ ଆସିଥିଲେ କିନ୍ତୁ କଲେକ୍ଟରସାହେବ ଉପସ୍ଥିତ ନ ହେବାରୁ ସେଦିନ ସଭା ହୋଇ ନ ଥିଲା ଜଣେ ହାକିମ ଉପରେ ଅନେକ କାର୍ଯ୍ୟ ନଡବାର ଫଳ ଏହି ଅଟଇ ତଥାପି ମାନ୍ୟବର କ.ମ୍ଲସାହେବ ତୁଲ ହାକିମଙ୍କୁ ସବୁ ବିଷୟର ଭାର ଦେବାରେ ତ୍ରୁଟି କରୁ ନାହାନ୍ତି ।

---

ଗତସପ୍ତାହ ଶୁକ୍ରବାର ଜଣେ କଏଦୀ ଜେଲଖାନାରୁ ପଳାୟନ କଲା । ଏ ବ୍ୟକ୍ତି ହାସପାତାଲରେ ଥିଲା ଡାକ୍ତର ଗୃହରେ ବିଶେଷ ସାହେବଙ୍କ ଅଠହାତର ଉଚ୍ଚ ପାଚିରିକୁ ଡେଇଁ ପଳାଇଅଛି । ପୁଲିସ ଏହାର ଅନୁସନ୍ଧାନରେ ଅଛନ୍ତି । ଏମନ୍ତ କୌଶଳରେ ବାହାରି ଗଲା ଯେ ପହରାବାଳାମାନେ କିଛି ଜାଣି ପାରିଲେ ନାହିଁ ! ଏ ଲୋକର ଘର ଏହି ନଗରରେ ଅଟଇ କୌଣସି ଅପରାଧ କରିବାରୁ ଏକ ବର୍ଷ କାରାବାସ ଦଣ୍ଡ ପାଇଥିଲା ଏଥିରୁ ଅପିଲରେ ଜଜସାହେବ ତାହାକୁ ନୂତନ କାର୍ଯ୍ୟବିଧି ଅନୁସାରେ ଦୁଇବର୍ଷ କାରାଦଣ୍ଡ ଦେଲେ । କ୍ଷମା ପାଇବା ଆଶାରେ ଅପିଲ କରି ବିପରୀତ ଫଳ ପାଇବାରୁ ବୋଧ ହୁଏ ସେ ଅତି ଅଧୀର ହୋଇ ଏ କାର୍ଯ୍ୟ କରିଅଛି ନୂତନ କାର୍ଯ୍ୟବିଧି ପ୍ରତି ଲୋକଙ୍କର କିରୂପ ଭାବ ହୋଇଅଛି ପାଠକମାନେ ଏଥିରୁ ଅନୁମାନ କରନ୍ତୁ । ଏରୂପ କାର୍ଯ୍ୟ ଦେଖି ସାମାନ୍ୟଲୋକ ଯେ ବିଚାରକର୍ତ୍ତାଙ୍କ ନ୍ୟାୟରେ ବିଶ୍ୱାସ କରିବେ ତାହା ବୋଲିବା ବଡ କଠିନ ଅଟଇ । ପଳାତକ କୈର ସମ୍ପ୍ରତି ଧରାପଡି ଅଛି । ସେ ଜେଲଖାନାରୁ ପଳାଇ ଯାଇ ତାଳଦଣ୍ଡା ସଡକ କାଟେ ଜଦ୍ଧୁରରେ ଆପଣା ଲୁଚାଇ ମାଇଛିଥିଲା ସନ୍ଧି ପାଇ ଚଲା । ଏତେ ସାହସ ଓ କୌଶଳ ପ୍ରଦର୍ଶନ ପୂର୍ବକ ପଳାଇ ଉପପତ୍ନୀ ଘରକୁ ଗଲା ଏଥିରେ ଧରା ପଡିବାର ଆଶ୍ଚର୍ଯ୍ୟ କି । ସେ ଯେ ଥାନାରେ ଆପେ ଯାଇଁ ଶୋଇ ନ ରହିଲା ଏହାହିଁ ବିଚିତ୍ର ମଣିବାକୁ ହେବ !

---

ଏ ଦେଶୀୟ ଲୋକଙ୍କର ଧର୍ମବିଶ୍ୱାସ କେତେ କଠିନ ତହିଁର ଗୋଟିଏ ଉଦାହରଣ ସମ୍ପ୍ରତି ଦେଖିବାରେ ଆସିଅଛି । ଶୁଣାଗଲା ଠାକୁରାଣୀଙ୍କଠାରୁ କି ଆଜ୍ଞା ପଡିବା ବାହାରୁଅଛି ତହିଁର ସବିଶେଷ କାହାରିକୁ ଜଣା ନାହିଁ ମାତ୍ର ଆଜ୍ଞାନୁସାରେ ସହର ଓ ମଫସଲର ଲୋକମାନେ ଯେ ଯାହାର ସାଧ୍ୟାନୁସାରେ ଗୋଟିଏ ହାଣ୍ଡିରେ କିଛି ଚାଉଳ, ଅମ୍ଳ ପଇସା ଓ ନଗଦ ତାମ୍ରଖଣ୍ଡ ବା ରୌପ୍ୟଖଣ୍ଡ ଭରିକରି ଆପଣା ଘରପାଖ ଏକସ୍ଥାନରେ ରଖି ଦେଲାରୁ ସେ ସ୍ଥାନର ଲୋକମାନେ ସେ ହାଣ୍ଡିସବୁ ଉଠାଇ ଅନ୍ୟବଜାରର ପ୍ରକାଶ୍ୟ ସ୍ଥାନରେ ରଖି ଆସୁଅଛନ୍ତି ଓ ସେଠାଲୋକ ଅପର ସ୍ଥାନକୁ ବୋହି ନେଉଅଛନ୍ତି ଏହିପରି ଆଜିକି ପ୍ରାୟ ଅଠଦିନ ହେବ ହାଣ୍ଡିବୁହା ଲାଗି ଅଛି । ଏ ସବୁ ପୁରୁଷୋତ୍ତମ ବିମଳାକ୍ଷୀ ଠାକୁରାଣୀ ନିକଟକୁ ଯାଇ ଭୋଗ ହେବ । ହାଣ୍ଡିସବୁ ଡାକରେ ଚାଲି ଯାଉଅଛି କେହି ରକ୍ଷକ ନାହିଁ ତଥାପି ଲୋକଙ୍କ ଧର୍ମଭୟ ଏତେ ଯେ କେହି ସେ ହାଣ୍ଡିରୁ କିଛି ନ ନେଇ ଶୀଘ୍ର ଯେ ଯାହା ଘରନିକଟରୁ ସ୍ଥାନାନ୍ତରରେ ରଖି ଦେଇ ଆସୁଅଛନ୍ତି କାରଣ ଲୋକଙ୍କର ଏକାନ୍ତ ବିଶ୍ୱାସ ହୋଇଅଛି ଯେ ଉକ୍ତ ହାଣ୍ଡିରୁ କିଛି ଦ୍ରବ୍ୟ ଚୋରି କରି ନେଲେ ଓଲାଉଠାରୋଗରେ ତତ୍କ୍ଷଣାତ୍ ମୃତ୍ୟୁ ହେବ । ପଠାଣ ବା ଅପର ଧର୍ମର ଲୋକମାନେ ସୁଦ୍ଧା ଏହିପରି ଭୟ କରି ହାଣ୍ଡିରୁ କିଛି କାଢି ନେଉ ନାହାନ୍ତି ଓ ଯେବେ କେହି ଦୁଷ୍ଟଲୋକ କଦାଚ କିଛି କାଢି ନେଉଅଛି ତେବେ ତାହାକୁ କେହି କିଛି କହୁ ନାହାନ୍ତି । ଆମ୍ଭେମାନେ ସ୍ୱୟଂ ଦେଖି ଅଛୁଁ ଏକ ଗଛ

Digitized by srujanika@gmail.com

Split by PDF Splitter



ମୂଲେ ବନ୍ଧୁଭ ହାଣ୍ଡି କଢ଼ାଥିଲା ଲୋକେ ଦେଖି ଥାନ୍ତି ଗୋଟାଏ ବାଛୁରୀ ଅସି ଏକ ହାଣ୍ଡିର ଚାଉଳ ଅମୃତକୁ ଖାଇଲା କେହି ତାହାକୁ ଅଡାଇ ଦେଲେ ନାହିଁ । ଏଥିରୁ ଜଣାଗଲା ଯେ ସ୍ଥାନାନ୍ତରକୁ ବୋହି ନେବା ଭିନ୍ନ ଅନ୍ୟକୌଣସି କାରଣରୁ ଲୋକେ ହାଣ୍ଡିକୁ ଛୁଇଁବେ ନାହିଁ । ଯେ ହାଣ୍ଡି ନ ନେବ ଯେଉଁ ସ୍ଥାନରେ ହାଣ୍ଡି ପଡିରହିବ ସେଠାରେ ଓ ଯେ ହାଣ୍ଡିର ବସ୍ତୁ ଚୋରି କରିବ ଏ ଉଭୟେ ଯୋଗିନୀମୁଖରେ ପଡି ମରିବେ ଏଥିକି ଆଖିରେ ଦେଖ ହଜା ପଚରା ଓ ହଜା ଗର୍ତ୍ତରେ ହାଣ୍ଡିମାନ ଡାଳରେ ଗଳିଅଛି । ଆହା ! ନିମ୍ନଶ୍ରେଣୀଲୋକଙ୍କର ଧର୍ମଭୟ କେମନ୍ତ ପ୍ରବଳ ହେଉ ଦୁଃଖର ବିଷୟ ଯେଉଁମାନେ ଏହାଙ୍କଠାରୁ ଆପଣାକୁ ଉତ୍କୃଷ୍ଟ ଜ୍ଞାନ କରନ୍ତି ସେମାନେ ଏହାଙ୍କ ଧର୍ମଭୟର ସଦ୍ବ୍ୟବହାର କରିପାରୁ ନାହାନ୍ତି । ଏହି ଧର୍ମଭୟ ଯେବେ କୁସଂସ୍କାରବିଶିଷ୍ଟ ନ ହୋଇ ସତ୍ମାର୍ଗରେ ଚାଳିତ ହୁଅନ୍ତା ତେବେ ଏହାଦ୍ୱାରା ଅନେକ ଉପକାର ହୁଅନ୍ତା ସନ୍ଦେହ ନାହିଁ ।

ପରଶେଷରେ ଶୁଣିଲୁଁ ଯେ ଉକ୍ତ ଗର୍ତ୍ତମୂଳେ ଜମା ହୋଇଥିବା ହାଣ୍ଡିସବୁ ଯଥାସ୍ଥାନକୁ ଯାଇ ପାରିଲା ନାହିଁ । ମଦଭମାନେ ଦୁଇ ପ୍ରହରବେଳେ ହାଣ୍ଡିର ପଇସା ସୁଦ୍ଧ ଇତ୍ୟାଦି ବାଛିନେଇ ହାଣ୍ଡି ସବୁ ଭାଙ୍ଗିପକାଇ ଚାଲିଗଲେ ଓ ଭିକ୍ଷାଉପଜୀବୀ ଓ ଅନାଥଲୋକ ଚାଉଳ ଗୋଟାଇ ନେଲେ । ବାଙ୍କି ଯାହା ରହିଲା ଗୋରୁମାନେ ନିଃଶେଷ କଲେ । ଯାହା ହେଉ ସମୁଦ୍ରମହଲ ପରିଶେଷରେ ପ୍ରକାଶ ପାଇଲା ସୁଖର ବିଷୟ ଅଟଇ ।

---

### ବାଙ୍କି ତହସିଲଦାରୀ ।

ଗତସପ୍ତାହରେ ଅମ୍ଭେମାନେ ଏବିଷୟରେ ଯେଉଁ ପ୍ରସ୍ତାବ ଲେଖିଥିଲୁଁ ତାହା ପ୍ରକାଶ ହେବା ପୂର୍ବରୁ ଶ୍ରୀଯୁକ୍ତ କମିଶନର ସାହେବ ପୁରୀ ମୁକାମରେ ସେଠା କଲେକ୍ଟରୀ ସିରସ୍ତାଦାର ବାବୁ ଶ୍ରୀନାଥ ବୋଷଙ୍କୁ ଉକ୍ତ ତହସିଲଦାରୀ କର୍ମରେ ନିଯୁକ୍ତ କରିଥିଲେ ଅତଏବ ଅମ୍ଭମାନଙ୍କ ଲେଖା ଏକପ୍ରକାର ବ୍ୟର୍ଥ ହେଲା ମାତ୍ର ଅମ୍ଭେମାନେ ଅନୁସନ୍ଧାନ କରି ବୁଝିଅଛୁଁ ଯେ ଅମ୍ଭେମାନେ ଉକ୍ତ ପ୍ରସ୍ତାବରେ ଯାହା ଲେଖିଥିଲୁଁ ତହିଁରେ ଅଧିକ୍ୟ ଲୋକଙ୍କ ମନୋଗତ ଭାବ ବ୍ୟକ୍ତ ହୋଇଥିଲା ସୁତରାଂ ତାହା ବ୍ୟର୍ଥ ହେବାରେ ମଧ୍ୟ ଦୁଃଖିତ ନାହୁଁ । କେବଳ ଅମ୍ଭମାନଙ୍କର ଏହି ଦୁଃଖ ହୋଉଅଛି ଯେ ଶ୍ରୀଯୁକ୍ତ କମିସନର ସାହେବ ପୂର୍ବାପର କିଛି ବିଚାର ନ କରି ଏତେ ଅଶ୍ରଦ୍ଧାରୂପେ ଏପଦରେ ଲୋକ ନିଯୋଗ କଲେ ! ଏତେ ତରତର ହୋଇ କାର୍ଯ୍ୟ କରିବାର କୌଣସି କାରଣ ଅମ୍ଭେମାନେ ପ୍ରତ୍ୟକ୍ଷ କରି ପାରୁ ନାହୁଁ ବରଂ ଏଥିରେ କମିସନର ସାହେବଙ୍କ ସ୍ୱଭାବର ବିପରୀତ କାର୍ଯ୍ୟର ପରିଚୟ ପ୍ରାପ୍ତ ହେଉଅଛି କାରଣ ଅନେକଥର ଶୁଣାଯାଉଅଛି ଯେ ତାହାର ମୃତ୍ୟୁ ଉତ୍ତାରୁ ତାହାର କର୍ମପାଇଁ କେହି ଦରଖାସ୍ତ କଲେ ସେ ବୋଲନ୍ତି ଯେ ଉମେଦୱାରମାନେ ମୃତଦାର ଥଣ୍ଡା ହେବାକୁ ସୁଦ୍ଧା ସମୟ ଦେଉ ନାହାନ୍ତି । ଯାହା ହେଉ ତାହାଙ୍କ ବର୍ତ୍ତମାନ ନିଯୁକ୍ତ କରିବାର କାର୍ଯ୍ୟ ଦେଖି ଭଲ ଲୋକେ ଅସନ୍ତୁଷ୍ଟ ହୋଇଅଛନ୍ତି ! କେହି ବୋଲନ୍ତି ଯେ ଓଡିଶାରେ ଉନ୍ନତି ପାଇବାର ଯୋଗ୍ୟ ଅନେକ ଅନେକ କର୍ମଚାରୀ ଅଛନ୍ତି ସେମାନେ ସମସ୍ତେ ପ୍ରାର୍ଥନା କଲେ ସବୁଠାରୁ ଉପଯୁକ୍ତ ଲୋକ ବାଛିବାକୁ ଧନ୍ଦାଳି ହେବେ ବୋଲି ଶୀଘ୍ର ଏକଜଣ ନିଯୁକ୍ତ କରି ଗୋଟାଏ ଦାୟରୁ ରକ୍ଷା ପାଇଲେ ଓ କେହି ବୋଲନ୍ତି ଯେ ଲୋକ ବିଶେଷର ଯୋଗ୍ୟତା ନିର୍ଣ୍ଣୟ କରିବାକୁ କମିସନର ସାହେବ ସେତେ ସକ୍ଷମ ନୁହନ୍ତି ବୋଲି ପୁରୀରେ ଥିଲାରୁ ପୁରୀ ଲୋକ ନିଯୁକ୍ତ କଲେ । କଟକ କିମ୍ବା ବାଲେଶ୍ୱରରେ ଥିଲେ ସେଠା ଲୋକଙ୍କ ମଧ୍ୟରୁ କାହାରିକୁ ଏକର୍ମ ଦେଇଥାନ୍ତେ ଅପର କେହି ବୋଲନ୍ତି ଯେ ରଘୁନାଥବୋଷଙ୍କ କର୍ମ ଯାଇ ହେଲା ଓ ସେ ଏଥିପୂର୍ବେ ସିରସ୍ତାଦାର ଥିଲେ ଅତଏବ ଏହାଙ୍କ ପଦରେ ନିଯୁକ୍ତ ହେବାକୁ ସେହି ବ୍ୟକ୍ତି ଯୋଗ୍ୟ ବୋଲି ଯେ ବୋଷ ଉପାଧି ଧାରଣ କରି ସିରସ୍ତାଦାରୀ କରିଥିବ । ବାବୁ ଶ୍ରୀନାଥ ବୋଷଙ୍କ ଠାରେ ଏ ଦୁଇଗୁଣ ମିଳିବାରୁ କମିଶନର ସାହେବ ଅନ୍ୟ କାହାର କଥା ଉପେକ୍ଷାରେ ଏହାଙ୍କୁ କର୍ମ ଦେଲେ । ବାସ୍ତବରେ ଏଥିରେ ଏକିପ୍ରକାର ଗଣ୍ଡଗୋଳ ହୋଇଅଛି । ଓଡିଶାରେ ତ ବୋଷ ସିରସ୍ତାଦାର ଆଉ ଜଣେ ସୁଦ୍ଧା ନାହିଁ । ଏସବୁ ମଧ୍ୟରୁ କୌଣସି ଏକ କାରଣରୁ ହେଉ ଅଥବା କେହି ଅଦୃଷ୍ଟ କି ଶକ୍ତି ଯେମନ୍ତ ବ୍ୟବସ୍ଥା କରି ଯାଇଥିଲା କି ତାହା ମୁଣ୍ଡ ପାତିବାରୁ ଯେକେହି ବିଦେଶୀ ପ୍ରଥମରେ ତାହା ଗୃହ୍ୟରେ ପ୍ରବେଶ କରିବ ତାହାକୁ ଗୃହାଗ୍ରଣୀ ଦଅପିବ ସେମନ୍ତ କାରଣରୁ ହେଉ ଏବ୍ୟକ୍ତି ଉକ୍ତ ଉଚ୍ଚପଦ ପାଇ ଅଛନ୍ତି ଶ୍ରୀନାଥ ବାବୁ ଯେ ଏପଦର ଅଯୋଗ୍ୟ ଅମ୍ଭେମାନେ ଏରୂପ କହୁ ନାହୁଁ । ଅମ୍ଭେମାନେ କହୁଁ ଯେ ଏହାଙ୍କ ଅପେକ୍ଷା ଉପଯୁକ୍ତ ଲୋକ ଓଡିଶାରେ ଅନେକଗୁଡିଏ ଅଛନ୍ତି । ସେମାନଙ୍କର ଉଚ୍ଚାଶାପ୍ରତି କିଛିମାତ୍ର ଦୃଷ୍ଟି ନ କରି ଓ ସେମାନଙ୍କୁ ଆପଣା କଥା କହିବା ସକାଶେ ସମୟ ସୁଦ୍ଧା ନ ଦେଇ ଯେ କମିଶନର ସାହେବ ଏକର୍ମର ବନ୍ଦୋବସ୍ତ କଲେ ଏଥିରେ ଉକ୍ତ ଉପଯୁକ୍ତ ବ୍ୟକ୍ତିଙ୍କ ମନରେ ବହୁତ ଦୁଃଖ ହୋଇଅଛି ଓ ହେବାର ମଧ୍ୟ ଅସମ୍ଭବ ନୁହଇ । କର୍ମଚାରୀଙ୍କ ମଧ୍ୟରେ କିଏ କି ପରିମାଣରେ ଯୋଗ୍ୟତା ଲାଭ କରିଅଛି ଓ କିଏ କେମନ୍ତ ସଦାଚାର ଓ ଉଦ୍ୟୋଗ ସହ ଆପଣା କର୍ମ ନିର୍ବାହ କରୁଅଛି ଯେବେ ଏଥିର ବିଚାର ନ ହୋଇ କୌଣସି ଏକ ଲୋକକୁ ଇଚ୍ଛାପୂର୍ବକ ଦଅପିବ ତେବେ କେଉଁ ଆଶା ଓ ଭରସାରେ କର୍ମଚାରୀମାନେ ଉତ୍ତରୋତ୍ତର ଉତ୍ତମ ହେବାକୁ ଚେଷ୍ଟିତ ହେବେ ? ଶ୍ରୀନାଥ ବାବୁ ଯେ ଓଡିଶାର କର୍ମଚାରୀଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ଏହା କୌଣସି କାଳରେ ସ୍ଥିର ହେବାର ଅମ୍ଭମାନଙ୍କୁ ଜଣା ନାହିଁ ବରଂ ଗତବର୍ଷ ଏହି କମିଶନର ସାହେବ ତିନିଜିଲାର କଲେକ୍ଟରଙ୍କ ନିକଟରୁ ଉପଯୁକ୍ତ ଓ ଉନ୍ନତି ପାଇବାର ଯୋଗ୍ୟ କର୍ମଚାରୀଙ୍କର ଯେଉଁ ତାଲିକାମାନ ଆଣାଇ ଆପଣା ପାଖରେ ରଖିଅଛନ୍ତି ଥରେ ତାହାକୁ ଦେଖିଲେ ଜାଣି ପାରନ୍ତେ ଯେ ଏକରୁ ଏକ ବଳି କେତେ ସୁଯୋଗ୍ୟ କର୍ମଚାରୀ ତାହାଙ୍କ ଅଧୀନ ମହକୁମାମାନରେ ଅଛନ୍ତି ଶ୍ରୀନାଥ ବାବୁ ଏହାଙ୍କ ମଧ୍ୟରେ ଜଣେ ଅଟନ୍ତି ସତ୍ୟ ହେଉ ସମସ୍ତଙ୍କ ସହିତ ତୁଳନାରେ ଶ୍ରେଷ୍ଠ ହୋଇ ନାହାନ୍ତି ଓ ଯେଉଁମାନଙ୍କ ଅଦୌ କାହାର କଥା ବିଚାର ହୋଇ ନାହିଁ ସେମାନଙ୍କ ତୁଳନାର କଥା କହିବା ଅପ୍ରାସଙ୍ଗିକ ଅଟଇ । କର୍ମଚାରୀ ନିଯୋଗ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ଯେଉଁ ସମସ୍ତ ନିୟମ ପ୍ରଚାର କରିଅଛନ୍ତି ତାହା କଷ୍ମିନ୍‌କାଳରେ ସୁଦ୍ଧା ପ୍ରତିପାଳିତ ହୋଇ ନାହିଁ । ଅମ୍ଭେମାନେ ଏଥିପୂର୍ବେ ହାକିମମାନେ କର୍ମଚାରୀ ନିଯୋଗ ସମୟରେ ସ୍ୱେଚ୍ଛାଚାରୀ ରୂପେ କର୍ମ କରନ୍ତି ବୋଲି ଅସନ୍ତୋଷ ପ୍ରକାଶ କରିଥିଲୁଁ ବସ୍ତୁ ଏ ପ୍ରଦେଶର ସର୍ବୋଚ୍ଚ ହାକିମଙ୍କର ଯେବେ ଏମନ୍ତ ବିଚାର ହେଲେ ଅପର ହାକିମଙ୍କର କଥା ଆଦୌ ଧର୍ତ୍ତବ୍ୟ ନୁହଇ ।

Digitized by srujanika@gmail.com

Split by PDF Splitter



ଯାହା ହେବାର ତାହା ହୋଇଗଲାଣି ବର୍ତ୍ତମାନ ଶୋଚନା କରିବାର ବୃଥା ଅମ୍ଭେମାନେ ସମସ୍ତ ଉଚ୍ଚପଦାକାଂକ୍ଷୀ ଉପଯୁକ୍ତ କର୍ମଚାରୀମାନଙ୍କୁ ଏହିରୂପ ସାନ୍ତ୍ୱନା ଦେଇ ଗ୍ରାଣ୍ଟ କମିଶନର ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ଭବିଷ୍ୟତରେ ସେ କର୍ମଚାରୀ ନିଦ୍ଦେଶ ବିଷୟରେ ଏମନ୍ତ ବ୍ୟବହାର ନ କରନ୍ତୁ ଯେ ଯହିଁରେ ଉପର କର୍ମଚାରୀଙ୍କ ଯଥାର୍ଥ କାରଣ ବଶତଃ ମନଃପୀଡ଼ା ହୁଅଇ। କାରଣ ସେରୂପ ହେଲା ଗୋଟିଏ ସାଧାରଣ ଗୁଡ଼ିକର ଅନିଷ୍ଟ ଅଟଇ କର୍ମଚାରୀମାନଙ୍କ ପ୍ରତି ଯେତେ ନ୍ୟାଯ୍ୟ ବ୍ୟବହାର ହେଉଥିବ ସେତେ ତାହାଙ୍କର ଉତ୍ସାହ ବଢ଼ିବାର ସମ୍ଭାବନା ତହିଁରେ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟ ଭଲ ହେବ। ସେମାନଙ୍କ ମନ ଦୁଃଖିତ ହେଲେ କର୍ମପ୍ରତି ଆସ୍ଥା ଉଣା ହେବାର ସମ୍ଭବ। ଶାଡ୍‌କାଭ ଅଚଳ ବହିର୍ଭୂତ ଗଣ୍ୟ କୋଲ ତହିଁପକ୍ଷରେ ଯେମନ୍ତ ତେମନ୍ତ କାର୍ଯ୍ୟ ହେବ ଏପରି ନ୍ୟାଯ୍ୟ ସଙ୍ଗତ ନୁହଇ।

———

### ଶିକ୍ଷିତ ବ୍ୟକ୍ତିଙ୍କ କର୍ତ୍ତବ୍ୟ।

କଲିକତା ବ୍ରହ୍ମମାଜର ଜଣେ ପ୍ରଚାରକ ବାବୁ ଅଘୋରନାଥ ଗୁପ୍ତ ଅଳ୍ପ ଦିନ ହେଲା ଏ ନଗରକୁ ଆସି ଅଛନ୍ତି ଗତ ସୋମବାର କଟକ ହାଇସ୍କୁଲ ଗୃହରେ ଉପରଲିଖିତ ବିଷୟରେ ଗୋଟିଏ ବକ୍ତୃତା କରିଥିଲେ। ଅମ୍ଭେମାନେ ବଡ଼ ଦୁଃଖିତ ହେଲୁଁ ଯେ ଯଦ୍ୟପି ଏ ବିଷୟର ବିଜ୍ଞାପନ ନଗରସ୍ଥ ଅନେକ ଲୋକଙ୍କ ନିକଟକୁ ପଠା ଯାଇଥିଲା ମାତ୍ର ଅତ୍ୟଳ୍ପ ଲୋକ ଉପସ୍ଥିତ ହୋଇଥିଲେ। ବିଜ୍ଞାପନ ଦାତାଙ୍କର ଗୋଟିଏ ଭୁଲ ହୋଇଥିଲା ସେ ବିଜ୍ଞାପନ ସ୍ୱାକ୍ଷର ନ କରିବାରୁ ଅନେକ ଲୋକ ତହିଁ ପ୍ରତି ନିର୍ଭର କଲେ ନାହିଁ ବୋଲି ଜଣାଯାଏ। ସେ ଯାହା ହେଉ ଅଦ୍ୟ ଲୋକେ ଅଧିକ ପରିମାଣରେ ସମାଗତ ନ ହେବାରୁ ଅମ୍ଭେମାନେ ଦୁଃଖିତ ହୋଇଅଛୁଁ।

ବକ୍ତୃତାଟି ସର୍ବତୋଭାବରେ ଉତ୍ତମ ହୋଇଥିଲା ଓ ତହିଁରୁ ପ୍ରକାଶ ପାଇଲା ଯେ ପ୍ରଚାରକ ମହାଶୟ ଯେଉଁ କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛନ୍ତି ତହିଁର ମର୍ଯ୍ୟାଦା ସମ୍ପୂର୍ଣ୍ଣରୂପେ ରକ୍ଷା କରିଅଛନ୍ତି ଓ ତାହାଙ୍କର ସରଳଭାବ ସବୁ କଥାରେ ପ୍ରକାଶ ପାଇଥିଲା। ଅମ୍ଭେମାନେ ବକ୍ତୃତାଟି ଲେଖି ଆଣିବାକୁ ସକ୍ଷମ ହୋଇ ନାହୁଁ ଓ ଏ କ୍ଷୁଦ୍ରପତ୍ରିକାରେ ଏହା ପ୍ରକାଶ କରିବାକୁ ସ୍ଥାନ ହେବ ନାହିଁ ବୋଲି ଲେଖିବାକୁ ଚେଷ୍ଟା ସୁଦ୍ଧା କରି ନାହୁଁ କିନ୍ତୁ ଯାହା ଶୁଣିଅଛୁଁ ଓ ସ୍ମରଣ ରଖିଅଛୁଁ ତହିଁର ସଂକ୍ଷେପ ବିବରଣ ପାଠକଙ୍କୁ ଜଣାଉଅଛୁଁ। ଯଥା- —

ଅଜି କାଲି ସଭ୍ୟତା ଓ ଉନ୍ନତିର କାଳ। ଗୁରୁଅତେ ଲୋକେ ଏଥିପାଇଁ ବସ୍ତୁ ଓ ଏହି ସବୁର ବୃଦ୍ଧି ସକାଶେ ପୃଥିବୀରେ ପ୍ରବଳ ପରିବର୍ତ୍ତନର ସ୍ରୋତ ପ୍ରବାହିତ ହେଉଅଛି। ପୃଥିବୀର ଅନ୍ୟାନ୍ୟ ସ୍ଥାନ ପରି ଭାରତବର୍ଷରେ ମଧ୍ୟ ଏହି ପରିବର୍ତ୍ତନ ବିଶେଷ ରୂପେ ଲକ୍ଷିତ ହୁଅଇ ଏଠାର ନବ୍ୟମଣ୍ଡଳୀ ମଧ୍ୟରେ ପୁରାତନ କଥା କିଛି ଭଲ ଲାଗୁ ନାହିଁ ପୁରାତନ ରୀତି ପୁରାତନ ନୀତି ଓ ଜ୍ଞାନ ସଙ୍ଗେ ପୁରାତନ ଆଚାର ପରିଚ୍ଛଦ ପର୍ଯ୍ୟନ୍ତରେ ସୁଦ୍ଧା ତୃପ୍ତି ହେଉ ନାହିଁ ସକଳ ବିଷୟରେ ନୂଆ ବ୍ୟବସ୍ଥା ଦେଖାଯାଏ ଓ ସେ ସମସ୍ତ ଉନ୍ନତି ମାର୍ଗରେ ଧାବିତ ହେଉଅଛି। ଏମନ୍ତ ସମୟରେ ଶିକ୍ଷିତ ଲୋକଙ୍କୁ ନିଶ୍ଚିନ୍ତ ରହିବାର ନୁହଇ ସମସ୍ତଙ୍କୁ ଉଚିତ କି ଉନ୍ନତି ମାର୍ଗରେ ଅଗ୍ରସର ହେବେ। ଏଥିପାଇଁ କି କର୍ତ୍ତବ୍ୟ ତାହା ଅଗଠାରୁ ସ୍ଥିର କରିବାର ଆବଶ୍ୟକ। ଅତଏବ ଶିକ୍ଷିତ ଲୋକଙ୍କର ଉଚିତ ଯେ ଏମନ୍ତ ଗୋଟିଏ ମଧ୍ୟବିନ୍ଦୁ ଲକ୍ଷ କରି କାର୍ଯ୍ୟ କରିବେ ଯେ ଜୀବନର ସମସ୍ତ କାର୍ଯ୍ୟ ତାହାର ପରିଧି ସ୍ୱରୂପ ରହି ଉକ୍ତ ମଧ୍ୟବିନ୍ଦୁ ସହିତ ସାମଞ୍ଜସ୍ୟ ରକ୍ଷା କରିବ। ଏରୂପ ମଧ୍ୟବିନ୍ଦୁ ସଂସ୍ଥାପିତ ନ ହେଲେ କାର୍ଯ୍ୟ ସବୁ ଅଯୃତ୍ତାଧୀନ ରହିବ ନାହିଁ। ଭିନ୍ନ ମାର୍ଗରେ ଯେବେ କାର୍ଯ୍ୟ ସବୁ ଯାଏ ତାହା ହେଲେ ମନୁଷ୍ୟର କୌଣସି ସ୍ୱାଧୀନତା ରହଇ ନାହିଁ ସେ କେବଳ ଅବସ୍ଥାର ଦାସ ଓ ଇନ୍ଦ୍ରିୟର ଦାସ ହୋଇ ପଡ଼େ ଏରୂପ ଲୋକଠାରୁ ଜଗତର କି ଉପକାର ହୋଇ ପାରିବାର ସମ୍ଭାବନା ସେତ ଅପଣାର ଭଲ କରିବାକୁ ଅକ୍ଷମ ହେଲା ଏଥିପାଇଁ ସମସ୍ତଙ୍କର ନିତାନ୍ତ କର୍ତ୍ତବ୍ୟ ଯେ ଗୋଟିଏ ଉଦ୍ଦେଶ୍ୟ ନିଶ୍ଚୟ କରି ରଖି ସକଳ କାର୍ଯ୍ୟ ତହିଁର ସାଧନ ପକ୍ଷରେ ପରିଣତ କରିବେ। କାହାଠାରୁ କେଉଁ କାର୍ଯ୍ୟ ସାଧନ ହେବ ତାହା ବୋଲିଯାଇ ନ ପାରେ କିନ୍ତୁ ଏହା ନିଶ୍ଚୟ ଯେ ପ୍ରତ୍ୟେକ ଲୋକ ଉପରେ ଗୋଟିଏ କାର୍ଯ୍ୟର ଭର ଅଛି ସେ ଭାର ସୁନ୍ଦର ରୂପେ ନିର୍ବାହ କରିବାକୁ ଚେଷ୍ଟା କଲେ ଅବଶ୍ୟ ଜଗତର ହିତ ହେବ। ଶିକ୍ଷିତ ଲୋକଙ୍କୁ ନିସ୍ୱାର୍ଥ ହେବାର ନିତାନ୍ତ କର୍ତ୍ତବ୍ୟ ସ୍ୱାର୍ଥପରତା ହେତୁରୁ ଭାରତବର୍ଷ ଉଚ୍ଛନ୍ନ ଦଶାକୁ ଲଭିଅଛି ତାହା ତ୍ୟାଗ ନ କଲେ କଦାଚ ଭଲ ହେବାର ନୁହଇ। ମନୁଷ୍ୟ ନିଃସ୍ୱାର୍ଥ ଭାବ ଅବଲମ୍ବନ କଲେ ଦୟାର ଉଦ୍ରେକ ହେବ ଓ ଲୋକଙ୍କ ଉପରେ ଦୟା ହେଲେ ଯହିଁରେ ସମସ୍ତଙ୍କର ଉନ୍ନତି ହୁଅଇ ସେପରି କାର୍ଯ୍ୟ କରିବାକୁ ଇଚ୍ଛା ବଳବ କାହାର ଦୁରବସ୍ଥା ଦେଖି ଘୃଣା ହେବ ନାହିଁ ବରଂ ତାହାର ଦୁରବସ୍ଥା ମୋଚନ ପକ୍ଷରେ ଯତ୍ନ କରିବାର ଇଚ୍ଛା ହେବ। ବଙ୍ଗାଳିମାନେ ଭାରତବର୍ଷରେ ସର୍ବାପେକ୍ଷା ଉନ୍ନତ ହୋଇଅଛନ୍ତି ଏହାଙ୍କର ଉଚିତ ଯେ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନର ଲୋକମାନଙ୍କୁ ସେହିପରି ଉନ୍ନତ ଅବସ୍ଥାକୁ ଆଣିବାର ଚେଷ୍ଟା କରିବେ କିନ୍ତୁ ସେ ଦୁଃଖିତ ହୋଇ କହୁଅଛନ୍ତି ଯେ ବଙ୍ଗାଳିମାନେ ଅପଣାର ଭାବ ବୁଝି ନ ପାରି ସେମାନଙ୍କୁ କୁସଂସ୍କାରପନ୍ନ ଦେଖି ଘୃଣା କରନ୍ତି ଓ ସେମାନଙ୍କଠାରୁ ଅନ୍ତର ହୋଇ ରହନ୍ତି ସୁତରାଂ ଅଧିବାସିଙ୍କ ସହିତ ତାହାଙ୍କର ସୁହୃଦତା ଜାତ ହୁଅଇ ନାହିଁ ଓ ଉଭୟ ଦଳ ପୃଥକ୍ ରହିବାରୁ ପରସ୍ପରର ସଂଯୋଗରେ ଯେଉଁ ଉନ୍ନତି ହେବାର ସମ୍ଭାବନା ଥାଏ ତାହା ଏତାବେଳକେ ସ୍ଥଗିତ ହୁଅଇ। ବଙ୍ଗାଳିମାନେ ଯେବେ ଏରୂପ ବ୍ୟବହାର ନ କରି ଅନ୍ୟ ସ୍ଥାନର ଲୋକଙ୍କୁ ଅପଣା କନିଷ୍ଠ ଭ୍ରାତାତୁଲ୍ୟ ଜ୍ଞାନ କରି ତାହାଙ୍କୁ ଉନ୍ନତି ମାର୍ଗରେ ଅଣିବାକୁ ଚେଷ୍ଟା କରନ୍ତେ ଓ ସେମାନଙ୍କର ଭାବ ଅନ୍ୟପ୍ରକାର ଦେଖିଲେହେଁ ତହିଁରେ ବିରକ୍ତ ନ ହୋଇ ସେମାନଙ୍କୁ ସର୍ବଦା ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଦେଖି ତାହାଙ୍କର ଦୁରବସ୍ଥା ମୋଚନ ପକ୍ଷରେ ଯତ୍ନବାନ୍ ହୁଅନ୍ତେ ତେବେ ଏମାନେ ପ୍ରକୃତରୂପେ ଅପଣା କର୍ତ୍ତବ୍ୟ ସାଧନ କରନ୍ତେ ଓ ଏହାଙ୍କ ସଭ୍ୟତା ଓ ଉନ୍ନତିର ଗୌରବ ରକ୍ଷା ପାନ୍ତା। ଅନ୍ୟାନ୍ୟ ସ୍ଥାନର ଅବସ୍ଥାପ୍ରାପ୍ତ ଉତ୍କଳୀୟ ଓ ବଙ୍ଗୀୟଙ୍କ ମଧ୍ୟରେ ବିଚ୍ଛେଦ ଦେଖାଯାଏ ଏହା ଅତି ଶୋଚନୀୟ ଅଟଇ ଏଥିରେ ଉଭୟର ଅମଙ୍ଗଳ କାହାର ମଙ୍ଗଳ ନାହିଁ। ଯେବେ ଉତ୍କଳୀୟ ଓ ବଙ୍ଗୀୟଙ୍କ ମଧ୍ୟରେ ଅନେକ ବିଷୟରେ ମତଭେଦ ଅଛି ତେବେ ସେଥିରେ କି ଗୁପିଯାଏ। ସର୍ବପ୍ରକାର ମତଭେଦ ଥିଲେମଧ୍ୟ ସାମାଜିକ ବିଷୟରେ ଉନ୍ନତ ହେବାର କୌଣସି ପ୍ରତିବନ୍ଧକ ନାହିଁ। ଧର୍ମବିଷୟରେ ଯେ ଯେଉଁ ମତ ଅବଲମ୍ବନ କରିଅଛି ସେ

Digitized by srujanika@gmail.com

ତାହା କର ଥାଉ କିନ୍ତୁ ଉତ୍କଳୀୟ ଓ ବଙ୍ଗୀୟ ବନ୍ଧୁଙ୍କୁ ଏତଦ୍ଦ୍ୱାରା ସମାଜ ଭିତରେ ପ୍ରାର୍ଥନା ଦେଉଅଛୁ ଯେ ସେମାନେ ପାର୍ଥକ୍ୟ ଓ ବାଦ ବିସମ୍ବାଦ ପରିତ୍ୟାଗ ପୂର୍ବକ ଏକଚିତ୍ତ ହୋଇ ସ୍ୱଦେଶର ଓ ଜଗତର ଉନ୍ନତି ସାଧନ ପକ୍ଷରେ ଦୃଢ଼ବନ୍ତ ହେଉନ୍ତୁ ।

ଅମ୍ଭେମାନେ ସଂକ୍ଷେପରେ ବକ୍ତୃତାର ସାରାଂଶ ଉଲ୍ଲେଖ କଲୁଁ କିନ୍ତୁ ଗୁପ୍ତ ମହାଶୟ ଅଗଷ୍ଟସ କୋମତ ନେପୋଲିୟନ ବୋନାପାର୍ଟ ଓ ଜନ ବ୍ରାଇଟର ଦୃଷ୍ଟାନ୍ତ ଦେଇ ଉପର ଲିଖିତ କଥାମାନ ଏମନ୍ତ ବାକ୍ପଟୁତାରେ ବ୍ୟାଖ୍ୟା କରିଥିଲେ ଯେ ଦର୍ଶକମାନେ ତହିଁରେ ଆନନ୍ଦିତ ହୋଇ ପୁନଃ ପୁନଃ କରତାଳି ଧ୍ୱନିଦ୍ୱାରା ତାହା ପ୍ରକାଶ କଲେ ଓ ଯଦ୍ୟପି ବି କେହି କେହି ତାହାଙ୍କ ବ୍ୟବହୃତ ବିଶେଷ ଭାଷାପ୍ରତି ଆପତ୍ତି କରିବାର ଶୁଣାଯାଏ ମାତ୍ର ଅମ୍ଭମାନଙ୍କ ବିବେଚନାରେ ତାହା ଧର୍ତ୍ତବ୍ୟ ନୁହଇ ଅନର୍ଗଳ ବକ୍ତୃତା କରିବା ସମୟରେ କେତେବେଳେ ଟିକିଏ ବିଚଳିତ ହେବାର ଆଶ୍ଚର୍ଯ୍ୟ ନୁହଇ ଲିଖିତ ପ୍ରସ୍ତାବ ହୋଇଥିଲେ ତାହା ଧର୍ତ୍ତବ୍ୟା ଓ ସ୍ତୃକଲ୍ପେ ବକ୍ତୃତା ଉତ୍ତମ ହୋଇଥିବାରୁ ସ୍ଥାନ ବିଶେଷରେ ବ୍ୟତିକ୍ରମ ଘଟିଥିଲେ ସୁଦ୍ଧା ତହିଁରୁ ତାହାଙ୍କର ଭାବର ବ୍ୟତିକ୍ରମ ଅନୁମାନ କରାଯାଇ ନ ପାରେ । ଅମ୍ଭେମାନେ ବଡ ଦୁଃଖିତ ହେଲୁଁ ଯେ ସେ ପ୍ରାୟ ଦେଡଘଣ୍ଟାକାଳ କଥା କହି ଅତ୍ୟନ୍ତ କ୍ଳାନ୍ତ ହୋଇ ଆସନ ଗ୍ରହଣ କଲେ ସଭାସ୍ଥ କୌଣସି ବ୍ୟକ୍ତି ତାହାଙ୍କୁ ଧନ୍ୟବାଦ ଦେବାର ପ୍ରସ୍ତାବ ସୁଦ୍ଧା କରିବାକୁ ସାହସ କଲେ ନାହିଁ ଏ କଥାଟି ବଡ ଅଶୋଭନୀୟ ହୋଇଅଛି । ଅମ୍ଭେମାନେ ଉତ୍କଳବାସିଙ୍କ ପକ୍ଷରୁ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ।

## ସାପ୍ତାହିକ ସଂବାଦ ।

ଖୋର୍ଦ୍ଧାର ତହସିଲଦାର ବାବୁ ଭଗବତି ମହାନ୍ତି ତୃତୀୟଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଅଛନ୍ତି ।

କେନ୍ଦ୍ରାପଡାର ଡେପୁଟୀକଲେକ୍ଟର ବାବୁ ହରଚନ୍ଦ୍ର ଘୋଷ ଗତ ରବିବାର ଏ ନଗରରୁ ସ୍ୱଦେଶକୁ ଯାତ୍ରା କଲେ ସେ ପେନସନ ପାଇବାର ପ୍ରାର୍ଥନା କରି କର୍ମତ୍ୟାଗ କରୁଅଛନ୍ତି । ବାବୁ ହରଚନ୍ଦ୍ର ଘୋଷ ଏଠାରେ ଅନେକ କାଳ କର୍ମ କରିଥିବାରୁ ଏଦେଶୀୟ ଲୋକେ ତାହାଙ୍କୁ ବିଶେଷ ସ୍ନେହ କରୁଥିଲେ ।

ଏ ନଗର ଅଦାଲତ ପୋଷ୍ଟ ଉପରେ ଗତ ମଙ୍ଗଳବାର ଦିବା ଘ ୧୦ ଟା ସମୟରେ ଲାଠି ମାରପିଟ ହୋଇ ଯାଇଅଛି ଓ ଏକଜଣର ମୁଣ୍ଡ ତହିଁରେ ଫାଟି ଯାଇଅଛି କିନ୍ତୁ ତାହା ସାଙ୍ଘାତିକ ନୁହଇ । ଶୁଣାଯାଏ ଯେ କଦମରସୁଲ ଓ ଯୋଗୀଆବାହି ଅଖଡା ମଧ୍ୟରେ ବିବାଦ ଥିବାରୁ ଏହା ତହିଁର ଫଳସ୍ୱରୂପ ଅଟଇ । ପ୍ରାୟ ଫଉଜଦାରୀରେ ଏଥିର ମକଦ୍ଦମା ଦାଏର ହୋଇଅଛି ବିଚାର ହେଲେ ତହିଁର ସବିଶେଷ ଲେଖାଯିବ ।

ଗତ ସପ୍ତାହରେ ମାନସିଂହ ପାଟଣାରେ ଅଗ୍ନି ଲାଗିଲେ ଅନେକ ଘର ପୋଡି ଯାଇଅଛି । ଏ ସମୟରେ ପ୍ରାୟ ବର୍ଷକୁ ବର୍ଷ ଘରପୋଡି ହୁଅଇ କିନ୍ତୁ ଏ ବର୍ଷ ଯାହାଙ୍କର ଘର ପୋଡି ଯାଏ ତାହାଙ୍କର ଦୁଃଖ ଅଧିକ ଅଟଇ କାରଣ ଛଣ ବଡ ମହର୍ଘ ସୁତରାଂ ଅନେକ ବ୍ୟୟରେ ଘର ନିର୍ମାଣ ହେବାର ସମ୍ଭାବନା ।

ଗତ ମଙ୍ଗଳବାର ଦୌରାରେ ବାବୁ ସଦାନନ୍ଦ ମହାପାତ୍ର ଜମିଦାରଙ୍କ ତହସିଲଦାର ଓ ଅନ୍ୟାନ୍ୟ ଲୋକମାନେ ଏକ ଡକାଇତି ମକଦ୍ଦମାରେ ଅପରାଧୀ ହୋଇ [illegible]ବର୍ଷଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ମେଆଦ ଅପରାଧାନୁସାରେ ଦଣ୍ଡ ପାଇଅଛନ୍ତି । ଅପରାଧୀ ମାତ୍ର ଧରି ନେବାରୁ ଜାତ ହୋଇଥିଲା । ଜମିଦାରଙ୍କ ଅମଲାମାନେ ସାମାନ୍ୟ ବିଷୟରେ ବଳ ପ୍ରକାଶ କରି ଏମନ୍ତ ଦଣ୍ଡକୁ ଲଭନ୍ତି ବଡ ଦୁଃଖର ବିଷୟ ଅଟଇ ଓ ଜମିଦାରଙ୍କ ପକ୍ଷରେ ମଧ୍ୟ ଏହା ଲଜ୍ଜାକର ଅଟଇ ।

### ପ୍ରେରିତ ପତ୍ର ।

ଉତ୍କଳଦୀପିକା ସମ୍ପାଦକ ସମୀପେଷୁ

ଏତନ୍ନିମ୍ନଲିଖିତ ଚାରି କଥାମାନଙ୍କ ଆପଣଙ୍କ ସପ୍ତାହିକ ପତ୍ରିକାରେ ଉଦ୍ଧୃତ କରିବା ହେବେ ବୋଲି ଭୂରିତଳରେ ବିଜ୍ଞାପନା କଲୁଁ ।

ଶ୍ୟାମପୁର ବୋଲିବା ଗ୍ରାମରେ ୧୪ ବର୍ଷୀ ବିଧବା ସ୍ତ୍ରୀ ଜଣକୁ କଲିକତା ବିଦ୍ୟାଳୟରେ ଅଧ୍ୟୟନ କରିଥିବା ବ୍ୟକ୍ତି ଜଣେ ପୁନର୍ବିବାହ କରି ନେଲେ ।

ଏମାସ ତାରିଖରେ କଲିକତାନଗର ଶୀତଳ ବୋଲିବା ପାଡାରେ ନ ୬୭ ନମ୍ବର ବାବୁ ହରଚନ୍ଦ୍ର ଶର୍ମାଙ୍କ ଘରଠାରେ । ଜନ୍ମଅବଧି ବୋଲିବା ବ୍ୟକ୍ତି ଶ୍ୟାମରାମ ଦାସ ଦେବ ବୋଲିବା ୧୮ ବର୍ଷୀୟା ବିଧବାକୁ ପୁନର୍ବିବାହ କରି ନେଇଲେ-
ହୋଇ ରେଳାପାଟଣା ଦନ ବର୍ତ୍ତମାନରେ ଲେଖି ଅଛନ୍ତି ।

ରେଳାପାଟଣାର ଗୋଟିଏ ମନୁଷ୍ୟ କେତେ ଧନ ଅଳଙ୍କାର ଧରି ତାହାର ପୋଷିବା ମାକଡ଼କୁ ସଙ୍ଗେ ନେଇ ଗ୍ରାମାନ୍ତର ଯାତ୍ରା ଯାଉ ବାଟରେ ଅରଣ୍ୟ ପ୍ରଦେଶ ମଧ୍ୟରେ କ୍ରୂରକର୍ମା କେତେ ଚୋରମାନେ ସେ ରେଳ ପାଟଣା ବାସି ମନୁଷ୍ୟକୁ ମାରିପକାଇ ସେ ମୃତକଳେବରକୁ ଗୋଟିଏ କୂଅରେ ପକାଇ ତାର ଯାବନ୍ତ ଧନ ଲୁଟିକଲେ । ସେ ମାକଡ ପଳାଇ ବୃକ୍ଷାରୋହଣ କରି ଓ ଚୋରମାନେ ବାହାରିଗଲା ଉତ୍ତାରୁ ଓ ମାକଡ଼ ସେ ସମୀପରେ ଥିବା ଗୋଟିଏ ଗ୍ରାମକୁ ଯାଇ ସେ ଗ୍ରାମସ୍ଥ ମନୁଷ୍ୟମାନଙ୍କ ଠାରେ ବେଦନ କରି ବିନୟୀବନ୍ତ ହୋଇ ହାତ ଠାରି ସେ ଗ୍ରାମ ଲୋକମାନଙ୍କୁ ଡାକିନେଇ ସେ କୂଅ ଦେଖାଇଲା । ସେ କୂଅରୁ ଶବ ବାହାରିଲା ଉତ୍ତାରୁ ଧନ ପୋତିଥିବା ସ୍ଥାନ ମଧ୍ୟ ସେ ଦେଖାଇବାରୁ କନଷ୍ଟବଲମାନେ ମଧ୍ୟ ଆସିଲେ ସେମାନଙ୍କ ସାଥେ ସେ ବାନର ଯାଇଁ ସେ ଚୋରମାନଙ୍କୁ ଦେଖାଇଲା ଓ ଚୋରମାନେ ମେଜିଷ୍ଟ୍ରେଟଙ୍କ ବିଚାରରେ ସ୍ୱେଚ୍ଛାରେ ଅଙ୍ଗୀକାର କରି ମରଣଦଣ୍ଡ ପାଇଲେ । ଅହୋ ସେ ବାନର କି ବୁଦ୍ଧିଶାଳୀ ଶ୍ରୀ ରାମାବତାରରେ ଶ୍ରୀ ହନୁମାନାଦି ବାନରମାନଙ୍କ ପରାକ୍ରମାଦିମାନଙ୍କୁ ମିଥ୍ୟା କହୁଥିବା ଲୋକମାନେ ଲଜ୍ଜିତ ହୋଇ ଶାନ୍ତ ହୋନ୍ତୁ ବୋଲି ପୁରୁଷାର୍ଥ ପ୍ରଦାୟିନୀ ପତ୍ରିକାରେ ଲେଖୁଅଛନ୍ତି !

ତା ୩୦ ରିଖ ଏପ୍ରେଲ ୧୮୭୩ ସମ୍ବତ୍ସର ।

ବଡଜେନାନାମକ

### ବିଜ୍ଞାପନ ।

ଏହି ବିଜ୍ଞାପନଦ୍ୱାରା ସର୍ବସାଧାରଣଙ୍କୁ ବିଦିତ କରା ଯାଉଅଛି ଯେ ଉଦାରଚିତ୍ତ ବ୍ରାହ୍ମଧର୍ମ ପ୍ରଚାରକ ଶ୍ରଦ୍ଧାସ୍ପଦ ବାବୁ ଅଘୋରନାଥ ଗୁପ୍ତ ମହାଶୟ ଆଗାମୀ ତା ୧୩ ରିଖ ମଇ ସନ ୧୮୭୩ ମସିହା ମଙ୍ଗଳବାର ଦିନ ରାତ୍ରି ୮ ଘଣ୍ଟିକା ସମୟରେ " ଧର୍ମ, ମନୁଷ୍ୟର ପ୍ରକୃତ ଜୀବନ " ଏହି ବିଷୟରେ ଛାପାଖାନା ଗୃହରେ ଗୋଟିଏ ବକ୍ତୃତା ପ୍ରଦାନ କରିବେ ।

ଶ୍ରୀ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ।

ଏହି ଉତ୍କଳଦୀପିକା ପତ୍ର କଟକ ଦର୍ଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୮ ଭାଗ
୨୦ ସଂଖ୍ୟା
ତା୧୭ରିଖ ମଇ ସନ୧୮୭୩ମସିହା । ମୁ । ଜ୍ୟେଷ୍ଠ ୪ଦିନ ସନ୧୨୮୦ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪୬
ମଫସଲ ପାଇଁ ଡାକମାସୁଲ ୪୲୵

ବାଲେଶ୍ୱର ସଂବାଦବାହକାତ୍ ଅବଗତ ହେଲୁଁ ଯେ ଅବଧାନମାନଙ୍କୁ ଗବର୍ଣ୍ଣମେଣ୍ଟର ସାହାଯ୍ୟ ମିଳିବାରୁ କେତେକ ଗ୍ରାମର ଅଧିବାସିମାନେ ଅବଧାନମାନଙ୍କୁ ଆପଣା୨ ପିଲଙ୍କ ଶିକ୍ଷାନିମିତ୍ତ ଯାହା କିଛି ବେତନ ଓ ପାଲଣ୍ଟଉଲ ଦେଉଥିଲେ ତାହା ରହିତ କରିଅଛନ୍ତି । ସେମାନେ ମନେ କରୁଅଛନ୍ତି କି ଯେବେ ଗବର୍ଣ୍ଣମେଣ୍ଟର ସାହାଯ୍ୟ ମିଳିଲା ତେବେ ସେମାନେ ହାତରୁ ଆଉ କାହିଁକି କିଛି ଦେବେ । ଲୋକଙ୍କର ଏ ଭ୍ରମ ନିବାରଣ ଉଦ୍ଦେଶ୍ୟରେ ବାଲେଶ୍ୱରର ସୁଯୋଗ୍ୟ କଲେକ୍ଟର ଶ୍ରୀଯୁକ୍ତ ବିମସ୍ ସାହେବ ଉକ୍ତ ପତ୍ରିକାରେ ଖଣ୍ଡିଏ ବିଜ୍ଞାପନ ପ୍ରକଟନ କରିଅଛନ୍ତି । ଭରସା କରୁଁ ଯେ ଏଥିରେ ଲୋକଙ୍କ ଭ୍ରମ ଦୂରିତ ହେବ ।

---

ଯଦ୍ୟପି ତ ଏଣିକି ଉତ୍କଳଦର୍ପଣ ଅମ୍ଭେମାନେ ପ୍ରାପ୍ତ ହେଉ ନାହୁଁ ମାତ୍ର କୌଣସି ବନ୍ଧୁଙ୍କ ଠାରେ ଗତ ପ୍ରକାଶିତ ପତ୍ରିକା ଅମ୍ଭେମାନେ ଦେଖିବାକୁ ପାଇ ତାହା ପାଠକରିବାଦ୍ୱାରା ଆନନ୍ଦିତ ହୋଇଥିଲୁଁ । ଏପତ୍ରିକାରେ ଯେ ଉପନ୍ୟାସ ଦସ୍ୟୋତି ନିବେଶିତ ହୋଇଅଛି ତାହା ଅତିଶୟ ମନୋହର ପାଠଯୋଗ୍ୟ ଅଟଇ ଏରୂପ କଥାନାନ ଇଂରାଜୀ ବା ଅନ୍ୟାନ୍ୟ ପୁସ୍ତକରୁ ଅନୁବାଦ କରଦେଲେ ଆପାତତଃ ଦର୍ପଣର ଆଦର ହେବାର ସମ୍ଭାବନା ବଟୁ ଅମ୍ଭେମାନେ ବାଧ୍ୟ ହୋଇ ବୋଲୁଁ ଅଛୁଁ ଯେ ଏହାର ଭାଷାକୁ ବିଶୁଦ୍ଧ କରିବା ପାଇଁ ଯେତେଦୂର ଚେଷ୍ଟା କରିବାର ଉଚିତ ସେରୂପ ହେଉ ନାହିଁ ଏବଂ ଏକାପତ୍ରରେ ଦସ୍ୟୋତି ଉପନ୍ୟାସ ମାତ୍ର ପ୍ରକାଶକରି ନିଶ୍ଚିନ୍ତ ରହିବା ଭଲ ହୋଇ ନାହିଁ । ଗୋଟିଏ ଉପନ୍ୟାସ ବଦଳରେ ଆଉ କୌଣସି ବିଷୟର ପ୍ରବନ୍ଧ ଲେଖା ହୋଇଥିଲେ ଭିନ୍ନ ପ୍ରକାରର ରୁଚି ପରିତୃପ୍ତ ହୁଅନ୍ତା ଓ ସଂବାଦ ପରିବର୍ତ୍ତରେ ମଧ୍ୟ ଅନ୍ୟ କିଛି ଲେଖା ଯାଇ ପାରନ୍ତା । ମାସିକପତ୍ରିକାରେ ବିବିଧସଂବାଦ ଦେବାର କୌଣସି ପ୍ରୟୋଜନ ନାହିଁ ।

---

ପୁରୀର କଲଟରୀ ସିରସ୍ତାଦାର କାଙ୍କିର ତହସିଲଦାର ହେବାରୁ ଉକ୍ତ କର୍ମରେ କଟକ କଲଟରୀର ପେସକାର ବାବୁ ରାମପ୍ରସାଦସିଂହ ଓ ଏହାଙ୍କ କର୍ମରେ ବାଲେଶ୍ୱରର ପେସକାର ବାବୁ ଦିବାକରଦାସ ନିଯୁକ୍ତ ହୋଇଅଛନ୍ତି । ଗୋଟାଏ କର୍ମ ପାଇଁ ଛନ୍ଦତଳ ଧାଣ୍ଡିବାର ପ୍ରୟୋଜନ କି କିଛି ବୁଝା ଗଲା ନାହିଁ । ଏଥର ଗୋଟିଏ ଚମତ୍କାର ନୂଆ ଦସ୍ତୁର ବାହାରିଲା । କୌଣସି ଲୋକ ଦରଖାସ୍ତ କର ନାହିଁ ଓ ଯେଉଁ କଲେକ୍ଟର ଯାହାକୁ ନିଯୁକ୍ତ କଲେ ସେ ତାହାର ଦୋଷ ଗୁଣ କିଛି ଜାଣନ୍ତି ନାହିଁ କେବଳ ପରକଥାରେ କାର୍ଯ୍ୟ କରୁଅଛନ୍ତି ଆପଣାର ଅଧୀନସ୍ଥ କର୍ମଚାରୀ ଆପେ ମନୋନୀତ କରିବାର ଯେଉଁ କ୍ଷମତା ଥିଲା ତାହା କାର୍ଯ୍ୟତଃ ବିଫଳ ହେଲା ଏଣିକି ବୋଧ ହୁଅଇ କଲେକ୍ଟରମାନେ ଅମଲା ପ୍ରୟୋଜନ ହେଲେ କାଗଜ କଲମ ଅଣାଇବା ପରି ଉଚ୍ଚମହକୁମାରୁ 'ଇଣ୍ଡେଣ୍ଟ' ପଠାଇବେ ଓ ଯେମନ୍ତ ଦ୍ରବ୍ୟ ଆସିବ ତହିଁରେ ସନ୍ତୁଷ୍ଟ ହୋଇ କାର୍ଯ୍ୟ ନିର୍ବାହ କରିବେ ।

---

### କଟକ କଲେକ୍ଟରଙ୍କ କାର୍ଯ୍ୟ ।

ଏ ଜିଲାର କଲେକ୍ଟର ଶ୍ରୀଯୁକ୍ତ ମାକଫର୍ସନ ସାହେବ ଆଜକୁ ଦୁଇମାସରୁ ଅଧିକ ହେବ ଛୁଟୀନେଇ ଗଲେଣି ତଦବଧି ଶ୍ରୀଯୁକ୍ତ ଇରବାଇନ ସାହେବ ଉକ୍ତ ପଦରେ ଏକଟିଂସ୍ୱରୂପ ନିଯୁକ୍ତ ଅଛନ୍ତି । ମାତ୍ର ଆମ୍ଭେମାନେ ଦୁଃଖିତ ହୋଇ ପ୍ରକାଶ କରୁଅଛୁଁ ଯେ ଏହାଙ୍କ କାର୍ଯ୍ୟରେ ଲୋକେ ସନ୍ତୁଷ୍ଟ ହେଉ ନାହାନ୍ତି । ବସ୍ତୁତଃ କାର୍ଯ୍ୟରେ ଏହାଙ୍କର କୌଣସି ଦୋଷ ଦେଖାଯାଇ ନାହିଁ କିମ୍ବା ଉଚ୍ଚପଦର ଗୌରବ ଦେଖାଇବା ପାଇଁ କୌଣସି ଅନ୍ୟାୟ୍ୟ କି ସ୍ୱେଚ୍ଛାଚାରୀକାର୍ଯ୍ୟ କେବେ କରି ନାହାନ୍ତି କିନ୍ତୁ ସବୁ କାର୍ଯ୍ୟରେ ବିଲମ୍ବ ହେଉଅଛି ବୋଲି ଲୋକମାନେ କ୍ଳେଶ ପାଉଅଛନ୍ତି । ମାମଲା ମକଦ୍ଦମା ଦୀର୍ଘକାଳ ପଡ଼ିରହୁଅଛି ଓ ତହିଁ ପାଇଁ ଲୋକେ ମଫସଲରୁ ଆସି କଟକରେ ଭବଗର୍ତ୍ତରେ ପଡ଼ୁଅଛନ୍ତି । କଲେକ୍ଟର ସାହେବଙ୍କ କାର୍ଯ୍ୟ ଯେ ବିସ୍ତର ଏ କଥା ତାହାଙ୍କୁ ଅଗୋଚର ନାହିଁ । ନିତ୍ୟ୨ ଯେତେ ଚିଠିପତ୍ର ଆସେ କେବଳ ତହିଁର ଜବାବ ଦେବା ଏକ ଲେଖ-

Split by PDF Splitter
Digitized by srujanika@gmail.com

ଧ୍ୟାନ୍ ଚଳିବା ଦୂରର ଯାହାଙ୍କ ଏ କଥା ଜଣା ନାହିଁ ସେମାନେ ଶ୍ରୀଯୁକ୍ତ ଇଉବାନସାହେବଙ୍କ କଚେରୀ ବାକ୍ସ ସବୁ ସଂଖ୍ୟା କଲେ ନିଶ୍ଚୟ ଜାଣି ପାରିବେ । ଅନ୍ତତଃ ପାଞ୍ଚ ବା ଛ ବାକ୍ସ ଚିଠି ତାହାଙ୍କ ନିତ୍ୟ ସଙ୍ଗରେ ସେହି ବୁଲିବାକୁ ହେଉଅଛି । ଏପରି କଚେରୀରେ ପ୍ରବେଶ ହେଲ ବେଳଠାରୁ ଶେଷ ପର୍ଯ୍ୟନ୍ତ ସବୁ ମହରିମାର ଅମଲା ଓ ହାକିମମାନେ ଶୁଖିଅଛି ବେଢ଼ି ରହିଥାନ୍ତି । ଜଣକ କଥା ବୁଝିଲା ବେଳେ ଆଉ ଜଣେ କାଗଜଅଣି ଦେଖାଉଥାଏ ଓ ତା ପଛେ ତା ପଛେ ଏକାଠି ଜଣ କାଗଜ ବଢ଼ାଇ ଦେଉଥିବାରୁ କାହା କାର୍ଯ୍ୟ ଆଗେ ହେବ ଠିକ ହୋଇ ନ ପାରେ ଫଳତଃ ପ୍ରଧାନ କର୍ମଚାରୀମାନେ ସମସ୍ତେ ଏରୂପର ହାକିମଙ୍କ ନିକଟରେ ଛିଡ଼ା ହୋଇ ଥାନ୍ତି କଚେରୀ କାର୍ଯ୍ୟ କିରୂପେ କେତେବେଳେ କରନ୍ତି ଜଣାଯାଏ ନାହିଁ । ବୋଧ ହୁଅଇ ସେ ସବୁ ଘରେ କରୁଥିବେ ଅଥବା ଅବକାଶ ମତେ କଇବସିଲେ ବିଳମ୍ବ ହେଉଥିବ । ଏପରି ଅବସ୍ଥାରେ କେତେକ ହାକିମ ହେଲେ ହେଁ ସେ ସାବସ୍ତ ହୋଇପିବାର ଅସମ୍ଭବ ନୁହଇ ଅଥଚ ସବୁକାର୍ଯ୍ୟ ଯେରୂପେ ଚଳିବ ତହିଁର ବନ୍ଦୋବସ୍ତ କରିବାର ଅଛି । ଶ୍ରୀଯୁକ୍ତ ମାକଫର୍ସନ ସାହେବଙ୍କ ସମୟରେ ବିଳମ୍ବ ହେଉଥିଲା ସତ୍ୟ ବେସ୍ତ କର୍ମ ଭଙ୍ଗାଗ ମଧ୍ୟ ହେଉଥିଲା ବର୍ତ୍ତମାନର ବିଳମ୍ବ ଦିଙ୍କ ଅଧିକ ହେବାରୁ ତହିଁ ପ୍ରତି ସମସ୍ତଙ୍କ ଦୃଷ୍ଟି ପଡ଼ଅଛି । ଲୋକେ କହନ୍ତି ବ ପାଞ୍ଚ ଛ ବାକ୍ସ ଚିଠିପତ୍ର ଏକାଠି ଯେଉଁ ନ ବୁଲି ଗୋଟିଏ ବାକ୍ସ ଲକାଗ କଲେଜ ଭଲ ହୁଅନ୍ତା ଓ ସବୁ ମହରିମାର କର୍ମଚାରୀଙ୍କୁ ଏକାଠି ପାଖରେ ଛିଡ଼ା ନ କରି ଜଣେକର କାର୍ଯ୍ୟ ନିଷ୍ପତ୍ତି କରି ଦେଇଥିଲେତ ସୁନ୍ଦର କାର୍ଯ୍ୟ ଚଳନ୍ତା ଅଥଚ ଯାହାକୁ ବର୍ତ୍ତମାନ ବୃଥାରେ ମିସଲରେ ଛିଡ଼ା ହେବାକୁ ହୁଅଇ ସେ ତେତେବେଳ ଯାଏ ଅପଣା ସିରସ୍ତାରେ ବସି କର୍ମ କରନ୍ତା । ଏପରି ବର୍ତ୍ତମାନ କଲେକ୍ଟରଙ୍କ ଅଧୀନରେ ଅନେକ ହାକିମ ଅଛନ୍ତି ଯେତେକର୍ମ ସେମାନଙ୍କ ଦିଆଯାଇ ପାରେ ତାହାକୁ ଅର୍ପଣକଲେ ପରିଶ୍ରମ ଅନେକ ଲାଘବ ହୁଅନ୍ତା । ଅମ୍ଭେମାନେ ଏ ସବୁ ଯୁକ୍ତିସମ୍ଭଙ୍ଗର କିଛି କହିବାକୁ ସାହସ କରୁ ନାହୁଁ ଯାହାଉପରେ ବୋଝଥାଏ ସେ ତାହା କାଢ଼ିବାର ଉତ୍ତମ ଉପାୟ ଜାଣେ ଅଥବା ବାହାରିକର ପାରେ । ଅମ୍ଭେମାନେ କେବଳ ଏତକ ପ୍ରାର୍ଥନା କରୁଁ କି ଯେ ଉପାୟରେ ଶୀଘ୍ର କର୍ମ ଶେଷ ହୁଅଇ ଓ ମାମଲତି କାରକର କୌଣସି ଅସୁବିଧା ନ ଘଟେ ତହିଁ ପକ୍ଷରେ ଶ୍ରୀଯୁକ୍ତ ଇଉବାନ ସାହେବ ମନୋଯୋଗୀ ହେଉନ୍ତୁ ।

---

## ଧର୍ମ ଏକା ମନୁଷ୍ୟର ଜୀବନ ।

ଗତ ମଙ୍ଗଳବାର ସନ୍ଧ୍ୟା ସମୟରେ ଶ୍ରୀଯୁକ୍ତ ବାବୁ ଅଘୋର ନାଥ ଗୁପ୍ତ କଟକ ପିଣ୍ଡିଂ କମ୍ପାନିଙ୍କ ଦୋମହଲା କୋଠାରେ ଗୋଟିଏ ବକ୍ତୃତା କରିଥିଲେ । ଏହା ଶୁଣିବାପାଇଁ ପ୍ରାୟ ୬୦୦ ରୁ ଅଧିକ ଲୋକ ଉପସ୍ଥିତ ହୋଇଥିଲେ ଓ ଏମାନେ ଅଧିକାଂଶରେ ଯୁବାଗର୍ଣ୍ଣମେଣ୍ଟ ସ୍କୁଲର ଲୋକ ଓ ବିଦ୍ୟାଳୟର ଛାତ୍ର ଇତ୍ୟାଦି ମଧ୍ୟରେ କେତେକଜଣ ଶିକ୍ଷକ ଓ ଡେପୁଟୀ ଓ କେତେକ ପ୍ରଭୃତି ଭଦ୍ରଲୋକ ଥିଲେ । ଏ ନଗରର ଉତ୍କଳ ଜମିଦାର ବଣିକ ଅଥବା ଅମଲା ସମ୍ପ୍ରଦାୟ ମଧ୍ୟରୁ କାହାରିକୁ ଆଗମନ କରିବାର ଦେଖାଯାଇ ନାହିଁ ଓ ଯେବେ ଜଣେ ଅଧେ କେହି ଆସିଥାନ୍ତି ତେବେ ସେ ହୁଅଇତ କେଉଁ କୋଣରେ ଲୁଚି ଯାଇଥିଲେ । ଏପରି ଘଟଣା ଅତ୍ୟନ୍ତ ଶୋଚନୀୟ ଅଟଇ । ଅମ୍ଭେମାନେ ଗତ ସପ୍ତାହରେ ଏହି ବିଷୟରେ ଆକ୍ଷେପ କରିଥିଲୁଁ ବୋଲି ଅମ୍ଭମାନଙ୍କର ଆଶା ଥିଲା ଯେ ଏପରି ଅବସ୍ଥା ଆଉ ଉତ୍କଳୀୟ ଲୋକେ ଦର୍ଶାଇବେ ନାହିଁ । ମାତ୍ର ସେ ଆଶା ବିଫଳ ହୋଇଅଛି । ଏଥିରୁ ଏହି ଉପଲବ୍ଧି ହୁଅଇ ଯେ ବିଦ୍ୟାକଳାପ ସଂକ୍ରାନ୍ତ ଏବଂ ଇଂରାଜୀ ଜାଣିବା ଛାତ୍ରଙ୍କ ଭିନ୍ନ ଅପର କୌଣସି ଲୋକର ମନରେ ଏତେ ସୁଖ ଭାବ ଉଦୟ ହୋଇ ନାହିଁ ଯେ କୌଣସି ବ୍ୟକ୍ତି ତାହାଙ୍କୁ କିଛି କହିବାକୁ ପ୍ରାର୍ଥୀ ହେଲେ ସେ ତାହା ଥରେ ଶୁଣିବେ । କଥା ଶୁଣିବା ଯେ ଜ୍ଞାନ ଓ ଅର୍ଥର ମୂଳ ତାହା ଉତ୍କଳୀୟ ଲୋକଙ୍କୁ ଜଣା ନାହିଁ ଅଥବା ଏମାନେ ଅଲସୁଆ ଓ ମୂର୍ଖ ବୋଲି ଯେଉଁ ପ୍ରବାଦ ଅଛି ତାହା ସାର୍ଥକ କରିବାପାଇଁ ଏକାନ୍ତ ଚେଷ୍ଟିତ ଅଛନ୍ତି । କଥାରେ କହନ୍ତି ଯେ 'ନ ଜାଣିଲି ପୁଅକୁ ସଗ୍ଗରେ ଥୋ' ଅର୍ଥାତ୍ ସଙ୍ଗରେ ବସିଲେ ଅବଶ୍ୟ ଜ୍ଞାନର ବୃଦ୍ଧି ହେବ ଏକଥା ଜାଣି ସୁଦ୍ଧା ଯେବେ ଉତ୍କଳୀୟ ଲୋକେ ସଭାକୁ ନ ଯାଇ ଅପଣା ମନେ ଜ୍ଞାନୀ ହୋଇ ବସିଥିବେ ତେବେ ଏହାଙ୍କର ଜ୍ଞାନଲାଭ ଓ ଉନ୍ନତି ସାଧନର ଆଉ କି ଉପାୟ ଅଛି କେହି କହିବାକୁ ସମର୍ଥ ନୁହନ୍ତି । କାରଣ ଜ୍ଞାନର ସୀମା ନାହିଁ ଏହା ସର୍ବଦା ବର୍ଦ୍ଧନଶୀଳ ଓ ସେ ବୃଦ୍ଧି ବହୁଦର୍ଶିତାଦ୍ୱାରା ହୁଅଇ । ଯେ ଜେତେ ସଭେ ରଖି ହୋଇ ବସିବ ତାହାର ବହୁଦର୍ଶିତା ହେବାର ସମ୍ଭାବନା ନାହିଁ ସୁତରାଂ ସେ ଜ୍ଞାନଲାଭ ମଧ୍ୟ କରିପାରିବ ନାହିଁ ଓ ଯେ ଦାଣ୍ଡକୁ ବାହାରିବ ଓ ଜ୍ଞାନୀ ଅଜ୍ଞାନୀ ସମସ୍ତଙ୍କ ସହିତ ବାକ୍ୟାଳାପ କରିବ ସେ ଅବଶ୍ୟ ନୂଆ କଥାମାନ ଶୁଣି ଓ ତାହାଙ୍କ ସହିତ ତର୍କ ବିତର୍କ କରି ଅପଣା ଜ୍ଞାନ ବୃଦ୍ଧି କରିବ । ମନୁଷ୍ୟମାନେ ଯେମନ୍ତ ଭଲ ମନ୍ଦ ସବୁ ଫୁଲରେ ଭ୍ରମଣ କଲେହେଁ କେବଳ ମଧୁର ବହୁଯାକ ଖାଣ୍ଟି ଅଣି ଅପଣା ଖାଦ୍ୟପାଇଁ ମଧୁ ପ୍ରସ୍ତୁତ କରଇ ମନୁଷ୍ୟ ସେହିପରି ସବୁପ୍ରକାର ଲୋକଙ୍କ ସହିତ ବିଚରଣ କରି କେବଳ ସଦ୍‌ଗୁଣଯାକ ଶିକ୍ଷା କରିବାଦ୍ୱାରା ଅପଣାର ଓ ଜଗତର ଉନ୍ନତିସାଧନ କରିପାରେ । ଅତଏବ ସବୁପ୍ରକାର ସଭାକୁ ଯିବାର ଉଚିତ ଓ ଏମନ୍ତ ପାଞ୍ଚିବାର ଉଚିତ ନୁହଇ ଯେ 'ଅମ୍ଭେତ ଏକଥା ଜାଣୁ ଅଉ ଅଧିକ କଣ ଶୁଣିବା' ଅଥବା 'କେଉଁଭିନ୍ନ ଧର୍ମର ଲୋକ ଅପଣା ଅଡ଼କୁ କହିବେ ତାହାଙ୍କ କଥା ଶୁଣି କ ହେବ ବୃଥା ମନ ବିଗଡ଼ିଛି ହେବ ସିନା' ଇତ୍ୟାଦି । ଏପରି ମନକୁ ପ୍ରବୋଧ ନ ଦେଇ ଯେବେ ସଭାକୁ ଯିବ ତେବେ ଯାହା ଭଲ ଶୁଣିବ ତେତକ ଗ୍ରହଣ କରି ହେବ ଓ ଯାହା ମନ୍ଦ ଶୁଣିବ ତହିଁପାଇଁ ସଙ୍କୀର୍ଣ୍ଣ ଲୋକେ ବିରକ୍ତ ହେବାର ଦେଖି ତୁମ୍ଭେ ସାବଧାନ ହେବ ! ଅତଏବ ଅମ୍ଭେମାନେ ଉତ୍କଳୀୟ ଲୋକଙ୍କୁ ପୁନର୍ବାର ଅନୁରୋଧ କରୁଅଛୁଁ ଯେ ଅଳସ୍ୟ ସ୍ୱଭାବ ପରିତ୍ୟାଗ ପୂର୍ବକ ଯହିଁରେ ଉନ୍ନତ ହୁଅଇ ତହିଁରେ ଯତ୍ନବାନ୍ ହେଉନ୍ତୁ ।

ବକ୍ତୃତା ବିଷୟରେ ଅମ୍ଭମାନଙ୍କର ଏତକ ବୋଲିବାର ଅବଶ୍ୟକ ଯେ ତାହା ଉତ୍ତମ ହୋଇଥିଲା ଓ ଶ୍ରୋତାମାନେ ସମସ୍ତେ ଅନନ୍ତ ହୋଇ ଉଚ୍ଚଭବଭାଳିଦ୍ୱାରା ଅପଣା ମନୋଭାବ ବ୍ୟକ୍ତ କରିଥିଲେ । ଧର୍ମ ବିଷୟରେ ବକ୍ତୃତା ହୋଇଥିଲା ବୋଲି ପାଠକମାନେ ଏମନ୍ତ ମନେ କରିବେ ନାହିଁ ଯେ ସେ କୌଣସି ଧର୍ମକୁ ଶ୍ରେଷ୍ଠ ବା ଅପର ଧର୍ମକୁ ଅଶ୍ରେଷ୍ଠ ଜ୍ଞାନ କରିଥିଲେ । ତାହାଙ୍କ ପାଖରେ ସେ ପାଠ ନାହିଁ ସେ ଧର୍ମର ଯେଉଁ ଉଦାର ଲକ୍ଷଣ ବୁଝାଇଲେ ତହିଁରେ ଦ୍ୱେଷ ଘଟିବା ଅସମ୍ଭବ । ଧର୍ମ ଏକ, ଦୁଇ ନୁହଇ ଓ ହୋଇ ନ ପାରେ କାରଣ ସେ କହୁଅଛନ୍ତି ଯେ ଧର୍ମର ଅର୍ଥ ବୁଝିବ ଲୋକେ ଭିନ୍ନ ସମ୍ପ୍ରଦାୟ ଭୁକ୍ତ ହୋଇ ଭିନ୍ନ ପ୍ରକାରର

Split by PDF Splitter



କୁସ୍ଥାମାନ କରୁଅଛନ୍ତି ବୋଲି ସେ ତାହାଙ୍କର ସ୍ୱଭାବ ପୃଥକ୍ ହୋଇଅଛି ତେମନ୍ତ ନୁହଇ । ଏସବୁ ପାର୍ଥକ୍ୟ ମତଭେଦରୁ ଘଟିଅଛି କିନ୍ତୁ ମତର ଅନୁଗାମୀ ସ୍ୱଭାବ ନୁହଇ । ବାସ୍ତବରେ ମତ ଓ ସ୍ୱଭାବ ପରସ୍ପର ବିରୋଧୀ ହୋଇଯା-ଉନ୍ତି । ତାହାଙ୍କ ମତରେ ଭିନ୍ନ ସମ୍ପ୍ରଦାୟ ନାହିଁ ସୁତରାଂ ସେ କାହାର ବିଷୟରେ କିଛି କହି ସମ୍ପ୍ରଦାୟ ବିସ୍ତୃତଭାବରେ ଅପଣା ପ୍ରଶସ୍ତ ଚିତ୍ତର ପରିଚୟ ଦେଉଅଛନ୍ତି । ଏମନ୍ତ କଥାମାନ ଶୁଣିବାରୁ ଯେଉଁମାନେ ବ୍ରାହ୍ମ ହେଲେ ତାହାଙ୍କ ପାଇଁ ଦୁଃଖିତ ହେଉଅଛୁଁ । ଯେବେ କାହାର ଇଚ୍ଛା ହୁଅଇ ସେ ଆଗେ ଏହାଙ୍କ ସହିତ ଯୁକ୍ତି କରନ୍ତୁ ତାହା ହେଲେ ସବୁକଥା ଧରାପଡ଼ିବ ।

---

ପୁଲିସ ।

ବଙ୍ଗଳା ପୁଲିସର ଯେସମସ୍ତ ଅତ୍ୟାଚାର ଅ-ନେକ କଲକତାରେ ପ୍ରକାଶ ପାଉଅଛି ଓ ଯହିଁର ମୋକଦ୍ଦମାମାନ ଫଉଜଦାରୀ ଓ ସେ-ସନ ଅଦାଲତରେ ଚଳୁଅଛି ତାହା ଦେଖି ଅବଶ୍ୟ ଅନୁମାନ ହୁଅଇ ଯେ ଶୀଘ୍ର ପୁଲିସ ସମ୍ପର୍କରେ ଶ୍ରୀଯୁକ୍ତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର କିଛି ନୂତନ ବିଧାନ କରିବେ ଫଳତଃ ସେରୂପ ନ କଲେ ଲୋକଙ୍କର ଧନ ଓ ସ୍ୱାଧୀନତା ରକ୍ଷାପାଇବାର ସମ୍ଭାବନା ନାହିଁ । ପୁଲିସ ଅପ-ରାଧ ନିବାରଣ ନିମନ୍ତେ ନିଯୁକ୍ତ ହୋଇ ସ୍ୱୟଂ ଅପରାଧ କରୁଅଛନ୍ତି ଏହାହିଁ ଅତ୍ୟନ୍ତ ଶୋଚନୀୟ ବ୍ୟାପାର ନୁହଇ ? ଓଡ଼ିଶାରେ ପୁଲିସର ଅ-ତ୍ୟାଚାର ଏକାବେଳକେ ରହିତ ଅଛି ଏମନ୍ତ ନୁହେ ମାତ୍ର ବୋଧ ହୁଅଇ ଅପେକ୍ଷାକୃତ ଅଳ୍ପ ଅଛି । ତେବେ ଏଠା ପୁଲିସର ଯୋଗ୍ୟତା ଊଣା ଦେଖାଯାଏ । କାରଣ ବହୁଅଡ଼ୁ ଏହି ପ୍ରବାଦ ଶୁଣାଯାଏ ଯେ ପୁଲିସ କିଛି କର୍ମର ନୁହଇ । ପୂର୍ବେ ଜଣେ ବରକନ୍ଦାଜଙ୍କୁ ଦେଖିଲେ ଲୋକେ ଥରହର କମ୍ପୁଥିଲେ ବର୍ତ୍ତମାନ କନଷ୍ଟବଲଙ୍କୁ କେହି ଗ୍ରାହ୍ୟ କରୁ ନାହାନ୍ତି । ଏରୂପ ଅବସ୍ଥା ନିର୍ଦ୍ଦୋଷିଙ୍କ ପ୍ରତି ଭଲ ଅଟଇ କିନ୍ତୁ ଦୁଷ୍ଟଲୋକ-ମାନେ ଏଥିରେ ଉତ୍ସାହିତ ହୋଇ ନାନାପ୍ରକାର ଅପରାଧ କରୁଅଛନ୍ତି ଓ ଲୋକଙ୍କୁ ଇଚ୍ଛାମତେ ଯନ୍ତ୍ରଣା ଦେଉଅଛନ୍ତି । କେହି ତାହାଙ୍କୁ ଦମନ କରିବାକୁ ନାହିଁ । ଏଥିରେ କେବଳ ପୁଲିସର ଦୁର୍ବଳତା ପ୍ରକାଶ ହେଉଅଛି ଅନ୍ୟ କିଛି ନୁହଇ । ଅପରାଧୀ ବ୍ୟକ୍ତିକୁ ଧରିବା ଏବଂ ଅପରାଧ ନିବାରଣ କରିବା ଏ ଦୁଇ କାର୍ଯ୍ୟ ପୁଲିସର ହେଉଅଛି ତହିଁ ମଧ୍ୟରେ ଅପରାଧ ନିବାରଣ କାର୍ଯ୍ୟଟିକୁ ଗୁରୁ-ତର ବୋଲିବାକୁ ହେବ । ଜଣକର ଅନିଷ୍ଟ ନ ହେଲେ ଅନ୍ୟଜଣ ଅପରାଧୀ ହୁଅଇ ନାହିଁ ଓ ଅପରାଧ କଲେ ଯେ ନିଶ୍ଚୟ ଧରାପଡିବ ଏମନ୍ତ କିଛି ନିଶ୍ଚୟ ନାହିଁ । ପୁଲିସର ଅପରାଧ ନିବାରଣର ଚେଷ୍ଟା ଯେତେ ଅଧିକ ହେବ ତେତେ ପୁଲିସର ଗୌରବ ବଢ଼ିବ ।

ଅନ୍ୟ ସ୍ଥାନର କଥା ଅମ୍ଭେମାନେ ଅବା ଭଲ ନ ଜାଣୁ କିନ୍ତୁ କଟକର ଅବସ୍ଥା ପ୍ରତ୍ୟକ୍ଷ-ରେ ଯାହା ଦେଖା ଯାଉଅଛି ତହିଁ ପ୍ରତି ଅନୁଧାବନ କଲେ ପ୍ରକାଶ ପାଏ ଯେ ପୁଲିସ କର୍ମଚାରୀ ମନୋବୃତ୍ତ ହେଲେ ଅପରାଧ ନିବାରଣ ବିଲକ୍ଷଣରୂପେ ହୁଅଇ । ପୁରୁଣା ପୁଲିସର ଦା-ରୋଗା ବାବୁ ନୀଳକମଳ ଗାଙ୍ଗୁଲି ଏଠାରେ ଚିର ସ୍ମରଣୀୟ ହୋଇ ରହିଅଛନ୍ତି । ତାହାଙ୍କ ଉତ୍ତାରୁ ଆଉ ଜଣେସୁଦ୍ଧା ପୁଲିସ କର୍ମଚାରୀ ଏ ନଗରରେ ଏମନ୍ତ କର୍ମ କରି ନାହାନ୍ତି ଯେ ତାହାଙ୍କ ନାମ ଲୋକଙ୍କ ମୁଖରେ ଶୁଣାଯାଏ । ବାବୁ ନୀଳକମଳ ଗାଙ୍ଗୁଲିଙ୍କ ନାମରେ ବଦମା-ସମାନେ ଥରହର କମ୍ପୁଥିଲେ ଓ କେତେ ଲୋକ ଘରଦ୍ୱାର ଛାଡ଼ି ପଳାଇ ଗଲେ । ସେ ଦାରୋଗା ଏ ନଗରକୁ ପରିତ୍ୟାଗ କଲା ଉତ୍ତାରୁ କ୍ରମଶଃ ବଦମାସଙ୍କ ସଂଖ୍ୟା ବଢ଼ୁଅଛି । ମଧ୍ୟ ଶ୍ରୀଯୁକ୍ତ କଲ୍ଭିଡସାହେବ ଜଏଣ୍ଟମାଜିଷ୍ଟ୍ରେଟ ଥିଲାବେଳରେ ସହରର ଦୁଷ୍ଟଲୋକମାନେ କେତେକ ଶାସିତ ହୋଇଥିଲେ । କଲ୍ଭିଡସାହେବ ଅନ୍ୟ ଯାହା କରନ୍ତୁ ଦୁଷ୍ଟ ଲୋକଙ୍କୁ ବିଲକ୍ଷଣରୂପେ ଶାସ୍ତି ଦେଉଥିଲେ ସୁତରାଂ ତାହାଙ୍କ ଗୁଣରୁ ପୁଲିସର ଦୁର୍ବଳତା କିଛି କାଳ ପାଇଁ ଲୁଚି ଯାଇଥିଲା । ବର୍ତ୍ତମାନ କାଳରେ ପୁଲିସ ଯେମନ୍ତ ମାଜିଷ୍ଟ୍ରେଟ ମଧ୍ୟ ତେମନ୍ତ ଏଥିରେ ଯେ ବଜାରୁ ବଦମାସ-ମାନଙ୍କ ପ୍ରାଦୁର୍ଭାବ ହେବ କିଛି ବିଚିତ୍ର ନୁହଇ । ସେଦିନ ଚୂଡ଼ିବଜାରର ଲୋକଙ୍କ ମଧ୍ୟରେ ଗୁରୁତର ପ୍ରକାର ମାରପିଟ ହୋଇଗଲା କିନ୍ତୁ ଆଜଯାଏ ସେ ବିଷୟରେ କୌଣସି ପ୍ରତୀକାର ହେବାର ଶୁଣା ନାହିଁ । ଯେସ୍ଥଲେ ବଜାରର ଲୋକମାନେ ଏକମେଳ ହୋଇ ଅପର ବଜା-ରର ଲୋକସହିତ ଯୁଦ୍ଧ କରିବାକୁ ଅତ୍ୟାଚାର କରନ୍ତି ଅଥବା ଅତ୍ୟାଚାରର ପ୍ରତି ଫଳ ଭୋଗନ୍ତି ସେସ୍ଥଲେ ଜିଲାର ପୁଲିସ ଓ ମାଜି-ଷ୍ଟ୍ରେଟଙ୍କୁ ଉଚିତ ଯେ ଅବିଲମ୍ବେ ଆଇନର କ୍ଷମତା ଓ ଇଂରେଜଙ୍କ ବଳବାନ୍ ଶାସନର ମହିମା ପ୍ରତ୍ୟକ୍ଷରୂପେ ଲୋକଙ୍କୁ ଜଣାଇ ଦିଅନ୍ତେ । ତାହା ହେଲେ କେତେ ଦୁଷ୍ଟ ଲୋକଙ୍କ ମନରେ ଭୟ ହୁଅନ୍ତା ଓ କେତେ ଅପରାଧ ଊଣା ହୁଅନ୍ତା ବୋଲିବାର ନୁହଇ । କିନ୍ତୁ ଗୁରୁତର ବ୍ୟାପାରରେ ସ୍ଥାନୀୟ ପୁଲିସ ଓ ଶାସନକର୍ତ୍ତାଙ୍କ ଶିଥିଳତା ଦେଖି ଖଲଲୋକମା-ନେ କେବଳ ଅଧିକତର ଅନିଷ୍ଟ କାର୍ଯ୍ୟରେ ପ୍ରବୃତ୍ତ ହେଉଅଛନ୍ତି । ଏହି ନଗର ମଧ୍ୟରେ ସମ୍ପ୍ରତି ଅମ୍ଭମାନଙ୍କ ଜାଣିବାରେ ଏମନ୍ତ ଲୋକ ଅଛି ଯେ ଦୁଷ୍ଟଲୋକର ଅତ୍ୟାଚାରରେ ପ୍ରପୀଡ଼ିତ ହୋଇ ଦିବାରାତ୍ରି କ୍ରନ୍ଦନ କରୁଅଛି । କେହି ତାହାର ସହାୟ ହେଉ ନାହାନ୍ତି ଓ କି ଉପାୟ-ରେ ତହିଁରୁ ଉଦ୍ଧାର ପାଇବ ସେ ନିଜେ ତାହା ସ୍ଥିର କରି ପାରୁ ନାହିଁ । ପୁଲିସ ତାହା ଜାଣି ଶୁଣି ବୋଧ ହୁଅଇ କିଛି ଉପାୟ କରୁ ନାହିଁ ଓ ଯେବେ ପୁଲିସକୁ ଜଣା ନ ଥାଏ ତଥାପି ପୁଲିସକୁ ଅକର୍ମଣ୍ୟ ବୋଲିବାକୁ ହେବ । ନଗର ମଧ୍ୟରେ ପୁଲିସ କନଷ୍ଟବଲ ଊଣା ନାହାନ୍ତି ଏମାନେ ଯେବେ ନଗରର ଘୂରିଅନ୍ତେ ଗୃହ ଦନ ବୁଲି ବୁଲନ୍ତେ ଓ ଆପଣା ଏଲାକା ମଧ୍ୟର ସମସ୍ତ ଲୋକଙ୍କ ଅବସ୍ଥା ଅନୁସନ୍ଧାନ କରନ୍ତେ ତାହା ହେଲେ କୌଣସି ଅନ୍ୟାୟ କାର୍ଯ୍ୟ ଘଟି ପାରନ୍ତା ନାହିଁ ଓ ଲୋକମାନେ ଯେବେ ଥରେ ଜାଣି ପାରନ୍ତେ ଯେ ପୁଲିସର ଦୃଷ୍ଟି ତାହାଙ୍କ ଉପରେ ଅଛି ତେବେ ସେମାନେ ଅବଶ୍ୟ ସାବଧାନ ହୋଇ ମନ୍ଦ କର୍ମରୁ ବିମୁଖ ରହନ୍ତେ ।

## ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ ଯେ, ସି, ଗେଡସସାହେବ ବାକରଗଞ୍ଜରେ ପ୍ରଥମ ଶ୍ରେଣୀର ଜଏଣ୍ଟମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟରର ନିଯୁକ୍ତ ହୋଇ ଅଛନ୍ତି ମାତ୍ର ଶ୍ରୀଯୁକ୍ତ ବିଗ୍‌ନୋଲ୍ଡ ସାହେବଙ୍କ ଅନୁପସ୍ଥିତ କାଳରେ ବୋଗର୍ ଜିଲାରେ ଚତୁର୍ଥଶ୍ରେଣୀର ଏକ୍ଟିଂ ମାଜିଷ୍ଟ୍ରେଟ କଲେକ୍ଟର ହେବେ । ଗେଡସସାହେବ ଜଣେ ଉତ୍ତମ ହାକିମ ଅଟନ୍ତି ଓ ପୁରୀବାସିମାନେ ଏହାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଥିଲେ ଏମନ୍ତ ହାକିମଙ୍କର ବଦଳି ହେବା ଦୁଃଖର ବିଷୟ ଅଟଇ କିନ୍ତୁ ତହିଁ ସଙ୍ଗେ ପୁଣି ଏହାଙ୍କର ପଦ ଊଣା ହୋଇଅଛି ଏଥିରେ ଓଡ଼ିଶାବାସିମାନେ ଅତ୍ୟନ୍ତ ଦୁଃଖିତ ଅଛନ୍ତି ।

ଶ୍ରୀଯୁକ୍ତ ଯୋଜଫ ସାମୁଏଲ ଆର୍ମଷ୍ଟ୍ରଂ ସାହେବ ନିଷ୍ଟର ଏଣ୍ଡ, ଯେ, ଅଲକ୍ଜଣ୍ଡର ସାହେବଙ୍କ

Digitized by srujanika@gmail.com

Split by PDF Splitter



ଅନୁପସ୍ଥିତିକାଳ ଅଥବା ଅନ୍ୟ ଆଜ୍ଞା ପର୍ଯ୍ୟନ୍ତ ପୁରୀରେ ଚତୁର୍ଥ ଶ୍ରେଣୀର ମାଜିଷ୍ଟ୍ରେଟ ଓ କଲେକ୍-ଟର ହୋଇ ଅଛନ୍ତି ।

ପୁରୀର ଅସିଷ୍ଟାଣ୍ଟ କଲେକ୍ଟରର ଶ୍ରୀଯୁକ୍ତ ଛୀବ୍‌ହୋଷ୍ଟେନ ବାଲଡଇଲୁ ଯିବା ପାଇଁ ଅଠର ମାସ ଛୁଟୀ ପାଇଁ ଅଛନ୍ତି ।

ଶ୍ରୀଯୁକ୍ତ ଗେଡସାହେବଙ୍କ ଅବଲମ୍ବେ ବଦାସ୍ତ ହେବା କାରଣ କଟକର ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ କରମାନସାହେବ ପୁରୀ କଲେକ୍ଟରୀର ଭାର ନେବା ପାଇ ଉକ୍ତ ସ୍ଥାନକୁ ଯାଇ ଅଛନ୍ତି । ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂସାହେବ ପଦ୍ମଳାରୁ କଟକକୁ ଫେରି ଆସିବେ ନୋହିଲେ ସେଠାରେ ଜଏଣ୍ଟ ମାଜିଷ୍ଟ୍ରେଟ ହୋଇ ରହିବେ ।

ବିଲାତର ହାଉସ ଅବ୍ କମନ୍‌ସ ସଭାରେ ଶ୍ରୀଯୁକ୍ତ ଇଷ୍ଟୱିକ ସାହେବ କହିଲେ ଯେ ଶ୍ରୀଯୁକ୍ତ ଗେଡସସାହେବ ଜଣେ ବିଦ୍ରୋହ ଜାତ କରିବାର ଉପଦେଷ୍ଟା ଅଟନ୍ତି । ଏଥକୁ ପାଇଓନି-ୟର ପତ୍ରିକା ବୋଲନ୍ତି ଯେ ଗେଡସସାହେବଙ୍କ ଉପରେ ଏପରି ଦୋଷାରୋପ କରିବା ଭ୍ରାନ୍ତି-ମୂଳକ ଅଟଇ କାରଣ ତାହାଙ୍କ କଥା ବି ନେଗାହ୍ୟର କିଛି ଇଷ୍ଟକୁ ଅନିଷ୍ଟ ହେବାର ନାହିଁ ।

ଇଂଲଣ୍ଡର ବିଖ୍ୟାତ ପଣ୍ଡିତ ଜନ ଷ୍ଟୁବାର୍ଟ ମିଲସାହେବଙ୍କ ମୃତ୍ୟୁ ସଂବାଦ ତାଡିତାର ଯୋଗେ ଆସିବାରୁ ସର୍ବସାଧାରଣ ତାହା ଶୁଣି ଅତ୍ୟନ୍ତ ଦୁଃଖିତ ହୋଇଅଛନ୍ତି । ମିଲସାହେବ ଭାରତ-ବର୍ଷର ଇତିହାସ ଓ ଅନ୍ୟାନ୍ୟ ଅନେକ ପୁସ୍ତକ ଲେଖିଅଛନ୍ତି ଓ ଅର୍ଥବ୍ୟବହାର ଶାସ୍ତ୍ରରେ ଏ ମହାଶୟ ଅଦ୍ବିତୀୟ ଥିଲେ ବୋଲାଯାଇ ପାରେ ଏହାଙ୍କ ବିୟୋଗରେ ଯେଉଁ ସାଧାରଣ କ୍ଷତି ହୋଇ ଅଛି ତାହା ଶୀଘ୍ର ପୂର୍ଣ୍ଣ ହେବାର ଭର-ସା ଦେଖାଯାଉ ନାହିଁ ।

ଅମ୍ଭମାନଙ୍କ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ମାନ୍ୟ-ବର କାମ୍ବଲସାହେବ ଶାସନକାର୍ଯ୍ୟରେ ସୁଖ୍ୟାତି ଲାଭ କରିବାରୁ ଶ୍ରୀ ଶ୍ରୀମତୀ ମହାରାଣୀ ତାଙ୍କପ୍ରତି ସନ୍ତୁଷ୍ଟ ହୋଇ ଭାରତବର୍ଷର ନକ୍ଷତ୍ର ଉପାଧିର ନାଇଟପଦ ଦେଇଅଛନ୍ତି । ଏହା ବଙ୍ଗବାସିଙ୍କର ବି ଗୌରବ କଥା ହେଲା ।

ଗୁଜମହଲରେ ଗୋଟାଏ କୁମ୍ଭୀର ରେଲ-ଗାଡୀକୁ ଅଟକାଇ ଦେଇଥିଲା । ବୋଧ ହୁଅଇ କୁମ୍ଭୀର ରେଲବାଟରେ ଶୋଇଥିଲା ରେଲଗା-ଡୀ ହାବୁଡିବାରୁ ବିରୂପେ ତାହାର ଲାଞ୍ଜ ଓ ଦେହ ଚକ ମଧ୍ୟରେ ପ୍ରବେଶ ହୋଇ ଏମନ୍ତ ଲାଗିରହିଲା ଯେ ଅନ୍ତ ଚକ ବୁଲିଲା ନାହିଁ । ଏ ଗାଡିରେ ଯେଉଁ କଳ ଲାଗିଥିଲା ତାହାର ବଳ ୧୯ଘୋଡାର ବଳତୁଲ୍ୟ ଥିଲା ମାତ୍ର ଗାଡୀ-ବାହ କ ସମ୍ପୂର୍ଣ୍ଣ ବଳ ପ୍ରୟୋଗ କଲେହେଁ ଚକ ଖଣ୍ଡିକମାତ୍ରରେ ବୁଲିଲା ନାହିଁ । ତହୁଁ ବାହକ ଷ୍ଟେସନକୁ ଫେରିଯାଇ ଲୋକ ସଙ୍ଗେ ଆଣି କୁମ୍ଭୀରକୁ ବଧକଲେ ଗାଡୀ ଚକ ମୁକ୍ତକଲା କୁ-ମ୍ଭୀରଟି ମାପରେ କେବଳ ହା ୭ ତ ବଡ ଦୀର୍ଘ ନୁହଇ କିନ୍ତୁ ତାହାର ପରାକ୍ରମ କେଡ଼େବଡ ।

ବାଲେଶ୍ବରର ସଂବାଦବାହିକା ମଧ୍ୟ ଓଡିଶାର କମିଶନରସାହେବଙ୍କୁ ଅନୁରୋଧ କରୁଅଛନ୍ତି ଯେ ଯେଉଁବ୍ୟକ୍ତି ଉତ୍କଳଭାଷାର ଶୁବିଧାସ୍ପି ତାହାଙ୍କୁ ଓଡିଶାର ଜଏଣ୍ଟ ଇନ୍‌ସ୍ପେକ୍ଟରପଦରେ ନିଯୁକ୍ତ କରାଯାଉ ଅର୍ଥାତ୍ କେହି ଓଡିଆ ଅଥବା ଇଂରାଜ ।

ଲୁଣର କର ବାଲେଶ୍ବରରେ ଉଠିକ ହୋ-ଇଥିବାର ଉକ୍ତ ପତ୍ରିକା ଲେଖନ୍ତି ସେରକ ନ ଅପଇସା ହୋଇଅଛି । ପୋଲ୍ତାନ କଣ୍ଟ୍ରାକ୍-ଟରଙ୍କ ସଂଖ୍ୟା ଊଣା ହେବାରୁ ଏରୂପ ହୋଇ-ଅଛି କି ?

ଉକ୍ତ ପତ୍ରିକାରୁ ପ୍ରକାଶ ଯେ କଟ୍ରାଏଲ-କା ମୁଅ ନାମକ ଗ୍ରାମରେ ଚଡ଼କ ପଡିବାରେ କ ୩୨ ଣ ଗୃହସ୍ଥଙ୍କ ଘର ପୋଡି ଯାଇଅଛି ନଷ୍ଟ ହୋଇଥିବା ସମ୍ପତ୍ତିର ମୂଲ୍ୟ ପୁଲିସର ଅନୁମାନରେ ଟ ୧୫୫୮ ଙ୍କା ଅଟଇ । ବାଲେ-ଶ୍ବରର ମାଜିଷ୍ଟ୍ରେଟ କ୍ଷତିଗ୍ରସ୍ତ ପ୍ରଜାଙ୍କ ସାହାଯ୍ୟ ପାଇ ଚେଦାସଂଗ୍ରହ କରୁଅଛନ୍ତି ଅମ୍ଭେମାନେ ଭରସାକରୁ ଧନୀମାନେ ଅକାତରହୃଦ ହସ୍ତ ଦାନ କରିବାକୁ କୁଣ୍ଠିତ ହେବେ ନାହିଁ ।

ନାଗପୁରଠାରୁ ଛତିଶଗଡ଼ ପର୍ଯ୍ୟନ୍ତ ଏକ ରେଲ ରୋଡ଼ ନିର୍ମାଣ ହେବାର ପ୍ରସ୍ତାବ ହୋ-ଇଥିବାରୁ ତହିଁର ବ୍ୟୟ ନିର୍ଣ୍ଣୟ କରିବା ପାଇ ମାପଯୋପ କରିବା ନିମନ୍ତେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଟ ୩୫୦୦୦ ଙ୍କା ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ଖର୍ଚ୍ଚ କରିବାର ଅନୁମତି ଦେଇଅଛନ୍ତି ।

ଗତମାସ ତା ୨୨ ରଗ ସ୍ପଷ୍ଟରେ ଶ୍ରୀଯୁକ୍ତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରସାହେବ ଡାର୍ଜିଲିଂକୁ ଯାତ୍ରା କଲେ । ପ୍ରାୟ ଦେଢମାସ ସେଠାରେ ଅବସ୍ଥିତ କରିବେ ।

## ପ୍ରେରିତପତ୍ର ।

ସମ୍ପାଦକମହାଶୟ !

ସମ୍ବାଦପତ୍ରେ ଜଣାଗଲା ଯେ ଢାକାର ଛୋଟ ଅଦାଲତର ଜଜସାହେବଙ୍କର ଚାକରମାନେ ଲାଞ୍ଚ ନେବାରୁ ଓ ସାହେବଙ୍କ ଅନୁମତିକ୍ରମେ ଉପଗ୍ରହୀମାନେ ବଜାରହାଟ କରିବାରୁ ଓ ଶସ୍ତା ମୂଲ୍ୟରେ ମରଗି କିଣି ଆଣିବାରୁ ସାହେବ କର୍ମରୁ ଚ୍ୟୁତ ହେଲେ । ଅତଏବ ଗବର୍ଣ୍ଣର ଜେନେରଲ ବିଧାନ କରି ଅଛନ୍ତି ଯେ ସରକାରୀ କର୍ମଚାରୀଙ୍କ ହସ୍ତରେ ବଜାରସଉଦାପ୍ରଭୃତି ଅର୍ଥ ସଂକ୍ରାନ୍ତ କାର୍ଯ୍ୟ କରାଇଲେ କଠିନ ଦଣ୍ଡ ହେବ

ଆଜିକୁ ଦୁଇବର୍ଷ ହେଲା ପୁରୁଷୋତ୍ତମ ସ୍କୁଲ ଦେବେନ୍ଦ୍ରମାନେ ବଜାରରେ ଗରିହାତର ଥିଲେ ଉପଗ୍ରହୀ ଉଭ ଖାଇବାକୁ ଯାଉଥାଏ । ସ୍କୁଲ-ପରେ ଲାଗିଲା ନାହିଁ । ଦୋଷ କାହାର ନା ସ୍କୁଲ ଉପଗ୍ରହିର ସେ ମାଙ୍କୁଲ ଦେଲା ଇତ ବୁଝିସ୍ଥି ସ୍କୁଲ ଶକ୍ତି ସଙ୍ଗ ହେବ । ସମସ୍ତ ହାକିମମାନଙ୍କୁ ସ୍ବଜ-ପ୍ରତିଭିତ୍ତ ଶାସିତ କରୁଅଛନ୍ତି ସରକାରୀ ଚାକରଙ୍କ ହାତେ କେହି ବଜାର ସଉଦା କରାଇବ ନାହିଁ । ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଗଲେ ଦେଖେ ଉପଗ୍ରହିଙ୍କୁ ଦେଖାଯାଏ ଯେ ସେ ହାକିମମାନଙ୍କ ଲାଗି ଶସ୍ତା ସଉଦା ଯୋଗ ଅଣୁଥାନ୍ତି । ବିଶେଷରେ ଜୁଦା ପକାଇ ବଜାରକୁ ଯାନ୍ତି ଯେ ଶସ୍ତା ମିଳିବ ।

ଯାହା ହେଉ ଏଣା ଲ୍ଟେରଟକିସ୍ମ । ଉପଗ୍ରହିଙ୍କ ମୁନିବଙ୍କୁ ଏ ଦୋଷ ମାଫ । ସେମାନେ ହାକିମର ଶ୍ରୀତ ନ ପାଇଲେ ତାଙ୍କର କିପରି କାର୍ଯ୍ୟ ଚଳିବ ? ମଧ୍ୟ ହାକିମର ସଉଦାପତ୍ର ନ କରିଦେଲେ ଓ ସପ୍ତେନ୍ଦ୍ର ଉଠାଇ ନ ପକାଇଲେ ସେ ବା କିପରି ଖାଇବାକୁ ଦେବେ ।

ଯଥାର୍ଥବାଦୀ ଓଡିଆ

## ବିଜ୍ଞାପନ ।

ଚଳିତମାସ ତା ୨୦ ରଖ ମଙ୍ଗଳବାର ଶ୍ରୀ-ଯୁକ୍ତ ବାବୁ ଅଘୋରନାଥ ଗୁପ୍ତ “ ଭକ୍ତି ଓ ମହର୍ଷି ଚୈତନ୍ୟଙ୍କ ” ବିଷୟରେ ଛାପାଖାନାରେ ଘଣ୍ଟା ସା ୮ ଟା ସମୟରେ ବକ୍ତୃତା କରିବେ ।

## ମୂଲ୍ୟପ୍ରାପ୍ତି ।

ଶ୍ରୀ ଚୌଧୁରୀ ବିଶ୍ବନାଥଦାସ କଟକ ବକ୍ସାପୁ ଟ ୬
,, ମହନ୍ତ ନାରାୟଣ ଦାସ ପୁରୀ ,, ଟ ୭।୵
ବାବୁ ଗୋପାଳକୃଷ୍ଣ ଦାସ କଟକ ,, ଟ ୧
,, ଗୁରୁଚରଣଘୋଷ ,, ,, ଟ ୧
ଶ୍ରୀ ଶ୍ରୀ ରାଜା ଦଣ୍ଡେ ମସୁରଭଞ୍ଜ ,, ଟ ୧୧।୵
,, ବାବୁ ଶିବପ୍ରସାଦ ସିଂହ କଟକ ,, ଟ ୨।୵

ଏହି ଉତ୍କଳଦୀପିକା ସହର କଟକ ଦର୍ଗା-ବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 43



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


୯ ଭାଗ ୨୧ ସଂଖ୍ୟା } ତା୨୩ରିଖ ମଇ ସନ୧୮୭୪ମସିହା । ମୂ । ଜ୍ୟେଷ୍ଠ ୧୧ ଅଙ୍କ ସନ୧୨୮୦ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧।୵


ଗତ ସପ୍ତାହର ଓଡ଼ିଶ୍ୟାଗେଜେଟରୁ ଅବଗତ ହେଲୁଁ ଯେ ସନ ୧୮୭୩।୭୪ ସାଲ ବାବଦ ଉତ୍କଳ ପାଇଁ ଗତମାସ ଶେଷପର୍ଯ୍ୟନ୍ତ ସର୍ବସୁଦ୍ଧା ମା ୩୪୧୦ ଣ କମିରେ ନାଲଜଳ ମହାଲବାର ଉସୁଲ ହୋଇଅଛି । ଏହିଁ ମଧ୍ୟରୁ ଏକା କେନ୍ଦ୍ରାପଡ଼ାନାଳ ସମ୍ପର୍କରେ ମା ୩୦୦୦ ଣ ଓ ଅବଶିଷ୍ଟ ଛଅନାଲ ଅର୍ଥାତ୍ ହାଇଲେବଲ ତାଲଦଣ୍ଡା ଓ ମାଛଗାଁ ନଳବାରେ ମା ୪୧୦ ଣ ଅଟଇ । ପ୍ରତ୍ୟେକ ନାଲଦ୍ୱାରା କେତେ କମିରେ ଜଳ ମଡ଼ା ଯାଉଥାରେ ଓ ସେଥିପାଇ ଲୋକେ କାହିଁକି କବୁଲିସ୍ତ କରୁ ନାହାନ୍ତି କେନାଲ ଲେବନ୍ ସୁପ୍ରିଣ୍ଟ ଏଥିର ଅନୁସନ୍ଧାନ କରି ତହିଁ ବିବରଣ ସର୍ବସାଧାରଣଙ୍କୁ ଜଣାଉଥିଲେ ଭଲ ହେଉଥାନ୍ତା । ଯାହା ପ୍ରକାଶ ହୋଇଅଛି ତହିଁରୁ ଏତିକି ଜଣାଯାଏ ଯେ ନାଲଜଳଦ୍ୱାରା ଯେଉଁପ କାର୍ଯ୍ୟ ହେବାର ଆଶାଥିଲା ତାହା ବିନ୍ଦୁମାତ୍ର ହୋଇ ନାହିଁ ।

---

କଟକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବାବୁ ଚଣ୍ଡିଚରଣ ବାନର୍ଯ୍ୟାଙ୍କଠାରୁ ଅବଗତ ହୋଇ ଅମ୍ଭେମାନେ ସର୍ବସାଧାରଣଙ୍କୁ ଜଣାଉଁଅଛୁଁ ଯେ ଏହି ସ୍କୁଲ ମଧ୍ୟରେ ଗୋଟିଏ ନେଟିଭ ସିବିଲସର୍ବିସ ଶ୍ରେଣୀ ବସିବାର ମନସ୍ଥ ଅଛି ଯଦ୍ୟପି ଉପଯୁକ୍ତ ସଂଖ୍ୟକ ଛାତ୍ର ପ୍ରାପ୍ତ ହେବେ ତେବେ ତାହା ଅଲକ୍ଷମୁରେ ବସିବ । ଅତଏବ ଯେଉଁମାନେ ଉକ୍ତ ଶ୍ରେଣୀରେ ଭର୍ତ୍ତି ହେବାର ମାନସ କରନ୍ତି ସେମାନଙ୍କୁ ଉଚିତ ଯେ ଉକ୍ତ ପ୍ରଧାନ ଶିକ୍ଷକଙ୍କୁ ପତ୍ରଦ୍ୱାରା ଆପଣା ଇଚ୍ଛା ଜଣାଇବେ । ଏରୂପ ଗୋଟିଏ ଶ୍ରେଣୀ ଏଠାରେ ନ ଥିବାରୁ ଅମ୍ଭେମାନେ ବଡ ଦୁଃଖିତ ଥିଲୁଁ ବର୍ତ୍ତମାନ ପ୍ରଧାନ ଶିକ୍ଷକଙ୍କ ପ୍ରସ୍ତାବ ଓ ଉଦ୍ୟମ ଦେଖି ଅତିଶୟ ଆନନ୍ଦିତ ହୋଇଅଛୁଁ । ନେଟିଭ ସିବିଲସର୍ବିସ ପରୀକ୍ଷା ନ ଦେଲେ ଏଣିକି ଭଲକର୍ମ ହେବାର ସମ୍ଭାବନା ନାହିଁ । ଅତଏବ ଯେଉଁମାନେ ବର୍ତ୍ତମାନ ସ୍କୁଲ ପରିତ୍ୟାଗ ପୂର୍ବକ ଉମେଦୱାରି କରି ବୁଲୁଅଛନ୍ତି ଅଥବା ଯେଉଁମାନେ ସରକାରି ମହକୁମାମାନଙ୍କରେ ସାମାନ୍ୟ କର୍ମରେ ନିଯୁକ୍ତ ଅଛନ୍ତି ସେମାନଙ୍କୁ ଉଚିତ ସିବିଲସର୍ବିସ ଶ୍ରେଣୀରେ ଅଧ୍ୟୟନ କରନ୍ତୁ ତାହା ହେଲେ ଆଗାମୀ ଫେବ୍ରୁଏରୀମାସ ପରୀକ୍ଷାରେ କେତେକଲୋକ ଉତ୍ତୀର୍ଣ୍ଣ ହୋଇ ପାରିବେ ଓ ଯେଉଁମାନେ ପ୍ରଥମେ ପରୀକ୍ଷା ଦେଇ କୃତକାର୍ଯ୍ୟ ହେବେ ସେମାନେ ଶୀଘ୍ର ଭଲକର୍ମ ପାଇବେ । ଅତଏବ ଅମ୍ଭେମାନେ ଅନୁରୋଧ କରୁଅଛୁଁ ଯେ ଯେ ଉପାୟଦ୍ୱାରା ଉକ୍ତ ଶ୍ରେଣୀ ଶୀଘ୍ର ସ୍ଥାପିତ ହୁଅଇ ସମସ୍ତେ ତହିଁ ପ୍ରତି ଯତ୍ନ କରନ୍ତୁ ।

---

ଷ୍ଟୋଡ଼ବୋସ ସମ୍ପର୍କରେ ଶ୍ରୀଯୁକ୍ତ ଗେଡସସାହେବ ଯେଉଁପ କାର୍ଯ୍ୟକଲେ ତହିଁ ହେତୁ ତାହାଙ୍କ ସୁଖ୍ୟାତି ବଦଳ କରି ଦିଆ ଯାଇଅଛି । ଇଣ୍ଡିୟାନ ଅବଜରବର କୋହନ୍ତି ଯେ ଷ୍ଟୋଡ଼ବୋସ ଆଇନର ବିଧାନମତେ ଗୋଟିଏ କମିଟି ସ୍ଥାପନ କରିବାକୁ ଗେଡସସାହେବଙ୍କ ପ୍ରତି ଆଜ୍ଞା ହେବାରୁ ସେ ଉକ୍ତ କମିଟିର ସଭ୍ୟଙ୍କଦ୍ୱାରା ଏହି କଥା କୋହାଇଲେ ଯେ ଉକ୍ତ ଟାକ୍ସ ବସିବାର ଆଦୌ ଉଚିତ ନୁହଇ ସବୁଠାରୁ ସଭ୍ୟମାନଙ୍କର ଏହିରୂପ ମନୋଭାବ ଅଟଇ କିନ୍ତୁ ଆମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ ବାଞ୍ଛାକରନ୍ତି ଯେ ତାହା ପ୍ରକାଶ ନ ହେବା ପାଇଁ ଜଜ ସାହେବମାନେ ଚେଷ୍ଟା କରନ୍ତୁ ଓ ଲୋକଙ୍କ କଥା ଲୁଚାଇ ଯେତେ ଦୂର ଗବର୍ଣ୍ଣମେଣ୍ଟଙ୍କ ଅଭିପ୍ରାୟର ସାହାଯ୍ୟ କରି ପାରନ୍ତି ତାହା କରନ୍ତୁ । ମାତ୍ର ଗେଡସସାହେବଙ୍କର ମନୋଭାବ ଅନ୍ୟାନ୍ୟ ବିଷୟରେ ଯାହା ଥାଉ ଏ ବିଷୟରେ ଅର୍ଥାତ୍ ଯହିଁ ପାଇଁ ସେ ବଦଳି ହେଲେ ଏଥିରେ ତାହାଙ୍କର କିଛି ଦୋଷ ନାହିଁ କାରଣ କମିଟୀକୁ ଯେଉଁପ ସ୍ୱାଧୀନତା ଦେବାର କର୍ତ୍ତବ୍ୟ ସେ କେବଳ ତାହାହିଁ ଦେଇଅଛନ୍ତି । ଯେବେ କମିଟୀ ଜଜ ସାହେବଙ୍କ ଅନୁଗତ ହୋଇ ଚଳିବେବୋଲି ଗବର୍ଣ୍ଣମେଣ୍ଟ ଆଶା କରିଥାନ୍ତି ତେବେ ସେରୂପ କମିଟୀ ରକ୍ଷିବାର ପ୍ରୟୋଜନ କେବଳ ବାହାରଲୋକଙ୍କୁ ଠକିବାପାଇଁ ଅଟଇ ।

---

ଋତୁ ।

ଗତ ସପ୍ତାହଠାରୁ ଏ ନଗରରେ ଯେଉଁପ ଗ୍ରୀଷ୍ମ ଅନୁଭବ ହେଉଅଛି ତାହା ଅକଥନୀୟ ଅଟଇ । ପ୍ରାୟ ପୂର୍ବ ସପ୍ତାହ ହେଲା ଦିନକେଲେ

Digitized by srujanika@gmail.com

ଏମନ୍ତ ଗର୍ମ ହେଉଅଛି ଘରମଧ୍ୟରେ ରହିବା ଦେହ ପଡ଼ ଯାଉଅଛି । ତାପମାନଯନ୍ତ୍ର ଘରମଧ୍ୟରେ ୯୮ ଓ କେବେ୨ ଅଂ ୧୦୦ରୁ ଉଠୁଅଛି ଓ ବାହାରେ ଯେଉଁଠାରେ ଖରାର ଝାସ ଲାଗଇ ସେଠାରେ ୧୦୬ ୧୦୭ ଅଂଶ ହେଉଅଛି ସ୍ବଚ୍ଛରେ ଘରମଧ୍ୟରେ ଶୋଇ ହେଉ ନାହିଁ ଓ ଅଗଣାରେ ବାହାରରେ ପଡ଼ିରହିଲେ ସୁଦ୍ଧା ଦେହର ଝାଳ ଶୁଖିବା କଠିନ ହେଉଅଛି । ଅଣସର ଗୁଲୁଗୁଲ ପୂର୍ବର ଏମନ୍ତ ଅବସ୍ଥା ଏଥିରେ ପୁଣି ଏବର୍ଷ ଅପର୍ଯ୍ୟାପ୍ତ ଅମ୍ବ ହେବାରୁ ତାହା ଖାଇ ଲୋକଙ୍କୁ ଗ୍ରୀଷ୍ମ ଅଧିକ ବାଧୁଅଛି । ଏକ ସପ୍ତାହ ପୂର୍ବେ ମୋଫସଲରେ ବଲକ୍ଷଣରୂପ ବୃଷ୍ଟି ହେବାର ଲକ୍ଷଣ ଲାଗି ରହିଅଛି ଓ ଗୁଣାଗୁଣି ଆରମ୍ଭ ହୋଇଅଛି ମାତ୍ର କଟକରେ କିଛି ବୃଷ୍ଟି ନାହିଁ । କଲିକତା ନଗରବାସୀମାନେ ଯାହାଙ୍କୁ କହୁଅଛନ୍ତି ହେବେ ଏ ଅସହ୍ୟ ଗ୍ରୀଷ୍ମର ପ୍ରାଦୁର୍ଭାବ ଜଣା ହେବ କିଛି ଜଣାଯାଉ ନାହିଁ ।

ଗ୍ରୀଷ୍ମଋତୁରେ ଦୃଷ୍ଟିକାଳରେ ଡଦକ, ଗ୍ରହଣୀ ଆଦ ଯେଉଁ ଯାହାମାନ ଦାଣ୍ଡରେ ହୁଅଇ ତାହା ଅନେକାଂଶରେ ସୁଗପ୍ରତି ଅଟେ । ମନୁଷ୍ୟ ଗ୍ରୀଷ୍ମ ହେତୁରୁ ଶୋଇ ପାରେ ନାହିଁ କିମ୍ବା ସ ର ପଡ଼ିରହିବା ସୁଦ୍ଧା କଠିନ ହୁଅଇ । ଦାଣ୍ଡରେ ବୁଲବୁଲି ହେଲେ ଅନେକ ପରିମାଣରେ ଗ୍ରୀଷ୍ମର ତେଜ ଜଣା ହୁଏ । ତଥାପି ଯାହା ଦେଖ ଯାଉଛି ଓ ଏବର୍ଷ ଗ୍ରହଣୀ ଯାହା ମଧ୍ୟ ଏ ନଗରରେ ବହୁତ ଜଣା ଏଥିରେ ଲୋକର ସ୍ବାସ୍ଥ୍ୟ ହାନି ହେବାର ଉପାୟ ବହୁତ ଜଣା ହେବାରୁ ଦେଖାଯାଏ ଯାହା ହେଉ ଅବଶ୍ୟ ସୁଖର ବିଷୟ ଏହି ଅଟଇ ଯେ ଗ୍ରୀଷ୍ମ ଅଧିକ ହୋଇଥିଲେ ହେଁ କୌଣସି ପୀଡ଼ାର ପ୍ରାଦୁର୍ଭାବ ହୋଇ ନାହିଁ ବୋଧ ହୁଅଇ ବହୁତ ଅମ୍ବ ଖାଇ ମନୁଷ୍ୟମାନେ ଅନ୍ତରେ ବାହାରେ ପୀଡ଼ା ପାଇବା ପରିସ୍ଥିତି ପାଉ ନାହିଁ ଅମ୍ବ ଯାହା ଏବର୍ଷ ହୋଇଅଛି ଏପରି କେତେକାଳ ଦେଖା ନ ଥିଲା ତାହା ଲୋକେ କହୁଅଛନ୍ତି ଯେ ଗତ ଷୋହଳ ବର୍ଷରେ ଏପରି ହୋଇ ନାହିଁ । ଅମ୍ବ ପଣ ତୁଳାପଇସା ବା ତିନିପଇସା ଓ କେଉଁ କେଉଁ ଅମ୍ବ ଭ ପଣ ଚାରି ପଇସାରୁ ଅଧିକ ନାହିଁ ଏତେ ସସ୍ତାରେ ସୁଦ୍ଧା କିଏ କିଣୁଅଛି ? କେତେମାନେ ହାଟ୍ ଯାଚି ବୁଲୁଅଛନ୍ତି କୌଣସଠାରେ ଅଦର ପାଉ ନାହାନ୍ତି । ଦୁଃଖ ଲୋକଙ୍କର ଅନେକ ଉପକାର ହୋଇଅଛି ସନ୍ଦେହ ନାହିଁ ।

ଗତକାଲର ବାଣିଜ୍ୟ ।

ବାଣିଜ୍ୟର କଥା ଯାହାକୁ କିଛି ମାତ୍ରରେ ଜଣା ଅଛି ସେ କହି ପାରିବ ଯେ ସ୍ବାଧୀନତା ଓ ବାଦ ବାଣିଜ୍ୟର ମୂଳ ହେଉଅଛି ଓ ଏକଚାଟିଆ ବାଣିଜ୍ୟରେ ଉକ୍ତ ଦୁଇ କଥା ନ ଥିବାରୁ ତାହା ସମାଜ ପକ୍ଷରେ ଯଥୋଚିତ ଅନିଷ୍ଟକର ଅଟଇ । ବାଣିଜ୍ୟରେ ସ୍ବାଧୀନତା ଥିଲେ ଯାହା ମନକୁ ଯେପରି ଆସେ ସେ ସେପରି ଦ୍ରବ୍ୟ ଓ ଉପାୟରେ ବାଣିଜ୍ୟ କରେ ଓ ଏକ ବ୍ୟକ୍ତି ଅନ୍ୟଠାରୁ ଅଧିକ ଲାଭ କରିବ ଏଥିନିମିତ୍ତ ବାଦାବାଦି ହେଲେ ଲାଭର ଅସମତା ରହଇ ନାହିଁ ଓ କ୍ରେତା ବିକ୍ରେତାମାନେ ଅପରିମିତ ଲାଭ ବା କ୍ଷତି ସହନ୍ତି ନାହିଁ । ଏକଚାଟିଆ ବେପାରରେ ସବୁ ଓଲଟା ଘଟଇ କାରଣ ଏକ ବ୍ୟକ୍ତି ଭିନ୍ନ ଅନ୍ୟ କେହି ସେ ବ୍ୟବସାୟ କରି ପାରିବ ନାହିଁ ସୁତରାଂ ତାହା ମନକୁ ଯାହା ଆସିବ ସେହି ଦରରେ ବିକ୍ରୟ କରିବ ଓ ବାଣିଜ୍ୟଦ୍ରବ୍ୟ ଉତ୍ପାଦକମାନେ ମଧ୍ୟ ତାହା ଛଡ଼ା ଅନ୍ୟ ଲୋକଙ୍କୁ ବିକ୍ରୟ କରି ପାରିବେ ନାହିଁ ବୋଲି ସେ ଯେତେ ଦାମରେ କିଣି ନେବାକୁ ଇଚ୍ଛା କରନ୍ତି ସେହି ଦାମରେ ତାହାଙ୍କୁ ଦେବାକୁ ହେବ ସୁତରାଂ ବିକ୍ରେତାମାନେ ତାହା ଅଧୀନ ହେବେ । ଗତକାଳ ପ୍ରଜାମାନେ ବାଣିଜ୍ୟର ଏକମାତ୍ର ଉଦ୍ଦେଶ୍ୟ କାହାର ଲାଭ ହେଉଅଛି ଜଣାଯାଏ କାରଣ ଅବଧି ଅନେକ ଗଡ଼ଜାତରେ ଏକଚାଟିଆ ବେପାର ପ୍ରଚଳିତ ଥିବାର ଅମ୍ଭେମାନେ ଅବଗତ ହୋଇଅଛୁଁ । ଦଶପଲ୍ଲା, ନୟାଗଡ଼, ରଣପୁର ପ୍ରଭୃତି ଗଡ଼ଜାତରେ ଏପରି ଚଳିବାର ଅମ୍ଭେମାନେ ଜ୍ଞାତ ହୋଇଅଛୁଁ ଓ ଅନ୍ୟାନ୍ୟ କେତେକ ଗଡ଼ରେ ମଧ୍ୟ ଏହିପରି ଥିବାର ସମ୍ଭବ । ଏଠାରେ ଏହି ଦ୍ରବ୍ୟ କ୍ରୟ ବିକ୍ରୟ କରିବାର ଜଣେ ଲେଖାଏ ମହାଜନ ରଜାଙ୍କୁ ଇଲିନିଗାର ଲଗ୍ନ କରି ନେଇଥିଲି ଓ ବର୍ଷକୁ ବର୍ଷ କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟକ ଟଙ୍କା ରଜାଙ୍କୁ ଦେବାର ସ୍ବୀକାର କରି ଏହି ଅଧିକାର ପାଇ ସେ ସେହି ଦ୍ରବ୍ୟରେ ବ୍ୟବସାୟ କରନ୍ତି ସମସ୍ତ ପ୍ରଜା ଉକ୍ତ ଦ୍ରବ୍ୟର କାରବାର ଏକା ତାହାଙ୍କ ସଙ୍ଗେ କରିବେ ଅନ୍ୟ କୌଣସିଠାରୁ ପାଇବେ ନାହିଁ । କେତେବେଳେ ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ ଓ କେତେବେଳେ ମହାଜନ ଆପଣା ମୂଲ୍ୟ ଆପେ ସ୍ଥିର କରଇ । ଯାହାକୁ କିଣି ବିକ୍ରୟ କରିବାର ଅଧିକାର ଦିଆ ଯାଇଅଛି ପ୍ରଜାମାନେ ତାହା ଭିନ୍ନ ତାହାଠାରୁ କିଣି କ୍ରୟ କରିବେ ନାହିଁ ଓ ମୂଲ୍ୟର ପରିବର୍ତ୍ତନ ମଧ୍ୟ ହେବ ନାହିଁ । ଯାହାକୁ ଦାମ କଷିବାର ଅଧିକାର ଦିଆ ଯାଇଅଛି ସବୁ ପ୍ରଜା ତାହାଠାରେ ତାମ ବିକ୍ରୟ କରିବେ ଓ ସେ ଯେତେ ମୂଲ୍ୟ ଦେବେ ତାହାହିଁ ତାହାଙ୍କୁ ନେବାକୁ ହେବ ।

ଏ ସ୍ଥଳେ ରଜାମାନଙ୍କର ବିବେଚନା କରିବାର ଆବଶ୍ୟକ ଯେ ଯେଉଁ ମହାଜନ କୌଣସି କାରବାର ପାଇ ତାହାଙ୍କ ସନ୍ତୁଷ୍ଟି କରଇ ସେ ଲାଭ ପାଇ ଯାଇଥାଏ ଓ ଅଧିକ ଲାଭ କରିବ ବୋଲି ଏକାକୀ ସେ ବାଣିଜ୍ୟ କରିବାର ଚେଷ୍ଟା କରଇ ସୁତରାଂ ପ୍ରଜାଙ୍କଠାରୁ କ୍ରୟ ସମୟରେ ଯେତେ ଅଳ୍ପ ମୂଲ୍ୟ ଓ ବିକ୍ରୟ ସମୟରେ ଯେତେ ଅଧିକ ମୂଲ୍ୟରେ ଦ୍ରବ୍ୟ ନେଇ ଦେଇ ପାରେ ତେତିକି ଅଧିକ ଲାଭ ହୁଅଇ ଓ ରଜାଙ୍କୁ ଯାହା ବାର୍ଷିକ ଦିଅଇ ତାହା ମଧ୍ୟ ପ୍ରଜାଙ୍କଠାରୁ ଉଠଇ ସୁତରାଂ ରଜା ଆପଣା ପ୍ରଜାର ଧନ ଆପେ ଅପହରଣ କରନ୍ତି ଓ ଅନ୍ୟଲୋକଦ୍ୱାରା ଅପହରଣ କରାନ୍ତି ଓ ବାଦବାକୀର ଯେତେ ପ୍ରକାର ଫଳ ଅଛି ତହିଁରୁ ପ୍ରଜାମାନେ ବଞ୍ଚିତ ହୁଅନ୍ତି । ଯେବେ ରଜା ଏକଜଣ ମହାଜନ ସହିତ ବନ୍ଦୋବସ୍ତ ନ କରନ୍ତେ ତେବେ ଅନେକ ଲୋକ ଦ୍ରବ୍ୟ କ୍ରୟ କରିବାକୁ ଆସନ୍ତେ ସେମାନଙ୍କ ମଧ୍ୟରେ ଯୋଉଁ ବାଦାବାଦି ହୁଅନ୍ତା ତହିଁରେ ପ୍ରଜାର ଲାଭ ହୁଅନ୍ତା କାରଣ ଯେ ମହାଜନ ଅଧିକ ମୂଲ୍ୟ ଦିଅନ୍ତା ପ୍ରଜାମାନେ ତାହାକୁ ବିକ୍ରୟ କରନ୍ତେ ଓ ଯେ ମହାଜନ ଅଳ୍ପ ଲାଭ ରଖନ୍ତା ତାହାଠାରୁ କ୍ରୟ କରନ୍ତେ ପ୍ରଜାଙ୍କର ଉନ୍ନତି ହେଲେ ରଜାଙ୍କର ଲାଭ ହେବାର ବିଲକ୍ଷଣ ସମ୍ଭାବନା ଅଛି ମାତ୍ର ଯେବେ ରଜାମାନେ ସେ ପ୍ରକାର ଲାଭ ବୁଝିବାକୁ ଅକ୍ଷମ ହେବେ ତେବେ ସେ ଦ୍ରବ୍ୟ ଉପରେ କର ବସାଇ ସାକ୍ଷାତ୍ ଲାଭ କରିପାରନ୍ତି କରର ପରିମାଣ ନ୍ୟାଯ୍ୟରୂପେ ହେଲେ ତାହା ମହାଜନ ଉପରେ ସମସ୍ତ ପ୍ରକାର ପଡ଼ଇ କିଛି ଅନ୍ୟାୟ ହେବ ନାହିଁ । କର ବସାଇବାର ଯୋଗ୍ୟ ଉପାୟ ଅଛି ମାତ୍ର ସେ କଥାର ଉଲ୍ଲେଖ କରିବା ବର୍ତ୍ତମାନ ଅମ୍ଭମାନଙ୍କର ଉଦ୍ଦେଶ୍ୟ ନୁହଇ । ଅମ୍ଭେମାନେ କେବଳ ଗଡ଼ଜାତ ରଜାମାନଙ୍କୁ ଏତିକି ଜଣାଇବାକୁ ବାଞ୍ଛା କରୁଁ ଯେ ସେମାନେ ଏକଚାଟିଆ ମହାଜନୀ କାରବାର ଅପଣା ରାଜ୍ୟରୁ ଉଠାଇ ଦେଇ ବାଣିଜ୍ୟ

Split by PDF Splitter



ବିଷୟରେ ମାହାଜନ ଓ ପ୍ରଜାଙ୍କୁ ସମ୍ପୂର୍ଣ୍ଣରୂପ ସ୍ୱାଧୀନତା ପ୍ରଦାନ କରନ୍ତି । ସେରୂପ ସ୍ୱାଧୀନତା ଅଭାବରେ ତାହାଙ୍କ ବାଣିଜ୍ୟର ଉନ୍ନତି ହୋଇ ପାରେ ନାହିଁ । ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟ କ୍ରମଶଃ ବୃଦ୍ଧି ହେଉଅଛି ଓ ଏକା ସମୟରେ ଅତି ଦୁର୍ମୂଲ୍ୟ ହୋଇପଡେ କିନ୍ତୁ ଗଡଜାତ ପ୍ରଜାମାନେ ବିଶେଷ ବ୍ୟକ୍ତିଙ୍କୁ ବିଶେଷ ମୂଲ୍ୟରେ ଦ୍ରବ୍ୟ ଦେବାକୁ ବାଧ୍ୟ ଥିବାରୁ ଉକ୍ତ ଫଳ ଲାଭ କରି ନ ପାରନ୍ତି । ପୂର୍ବେ ସ୍ୱଦେଶୀମାନଙ୍କର ଅନେକ ଗଡଜାତରେ ଏହିରୂପ ଏକଚାଟିଆ ବ୍ୟବହାର ଥିଲା । କିନ୍ତୁ ବର୍ତ୍ତମାନକୁ ସେଠା ରାଜାମାନେ ଉକ୍ତ ରୀତିକୁ ଅହିତକର ଜାଣିବାରୁ ଉଠାଇ ଦେଉଅଛନ୍ତି ଓ ଯେ ଯେ ସ୍ଥାନରେ ଏହା ଉଠି ଯାଇଅଛି ସେଠାରେ ବାଣିଜ୍ୟର ଉନ୍ନତି ଦେଖାଯାଏ ।

---

# ସାପ୍ତାହିକସଂବାଦ ।

ଗତ ଅପ୍ରେଲମାସରେ ଡେପୁଟୀ ଓ ଅସିଷ୍ଟାଣ୍ଟମାନଙ୍କର ଯେଉଁ ପରୀକ୍ଷା ହୋଇଥିଲା ତହିଁରେ ବାବୁ ନନ୍ଦକିଶୋର ଦାସ ଓ ମିଷ୍ଟର ଗନସାଲ୍ଭେସ ଉଚ୍ଚତର ଶ୍ରେଣୀରେ ଏବଂ ମୌଲବୀ ଅବଦୁଲ ଜବାର ନିମ୍ନତର ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଏପର ମିଷ୍ଟର ଅ-ଷ୍ଟନକନ ଓ ଲବକସ୍ ସାହେବମାନେ କେବଳ ଓଡ଼ିଆ ଭାଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ମଦ୍ରାସୀ ଓ ହଇନର ପରୀକ୍ଷା ବାକି ରହିଲା ।

ଗତ ଶୁକ୍ରବାର ହେଉ ଭଥା ଡକାଇତୀ ମକଦ୍ଦମାର ନିଷ୍ପତ୍ତି ହେଲା । ଏ ମକଦ୍ଦମାର ବିଷୟ ପୂର୍ବେ ୨ ଥର ଲେଖିଥିଲୁ ଓ ମକଦ୍ଦମା ଚଲାଇବା ପାଇଁ ସରକାରଙ୍କ ପକ୍ଷରୁ ସରକାରୀଉକିଲ ଓ ଆସାମୀର ଡେପୁଟୀକଲେକ୍ଟର ଶାସ୍ତ୍ରୀ ଟେ ଭାଣ୍ଡେକର ଓ ତହସିଲଦାର ବାବୁ ଭଗବତୀଚରଣ ନିଯୁକ୍ତ ଥିଲେ ଆସାମୀଙ୍କ ପକ୍ଷରୁ ୪ଜଣ ଉକିଲ ଥିଲେ । ୨୭ଜଣ ଆସାମୀଙ୍କ ମଧ୍ୟରୁ ଜଣ ମୁକ୍ତପାଇଲେ ବାକି ୨୫ଜଣଙ୍କ ଉପରେ ଅଭିଯୋଗ ସାବ୍ୟସ୍ତ ହେବାରୁ ଅପରାଧର ଗୁରୁତ୍ୱ ବିବେଚନାରେ ୧୦ ବର୍ଷ ଓ ବର୍ଷ ଲେଖାଏ ଯାବଜ୍ଜୀବନ ଦଣ୍ଡ ହୋଇ । ଏ ମକଦ୍ଦମାର ସଂକ୍ଷେପ ବିବରଣ ଆ- ସପ୍ତାହରେ ପ୍ରକାଶ କରିବାର ମାନସ ବର୍ତ୍ତମାନ ଏଥିର କୋଣିବାର ଅବସର ଯେ ବେଳେ ଲୋକ ଉକ୍ତ ବସ୍ତୁକୁ ଉତ୍ତମ ବୋଧ କରୁଅଛନ୍ତି ଅନ୍ତର ଅଧିକ ଦଣ୍ଡ ହୋଇଥିଲେ ତାହାଙ୍କ ଦୁଷ୍କର୍ମର ଉପଯୁକ୍ତ ହୋଇଥାନ୍ତା ।

ଏପ୍ରଦେଶର ବିଦ୍ୟାଳୟମାନଙ୍କର ଇନସ୍ପେକ୍ଟର ଶାସ୍ତ୍ରୀ ହପକିନ୍ସ ସାହେବ ସଭସ୍ତାହର କଟକକୁ ଅସି ପୁରୁଷୋତ୍ତମକୁ ଯାଇଅଛନ୍ତି ସେଠାରେ କମିଶନର ସାହେବଙ୍କ ସହିତ ସାକ୍ଷାତ୍ କରି ବିଦ୍ୟାଳୟ ସମ୍ପର୍କୀୟ ନୂତନ ବିଦ୍ୟମାନ କାର୍ଯ୍ୟରେ ପରାମର୍ଶ କରିବେ ।

ଏ ବର୍ଷ ଝଜୋପବିତାରଙ୍କ ଭଦନଯାତ୍ରାରେ ଗୋଟିଏ ନୂଆ ସୁଅଙ୍ଗ ବାହାରିଥିଲା । ସାଲେପୁରବାସୀ ଧନୀ ସୁଦୀମଲ୍ ଗୋଟାଏ କୃତ୍ରିମ ସଣ୍ଢ ଓ ଗୋଟିଏ କୃତ୍ରିମ ସିଂହ ବହୁ ଆଡମ୍ବରରେ ପଠାଇଥିଲେ । ଶେଷ ଯାତ୍ରା ଦିନରେ ତାହା ପ୍ରଦର୍ଶନ ହୋଇଥିଲା । ଅନେକ ଯାତ୍ରୀ ଜମା ହୋଇଥିଲେ ଓ ସୁଅଙ୍ଗ ସବୁ ଦେଖି ସନ୍ତୁଷ୍ଟ ହେଲେ ।

ଗତ ମଙ୍ଗଳବାର ଶ୍ରୀପାଠଶାଳା ଗୃହରେ ବାବୁ ଅଘୋରନାଥ ଗୁପ୍ତ ଭକ୍ତି ଓ ଚୈତନ୍ୟଙ୍କ ଜୀବନ ବିଷୟରେ ଗୋଟିଏ ଦୀର୍ଘବକ୍ତୃତା କରିଥିଲେ ତାହାଙ୍କ ଅନର୍ଗଳ ବକ୍ତୃତା ଯହିଁ ଏହିଠି ମଧ୍ୟ ଶୁଣିବାକୁ ପ୍ରୀତିକର ହୋଇଥିଲା । ଅମ୍ଭେମାନେ ଅହ୍ଲାଦିତ ହୋଇ କହୁଅଛୁଁ ଯେ ଏଥର ବକ୍ତୃତା ଶୁଣିବାପାଇଁ ଅନେକ ଲୋକ ଆସିଥିଲେ ଓ ସେମାନେ ସନ୍ତୁଷ୍ଟ ହୋଇଅଛନ୍ତି ଅଘୋର ବାବୁ ବ୍ରାହ୍ମଧର୍ମୀ ଲମ୍ବୀ ସେ ଅନ୍ୟ ଧର୍ମ ସବୁର ନିନ୍ଦା କରିବେ ଏମନ୍ତ ଆଶଙ୍କା କରି ଅନେକ ଲୋକ ତାହାଙ୍କ କଥା ଶୁଣିବାକୁ ଆସନ୍ତି ନାହିଁ ବୋଲି ଜଣାଯାଉଥିଲା । ଏମନ୍ତ ହୋଇଥିଲେ ବଡ ଦୁଃଖର ବିଷୟ ଅଟଇ କାରଣ ଅଘୋରବାବୁ କୌଣସି ଧର୍ମର ନିନ୍ଦା କରନ୍ତି ନାହିଁ ବରଂ ସବୁ ଧର୍ମର ପ୍ରଶଂସା କରି ସମସ୍ତଙ୍କ ମତରେ ଯେ ସବୁ କଥା ସାର ଅଟଇ କେବଳ ସେହି ସବୁର ବ୍ୟାଖ୍ୟା କରୁଅଛନ୍ତି । ସେ ଦାହାଙ୍କୁ ଧର୍ମ ଶୁଣିବାର ଉପଦେଶ ଦେଉ ନାହାନ୍ତି ମାତ୍ର ପ୍ରକୃତ ଧାର୍ମିକ ବ୍ୟକ୍ତିଙ୍କର କର୍ତ୍ତବ୍ୟ ତାହା ବୁଝାଉଅଛନ୍ତି । ଏହି କାରଣରୁ ତାହାଙ୍କ ବକ୍ତୃତା ଶୁଣିବାପାଇଁ ଅମ୍ଭେମାନେ ସମସ୍ତଙ୍କୁ ଅନୁରୋଧ କରୁଅଛୁଁ । ବିଶେଷ ଧର୍ମର କଥା ହେଲେ ଅମ୍ଭେମାନେ ତହିଁରେ ଆସ୍ଥା କରନ୍ତୁ ନାହିଁ ।

ଗଲାମାସ ତା ୯ ରିଖ ଶୁକ୍ରବାର ସମସ୍ତଙ୍କର ପ୍ରଧାନ ମନ୍ତ୍ରୀ ହୁସେନ ଖାନଙ୍କୁ ବଧ କରିବାର ଚେଷ୍ଟା ହୋଇଥିଲା । ଯେତେବେଳେ ସେ ନମାଜ କରୁଥିଲେ ସେହି ସମୟରେ ତାହାଙ୍କ ଦେହରେ ଅସ୍ତ୍ର ପ୍ରହାର ହୋଇଥିଲା । ତାହାଙ୍କ ଆରୋଗ୍ୟଲାଭର ଅତ୍ୟନ୍ତ ଅଳ୍ପ ସମ୍ଭାବନା ଅଛି ।

ସମ୍ପ୍ରତି ଯେଉଁ ଅଂଶକାଟେ କଲିକତା ଓ ବାଲେଶ୍ୱର ମଧ୍ୟରେ ଜାହାଜ ଯାତାୟାତ କରୁ ପାରେ ସେହି ଅଂଶ ତମ୍ବାହାଣ୍ଡି ପୋତ ଚାଲିତ କରିବା ପାଇଁ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଗୃହକାର୍ଯ୍ୟ ଅନନ୍ତ ୬ ୧୫୨୪୮ ଟଙ୍କା ଦାନ କରିଅଛନ୍ତି । ଏ ଉତ୍ତାରୁ ଯେ ବହୁ ବ୍ୟୟ ଏ ସମ୍ପର୍କରେ ହେବ ସେ ସବୁ କୌଣସି ସରକାରୀ ଜାହାଜ ସହାୟ ଯଦି ନ ଥିଲେ ପ୍ରଦେଶୀୟ ୬ଙ୍କାରୁ ଖର୍ଚ୍ଚ ହେବ ।

ମଧ୍ୟଭାରତବର୍ଷର ସମ୍ବାଦ ଅସିଅଛି ଯେ ମହାମାନ୍ୟ ମହାରାଜ ହୋଲକାର ବୃମ୍ପୁର ଓ ଭମତ ମଧ୍ୟରେ ତାଡିତ ବାର୍ତ୍ତାବହ ତାର ବସାଇବାକୁ ମନସ୍ଥ କରିଅଛନ୍ତି । ଦ୍ୱିତୀୟ ଏ ଦେଶୀୟ ରାଜାମାନେ ଏ ସମସ୍ତ ହିତକର୍ମର ଅନୁଷ୍ଠାନ କରୁଅଛନ୍ତି ସୁଖର ବିଷୟ ଅଟଇ ।

ବାଲେଶ୍ୱର ଜିଲା ଗ୍ରାମବାସ ବନ୍ଦରରେ ମାସିକ ୪ ୧୦୦ ଟଙ୍କା ବେତନରେ ଜଣେ ଇଉରୋପୀୟ ପୁଲିସ ଇନସ୍ପେକ୍ଟର ନିଯୁକ୍ତ ହେବାର ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି । ଏ ବ୍ୟକ୍ତି କଷ୍ଟମ କଲେକ୍ଟର ପ୍ରିଭେଣ୍ଟିଭ ଅଫିସରସ୍ୱରୂପ ମଧ୍ୟ କାର୍ଯ୍ୟ କରିବ । ବନ୍ଦବାଲ ପ୍ରତି ଗବର୍ଣ୍ଣମେଣ୍ଟଙ୍କ ସୁଦୃଷ୍ଟି ପଡିଅଛି ସୁଖର ବିଷୟ ଅଟଇ ।

ସମସେର ବାହାଦୁର ନାମକ ଦେଶୀୟ ସମ୍ବାଦପତ୍ରରେ ଲେଖାଅଛି ଯେ ବିଏନ୍ର ଦଉଡ୍ ଅଦାଲତରେ ଜଣେ ଲୋକ ଆପଣା ଦୁହିତାକୁ ବଧକରିବା ଅପରାଧରେ ଏକବର୍ଷ କାରାଗାରରେ ଭୋଗକରିବାର ଆଜ୍ଞା ପାଇଅଛି । ଜଣାଯାଏ ଯେ ଏ ବ୍ୟକ୍ତି ସେ ସମୟରେ ମାଦକଦ୍ରବ୍ୟ ଖାଇ ବଦ୍ଭୋଲ ଥିବାରୁ ଆପଣା ଦୁହିତାକୁ ଟେଟଲ କରି ବଧ କରିଥିଲା । ମାଦକଦ୍ରବ୍ୟର ଅଧିକ ଏଥିରୁ କଲକର କ ହୋଇ ପାରେ ?

ଗଞ୍ଜାମ ଗଜେଟରୁ ଅବଗତ ହେଲୁଁ ଯେ କୋରପଟ୍ଟର ବିଶେଷ ଅସିଷ୍ଟାଣ୍ଟ ଏଜେଣ୍ଟଙ୍କ ମହକୁମା ସକାଶେ ଜଣେ ଓଡ଼ିଆ ମୁନସିର ପ୍ରୟୋଜନ ଅଛି । ମାସିକ ବେତନ ୫ ୨୦ ଟଙ୍କା ଓ ଗସ୍ତ ସମୟରେ ଭତ୍ତା ଦିନକୁ ୫୦ ଲେଖାଏ ।

Digitized by srujanika@gmail.com

Split by PDF Splitter



କର୍ମପ୍ରାର୍ଥୀ ବ୍ୟକ୍ତି ଇଂରାଜୀ ଭେଲ୍ଗୀ ଓ ଓଡ଼ିଆ ଭାଷାମାନ ଉତ୍ତମରୂପେ ଜାଣି ପଢ଼ି ପାରୁଥିବ । ଏତେଯୋଗ୍ୟତାକୁ ଏପରି ବେତନ !

ଜର୍ମାନୀର କାଗଜ ପ୍ରସ୍ତୁତ କାରିମାନେ ପଥ୍ୟର ଭସ୍ମ ବା ଖୋଲପାରୁ କାଗଜ ନିର୍ମାଣ କରିବାର ଉପାୟ ବାହାର କରିଅଛନ୍ତି । ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ ଏ କାଗଜ ପ୍ରସ୍ତୁତ କରିବା ପାଇଁ ସହଜରେ ଭସ୍ମ ମିଳିଯାଇ ସୁଲଭ ପ୍ରାପ୍ତ ହୋଇଯାଏ ଓ ତହିଁ ସଙ୍ଗେ କଳା ମିଶିଲେ ଅଥବା ନ ମିଶିଲେ ସୁନ୍ଦର ଲିଲ୍ କାଗଜ ହେଉଅଛି । ଭସ୍ମ ପଏଣ୍ଟରେ ହଁ ୬୦ ଶ କାଗଜର ମସଲା ବାହାର ହୁଅଇ ।

ହିନ୍ଦୁପେଟ୍ରିଅଟ ଜଣେ ପତ୍ରପ୍ରେରକଦ୍ୱାରା ବୁଝି ଅଛନ୍ତି ଯେ ଜଣେ ସ୍ତ୍ରୀ ଅନ୍ୟ ଜଣେ ସ୍ତ୍ରୀକୁ ଝାଡ଼ୁବାଡ଼ି ଏକଥର ପ୍ରହାର କରିବାରୁ ଜଣେ ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ତାହାକୁ ଏକବର୍ଷ କଠିନ ପରିଶ୍ରମର ଦଣ୍ଡ ବିଧାନ କରିଅଛନ୍ତି ।

କଲିକତା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପଦରେ ମିଷ୍ଟର ଉଇଲସନ ନିଯୁକ୍ତ ହୋଇ ଅଛନ୍ତି ।

ହୁଗ୍ଲୀ କଲେଜର କେତେ ଛାତ୍ରଙ୍କ ସହିତ ସେଠା ପ୍ରିନ୍ସିପଲ ଥୋଏଟସ୍ ସାହେବଙ୍କର ବିବାଦ ଉପସ୍ଥିତ ହୋଇଅଛି । ବିବାଦର କାରଣ ଏହି ଯେ ପ୍ରିନ୍ସିପଲ ମହାଶୟ ଜଣେ ଛାତ୍ରର ମନଃପୂତ ବେତ୍ର ତାହାକୁ କାଲେଜରୁ ବାହାର କରି ଦେବାରୁ ଉକ୍ତ ଶ୍ରେଣୀର ସମସ୍ତ ପିଲାମାନେ ଅପମାନ ବୋଧକରି କାଲେଜ ତ୍ୟାଗ କରି ଅଛନ୍ତି । ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ସାକ୍ଷାତରେ ଏ କଥା ପ୍ରକାଶ ହେବାରୁ ସେ ଛାତ୍ରଙ୍କୁ ଦୋଷୀ କରି ଦଣ୍ଡ ଦେବାକୁ ମାନସ କରୁଅଛନ୍ତି ।

ଯେଉଁ ସମସ୍ତ ନବଭୁମାର ହାକିମ ଏବଂ ଅନରାରି ମାଜିଷ୍ଟ୍ରେଟମାନେ ଦ୍ୱିତୀୟ ଶ୍ରେଣୀର କ୍ଷମତା ପ୍ରାପ୍ତ, ସେମାନେ ଯେଉଁ ୨ ଠାରେ ଦୁଇ ଜଣ ଅନରେରି ମାଜିଷ୍ଟ୍ରେଟଙ୍କୁ ଘେନି ଏକ ସ୍ଥାନରେ ବିଚାର କରିବେ, ସେଠାରେ ସେମାନେ ପ୍ରଥମ ଶ୍ରେଣୀର ଏବଂ ସମାନ କ୍ଷମତାନୁସାରେ କାର୍ଯ୍ୟ କରି ପାରିବେ, ଏବଂ ଯେଉଁଠାରେ ନବଭୁମାର ହାକିମମାନେ ବା ସିରସ୍ତାର କର୍ମଚାରୀମାନେ କୌଣସି ବିଚାରରେ ଏକ ଜଣର ଅଧିକ ଅନରେରି ମାଜିଷ୍ଟ୍ରେଟ ନ ପାଇବେ, ସେମାନେ ସ୍ୱୀୟ ବିଶେଷରେ ପ୍ରଥମ ଶ୍ରେଣୀର କ୍ଷମତାନୁସାରେ କାର୍ଯ୍ୟ କରି ପାରିବେ । ଲେଜ୍ ୨ ହୁଇରେ ପାଉବେ ତାହା ମିଶନରିଙ୍କ ରିପୋର୍ଟ ଅନୁସାରେ ନିରୂପିତ ହେବ ।

ଦକ୍ଷିଣ ଇଣ୍ଡିଆନର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ "ଟିନ୍ନେଭେଲି ଜେଲା ଶଣ୍ଢାନକୁଲ ଅଠଗଡ଼ ତାଲୁକର ଶଳ୍ପିକୋଟର ଜଣେ ସ୍ୱଜନର୍ମଗ୍ରସ୍ତ ଋଷିଥିବେ କରହାନାପ୍ରେରଣ ପୂର୍ବକ ଗମନ କରୁଥିଲେ ଭେଲେଦେଲେ କେତେକ ଜଣ ବେଶଧାରୀ ପୁରୁଷ ତାହାଙ୍କର ପ୍ରାଣ ବିନାଶ କଲେ ଅମ୍ଭେମାନେ ତାହାଙ୍କ ମୃତ୍ୟୁସମ୍ବାଦ ଶୁଣି ବଡ଼ ଆଶ୍ଚର୍ଯ୍ୟାନ୍ୱିତ ହେଲୁଁ କୌଣସି ବ୍ୟକ୍ତିଙ୍କ ମୂଷିକ ହାଃହାର ଉଚ୍ଚାରିତ ହେଉ ନାହିଁ ସମସ୍ତ ତାଲୁକର ଲୋକମାନେ କୋଲ୍‌ଅଛନ୍ତି ମଲାଭ ଭଲ ହେଲା ଦୃଷ୍ଟପଲନକାନା ଶରମଥ୍ୟ ରଙ୍କର" ଯେଉଁ ବ୍ୟକ୍ତି ଅଭ୍ୟାଗତ ପ୍ରତିପାଳକ ହୁଅଇ ତାହାର ଉଦ୍ଦନାବସ୍ଥାରେ ଏହିପରି ଘଟଇ । ପରମେଶ୍ୱର ଯାହାଙ୍କୁ କ୍ଷମତା ଦେଇଅଛନ୍ତି ଏସବୁ ବୁଝିଶୁଝି କାର୍ଯ୍ୟ କରନ୍ତୁ । ଏ ପତ୍ରରେ ଆଉ କେତେ ବିଷୟ ଲେଖାଅଛି ସ୍ଥାନାଭାବରୁ ତାହା ପ୍ରକାଶ କରି ନ ପାରିଲୁଁ ।

ଟେଲିଗ୍ରାଫ ଅବଗତ ହୋଇଅଛନ୍ତି ଯେ ଜୟପୁରରାଜାଙ୍କ କୋଟିଏ ଡାକ ଦେଶୀୟ ସ୍ଥାନରେ ୨ ୭ ଶ ଘୋଡ଼ା ସୱାର ଡାକଗାଡ଼ି ଲୁଟି ନେଇ ଅଛନ୍ତି । ସକାଳ ୯ ୮ ରୁ ୯ ୯ ଘଣ୍ଟା ସମୟରେ ଡାକଗାଡ଼ି ଯାଉ ଥିଲା ଡକାଇତମାନେ ଅକସ୍ମାତ ଆସି ଘୋଡ଼ାକୁ ଏକବାଡ଼ି ମାରି ପକାଇ ଦେଲେ କୋଚମାନଙ୍କୁ ଗାଡ଼ି ଉପରୁ ତଳକୁ ଟାଣି ଆଣିଲେ ଓ ଅନେକ ବାଡ଼େଇ ସଡ଼କ ଉପରେ ଥିଲେ କେହି କିଛି କରି ପାରିଲେ ନାହିଁ ଡକାଇତମାନେ ଚିଠିପତ୍ରସବୁ ଲୁଟି ନେଇ ଚାଲିଗଲେ ।

ବମ୍ବେଇର ପ୍ରଭୁମାନେ ସ୍ୱଜାତୀୟ ବିଧବା ଓ ଅରକ୍ଷଣୀୟଙ୍କ ସାହାଯ୍ୟ ନିମିତ୍ତ କୋଟିଏ ପାଣ୍ଠି ସ୍ଥାପନ କରିଅଛନ୍ତି । ପ୍ରାୟ ଅଶେଇହଜାର ଟଙ୍କା ସଂଗ୍ରହ ହେଲାଣି । ପ୍ରତ୍ୟେକ ଜିଲ୍ଲା ଓ ସ୍ଥାନରେ ଏ ପରି କୋଟିଏ ୨ ପାଣ୍ଠି ସ୍ଥାପନ ହେବାର ଉଚିତ ।

## ପ୍ରେରିତ ପତ୍ର

ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ ! ଅମ୍ଭର ନିମ୍ନଲିଖିତ ପଂକ୍ତିକୁ ଆପଣଙ୍କ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବେ ।

ଅନ୍ୟ ୨ ମୂଲକର ହେ ପାଠକବର୍ଗ ମହାଶୟମାନେ ଦେଖ ! କାଳିଦ୍ୱାର ମୁନ୍ସଫ ସିରସ୍ତାଦାରଙ୍କ ପୂର୍ବରେ ଥିବା ତହସିଲଦାର ଶ୍ରୀଯୁକ୍ତ ବାବୁ ବଗୁଲକଲେ ହରମୋହନ ଗୁପ୍ତ ବା ସେ ମୃତ ହେବାରୁ ଶ୍ରୀଯୁକ୍ତ ବାବୁ ରଘୁନାଥ ଘୋଷ ମହାଶୟଙ୍କ ସମକ୍ଷେ ତାଙ୍କ ଇଚ୍ଛା ଶ୍ରୀଯୁକ୍ତ ବାବୁ ହରମୋହନ ମିଶ୍ର ବା ସେ ଗତକାଳ ଉଳେକା ସେରସ୍ତାଦାର ଥିବାରୁ ତାହାଙ୍କ ମୃତ୍ୟୁକାଳରେ ସେ ଉକ୍ତ ପଦ ଲଭିଥିଲେବୋଲି ଜନସମାଜରେ ବୋଲିବାକୁ ହେଉଅଛି । ଘୋଷମହାଶୟ ସମ୍ପ୍ରତି ମୃତ୍ୟୁ ଲଭିବାରୁ ତାହାଙ୍କ ପଦରେ ମିଶ୍ରମହାଶୟଙ୍କର ଶ୍ୟାଳକ ଶ୍ରୀଯୁକ୍ତ ବାବୁ ଗୋପୀନାଥ ଘୋଷ ସେ ପଦକୁ ଲଭିଅଛନ୍ତି ! ହେ ପାଠକବର୍ଗ ମହାଶୟମାନେ ଦୃଷ୍ଟିପାତ କରି ଦେଖ ? କିପରି ଘଟନା ହୋଇ ଅଛି କାହାକୁ କହିବାକୁ ତାଳ ପଡ଼ିବାକୁ ତାହାର କାରଣ ଏହି ଯେ ଅମ୍ଭମାନଙ୍କ ମଙ୍ଗଳାକାଂକ୍ଷୀ ଶ୍ରୀଯୁକ୍ତ କମିଶନର ସାହେବ ଓ ତାହାଙ୍କ ସିରସ୍ତାଦାର ମିଶ୍ର ମହାଶୟ ପୁରୀ ନ ଯାନ୍ତି ଓ ମିଶ୍ରଙ୍କର ଓ ଘୋଷଙ୍କର ସାକ୍ଷାତକୁ ନ ହୁଅନ୍ତା ତେବେ ଏତେବଡ଼ କର୍ମକୁ ଘୋଷ ମହାଶୟ କେଉଁପରି ଲଭି ପାରନ୍ତେ ଅନେକ ଗୁଣବାନ୍ ଓ କାର୍ଯ୍ୟକ୍ଷମ ଲୋକ ହେଲେହେଁ ମଧ୍ୟ ଉପରସ୍ଥ ମହକୁମାମାନଙ୍କରେ ପଦ ମିଳିବାର ନାହିଁ ତେବେ ସେ ବ୍ୟକ୍ତି କେତେ ଯୋଗ୍ୟ ହେଲେହେଁ ଅନୁପଯୁକ୍ତ ଲୋକଙ୍କ ପ୍ରଣାଳୀ ସମ୍ବନ୍ଧୀୟ ଅଟେ ।

ଏଥିର କାରଣ ଲକ୍ଷ୍ୟିତ କରୁଅଛି ପଢ଼ି ଦେଖ

। ଲି । ଗୋବନ୍ଦଚନ୍ଦ୍ର ଶର୍ମା ।
। ମୁ । ବଉଲାଗଡଗଡ଼ ।

ବୋଧ ହୁଅଇ ଲେଖକ ଜଣେ ସୁଗୁଣଶାଳୀ ଭୀଯୁକ୍ତଙ୍କ ଅଟନ୍ତି ମାତ୍ର ଅମ୍ଭେମାନେ ଦେଖୁଅଛୁଁ ଯେ ପୂର୍ବପର ଏବେ ଯମଳଙ୍କ ମୂର୍ଖଶିକ୍ଷା ହେଉ ନାହିଁ ଛାତ୍ରମାନେ କାହାର କଥା ନ ଶୁଣି ସ୍ୱୟଂ କର୍ମରେ ଉଦ୍ୟୋଗ କରନ୍ତୁ ଉଚିତ ଲେଖକ ଯେଉଁ ଯୁକ୍ତି ଦର୍ଶାଇ ଅଛନ୍ତି ତହିଁରୁ ତାହାଙ୍କ ସିଦ୍ଧାନ୍ତକୁ ଅସଂଗତ ବୋଲିବାର କାରଣ ନାହିଁ ।

ଉ, ଦୀ, ସମ୍ପାଦକ ।

---

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter
REGISTERED NO. 43


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୧୪ଶ ଭାଗ | ୨୦ ସଂଖ୍ୟା
ତାଂ ୧୭ ମଇ ସନ ୧୮୭୯ ମସିହା । ମୂ । ଜ୍ୟେଷ୍ଠ ଦାଂ ୬ ସନ ୧୨୮୬ ସାଲ୍ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୫।୦

କଟକ କଲେକ୍ଟରିର ଶ୍ରୀଯୁକ୍ତ ରବିନସାହେବଙ୍କ କାର୍ଯ୍ୟର ଶିଥିଳତାର ଉଲ୍ଲେଖ କରି ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ କଲେକ୍ଟରୀରେ ନନ୍ଦକୁମାର ଜଣେ ଉମେଦ୍ବାର ବୃତ୍ତି ନେବା ପ୍ରାର୍ଥୀ ହେବାରୁ ତାହା କର୍ମରେ ଏକଜଣ ଏକଟିଂ ରହିବାର ଆବଶ୍ୟକ ହେଲା । ତାଇଦନବିସଙ୍କ ମଧ୍ୟରେ ଏକବ୍ୟକ୍ତି କଟକ ହାଇସ୍କୁଲରେ ଅଧ୍ୟୟନ କରି ଫାଷ୍ଟଆର୍ଟସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛି ବୋଲି ହେଡକ୍ଲାର୍କ ତାହା ନାମ ଲେଖି ଦେଲେ କିନ୍ତୁ ସାହେବ ସେ ବ୍ୟକ୍ତିକୁ ଅଥବା ଅନ୍ୟ କୌଣସି ଉପଯୁକ୍ତ ବ୍ୟକ୍ତିକୁ ଉକ୍ତ କର୍ମରେ ଏକ୍ଟିଂ ନ ରଖି ଅନ୍ୟ ଜଣେ ତାଇଦନବିସ କି ସେ ଜିଲ୍ଲା ସ୍କୁଲର ନିମ୍ନ ଶ୍ରେଣୀରେ ପଢ଼ିଥିଲେ ଇଂରାଜୀ ପଢ଼ିଅଛି ତାହାକୁ ନିଯୁକ୍ତ କଲେ । ଏରୂପ କାର୍ଯ୍ୟରେ ଯେ ସୁଶିକ୍ଷିତବ୍ୟକ୍ତିମାନେ ହତାଶ ହେବେ ଏଥିରେ କିଛି ସନ୍ଦେହ ନାହିଁ ମାତ୍ର ଆମ୍ଭେମାନେ ବିବେଚନା କରୁଁ ଯେ ରବିନସାହେବଙ୍କ ପକ୍ଷରେ ଏହା ଉଚିତ ହଉ । କାରଣ ଏଥିରୁ ଏଇକି ପ୍ରକାଶ ହୁଅଇ ସେ କାର୍ଯ୍ୟ ଉଚିତ କରିବାରେ ଯେମନ୍ତ ବିଲମ୍ବ କରନ୍ତି ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟପ୍ରଣାଳୀ ବୁଝିବାରେ ମଧ୍ୟ ସେହିପରି ବିଲମ୍ବ କରନ୍ତି । ବର୍ଷପୂର୍ବେ ଆମ୍ଭମାନଙ୍କ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଉଚ୍ଚଶିକ୍ଷା ପ୍ରତି ବିଦ୍ବେଷ ପ୍ରକାଶ କରିଥିଲେ ଓ ତହିଁ ସଙ୍ଗେ ଅଧସ୍ତ କର୍ମଚାରୀଙ୍କର ମଧ୍ୟ ଫେର ଯାଇଥିଲା । ବର୍ତ୍ତମାନକୁ ଦେଢମାସ ହେବ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଉଚ୍ଚ ଶିକ୍ଷା ପ୍ରତି ଅନୁକୂଳ ହେବାରୁ କମିଶନରସାହେବ ଉଦାସୀନ ହେଲେଣି କିନ୍ତୁ ରବିନସାହେବ ଉଚ୍ଚଶିକ୍ଷା ପ୍ରତି ବିଦ୍ବେଷ ଅବଧି ଧରି ତାହାକୁ ସେ ସେହି କଳ୍ପନା ବୁଦ୍ଧି ଯେନ ବସିଅଛନ୍ତି ବୋଲି ସୁଶିକ୍ଷିତ ବ୍ୟକ୍ତିଙ୍କୁ ଉତ୍ସାହ ଦେବାରେ ପରାଙ୍ମୁଖ ଅଛନ୍ତି ।

---

ତେଲିଗ୍ରାଫ ବୋଲନ୍ତି ଯେ ଲୋକେ ପ୍ରତିବର୍ଷ ସଂବତ୍ସରରୂପେ ବୋଲନ୍ତି କି 'ବର୍ତ୍ତମାନ ବର୍ଷରେ ଏମନ୍ତ ଗ୍ରୀଷ୍ମ ହୋଇଅଛି ଯେ ଏପରି ପୂର୍ବେ କେବେ ହୋଇଥିବାର ଜଣା ନାହିଁ ।' ଏରୂପ କହିବାର କାରଣ ଏହି ଯେ ଉପସ୍ଥିତ କଷ୍ଟ ଅଧିକ ପରିମାଣରେ ଅନୁଭବ ହୁଅଇ ଓ ଗତ ଦୁଃଖର ତୀକ୍ଷ୍ଣତା କ୍ରମଶଃ ବିନାଶକୁ ପାଉଥାଏ । ତଥାପି ଏ ବର୍ଷ ଯେ ଗ୍ରୀଷ୍ମ ବିଶେଷ ହୋଇଅଛି ଏଥିରେ କିଛି ସନ୍ଦେହ ନାହିଁ । ଅନ୍ୟାନ୍ୟ ବର୍ଷର ଗ୍ରୀଷ୍ମ ସହିତ ତୁଳନା କରିବା ନିମନ୍ତେ ତାପମାନ ଯନ୍ତ୍ରର ଫଳ ଗତ କେତେକ ବର୍ଷର ତୁଳନା ହୋଇଅଛି ଯଥା;

| ସନ | ତାରିଖ | ଘଣ୍ଟା | ଅଂଶ |
|---|---|---|---|
| ୧୮୭୦ | ମେମାସ ୨୧ | ଅପରାହ୍ନ ୩ | ୧୦୪.୮ |
| ୧୮୭୬ | " ୨୭ | " | ୧୦୪.୮ |
| ୧୮୭୭ | " ୨୭ | " | ୧୦୬.୦ |
| ୧୮୭୯ | " ୨୧ | " ୪ | ୧୦୬.୦ |

ଏଥିରୁ ଜଣାଯାଏ ଯେ ଏ ବର୍ଷ ଗ୍ରୀଷ୍ମ ଅଧିକ ହେଲେହେଁ ପୂର୍ବବର୍ଷଠାରୁ ବଢ଼ିଯାଇ ନାହିଁ । ସର୍ବାପେକ୍ଷା ଅଧିକ ଗ୍ରୀଷ୍ମ ସନ ୧୮୬୭ ମସିହା ମେମାସ ତା ୨୭ ଘଣ୍ଟାରେ ହୋଇଥିଲା ସେଦିନ ତାପମାନ ଯନ୍ତ୍ରରେ ଅ ୧୧୦ ହୋଇଥିଲା । ଆଉ ଗୋଟିଏ କଥା ଏଥିରୁ ଦେଖାଯାଏ ଯେ ସବୁବର୍ଷ ମେମାସ ଶେଷରେ ଅଧିକ ଗ୍ରୀଷ୍ମ ହୁଅଇ ଅତଏବ ଜ୍ୟେଷ୍ଠମାସ ପ୍ରକୃତ ଗ୍ରୀଷ୍ମକାଳ ଏଥିରେ ସନ୍ଦେହ ନାହିଁ । ତେବେ ଯେ ଗତ ମାସର ଶେଷକୁ ଲୋକେ ଟାଣ ବୋଲନ୍ତି କିନ୍ତୁ ସେ ସମୟରେ ଜ୍ୟେଷ୍ଠମାସକୁ ବଳିକରି ଗ୍ରୀଷ୍ମ ହୁଅଇ ନାହିଁ । ବୋଧହୁଏ ଅନ୍ତ ବୃଷ୍ଟିକାଳରେ ପୃଥିବୀ ସିକ୍ତ ଥିବାରୁ ଅଧିକ ଗର୍ମ ହେଲେହେଁ ଶୀଘ୍ର ବୃଦ୍ଧି ହୋଇ ପାରଇ ନାହିଁ ।

---

### ଉଚ୍ଚଶିକ୍ଷା ପ୍ରତି ଦେଶୀୟଲୋକଙ୍କ ମନୋଯୋଗ ।

ସ୍କୁଲ ବିଦ୍ୟାଳୟମାନଙ୍କର ବାର୍ଷିକ ପାରିତୋଷିକ ଦାନ ବିଷୟରେ ଗୋଟିଏ ଉତ୍ତମ ପ୍ରେରିତପତ୍ର ଆମ୍ଭେମାନେ ପ୍ରାପ୍ତ ହୋଇ ଏହି ସଂଖ୍ୟାର ଯଥା ସ୍ଥାନରେ ପ୍ରକାଶ କରୁଅଛୁଁ । ଏଥିରୁ ପାଠକମାନେ ଜାଣିବେ ଯେ ସ୍ଥାନୀୟ ଭଦ୍ରଲୋକମାନେ ପଞ୍ଚାବଧ୍ୟଟଙ୍କା ପୁରସ୍କାର ଦେଇଥିଲେ । ଏହା ସ୍କୁଲ ଭଦ୍ରଲୋକଙ୍କ ପକ୍ଷରେ ପ୍ରଶଂସନୀୟ ଅଟଇ କାରଣ ଏଥିରୁ ଜଣାଯାଏ ଯେ ଶିକ୍ଷାଦାନ କାର୍ଯ୍ୟର ମହତ୍ତ୍ୱ ସେମାନେ ବୁଝି ଅଛନ୍ତି ଓ ତହିଁରେ ଲୋକଙ୍କୁ ଉତ୍ସାହ ଦେବା କାରଣ

Digitized by srujanika@gmail.com

Split by PDF Splitter

100



ଗବର୍ଣ୍ଣମେଣ୍ଟଙ୍କ ସହିତ ଯୋଗ ଦେବା ପାଇଁ ସର୍ବଦା ପ୍ରସ୍ତୁତ ଅଛନ୍ତି । ଏଥିପାଇଁ ଆମ୍ଭେମାନେ ସର୍ବ ମହାଶୟଙ୍କୁ ଧନ୍ୟବାଦ ଦେଉଅଛୁଁ । ପକ୍ଷାନ୍ତରରେ ଅଉ କୋଟିଏ କଥା ଉପସ୍ଥିତ ହେବାରୁ ଆମ୍ଭେମାନେ ଦୁଃଖର ସହିତ ତହିଁର ଉଲ୍ଲେଖ କରୁଅଛୁଁ । ଯାହା ପୁରୁଷୋତ୍ତମର ମହାରାଜା ଯେଉଁପ ବ୍ୟବହାର କଲେ ତହିଁରୁ ଏମନ୍ତ ସିଦ୍ଧାନ୍ତ ହୋଇପାରେ ଯେ କେହି୨ ଲୋକ କାର୍ଯ୍ୟର ଗୁରୁତ୍ୱ ବୁଝନ୍ତି ନାହିଁ କେବଳ ଅପଣା ମର୍ଯ୍ୟାଦା ରକ୍ଷା କରିବା ସକାଶେ ବହୁ ଟଙ୍କା ଦଅନ୍ତି । କେହି୨ ପୁଣି ଏମନ୍ତ ମନେ କରନ୍ତି ଯେ ସଭା କରିବା କେବଳ ଟଙ୍କା ନେବାର ଉପାୟ, ଅନ୍ୟକିଛି ଫଳ ନାହିଁ । ଯେତେବେଳେ ନୂତନ ପ୍ରଣାଳୀ ଅନୁସାରେ ଏ ଦେଶର ଶିକ୍ଷାକମିଟୀ ପାଇଁ ସଭ୍ୟମାନେ ନିଯୁକ୍ତ ହେଲେ ଗାଯୁକ୍ତ କଲେକ୍ଟର ସାହେବ ସଭ୍ୟଙ୍କୁ ସଭାକୁ ଆହ୍ୱାନ କରିବାରେ ଅନ୍ୟତ୍ର ଜଣେ ପ୍ରାଚୀନ ଓ ବିଚକ୍ଷଣ ସମ୍ଭ୍ରାନ୍ତ ବ୍ୟକ୍ତି ପାଞ୍ଚଟଙ୍କା ସଙ୍ଗରେ ଘେନି ସଭାରେ ଉପସ୍ଥିତ ହେଲେ କାରଣ ସେ ଜାଣିଥିଲେ ଯେ ଯେତେବେଳେ ସଭା ହୋଇଅଛି ସେତେବେଳେ ଟଙ୍କା କିଛି ଲୋଡାଅଛି ସନ୍ଦେହ ନାହିଁ । ପୁଣି ମହାରାଜା ଯେ ଏରୂପର କଥାର କହିଥିବେ ଅଥବା ତାହାଙ୍କ ମନ୍ତ୍ରୀମାନେ ଏରୂପର କଥାର ଦେଇଥିବେ ଏଥିରେ ବିଚିତ୍ର କି ଅଛି ? ଯେବେ ସଭାର ପ୍ରକୃତ ଉଦ୍ଦେଶ୍ୟ ମହାରାଜା ବୁଝିଥାନ୍ତେ କିମ୍ବା ତାହାଙ୍କୁ କେହି ବୁଝାଇ ଦେଇ ଥାନ୍ତା ତେବେ ଏମନ୍ତ ଘଟନ୍ତା ନାହିଁ । ଗବର୍ଣ୍ଣମେଣ୍ଟ ଏତେଟଙ୍କା ବ୍ୟୟ କରି ଯେ ଶିକ୍ଷା ଦେଉଅଛନ୍ତି ଏଥିରେ କି ପରିମାଣରେ ଫଳ ହେଉଅଛି, ଶିକ୍ଷକମାନେ କେପରି ଶିକ୍ଷା ଦେଉଅଛନ୍ତି, ବାଳକମାନେ କେପରି ଶିଖୁଅଛନ୍ତି, ଏହି ସମସ୍ତ ପରିଦର୍ଶନ କରିବା ଓ ସେ ବିଷୟରେ ମତାମତ ପ୍ରକାଶ କରିବା ସକାଶେ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ସ୍ଥାନୀୟ କର୍ମଚାରୀମାନେ ସଙ୍ଗରେ ଘେନି ସଭା କରନ୍ତି ଏ କଥା ସମସ୍ତଙ୍କର ହୃଦୟଙ୍ଗମ ହେଲେ ଅବଶ୍ୟ ସଭାରୁ ଅଧିକେ ଓ ଶିକ୍ଷାକାର୍ଯ୍ୟ ପ୍ରତି ମନୋଯୋଗୀ ହେବେ ସନ୍ଦେହ ନାହିଁ ଓ ଯେପରିମାଣରେ ଲୋକମାନେ ଏଥିରେ ମନୋଯୋଗୀ ହେବେ ସେପରିମାଣରେ ଶିକ୍ଷା ବିସ୍ତାର ହେବ । ପୁଣି ଡେପୁଟୀ ଇନ୍‌ସ୍ପେକ୍ଟର ଯଥାର୍ଥ କହୁଅଛନ୍ତି କି ଯେବେ ମହାରାଜା କିଛି କି ଦେଇ କେବଳ ସଭାକୁ ଆଗମନ କରିଥାନ୍ତେ ତେବେ ବିଦ୍ୟାଶିକ୍ଷାର ଅନେକ ସମ୍ମାନ ହୁଅନ୍ତା । ପୁରୀର ମହାରାଜାଙ୍କୁ ଉଡ଼ିଆର ଲୋକମାନେ ଦେବତାତୁଲ୍ୟ ମାନ୍ୟ କରନ୍ତି ସେ ବିଦ୍ୟାଳୟର ମଧ୍ୟରେ ବର୍ତ୍ତମାନ ହୋଇ ଅଛନ୍ତି ଲୋକେ ଏହା ଦେଖିଲେ ବିଦ୍ୟାଶିକ୍ଷା କରିବା ଗୌରବର କଥା ବୋଲି ବୁଝନ୍ତେ ଓ ଯାହାଙ୍କର ବିଦ୍ୟାଳୟ ପକ୍ଷରେ ଭ୍ରମ ଅଛି ସେମାନେ ତହିଁର ଉଦ୍ଧାର ପାଇ ବିଦ୍ୟାଳୟକୁ ଯିବା ପୂର୍ବକ ଆଶ୍ରୟ କରନ୍ତେ ।

ଯାହା ହେଉ ମହାରାଜା ସଭାକୁ ନ ଆସିଲେ ବୋଲି ତାହାଙ୍କର ଦୋଷ ଆମ୍ଭେମାନେ ଧରୁନାହିଁ । ଏ ଦୋଷ ତାହାଙ୍କ ମନ୍ତ୍ରୀମାନଙ୍କର ଅଟଇ କାରଣ ମହାରାଜା ସମ୍ପ୍ରତି ପ୍ରାପ୍ତବୟସ୍କ ହୋଇ ଅଛନ୍ତି ସଂସାରର ଗତି ସବୁ ତାହାଙ୍କୁ ଜଣା ନାହିଁ ସେ ଯେ ଏକାବେଳକେ ସବୁ ବିଷୟରେ ପଟୁତା ଦର୍ଶାଇବେ ଏମନ୍ତ କଦାଚ ଆଶା କରାଯାଇ ନ ପାରେ । କିନ୍ତୁ ବର୍ତ୍ତମାନ ତାହାଙ୍କୁ କର୍ତ୍ତବ୍ୟାକର୍ତ୍ତବ୍ୟ ବୁଝାଇ ଦିଅସବୁ ଅତଏବ ଭରସା କରୁ ଯେ ଏଣିକି ସେ କମିଶନର ସାହେବଙ୍କ ଆଶା ପୂର୍ଣ୍ଣ କରିବେ । ପୁରୀମହାରାଜଙ୍କୁ ଜାଣିବାର ଆବଶ୍ୟକ ଯେ ବିଦ୍ୟା ଉନ୍ନତି ପକ୍ଷରେ ଯତ୍ନ କରିବା ତାହାଙ୍କର ନିତାନ୍ତ କର୍ତ୍ତବ୍ୟ ଅଟଇ ଅତି ପ୍ରାଚୀନକାଳରୁ ଭାରତବର୍ଷରେ ମୁକ୍ତିମଣ୍ଡପର ପଣ୍ଡିତମାନେ ଯେ ଖ୍ୟାତି ଲାଭ କରିଥିଲେ ତାହା କେବଳ ପୁରୁଷୋତ୍ତମର ମହାରାଜାମାନଙ୍କ ଯତ୍ନରୁ ହୋଇଥିଲା । ବର୍ତ୍ତମାନକୁ ମହାରାଜାଙ୍କ ଅମନୋଯୋଗ ହେତୁରୁ ସେ ଖ୍ୟାତି ଲୋପ ପାଇଅଛି ଅଉ ମୁକ୍ତିମଣ୍ଡପର ପଣ୍ଡିତଙ୍କର ଗୌରବ କିଛିମାତ୍ର ନାହିଁ । ପାଣ୍ଡିତ୍ୟବିଷୟରେ କାଶୀ ନବଦ୍ୱୀପ ପ୍ରଭୃତି ସ୍ଥାନର ସୁଖ୍ୟାତି ଅଦ୍ୟାପି ରହିଅଛି କିନ୍ତୁ ମୁକ୍ତିମଣ୍ଡପର ନାମ କେହି କରନ୍ତି ନାହିଁ ଅତଏବ ପୁରୀରେ ବିଦ୍ୟା ଶିକ୍ଷାର ଉନ୍ନତି କଲେ ମହାରାଜା କେବଳ କୋଟିଏ ସତ୍କାର୍ଯ୍ୟ କରିବେ ଏମନ୍ତ ନୁହଇ ସେ ତଦ୍ୱାରା ଆପଣା କୁଳ ମର୍ଯ୍ୟାଦା ରକ୍ଷା କରିବେ ।

---

## ପୁଲିସର ଅତ୍ୟାଚାର ।

ଗଡ଼ିତ ମାସ ତା ୨୪ ଋଗରେ ହାବଡା ମୁଜାମର ଦଉରା ମିହଲରେ କୋଟିଏ ବଡ଼ ମକଦ୍ଦମା ନିଷ୍ପତ୍ତି ହୋଇ ଯାଇଅଛି । ଏ ମକଦ୍ଦମାର ବିଚାର ଅଠଦିନ ପର୍ଯ୍ୟନ୍ତ ହୋଇଥିଲା । ପଞ୍ଚବେଶରେ ପୁଲିସକର୍ମଚାରୀଙ୍କ ପ୍ରତି ମିଥ୍ୟା ମକଦ୍ଦମା ରଚନା କରିବା ଓ ତାହା ପ୍ରମାଣ କମନ୍ତେ ଶାରୀରିକ ପୀଡା ଦେଇ ମିଥ୍ୟାସାକ୍ଷୀ ଉପସ୍ଥିତ କରିବାର ଅପରାଧ ପ୍ରମାଣ ହେବାରୁ ଜମାଦାର ମୁର୍ଦ୍ଧ୍ୟ ଇନ୍‌ସ୍ପେକ୍ଟର ଛବର୍ଷ ଓ ହେଲସ ହେଡ କନଷ୍ଟେବଲ ବ ୯ ବର୍ଷ ଏବଂ ତାଗନ୍ନାଳ ସହାୟକାରୀ କ ୩ ବର୍ଷ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡ ପାଇଅଛନ୍ତି । ମକଦ୍ଦମାଟି ଚମତ୍କାର ପ୍ରକାରର ଥିବାରୁ ତହିଁର ସଂକ୍ଷେପ ବିବରଣ ପାଠକମାନଙ୍କ ଜ୍ଞାନାର୍ଥେ ଏଠାରେ ଲେଖାଗଲା ।

ହାବଡା ଉହ୍ଟରେ ଈଶ୍ୱର ନାମରେ ଜଣେ ଭଣ୍ଡାରୀ ଅଛି । ତାହାର ଦୁଇଟିଅ ଓ ଦୁଇପୁଅ କନ୍ୟାପୁଅର କୋଟିଏ ସନ୍ତାନ ହୋଇଅଛି । ବଡ଼ଝିଅର ନାମ ମୋହିନୀ ସେ କିଛି ଦିନ ହେବ ଅପଣା ବାପଘର ଛାଡ଼ି ଅନ୍ୟ ଗଲାଗଲା । ତହିଁର ବହୁଦିନ ଉତ୍ତାରୁ ତାଗନ୍ନାଳ ପୁଲିସରେ ସମ୍ବାଦ ଦେଲା ଯେ ଈଶ୍ୱର ଅପଣା କନ୍ୟା ମୋହିନୀକୁ ବଧ କରିଅଛି । ତହୁଁ ଜଣେ ଇନ୍‌ସ୍ପେକ୍ଟର ଇନ୍‌ସ୍ପେକ୍ଟର ଓ ଜମାଦାର ମୁର୍ଦ୍ଧ୍ୟା ବଙ୍ଗାଳୀ ଇନ୍‌ସ୍ପେକ୍ଟର ମକଦ୍ଦମାର ତଦନ୍ତ କରିବାପାଇଁ ଈଶ୍ୱରର ଘରକୁ ଗଲେ । ତଦାରକ ଶେଷ କରି ସେମାନେ ମାଜିଷ୍ଟ୍ରେଟଙ୍କୁ ଲେଖିଲେ ଯେ ଈଶ୍ୱରର ପୁତ୍ରବଧୂ ଏବଂ ତାହାର ସାନପୁଅ କହୁଅଛନ୍ତି ଯେ ଈଶ୍ୱର ମୋହିନୀର ପ୍ରାଣବଧ କରିବାର ସେମାନେ ଦେଖିଅଛନ୍ତି ଓ ମୋହିନୀର ମୃତଦେହ ଯେଉଁଠାରେ ପୋତା ଯାଇଥିଲା ସେଠାରୁ ତାହାର ମୁଣ୍ଡ ପ୍ରାପ୍ତ ହୋଇଅଛି । ଅସାମୀ ଓ ସାକ୍ଷିମାନଙ୍କୁ ଓ ଉକ୍ତ ମୁଣ୍ଡ ମାଜିଷ୍ଟ୍ରେଟଙ୍କ ନିକଟକୁ ପ୍ରେରଣ କଲେ ଓ ମାଜିଷ୍ଟ୍ରେଟ ମକଦ୍ଦମା ସପ୍ରମାଣ ହେବାର ସ୍ଥିର କରି ଅସାମିକୁ ଦଉରାକୁ ପଠାଇବାର ଉଦ୍‌ଯୋଗ କଲେ । ଏମନ୍ତ ସମୟରେ ମୋହିନୀ କଚେରୀରେ ଉପସ୍ଥିତ ହୋଇ ମାଜିଷ୍ଟ୍ରେଟଙ୍କୁ ଜଣାଇଲା ଯେ ମୁଁ ଜୀବିତ ଅଛି ମୋହର ବାପର କିଛି ଦୋଷ ନାହିଁ ପୋଲିସ ଜମାଦାର ହେଡ କନଷ୍ଟେବଲ କି ସେ ଈଶ୍ୱରର ପ୍ରତିବାସୀ ଅଟଇ ମୋହ ସହିତ ପାପସମ୍ବନ୍ଧ କରିଥିଲା ମୋହର ପିତା ମାତା ତହିଁରେ ବିରକ୍ତ ହୋଇ ଶାସନ କରିବାରୁ ସେ ମୋତେ ଘର ବାହାର କରି ଦେଇ ଯମାଲପୁରକୁ ପଠାଇ ଦେଲା । ସେଠାରେ ମୁଁ ଜଣେ ବଇଷ୍ଣବ ଘରେ ରହି କୌଣସିକୁ ଏତେ ଦିନ ଗୁପ୍ତ ରହିଲି ପଛେ ତାହାକୁ ନ ଦେଖିଲି ମୁଁ ଘରକୁ ଫେରି ଆସିଲି

Digitized by srujanika@gmail.com

Split by PDF Splitter



ଫେରି ଆସି ଶୁଣିଲେ ଯେ ଏପରି ମକଦ୍ଦମା ହୋଇଅଛି ଓ ମିଛରେ ମୋହର ବାପ ଏତେ ଦୁଃଖ ପାଇବାର ଦେଖି ମୁଁ ଆପଣଙ୍କୁ ତାହା କହିବାପାଇଁ ଆସିଅଛି । ଏମନ୍ତ ଶୁଣି ମାଜିଷ୍ଟ୍ରେଟଙ୍କ ଜ୍ଞାନ ବୁଡି ଗଲା ତହୁଁ ସେ ଉପସ୍ଥିତା ସ୍ତ୍ରୀ ପ୍ରକୃତରେ ମୋହନୀ କି ନୁହଇ ତହିଁର ତଦନ୍ତ କଲେ । ଯଥାର୍ଥ ତତ୍ତ୍ୱ ପାଇବାରୁ ମକଦ୍ଦମା ଡିସମିସ କରି ଈଶ୍ୱରକୁ ଖଲାସ ଦେଲେ ।

ଈଶ୍ୱର ଭଣ୍ଡାରି ଜଣେ ଦୁଃଖୀ ଲୋକ ଅଟଇ ପୁଲିସର ଏରୂପ ଅତ୍ୟାଚାର ବିରୁଦ୍ଧରେ ସେ କୌଣସି ପ୍ରତୀକାର କରିବାକୁ ଅକ୍ଷମ । ନିରୁପାୟ ହୋଇ ସେ ପ୍ରଥମେ ଏଠାରେ ସେଠାରେ ଦରଖାସ୍ତ କଲା ଓ ଏକଖଣ୍ଡ ଦରଖାସ୍ତ ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ନିକଟକୁ ମଧ୍ୟ ପଠାଇଲା ଶେଷରେ କଲିକତା ଓ ହାବଡାର କେତେକ ଭଦ୍ରଲୋକ କେଦାରନାଥ ଟଙ୍କା ସଂଗ୍ରହ କରି ଈଶ୍ୱରକୁ ସାହାଯ୍ୟ କରିବାରେ ସେ ଖଳମତ ମକଦ୍ଦମା କରିବାରୁ ମାଜିଷ୍ଟ୍ରେଟ ସାହେବ କଥିମତ ଅନୁସନ୍ଧାନ କରି ଉପରଲିଖିତ ଆସାମିମାନଙ୍କୁ ଦୌରାକୁ କମିଟ ପଠାଇଲେ ଦୌରାରେ ଈଶ୍ୱରର ବନ୍ଧୁ ଓ ସାକ୍ଷୀମାନେ କହିଅଛନ୍ତି ଯେ ପୁଲିସ ସେମାନଙ୍କୁ ଅନେକ ପ୍ରକାର ପୀଡା ଦେଇ ଈଶ୍ୱର ମୋହନୀକୁ ମାରିଅଛି ଏହି କଥା କହିବାକୁ ଶିକ୍ଷା ଦେବାରେ ସେମାନେ ସେହି ପୀଡା ଭୟରେ ଉକ୍ତ ପ୍ରକାର କହିଅଛନ୍ତି । ଇନସ୍ପେକ୍ଟର ଓ ହେଡକନଷ୍ଟେବଲ ଉଭୟ ବ୍ୟକ୍ତି ତାହାଙ୍କୁ ଉକ୍ତ ପ୍ରକାର ଶିକ୍ଷା ଦେବେ ସେମାନେ ପ୍ରଥମେ ଅସମ୍ମତ ହେବାରୁ କେଲିସ ଖଣ୍ଡେ ତୁଲ ନେଇ ବାରମ୍ବାର ଈଶ୍ୱରର ପୁତ୍ରବଧୂର ଦେହରେ ପ୍ରବେଶ କଲେ । ଏଥିକୁ ତଦମାନ ପୂର୍ବେ ତାହାର ଗୋଟିଏ ପୁଅ ଜାତ ହୋଇଅଛି । ଏଥିରେ ତାହାର ଯେରୂପ କ୍ଳେଶ ହେଲା ସହଜରେ ବୁଝି ଯାଇପାରେ । ଏଥି ଉତ୍ତାରୁ ଯେତେ ମାଡ଼ି ପିଟି କଲେ ତାହା ଦେହ ସହିବାର ନୁହଇ । ପୀଡ଼ା ଦେବା ସମୟରେ କେଦାରନାଥ ଚକ୍ରବର୍ତ୍ତୀ ନାମରେ ଜଣେ ସାକ୍ଷୀକୁ ପୁଲିସ ଧରି ନେଇ ଯାଇଥିବାରୁ ସେ ସେଠାରେ ଉପସ୍ଥିତ ଥାଇ ସମସ୍ତ ଦେଖି ତାହାର ମନରେ ଦୟାର ସଞ୍ଚାର ହେଲା ଓ ପୁଲିସକୁ ଏରୂପ ଯନ୍ତ୍ରଣା ଦେବାରୁ କ୍ଷାନ୍ତ ରହିବାକୁ ଅନୁରୋଧ କରିବାରୁ ପୁଲିସ ତହିଁରେ କ୍ଷାନ୍ତ ନ ରହି ବରଂ ଅଧିକ ଦୁଃଖ ଦେଲେ ଏରୂପ ଅସହ୍ୟ ପୀଡ଼ା ଭୟରେ ପାଇବା କାରଣ ସେମାନେ ଆପଣା ଶ୍ୱଶୁର ଓ ବାପ ନାମରେ ମିଥ୍ୟା କହିବାକୁ ସ୍ୱୀକାର ପାଇଲେ । ଏହିସବୁ ଓ ଅନ୍ୟାନ୍ୟ ପ୍ରମାଣଦ୍ୱାରା ଆସାମିମାନେ ମିଥ୍ୟା ଖୁନମୋକଦ୍ଦମା ସୃଜନ କରି ତାହା ପ୍ରମାଣ କାରଣ ଅତ୍ୟନ୍ତ ନିଷ୍ଠୁର ପ୍ରକାର ପୀଡ଼ା ପ୍ରଦାନ ପୂର୍ବକ ମିଥ୍ୟାସାକ୍ଷୀ ସଂଗ୍ରହ କରିଥିବାର ଅପରାଧ ତାହାଙ୍କ ଉପରେ ପ୍ରମାଣ ହେବାରୁ ଉପରଲିଖିତ ପ୍ରକାର ଦଣ୍ଡ ବିଧାନ ହୋଇଅଛି ।

ପାଠକମାନେ ଏ ବୃତ୍ତାନ୍ତ ପାଠ କରି ଅବଶ୍ୟ ବୋଲିବେ ଯେ ପୁଲିସର ଅସାଧ୍ୟ କିଛି ନାହିଁ । ମିଥ୍ୟା ଖୁନମୋକଦ୍ଦମା ସଜାଇବାଠାରୁ ଆଉ ଅଧିକ ମନ୍ଦକାର୍ଯ୍ୟ କି ହୋଇ ପାରେ ? ଭାଗ୍ୟକୁ ସିନା ମୋହନୀ ଆସି ଉପସ୍ଥିତ ହେଲା ନୋହିଲେ ତାହାକୁ ଯେମନ୍ତ ପ୍ରାଣାନ୍ତ କରି ଦିଆଯାଇଥିଲା ଯେବେ ସେ ସେହିପରି ରହିଥାନ୍ତା ତେବେ ଈଶ୍ୱର ଭଣ୍ଡାରିର ଦଣ୍ଡ ପାଇବାର ଆଉ କି ବିଲମ୍ବ ଥିଲା ! ଏ ଘଟନା ଶୁଣି କାହାର ମନରେ ଉଦୟ ନ ହେବ ଯେ ପୁଲିସର ପ୍ରଣାଳୀ ଶୀଘ୍ର ପରିବର୍ତ୍ତନ କରିବାର ଆବଶ୍ୟକ ଓ ଯେବେ ଏ ପ୍ରକାର ଉଦାହରଣ ଉତ୍ତାରୁ ପୁଲିସ ପ୍ରତି ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ନ ପଡ଼ଇ ତେବେ ପ୍ରଜାବର୍ଗଙ୍କର ରକ୍ଷାର ଉପାୟାନ୍ତର ନାହିଁ । ଅତଏବ ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ଯେ ପୁଲିସର ସଂସ୍କାର ପକ୍ଷରେ ଦୃଢ଼ପ୍ରତିଜ୍ଞ ହୋଇ ଶୀଘ୍ର କୌଣସି ଉପାୟ ଉଦ୍ଭାବନ କରନ୍ତୁ ।

---

# ସାପ୍ତାହିକସଂବାଦ ।

ଗତ ବୁଧବାର କଟକ ସବର୍ଡିନେଟ ଜଜଙ୍କ କୋର୍ଟରେ ଭୁଜଙ୍ଗର ମକଦ୍ଦମା ଡିସମିସ ହୋଇ ଅଛି । ଏ ମକଦ୍ଦମା ଉକ୍ତ ଗୃହଟି ଦାବାରେ ମିତାକ୍ଷରା ଶାସ୍ତ୍ରାନୁସାରେ ହୋଇଥିଲା ଉକ୍ତିର ବିସ୍ତାରିତ ବୃତ୍ତାନ୍ତ ଏପରେ ଲେଖିବାର ମାନସ ଅଛି ।

ଶ୍ରୀଯୁକ୍ତ କମିଶ୍ନରସାହେବ ଆଗାମୀ ସୋମବାର ପୁରୀରୁ ପ୍ରତ୍ୟାଗମନ କରି ଏଠାରେ କଚେରୀ କରିବେ ।

ଗୋରଥାର ତହସିଲଦାର ବାବୁ ଭଗବତ ମହାନ୍ତି ସ୍ୱକାର୍ଯ୍ୟ ଉପଲକ୍ଷରେ ପୁରୀର ବିଦ୍ୟା-କମିଟୀର ଜଣେ ସଭ୍ୟ ନିଯୁକ୍ତ ହୋଇଅଛନ୍ତି ।

ବାବୁ ନନ୍ଦକିଶୋର ଦାସ ଏକ୍ଟିଂ ଡେପୁଟୀ କଲେକ୍ଟର ପୁରୀରେ ଷଷ୍ଠଶ୍ରେଣୀର ଡେପୁଟୀ କଲେକ୍ଟର ଓ ମାଜିଷ୍ଟ୍ରେଟ ପଦରେ ବାହାଲ ହୋଇଅଛନ୍ତି । କିନ୍ତୁ ଛଇବ ଓ ବାଉକମାତ୍ରର କିଞ୍ଚିତ୍ ପରୀକ୍ଷା ଏହାଙ୍କୁ ଦେବାକୁ ହେବ ।

ପୁରୀର କଲେକ୍ଟର ଶ୍ରୀଯୁକ୍ତ ଅର୍ମଷ୍ଟ୍ରଂ ସାହେବ ଗତ ମଙ୍ଗଳବାର କଟକରେ ପହଞ୍ଚି ତହୁଁ ଅରଦଳ ପୁଲିସ ଯାଞ୍ଚ କଲେ । ଗୁରୁବାର ଦିନ ଫେରି ଯାଇଥିବେ ।

ଶ୍ରୀଯୁକ୍ତ ଗେଉସ ସାହେବ ସିଅଲଦା ଛୋଟ ଅଦାଲତର ଜଜ ପଦରେ ଏକ୍ଟିଂ ନିଯୁକ୍ତ ହୋଇଅଛନ୍ତି ଓ ପୂର୍ବେ ଯେ ବୋଗଡ଼ାର ଏକ୍ଟିଂ କଲେକ୍ଟର ନିଯୁକ୍ତ ହୋଇଥିଲେ ତାହା ରଦ ହେଲା । ଏରୂପ ପରିବର୍ତ୍ତନର ଭାବ କିଛି ଜଣାଯାଉ ନାହିଁ । ଭରସା କରୁଁ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବ ଏହାଙ୍କୁ ଅଧିକ ବେତନ ଦେବା ଉଦ୍ଦେଶରେ ଏହା କରି ଅଛନ୍ତି ।

ଯାଜପୁର ଅନ୍ତଃପାତି ସାନଦଳାର ହତମଠାବାଡ଼ ଗାଁରେ ଗଳିତମାସ ତା ୧୬ ରଗ ଶୁକ୍ରବାର ରାତ୍ର ଅନୁମାନ ଦଶଘଡ଼ି ସମୟରେ ଅକସ୍ମାତ ଅଗ୍ନି ଲାଗି ପ୍ରାୟ ଦଶ ବାରଜଣଙ୍କର ଗୃହ ଦାହ ହୋଇଅଛି ଅସାବଧାନ ସହିତ ଅଗ୍ନି ବ୍ୟବହାର ହୋଇ ଥିବାରୁ କାରଣ ଜଣାଯାଏ ଏହାମଧ୍ୟରେ କେତେକ ଗରିବ ବ୍ରାହ୍ମଣଙ୍କ ଗୃହଦାହ ହୋଇଥିବା ଓ ସେମାନେ ବିନା ସାହାଯ୍ୟରେ ଆପଣା ଗୃହ ନିର୍ମାଣ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ଥିବାର ଦେଖି ସେମାନଙ୍କ ଦୁଃସାଧ କ୍ଳେଶ ମୋଚନାର୍ଥେ ଆମ୍ଭମାନଙ୍କର ହିତାଭିଳାଷୀ ସୁଯୋଗ୍ୟ ଡେପୁଟୀମାଜିଷ୍ଟ୍ରେଟ ଚାନ୍ଦାଦ୍ୱାରା ଅର୍ଥ ସଂଗ୍ରହ କରିବାକୁ ପ୍ରବୃତ୍ତ ଅଛନ୍ତି ଅଦ୍ୟାପି ୫୦ ଟଙ୍କା ପର୍ଯ୍ୟନ୍ତ ଚାନ୍ଦା ଆଦାୟ ହୋଇ ଅଛି ଆହୁରି ପଚାଶ କି ଷାଠିଏଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇ ପାରେ ।

ମୁରଶିଦାବାଦର ନବାବ ନିଯାମଙ୍କ ପ୍ରତ୍ୟେକ ଦୁହିତାର ବିବାହ ସମୟରେ କୋଡ଼ିଏହଜାର ଟଙ୍କା ଲେଖାଏଁ ଇୟାମତ ଫଣ୍ଡରୁ ଦେବା ପାଇଁ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ମଞ୍ଜୁର କରିଅଛନ୍ତି ଏଥିମଧ୍ୟରୁ ପାଞ୍ଚହଜାର ଟଙ୍କା ବିବାହ ସମୟରେ ବ୍ୟୟ ହେବ ଓ ପନ୍ଦରହଜାର ଟଙ୍କାର କମ୍ପାନୀର କାଗଜ କ୍ରୟ ହୋଇ ଯୌତୁକ ସ୍ୱରୂପ ପ୍ରତ୍ୟେକ ଦୁହିତାକୁ ଦିଆଯିବ ।

Digitized by srujanika@gmail.com

# ପ୍ରେରିତପତ୍ର

ପ୍ରିୟ ସମ୍ପାଦକ ?

ଅଦ୍ୟ ଶ୍ରୀପୁରୁଷୋତ୍ତମ କ୍ଷେତ୍ରସ୍ଥିତ ଇଂରାଜୀ ସଂସ୍କୃତ ଓ ଉତ୍କଳ ବିଦ୍ୟାଳୟର ବାଳକମାନଙ୍କର ପୁରସ୍କାର ବିତରଣ ହେଲା । ଶ୍ରୀଯୁକ୍ତ କମିଶନର ଓ ପଶ୍ଚିମବିଭାଗର ସ୍କୁଲମାନଙ୍କର ଇନ୍‌ସ୍ପେକ୍ଟର ଏଥରେ ଅପରାହ୍ନର ସ୍ଥାନୀୟ କର୍ମଚାରୀ ଓ ସ୍ଥାନୀୟ ଜମିଦାର ମହନ୍ତ ପ୍ରଭୃତି ସମସ୍ତେ ସଭାକୁ ସୁଶୋଭିତ କରିଥିଲେ । ଗବର୍ଣ୍ଣମେଣ୍ଟ ଦଉଟଙ୍କା ବ୍ୟତିରେକେ ସ୍ଥାନୀୟ ଦାନ ପ୍ରାୟ ଶହେ ଟଙ୍କା ହୋଇଥିଲା ।

ପୁରୀର ମହାରାଜା ସଭାରୁ ଅନୁପସ୍ଥିତ ହୋଇଥିଲେ । କିନ୍ତୁ ସେ ସ୍ୱୟଂ ନ ଆସି ନିଜ ମୁକ୍ତାରଙ୍କ ଦ୍ୱାରା ପଚାଶ ଟଙ୍କା ଦେଇ ପଠାଇଥିଲେ । ମହନ୍ତ ନାରାୟଣଦାସ ଶ୍ରୀ ବାବୁ ରାମଗୋପାଳ ଚଟ୍ଟୋପାଧ୍ୟାୟ ବାବୁ ଚନ୍ଦ୍ରଶେଖର ଦାସ ବାବୁ ଷଡାନନ ଦାସ ପଣ୍ଡିତ ଗୋପୀନାଥ ମିଶ୍ର ଏମାନେ ଯଥାସାଧ୍ୟ ପୁରସ୍କାର ଦେଲେ ।

ଅଦ୍ୟରେ ଉପସ୍ଥିତ ପୁରସ୍କାରମାନ ଦିଆଗଲା ତତ୍ପୂର୍ବେ ବାଳକମାନେ ଅଭ୍ୟସ୍ତ ଓ ପାଠ ପ୍ରଭୃତି ଯେ ଯାହା ଶିକ୍ଷା କରିଥିଲେ ତାହାକୁ ସମାଧାନ କଲେ । ଇଂରାଜୀ ସ୍କୁଲର ବାଳକମାନେ ଇଂରାଜୀରେ ସେକ୍ସପିୟରର ନାଟ୍ୟୋକ୍ତି କଲେ ସଂସ୍କୃତ ବିଦ୍ୟାଳୟର ଛାତ୍ରମାନେ ଅଭିବିଳାପ ପଢିଲେ, କେବା ସାମଗାନ କଲେ । ଉତ୍କଳ ସ୍କୁଲର ଛାତ୍ରମାନେ ଗୀତ ବୋଲିଲେ । ସ୍ୱଳ୍ପଦିନ ମଧ୍ୟରେ ବାଳକମାନେ ଏସବୁ ଶିକ୍ଷା କରିଥିବାରୁ ଅଭିନୟ ପ୍ରଭୃତି ଉତ୍କୃଷ୍ଟ ହୋଇ ନ ଥିଲା । ପରନ୍ତୁ ସଂସ୍କୃତର ଅଭିବିଳାପ ପାଠ ଓ ସାମଗାନ ମନୋହର ହୋଇଥିଲା । ସେକ୍ସପିଅରରେ ଫିଲିପଙ୍କ ବକ୍ତୃତା ମଧ୍ୟ ଉତ୍ତମ ଅନୁଷ୍ଠିତ ହୋଇଥିଲା ।

ଏସବୁ ପାଠ ପରେ ବାଳକମାନଙ୍କୁ ପୁରସ୍କାର ଟଙ୍କା ଓ ପୁସ୍ତକମାନ ବଣ୍ଟନ ହେଲା । ତଦନନ୍ତର କମିଶନର ସାହେବ ବକ୍ତୃତାମାନ କୋଇ ଅନେକ ବିଷୟରେ ଉପଦେଶ ଦେଲେ ଓ ସମସ୍ତ ସାଧାରଣଙ୍କୁ ଶିକ୍ଷାବିଷୟରେ ଉତ୍ସାହିତ କରିବାକୁ କହିଲେ ଯେ ବାଳକମାନେ ଏଣ୍ଟ୍ରେନ୍ସ ପାସ କରି ଅଥବା ଫର୍ଷ୍ଟ ଆର୍ଟସ ପରୀକ୍ଷା ଦେଇ ଅପଣାରୁ କୃତକୃତ୍ୟ ମଣି ଶିକ୍ଷାଲାଭରୁ ନିବୃତ୍ତ ହୋଉନ୍ତି ସେମାନେ ଉତ୍ତମରୂପେ ପଢିଲେ ହାଇକୋର୍ଟର ଜଜ ମାଜିଷ୍ଟ୍ରେଟ ପ୍ରଭୃତି ଅନେକାନେକ ଉଚ୍ଚପଦ ଲାଭ କରି ପାରନ୍ତି । ମହାରାଣୀଙ୍କ ଜନ୍ମଦିବସ ଥିବାରୁ କମିଶନରଙ୍କ ଅନୁଗାମୀ ହୋଇ ସମସ୍ତେ ଯଥାଶକ୍ତି ହୁର୍ରେ ହୁର୍ରେ ଧ୍ୱନି କଲେ । ମହନ୍ତମାନେ ବସିରଲେ ହରିଧ୍ୱନି ହେଲା । କେନେଟ୍ ଓ ଅପରାହ୍ନର ବନ୍ଦୁକଲୋକଙ୍କର ସ୍ୱରମାନେ ଶବ୍ଦ ଶୁଣି ସ୍କୁଲଗୃହର ଚତୁଃପାର୍ଶ୍ୱରେ ଏପରି ମନୁଷ୍ୟମୂର୍ତ୍ତି ଥିବା ଶବଣାବାଂଧାରେ ବେଢିଗଲେ କିନ୍ତୁ ପୁନରପି ସବୁ ସ୍ଥିର ହୋଇଯିବାରୁ ଯେ ଯାହା ସ୍ଥାନକୁ ଅପସରି ଗଲେ ।

କମିଶନର ସାହେବ ଚନ୍ଦ୍ରଶେଖର ବାବୁଙ୍କୁ ଓ ହେଡମାଷ୍ଟରଙ୍କୁ ଉତ୍ତରରେ କିଛି କହିବାକୁ କୋଇଲେ । ତଦନୁସାରେ ସେମାନେ ସମୁଚିତ କେତେକ ବିଷୟରେ ସୁନ୍ଦରରୂପେ ବକ୍ତୃତା କଲେ । ଏଥିରେ ହେଡମାଷ୍ଟରଙ୍କର ବକ୍ତୃତା ମଧୁର ଥିବା ପରମ ମନୋହର ହୋଇଥିଲା । ତତ୍ପରେ ଡେପୁଟୀ ଇନ୍‌ସ୍ପେକ୍ଟର ବାବୁ କହିବାକୁ ଆରମ୍ଭ କଲେ । ସେ ଯାହା କହିଲେ ତାହା ମନ୍ଦ ନୁହେ କିନ୍ତୁ ଗୋଟିଏ କଥା ସେ କହିଲେ ଯାହାକି ସମସ୍ତଙ୍କ ମନକୁ ଆନନ୍ଦ ଦେଲା ତାହା ଏହି—ଅମ୍ଭେ ପୁରୀସ୍ଥିତ ମହାରାଜାଙ୍କୁ ଅପରାପର ସମସ୍ତ ସଭ୍ୟମାନଙ୍କ ସଙ୍ଗରେ ଶତ ଶତ ବାର ଧନ୍ୟବାଦ କରୁଅଛୁଁ ଯେ ସେ ଏ ବର୍ଷ ବାଳକମାନଙ୍କ ପୁରସ୍କାର ନିମିତ୍ତ ପଚାଶ ଟଙ୍କା ପଠାଇଲେ । ଏ ଅତ୍ୟନ୍ତ ଆନନ୍ଦଦାୟକ ଅଟଇ । ପରନ୍ତୁ ସେ ଯାହା ସ୍ୱୟଂ ଏପରି ମହତ କାର୍ଯ୍ୟରେ ଅପଣାର ଏକ ସାମାନ୍ୟ ମୁକ୍ତାରକୁ ପଠାଇଲେ ଏଥିରେ ଅମ୍ଭେ ଅତ୍ୟନ୍ତ ଦୁଃଖିତ ଅଛୁଁ ମଧ୍ୟ ଅନ୍ୟ ମେମ୍ବରମାନଙ୍କର ଏ ବିଷୟ ସ୍ମରଣ ହେବାରୁ ସେମାନେ ଯେ ଦୁଃଖିତ ହେବେ ଏଥିରେ କିଛିମାତ୍ର ସନ୍ଦେହ ନାହିଁ । ମହାରାଜା ଏ ବର୍ଷ ସ୍ୱୟଂ ଆସି ବଳିଷ୍ଠ ଟଙ୍କାର ଅର୍ଦ୍ଧେ ୫୦ ଟା ବିତରଣ କରିଥିଲେ କିମ୍ବା କିଛି ନ ଦେଇଥିଲେ ସଭ୍ୟମାନେ ଓ ସାଧାରଣ ଲୋକେ ଅପରିସୀମ ହର୍ଷ ଲାଭ କରିଥାନ୍ତେ ଏବଂ ସ୍କୁଲମାନଙ୍କର ଶ୍ରୀବୃଦ୍ଧି ଯେ ଅଗାମୀ ବର୍ଷକୁ ବୃଦ୍ଧି ହୋଇଥାନ୍ତା ଏଥିରେ ଲେଶମାତ୍ର ସନ୍ଦେହ ନ ଥିଲା ମାତ୍ର ଅମ୍ଭର ଏହାକୁ ଦୁର୍ଭାଗ୍ୟ ବୋଲିବାକୁ ହେବ ଯେ ଏପରି ଶୁଭକର କାର୍ଯ୍ୟରେ ମହାରାଜା ସ୍ୱୟଂ ଉଦ୍ୟମବର୍ଜିତ ହେଉଛନ୍ତି ।

ମାନ୍ୟବର କମିଶନର ସାହେବ ତତ୍ପରେ ଗାତ୍ରୋତ୍ଥାନ କରି କୋଇଲେ ଯେ—ଅମ୍ଭେ ଅତ୍ୟନ୍ତ ଦୁଃଖିତ ହେଲୁଁ ପୁରୀର ମହାରାଜା, ସଦ୍‌ବଂଶଜାତ, ସତ୍‌ବିଦ୍ୟାଶାଳୀ, ନ୍ୟାୟପରାୟଣ ବ୍ୟକ୍ତିମାନଙ୍କୁ ନିକଟରେ ନ ରଖି, ନୀଚବଂଶଜ, ନୀଚାଶୟ, ଖୁସାମଦିଆମାନଙ୍କଦ୍ୱାରା ପରିବେଷ୍ଟିତ ହୋଇ ରହୁଅଛନ୍ତି । ଅମ୍ଭେ ବଡ଼ ଦୁଃଖିତ ହେଲୁଁ ଯେ ସେ ସ୍ୱୟଂ ଏପରି ଶୁଭକର କାର୍ଯ୍ୟରେ ନ ଆସିଲେ । ସବୁ ମଧ୍ୟରେ ଦ୍ୱାର ଦଳି ମହାରାଜା ବୋଲାଉଲେ କିଛି ମହାରାଜା ହୁଅନ୍ତି ନାହିଁ । ଅମ୍ଭେ ପ୍ରତ୍ୟାଶା କରୁଁ ଯେ ଅଗାମୀ ବର୍ଷରେ ମହାରାଜା ସ୍ୱୟଂ ଅବଶ୍ୟ ଆସିବେ । ପୂର୍ବେ ରଜା ବାଳକ ଥିଲେ ଏବେ ପ୍ରାପ୍ତବୟସ୍କ ହେଲେଣି । ତଥାପି ଖୁସାମଦିଆଙ୍କ ବାକ୍ୟରେ ଭୁଲିଅଛନ୍ତି ଏ ଅତି ଖେଦାକଥା । ଇତି ।

ସୁଶିକ୍ଷିତ ରାଜାଙ୍କଠାରୁ କି ପୁରୀ ମହାରାଜା ବଡ଼ ? ସେମାନେ ସର୍ବସାଧାରଣଙ୍କ ସମୀପରେ ବସୁଥିଲେ । ପୁରୀରାଜାଙ୍କର କି ଅପତି ? ପ୍ରତ୍ୟାଶା କରୁଁ ଯେ ମହାରାଜା ଭବିଷ୍ୟତରେ ସବୁ ପ୍ରଧାନ କାର୍ଯ୍ୟରେ ଉପସ୍ଥିତ ହୋଇ ସାଧାରଣର ପ୍ରିୟଭାଜନ ହେବେ । ଇତି ।

୨୪।୫।୭୩ ଅନୁଗତଃ କୋଇପିଦର୍ଶକ ।

---

## ବିଜ୍ଞାପନ ।

କଟକ ନର୍ମାଲ ସ୍କୁଲରେ ଗୋ ୧୮ଟି ପାଠଶାଳା ଛାତ୍ରବୃତ୍ତି ମଞ୍ଜୁର ହୋଇଥିବାରୁ ସେଥିନିମନ୍ତେ ପରୀକ୍ଷା ଆସନ୍ତା ଜୁନମାସ ତା ୧୬ ରଖ ସୋମବାର ଦିନ ଦଶ ଘଣ୍ଟା ସମୟରେ କଟକ ନର୍ମାଲ ସ୍କୁଲରେ ହେଡମାଷ୍ଟରଙ୍କଦ୍ୱାରା ଗ୍ରହଣ କରିବ । ସେଥିରେ କି ସାହାଯ୍ୟ କି ଦେଶୀୟ ସବୁ ପାଠଶାଳାର ଛାତ୍ରମାନେ ପରୀକ୍ଷା ଦେଇ ପାରିବେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଳକମାନଙ୍କ ମଧ୍ୟରୁ ଜଣ ୧୮ ଜଣଙ୍କୁ ମାସିକ ତିନିଟଙ୍କା ବୃତ୍ତି କେଉଁଣସି ମଧ୍ୟଶ୍ରେଣୀର ଇଂରାଜୀ ବିଦ୍ୟାଳୟରେ ଦୁଇବର୍ଷ ସମସ୍ତେ ମିଳିବ । ତା ୨୭ ଏ ମଇ ସନ ୧୮୭୩ ମସିହା ।

ପଶୁପତିମୋହନ ସେନ
କଟକ ଜିଲ୍ଲା ସ୍କୁଲସମୂହର
ଡେପୁଟୀ ଇନ୍‌ସ୍ପେକ୍ଟର

---

ଏହି ଉତ୍କଳଦୀପିକା କଟକ ନଗରର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୮ } ସଂଖ୍ୟା } ଇଂରେଜୀ ଜୁନ ସନ ୧୮୭୩ ମସିହା । ମୂ । ଜ୍ୟେଷ୍ଠ ୨୭ ସନ ୧୨୮୦ ସାଲ ଶନିବାର

{ ଅଗ୍ରିମ ବାର୍ଷିକ ମୂଲ୍ୟ ୫ ଟ.
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୬ ଟ.
ମଫସଲ ଡାକମାସୁଲ ସହିତ ୫୲୦


ସମ୍ପ୍ରତି ଯେରୂପ ଗ୍ରୀଷ୍ମ ଅନୁଭବ ହେଉଅଛି ଅଥବା ଏ ସପ୍ତାହ ମଧ୍ୟରେ ହୋଇଅଛି ତହିଁରୁ ରକ୍ଷା ପାଇବା ପାଇଁ ବୃଷ୍ଟିର ନିତାନ୍ତ ପ୍ରୟୋଜନ ହୋଇଅଛି କିନ୍ତୁ ଏହି ମାସ ତା ୧୫ ଦିନ ପର୍ଯ୍ୟନ୍ତ ସଇଗ୍ରତର ବର୍ଷାକାଳ ଆରମ୍ଭ ହେବାର ସମ୍ଭାବନା ଥିବାରୁ କେମନ୍ତେ ସେ ତାରିଖ ପ୍ରବେଶ ହେବ ଜାଣିବା ନିମନ୍ତେ ଏହି କଥା ଧ୍ୟାନ କରୁଅଛନ୍ତି । ଏଥିରୁ ଓ୍ୱେବ ସାହେବଙ୍କ ଗଣନାରୁ ଦେଖାଯାଏ ଯେ ତା ୧୫ ଦିନରେ ସୁଦ୍ଧା ବୃଷ୍ଟି ହେବାର ଆଶା ନାହିଁ । ତାହାଙ୍କ ଗଣନାମତେ ଚଳିତ ମାସ ତା ୧ ଦିନଠାରୁ ତା ୭ ଦିନ ପର୍ଯ୍ୟନ୍ତ କଦାଚ ଅଳ୍ପ ବୃଷ୍ଟି ହେବ ଓ ତହିଁ ଉତାରୁ ତା ୨୩ ଦିନଠାରୁ ତା ୨୮ ଦିନ ପର୍ଯ୍ୟନ୍ତ ସୁବର୍ଷା ହେବ । ଉକ୍ତ ପତ୍ରିକାମତରେ ମଧ୍ୟ ଜୁନ ତା ୧୫ ଦିନ ମଧ୍ୟରେ ବୃଷ୍ଟି ନାହିଁ । ଯେବେ ଏରୂପ ହୁଅଇ ତେବେ ଏହି ସମୟରେ ଘୋର ଅନିଷ୍ଟ ଘଟିବାର ଆଶଙ୍କା ହେଉଅଛି । କାରଣ ଏପରି ଗ୍ରୀଷ୍ମ ଏଥିରେ ପୁଣି ଏବର୍ଷ ବିଶେଷ ଯାଣି ଅସୁଅଛନ୍ତି ଏଥି ମଧ୍ୟରେ ଯାଜପୁରରେ ଓଲଉଠା ରୋଗ ଆରମ୍ଭ ହୋଇ ୫।୭ ଲୋକ ମରିବାର ସଂବାଦ ଆସିଅଛି ଅପର ସ୍ଥାନରେ ଏହି ଶୁଣା ନ ଗଲେହେଁ ଭରସା ଘଟା ଯାଉ ନାହିଁ ।

———

**କୁଜଙ୍ଗ ଗଡ଼ଜାଗୀ ମୋକଦ୍ଦମା ।**

ପାଠକମାନଙ୍କୁ ଜଣାଅଛି ଯେ କୁଜଙ୍ଗ ଗଡ଼ଜାଗୀ ମହାଜନଙ୍କ ଦେଣ ସକାଶେ ସନ ୧୮୬୮ ମସିହାରେ ଏ ଜିଲ୍ଲାର ସବଜଜ୍ଜିଙ୍କ ଜଜଙ୍କ ମକଦ୍ଦମାରେ ନିଲାମ ହେବାରୁ ବର୍ତ୍ତମାନର ପଞ୍ଚାୟତ ଲାଗାଯାଉ ରାମଦୟାଳ ଉପଇତାର ଅଛନ୍ତି । ନିଲାମ ରଦ କରାଇବା କାରଣ ଉକ୍ତ ଜଣର ରାଜା ଅନେକ ମୋକଦ୍ଦମାମାନ କଲେ ତହିଁରେ କିଛି ଫଳ ଦର୍ଶିଲା ନାହିଁ । ପରିଶେଷରେ ରାଜାଙ୍କର ନାବାଳଗ ପୁଅ ପକ୍ଷରୁ ତାହାଙ୍କ ପାଟମହାଦେଇ ନାବାଳଗର ମାତା ଓ ମଚାଫିଜ ସ୍ୱରୂପ ମିତାକ୍ଷର ଶାସ୍ତ୍ରାନୁସାରେ ଗଡ଼ଜାଗୀ ପାଇବା ଆଶାରେ ନାଲିଶ କଲେ । ମୋକଦ୍ଦମା ବଡ଼ ଧୂମଧାମରେ ଚଳିଲା ବଡ଼ ଅଦାଲତର ସମସ୍ତ ଉକିଲ କେହି ମୁଦେଇ ଓ କେହି ମୁଦାଲା ତରଫରୁ ନିଯୁକ୍ତ ହୋଇଥିଲେ ଓ ଯେତେ ଦଲିଲ ଦସ୍ତାବିଜ ଦାଖଲ ଓ ସାକ୍ଷୀଙ୍କ ଜୋବାନବନ୍ଦି ହେଲା ସେସବୁ ସଂଗ୍ରହର ଦେଖିବାରେ ଆସଇ ନାହିଁ ଫଳତଃ ଯେଉଁଠାରେ ଅଗ୍ନାଂଶ ଜମି ସକାଶେ ଲୋକେ ପ୍ରାଣପଣେ ଲଢ଼ନ୍ତି ସେଠାରେ ପାଞ୍ଚଲକ୍ଷଟଙ୍କାର ଜମିଦାରି ବା ଗଡ଼ଜାଗୀ ସକାଶେ ଲଢ଼ିବାକୁ ଯେତେ ଉପକରଣର ଲୋଡ଼ା ହୁଅଇ ତାହା ସବୁ ହୋଇଅଛି । ଏତେ ଲଢ଼ାଇର ଫଳ ଯାହା ହେଲା ଗତ ସପ୍ତାହରେ ଅମ୍ଭେମାନେ ଜଣାଇଅଛୁଁ ଅର୍ଥାତ୍ ତାହା ଡିସମିସ ହେଲା ଏଥିନିମନ୍ତେ ବିଚାରର ଉକ୍ତ ଫଳ ହେଲା ବର୍ତ୍ତମାନ ସଂକ୍ଷେପରେ ପାଠକଙ୍କୁ ଜଣାଉଅଛୁଁ । ମୋକଦ୍ଦମାଟି କେବଳ ବୃହତ୍ ବୋଲି ଯେ ତହିଁର ବୃତ୍ତାନ୍ତ ଲେଖିଲୁଁ ଏମନ୍ତ ନୁହଇ ଓଡ଼ିଶା ଚିରକାଳ ମିତାକ୍ଷରା ଶାସ୍ତ୍ରର ଶାସନରେ ଥିଲେହେଁ ଲୋକମାନେ ତାହାକୁ ପାସୋର ଯାଇଥିଲେ ଅଳ୍ପକାଳ ହେବ ହାଇକୋର୍ଟର ଏକ ନିଷ୍ପତ୍ତିଦ୍ୱାରା ତାହା ଲୋକଙ୍କ ସ୍ମରଣ ପଥରେ ଆସିଅଛି ଓ ସେ ଶାସ୍ତ୍ରର ଅର୍ଥ ଏ ମୋକଦ୍ଦମାରୁ ଅନେକ ପ୍ରାପ୍ତ ହେଉଅଛି ବୋଲି ଏହାର ବିସ୍ତାରିତ ବିବରଣ ଲେଖିବାକୁ ପଡ଼ିଲା ଓ ମଧ୍ୟ ଯାହାକୁ ଏଦେଶର ରାଜାମାନେ ଫୁଲବିବାହ କହନ୍ତି ତହିଁର ବିଚାର ମଧ୍ୟ ଏଥିରେ ହୋଇଅଛି ।

ଏ ମୋକଦ୍ଦମା ବିଚାର କରିଥିବା ଗ୍ରାଣ୍ଟ ସାହେବ ବହୁତ ଧୈର୍ଯ୍ୟ କରି ସବୁଥିରେ ମୁଦେଇର ନିଷ୍ଫଳ ହେବାର ସିଦ୍ଧାନ୍ତ କରିଅଛନ୍ତି । ତାହାଙ୍କ ନିଷ୍ପତ୍ତି ଅନୁସାରେ ନାବାଳଗ ବିଦ୍ୟାଧରଦେବଙ୍କ ଯଥାର୍ଥ ପୁତ୍ର ହେବାର ଲେଶ ଥାଉ ଅବୋ ବିଦ୍ୟାଧରଦେବ ଜନାର୍ଦ୍ଦନଦେବଙ୍କ ଯଥାର୍ଥ ପୁତ୍ର ବୋଲି ସ୍ଥିର ହୋଇ ନାହିଁ । ଜନାର୍ଦ୍ଦନଦେବଙ୍କ ଔରସରେ ଯେଉଁ ସ୍ତ୍ରୀର ଗର୍ଭରେ ବିଦ୍ୟାଧରଦେବ ଜନ୍ମ ହୁଅଇ ସେ ସ୍ତ୍ରୀ ଜନାର୍ଦ୍ଦନର ଯଥାର୍ଥ ପତ୍ନୀ ନ ଥିଲା କାରଣ ଉକ୍ତ ସ୍ତ୍ରୀ ଜନାର୍ଦ୍ଦନର ଫୁଲବିବାହିତା ସ୍ତ୍ରୀ ବୋଲି ବୁଝାଯାଏ । ଏଥିରୁ ବିଚାରକର୍ତ୍ତା ବୋଇଲେ ଯେ ଫୁଲବିବାହ ଶାସ୍ତ୍ରୀୟ

Digitized by srujanika@gmail.com

Split by PDF Splitter

104



ସାଦର୍ଭ ବିବାହ ଅଟଇ ଓ ଯଦ୍ୟପି ବୃ ଜନାର୍ଦ୍ଦନ ଜୀବିତ ଥିବାରୁ ଉକ୍ତ ପ୍ରକାର ବିବାହ କରିବାର କ୍ଷମତା ରଖୁଥିଲା ମାତ୍ର ଉକ୍ତ ବିବାହର ଯେଉଁ ପ୍ରଣାଳୀ ଶାସ୍ତ୍ରକାରମାନଙ୍କ ଗ୍ରନ୍ଥରେ ଲେଖାଅଛି ତଦନୁସାରେ ବିବାହ ହୋଇ ନ ଥିବାରୁ ସେ ବିବାହ କୌଣସି କର୍ମର ନୁହଇ ସୁତରାଂ ବିଦ୍ୟାଧରବେଶେଣ ଜନାର୍ଦ୍ଦନବେଶେଣର ଉପସ୍ତ୍ରୀଜାତ ଅଟଇ । ମାତ୍ର ବିଦ୍ୟାଧର ଯେରୂପ ହେଉ ବା ନ ହେଉ ନାବାଳଗ ଯେ ବିଦ୍ୟାଧରର ସ୍ତ୍ରୀର ସନ୍ତାନ ଏହିଁର ମଧ୍ୟ ପ୍ରମାଣ ନାହିଁ । ମୁଦାଇ କହଇ ଯେ ସେ ଦାସୀପୁତ୍ର ଅଟଇ ଓ ଯେ ସ୍ତ୍ରୀ ତାହାର ମାତା ସ୍ୱରୂପ ଜାହିର କରୁଅଛି ସେ ବାସ୍ତବରେ ବନ୍ଧ୍ୟା । ଏଥିକୁ ଅଦାଲତ ବୋଲନ୍ତି ଯଦ୍ୟପି ବ ଉକ୍ତ ସ୍ତ୍ରୀ ବନ୍ଧ୍ୟା ଥିବାର ପ୍ରକୃତ ପ୍ରମାଣ ନାହିଁ ମାତ୍ର ନାବାଳଗ ତାହା ଗର୍ଭରୁ ଜାତ ହେବାର ଉତ୍ତମ ପ୍ରମାଣ ନାହିଁ । ମୁଦେଇ ଯେଉଁ ସମସ୍ତ ସାକ୍ଷିଙ୍କୁ ତୋବାଜବନ୍ଦୀ କରାଇ ଅଛି ସେମାନେ ବିଶ୍ୱାସଯୋଗ୍ୟ ନୁହନ୍ତି ଯେବେ ସ୍ୱୟଂ ମୁଦେଇ ଓ ନାବାଳଗର ଧାତ୍ରୀ ଓ ଅନ୍ୟ ଗ୍ରାମୀମାନେ ସାକ୍ଷ୍ୟ ଦେଇଥାନ୍ତେ ତାହା ହେଲେ ସେମାନଙ୍କ କଥା ବିଶ୍ୱାସ ହୁଅନ୍ତା ମାତ୍ର ପର୍ଦ୍ଦାନସିନ ହିନ୍ଦୁ ମୁସଲ୍ମାନ ସ୍ତ୍ରୀମାନେ ଅଦାଲତକୁ ଆସି ସାକ୍ଷ୍ୟ ଦେବାର ଅନୁଚିତ ଏହି କୁସଂସ୍କାରର ବଶବର୍ତ୍ତୀ ହୋଇ ମୁଦେଇ ସେରୂପ କରି ନାହିଁ ଓ ସେହି କୁସଂସ୍କାର ହେତୁ ମୁଦେଇ କମିଶନ ଦ୍ୱାରାରେ ତାଙ୍କର ସାକ୍ଷ୍ୟ ଦେବାକୁ ପରୀକ୍ଷା ହେବା ପାଇ ସମ୍ମତ ହୋଇ ନାହିଁ । ଏ ସବୁ ନ କରିବା ମୁଦେଇର ନିଜର ଦୋଷ ଅଟଇ । କୁସଂସ୍କାର ଯେତେ ସରକାରଙ୍କର ହେଉ ଅଦାଲତର ନିୟମର ପ୍ରତି ବାଧା ଘଟାଇ ନ ପାରେ ଅତଏବ ନାବାଳଗ ତାହାର ପୁଅ ଥିବାର ମୁଦେଇ ପ୍ରମାଣ କରି ପାରି ନାହିଁ । ନାବାଳଗ ମୁଦେଇର ପୁଅ ସ୍ୱୀକାର କଲେ ମଧ୍ୟ ଏ ସମ୍ପତ୍ତି ପକ୍ଷରେ ମିତାକ୍ଷରା ଶାସ୍ତ୍ରାନୁସାରେ ତାହାର ଦାବି ରହି ନ ପାରେ କାରଣ ବ ଉକ୍ତ ଶାସ୍ତ୍ରାନୁସାରେ ଏ ସମ୍ପତ୍ତି ମୌରୁସୀ ନୁହଇ । ଯେବେ ପୁରୁଷାନୁକ୍ରମେ ପିତା ଅଜେ ପୁତ୍ର ଉତ୍ତରାଧିକାରୀରୂପେ ସମ୍ପତ୍ତି ପ୍ରାପ୍ତ ହୋଇ ଆସିଥାନ୍ତା ତେବେ ସେରୂପ ହୁଅନ୍ତା କିନ୍ତୁ ଏ ସ୍ଥଳେ ଯଦ୍ୟପି ବ ବିଦ୍ୟାଧର ଜନାର୍ଦ୍ଦନର ପୁତ୍ର ସ୍ୱରୂପ ସମ୍ପତ୍ତି ପାଇଅଛି ମାତ୍ର ଜନାର୍ଦ୍ଦନ ତାହା ବାପଠାରୁ ପାଇ ନାହିଁ ସୁତରାଂ ଏ ସମ୍ପତ୍ତି ନାବାଳଗର ପୈତୃକ [illegible] ହେଉ । କେବଳ ପୈତୃକ ସମ୍ପତ୍ତି ହେଲେ ଯେ ପୁତ୍ରର ସ୍ୱତ୍ୱ ହୁଅଇ ଏମନ୍ତ ନୁହେ କାରଣ ପୁତ୍ରର ଜନ୍ମ ପୂର୍ବେ ସମ୍ପତ୍ତି ହସ୍ତାନ୍ତରିତ ହୋଇଥିଲେ ପୁତ୍ରର ତହିଁ ପ୍ରତି ସ୍ୱତ୍ୱ ଜନ୍ମି ନ ପାରେ ଓ ଏ ମକଦ୍ଦମାରେ ସେରୂପ ହୋଇଅଛି ଅର୍ଥାତ୍ ନିଲାମ ପୂର୍ବରୁ ନାବାଳଗ ଜନ୍ମ ହେବାର ପ୍ରମାଣ ହୋଇ ନାହିଁ । ଯଦ୍ୟପି ବ ନିଲାମ ପୂର୍ବରୁ ନାବାଳଗ ଜନ୍ମ ହେବାର ସ୍ଥିର କରିବାକୁ ହୁଅଇ ତଥାଚ ଦେଖାଯାଏ ତହିଁର ବେଲେକବନ ପୂର୍ବରୁ ଏ ସମ୍ପତ୍ତି ଋଣ ପରିଶୋଧ ସକାଶେ ବନ୍ଧକ ଥିଲା ସୁତରାଂ ନାବାଳଗ ଜନ୍ମ ପୂର୍ବରୁ ସମ୍ପତ୍ତି ଆବଦ୍ଧ ଥିବାରୁ ଉକ୍ତ ଦାୟର ଅଧୀନ ତାହାର ସ୍ୱତ୍ୱ ହୋଇଅଛି । ଯେଉଁ ଋଣ ପାଇଁ ସମ୍ପତ୍ତି ନିଲାମ ହେଲା ତାହା ଯେ କେବଳ ନାବାଳଗର ବାପର ଏକା ଅଟଇ ଏମନ୍ତ ନୁହେ ଜନାର୍ଦ୍ଦନ ଓ ବିଦ୍ୟାଧର ଦୁହେଁ ଉକ୍ତ ଋଣ କରିଥିବାର ଉତ୍ତମ ଲେଖ୍ୟାଦିରୁ ପ୍ରମାଣ ହୋଇଅଛି । ଅତଏବ ସର୍ବ ପ୍ରକାରରେ ମଦେଇର ଦାବି ସାବ୍ୟସ୍ତ ହୁଏ ନ ଘଟିବାରୁ ଡିଷ୍ଟ୍ରିକ୍ଟ ସବର୍ଡିନେଟ ଜଜ ତାହାର ଦାବି ଡିସମିସ କରିଅଛନ୍ତି ।

---

### ଖୋର୍ଦ୍ଧାର ଡକାଇତି ମକଦ୍ଦମା ।

ଏ ପତ୍ରିକାରେ କଟକ ସେସନ ଅଦାଲତରୁ ଆସାମିମାନେ ଯେରୂପ ଦଣ୍ଡ ପାଇଅଛନ୍ତି ତାହା ଗତ ସପ୍ତାହରେ ପାଠକଙ୍କୁ ଜଣାଇଅଛୁ ସଂପ୍ରତି ମକଦ୍ଦମାଟିର ସଂକ୍ଷିପ୍ତ ବିବରଣ ଲେଖିବାରେ ପ୍ରବୃତ୍ତ ହେଲୁଁ । ଏରୂପ ମକଦ୍ଦମା ସଚରାଚର ଘଟଇ ନାହିଁ ଓ ଖୋର୍ଦ୍ଧାର ଲୋକମାନେ କେମନ୍ତ ନିର୍ଭୟ ଓ ଉଚ୍ଛୃଙ୍ଖଳ ଏଥିରୁ ତହିଁର ଲକ୍ଷଣ ପରିଷ୍କାର ପାଇଯାଉଅଛି ।

ମକଦ୍ଦମାଟି ଅତି ସାମାନ୍ୟ କାରଣରୁ ଉତ୍ପନ୍ନ ହୁଅଇ । ଖୋର୍ଦ୍ଧା ସବଡିଭିଜନଠାରୁ ଦେଢ଼କୋଶ ଅନ୍ତରରେ ଏକ ଗ୍ରାମ ଅଛି ସେଠାର ଜଣେ ଲୋକ ଉପରେ ପୁଲିସ କୌଣସି ମଠର ମହନ୍ତ ବଟଅଇନ ସମ୍ପର୍କୀୟ ଏକ ଉଚ୍ଚୀ ଘାଇଥିଲା । ଉଚ୍ଚୀଡାଶି କଢ଼ିବାକୁ କେତେକ ଥର ଚେଷ୍ଟାକରି ଲଜ୍ଜିତ ହୋଇଥିଲା ବୋଧ ହୁଅଇ ଗ୍ରାମର ଲୋକମାନେ ଏକମେଳ ହୋଇ ଉଚ୍ଚୀଡାଶି କରିବାକୁ ଆସିବା ଲୋକକୁ ସ୍ଥାନ ଦେଉ ନ ଥିଲେ । ପରଶେ[illegible]ରେ ମୁଦେଇର ମନୁଷ୍ୟ କଲେକ୍ଟର ଡାକ୍ତରକୁ ସଙ୍ଗେ ନେଇ ଆସି ଗାଁର ଡ ସରବ ଭୃବଂଶକୁ ଘୋରତ କରାଇବାକୁ ସମର୍ଥ ହେଲା । ଏଥିପୂର୍ବେ ଡକାଇତି ମକଦ୍ଦମାର ଘରଦ୍ୱାର ଗୋବିନ୍ଦ ଦାସ ଘରେ ରହିଥିଲା ବୋଲି ଗାଁରର ସମ୍ପୂର୍ଣ୍ଣ ବିଶ୍ୱାସ ହେଲା ଯେ ଗୋବିନ୍ଦଦାସ ଯୋଗେ ତାହାର ଏରୂପ ଅପମାନ ହୋଇଅଛି ଓ ତହିଁପାଇଁ ସେ ଉକ୍ତଦିନ ସନ୍ଧ୍ୟା ସମୟରେ ଗୋବିନ୍ଦକୁ ଧମକାଇ କହିଲା ମୁଦେଇର ମନୁଷ୍ୟଙ୍କୁ ତୁ ସାହାଯ୍ୟ କରିବାରେ ତୋହଯୋଗେ ମୋହର ଅପମାନ ହେଲା ମୁଁ ତୋତେ ଅପମାନ ନ କରି ଛାଡିବ ନାହିଁ । ଗୋବିନ୍ଦ ଏଥିରେ ଭୀତ ହୋଇ ତକ୍ଷଣାତ୍ ଅନ୍ୟ ଏକ ଗ୍ରାମର ଦଲବେହେରାଙ୍କ ନିକଟକୁ ଯାଇଥିଲା ଯେ ତାହାକୁ ଅତି ପଞ୍ଚାଏତଦ୍ୱାରା ରକ୍ଷାକଥା ଜଣାଇ କହନ୍ତି ଯେମନ୍ତ ବା ତାହା ଉପରେ କିଛି ଦୌରାତ୍ମ୍ୟ ନ ହେବ । ଗୋବିନ୍ଦର ଅନୁପସ୍ଥିତିକୁ ସୁଯୋଗ ମନେକରି ସେହିଦିନ ରାତ୍ରପ୍ରହର ବେଳେ ପ୍ରାୟ ୪୦।୫୦ ଲୋକ ଦଳବଦ୍ଧ ହୋଇ ଗୋବିନ୍ଦ ଘରର କବାଟ ଭାଙ୍ଗି ଘରେ ପଶିଲେ। ଲୋକମାନେ ପସ୍ତ୍ରା ହୋଇ ଏ ଅଗଣା ସେ ଅଗଣାରେ ରହିଲେ । ଗୋବିନ୍ଦର ପରିବାରସ୍ଥ ଲୋକମାନେ ଅର୍ଥାତ୍ ତାହା ଭାର୍ଯ୍ୟା, ଝିଅ ପୁଅ ଓ ଦ୍ୱଶ୍ରୁର ଶୋଇଥିଲେ କେବଳ ବସ୍ତ ଚେଷ୍ଟାକାଲରେ କହି କ କାର୍ଯ୍ୟ କରୁଥିଲା । ଡକାଇତଙ୍କ ମଧ୍ୟ କେହ ପାଞ୍ଚଜଣ କଥିଲୁ ଦେଖି ତାହାକୁ ଆକ୍ରମଣ କଲେ ତାହାର ଚୂଡା କାଟିନେଲେ ଓ ଦେହରେ ଥିବା ଅଧିକାଂଶ ଅଳଙ୍କାର ମଧ୍ୟ କାଢ଼ି କରି ନେଲେ । ଗୋଳମାଳ ହେବାରେ ଶୋଇଥିବା ବ୍ୟକ୍ତିମାନେ ଉଠି ଏମନ୍ତ ଦୁର୍ଦ୍ଦଶାଗ୍ରସ୍ତ ହେବାର ଦେଖିଲେ ମାତ୍ର ଏଦେଖେଲେକଙ୍କ ସହିତ ସେମାନେ ଲାଗିଲେ ସମାନ ହେବେ ସ୍ତ୍ରୀ ଲୋକମାନେ କାନ୍ଦୁଥାନ୍ତି ଓ ପୁରୁଷମାନେ ଭଙ୍ଗିଁ ପ୍ରହାର ପାଇ ପଡ଼ି ହେଲି ରହିଥାନ୍ତି । ଡକାଇତମାନେ ମୁଣ୍ଡର ବାଳ ଓ ଅଳଙ୍କାର ସେଇ ସବୁ ବାହାରଗଲେ ଗୋବିନ୍ଦର ପୁଅ ଗଦାଧର କବାଟ କଷାଇ ଦେଇ ସ୍ତ୍ରୀମାନଙ୍କ ସାବଧାନ କରିଦେବାରୁ ସେ ଯାହାସରେ ପଡିଲେ ମାତ୍ର ତହିଁର କିଛିକ୍ଷଣ ମଧ୍ୟରେ ଡକାଇତମାନେ ଲେଉଟି ଅସି ପୁନର୍ବାର ଦ୍ୱାର ଭାଙ୍ଗି ଆକ୍ରମଣ କଲେ । ପୂର୍ବେ କେବଳ ଗୋଷ୍ଠର ଚୂଡାକାଟି ଅଳଙ୍କାର ନେଇ ଯାଇଥିଲେ ଏଥର ଘରର ବାସନ ଓ ଅନ୍ୟାନ୍ୟ ଦ୍ରବ୍ୟ ସବୁ ବୋହିନେଲେ ଓ ପ୍ରଧାନ ଆସାମିମାନେ ବୋଷ୍ଟ ଯେଉଁ ଘରେ ଲୁଚିଥିଲା ସେ ଘର କବାଟ ଭାଙ୍ଗି ତାହାକୁ ବାହାର କରି ଯଷ୍ଟିରେ ଢାଣ୍ଡି ପୀଡା ଓ ଲଜ୍ଜା ଦେଲେ ଯେ ସେସବୁ

Digitized by srujanika@gmail.com

ଲେଖିବାର ଉପଯୁକ୍ତ ନୁହଇ ତଥାପି ଏକଦିନ କାଳ ଅଚୈତନ୍ୟାବସ୍ଥାରେ ଥିବା ଏହିପ୍ରକାର ଅତ୍ୟାଚାରମାନ କରି ଡକାଇତମାନେ ବାହାର ଗଲେ ତତ୍ପରେ ଗୋବିନ୍ଦଦାସ ନିକଟରୁ ତାହା ଶୁଣି ଯାଇ ସଂବାଦ ଦେଲା ତହୁଁ ସେ ଦଲ-ବେହେରା ଓ ଅନ୍ୟ କେତେକ ଲୋକ ସହିତ ଘରେ ପହୁଞ୍ଚି ସକଳ ଦେଖି ଶୁଣି ପୁଲିସରେ ସଂବାଦ ଦେଲା । ତହୁଁ ଅଉଦିନ ପୁଲିସ ତଦା-ରକ କରିବାକୁ ଆସିଲା ଏଥିରେ ଆସାମିମାନେ ଗୋବିନ୍ଦଦାସକୁ ବନ୍ଦି କରିବାର ଚେଷ୍ଟାକରି ତାହାର ଦ୍ରବ୍ୟ ସବୁ ତାହାକୁ ଫେରିଦେବା ଓ ନଗଦ ଖଲିଫଟକା ଦେବାପାଇଁ ଅଙ୍ଗୀକାର କଲେ ଓ ପୁଲିସକୁ ପଚାଶଟଙ୍କାରେ ତୁଷ୍ଟ କରି ଫେରି ଦେବାର ସ୍ଥିର ହେଲା । ଏଥିଅନ୍ତାରୁ ପୁଲିସ ଗୋବିନ୍ଦଦାସଠାରୁ ଅନ୍ୟ ଏକ ଇଜ-ହାର ନେଇ ଆସାମିମାନଙ୍କୁ ସେ ଜାଣେ ନ ଥିବାର ଓ ଆସାମିମାନେ ଧରା ନ ପଡିବାର ହେତୁ ବର୍ଣ୍ଣାଇ ମୋକଦ୍ଦମା ତାହାର ଉପରେ ସାବ୍ୟସ୍ତ ହେଉ ନାହିଁ ବୋଲି ମାଜିଷ୍ଟ୍ରେଟଙ୍କ ସାକ୍ଷାତକୁ ରିପୋର୍ଟ କରି ତୁନହୋଇ ରହିଲେ ଅକସ୍ମାତ୍ ଖୋର୍ଧାର ଡେପୁଟୀମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଟେଲରସାହେବ ମୋଫସଲ ଗସ୍ତ ଉପଲକ୍ଷରେ ଏ ଘଟନାର ଦୂର ଏକଦିନ ଉତ୍ତାରୁ ଉକ୍ତ ଗ୍ରାମରେ ପହୁଞ୍ଚି ଏ ସମସ୍ତ ଗୁପ୍ତି-ଭର ଦୌରାତ୍ମ୍ୟର କଥା ଅବଗତ ହେଲେ ଓ ତହସିଲଦାର ବାବୁ ଭଗବତୀଚରଣଙ୍କୁ ତଦାର-କର ଖବର ଦେବାରୁ ସେ ଉପଯୁକ୍ତ ପ୍ରକାର ତଦନ୍ତ କରି ଆସାମୀ ଓ ଲୁଟି ଦ୍ରବ୍ୟ ସବୁ ଗିରଫ୍ତାର କରି ଟେଲରସାହେବଙ୍କ ନିକଟକୁ ପଠାଇବାରେ ସେ ବିଚାର ପୂର୍ବକ ଜ ୨୨ ଣ ଆସାମିଙ୍କୁ ଦୌରାକୁ ପଠାଇଲେ ତହିଁ ମଧ୍ୟରୁ ଜ ୧୧ ଣ ମୁକ୍ତିପାଇ ଅବଶିଷ୍ଟ ଲୋକେ ଦଣ୍ଡ ପାଇ ଅଛନ୍ତି । ଶ୍ରୀଯୁକ୍ତ ଜଜସାହେବ ଯେରୂପ ଏ ମୋକଦ୍ଦମାର ବିଚାର କରି ଅଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଅଟଇ ଓ ଖୋର୍ଧାର ଡେପୁଟୀ ଓ ତହସିଲଦାରଙ୍କର କାର୍ଯ୍ୟ ମଧ୍ୟ ପ୍ରଶଂସନୀୟ ଅଟଇ । କେବଳ ଜ ୨୨ ଣ ମଧ୍ୟରୁ ଯେ ଜ ୧୧ ଣ ଖଲାସ ପାଇଲେ ତାହା କେବଳ ଜଜସାହେବଙ୍କ ସୂକ୍ଷ୍ମ ଓ ନିରପେକ୍ଷ ଓ ସୁସଂସ୍କାର ବିଚାର ହେତୁରୁ ଘଟିଅଛି ନୋହିଲେ ସୁପୋର୍ଦକର୍ତ୍ତାଙ୍କର କୌଣସି ଦୋଷର ତାହା ଥାଇ ନାହିଁ ।

ଏ ମୋକଦ୍ଦମାରେ ପୁଲିସର କାର୍ଯ୍ୟ ଯେ ଅତ୍ୟନ୍ତ ନିନ୍ଦନୀୟ ହୋଇଅଛି ତହିଁରେ କିଛି ସନ୍ଦେହ ନାହିଁ । ପଚାଶଟଙ୍କା ଘୁଷ ନେବାର କଥା ମିଥ୍ୟା ହେଲେ ମଧ୍ୟ ତହିଁର ଅନ୍ୟଥା ଜ୍ଞାନ ହୋଇ ନ ପାରେ । ଶ୍ରୀଯୁକ୍ତ ଜଜସାହେବ ପୁଲିସ କାର୍ଯ୍ୟର ଦୋଷ ସବୁ ଆପଣା ରାୟରେ ଲେଖି ଅଛନ୍ତି ଓ ଏ ମୋକଦ୍ଦମା ସମ୍ପର୍କରେ ପୁଲିସର ଚରିତ୍ର ପ୍ରତି ଅନୁସନ୍ଧାନ କରିବାପାଇଁ ଶ୍ରୀଯୁକ୍ତ ନରମାନସାହେବ ଜଏଣ୍ଟମାଜିଷ୍ଟ୍ରେଟ ନିଯୁକ୍ତ ହୋଇ ଅଛନ୍ତି । ଆମ୍ଭେମାନେ ଶୁଣି ଅତ୍ୟନ୍ତ ଦୁଃଖିତ ହେଲୁଁ ଯେ ଛୋଟ ସାହେବ ଏଥିପୂର୍ବ ତଦାରଖରେ ନିଯୁକ୍ତ ହୋଇଥିବା ପୁଲିସ କର୍ମ-ଚାରୀଙ୍କର କାର୍ଯ୍ୟ ନିର୍ଦ୍ଦୋଷ ଥିବାର ଲେଖିଥ-ଛନ୍ତି ନର୍ମନସାହେବଙ୍କ ଅନୁସନ୍ଧାନରେ କି ଫଳ ହେବ ଦେଖିବାରେ ଆସିବ ।

# ସାପ୍ତାହିକସଂବାଦ ।

ବାଲେଶ୍ୱରର କଲେକ୍ଟର ଶ୍ରୀଯୁକ୍ତ ବମସ୍ ସାହେବ ତୃତୀୟ ଶ୍ରେଣୀର କଲେକ୍ଟରପଦ ପାଇ ଅଛନ୍ତି । କିନ୍ତୁ ଦ୍ୱିତୀୟ ଶ୍ରେଣୀର କଲେ-କ୍ଟରୀ ପଦରେ ଏକ୍ଟିଂ ସ୍ୱରୂପ କାର୍ଯ୍ୟ କରିବେ ।

ବାଲେଶ୍ୱର ଜିଲାର ଭିତର ଓ ମେଦନୀପୁର ଜିଲାର ଦକ୍ଷିଣ ସୀମାରେ ପିଛଳୋଦା ନାମକ ପରଗଣାର ଜଣେ ଉତ୍କଳ ବ୍ରାହ୍ମଣ ବିଧବା ବିବାହ କରିଅଛି । ଏ ସଂବାଦ ବାଲେଶ୍ୱର ସଂବାଦ-ବାହିକାରୁ ଅବଗତ ହେଲୁଁ ପ୍ରଥମେ ବିବାହ ହେବାରୁ ସ୍ୱଜାତୀୟ ଉତ୍କଳ ବ୍ରାହ୍ମଣମାନେ ତାହାକୁ ପରିତ୍ୟାଗ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସେଠା ଜମିଦାର ରାଜା କାଳୀପ୍ରସନ୍ନ ଦାସ ଗଜେନ୍ଦ୍ର ମହାପାତ୍ରଙ୍କ ଯତ୍ନ ଓ ରାଜଦଣ୍ଡ ଭୟରେ ସ୍ୱଜାତୀୟମାନେ ଉକ୍ତ ବ୍ରାହ୍ମଣକୁ ଜାତିଚ୍ୟୁତ କରି ପାରିଲେ ନାହିଁ । ବିଧବାବିବାହର ସୂତ୍-ପାତ ଓଡିଶାରେ ହେଲା ସୁଖର ବିଷୟ ଅଟଇ ।

ବାଲେଶ୍ୱର ସମ୍ବାଦବାହିକାରୁ ଅବଗତ ହେଲୁଁ ଯେ ଗତମାସ ତା ୨ ରିଖ ଶୁକ୍ରବାର ଜେଲଖାନାର ଦ୍ୱିତୀୟ କେଟିର ଡାକ୍ତର ଗୌ-ରୀବାବୁଙ୍କର ପାଣିକିର ଘର ପୋଡି ଯାଇଅଛି, ଅନେକ ଧାନ ପ୍ରାୟ ଶଏ ପଉଟି ହେବ ନଷ୍ଟ ହୋଇଅଛି । ଏହି ଦୁର୍ଘଟନାରେ ଗୋଟିଏ ସ୍ତ୍ରୀଲୋକ ମଧ୍ୟ ଦଗ୍ଧ ହୋଇଅଛି !! ସ୍ତ୍ରୀଲୋକଟି ସଦରକାଟମ୍ବୁ ଗୋଟିଏ ପେଟରା ଅଣିବା ପାଇଁ ଯାଇଥିଲା, ଗୃହଅଗ୍ନି ଲଗିଅଁ ଅଗ୍ନିର ଲାଗିବାରୁ ଅପଦ କଟାଇବା ପାଇଁ ଗୋଟିଏ ଥାନକରି-ଉର ପଟାଇଲେ ଅଧିକ ଉଠଣକଲା ! ଶେଷରେ ଥାନକରିଉର ପୋଡି ଯିବାରୁ ଅଙ୍ଗେ ଦଗ୍ଧ ହେଲା !!!

୧ । ଗତମାସ ତା ୪ ରିଖରେ ଏ ଅଞ୍ଚଳରେ ଉତ୍ତମ ବୃଷ୍ଟି ହୋଇଅଛି, ଏଣୁ ଅନେକ କ୍ଷେତ୍ର କର୍ଷଣ ହେଲାଣି । କୌଣସି୨ ସ୍ଥଳେ ବୁଣାବୁଣି ମଧ୍ୟ ଆରମ୍ଭ ହୋଇଅଛି । ଉପଯୁକ୍ତ ସମୟରେ ବୃଷ୍ଟି ନୋହିବାରୁ କୃଷିମାନେ ଏବର୍ଷ ଶେଷରେ କୁଶଳ ନାହିଁ ବୋଲି ଯେଉଁ ଆଶଙ୍କା କରିଥିଲେ ତାହା ଦୂର ହୋଇଅଛି ।

ଅମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେଖନ୍ତି ଯେ । କ । ଜନିକା ପଡିଆମାଲ ମୌଜାରେ ଏକ ବିଦ୍ୱତ ଘଟଣାରେ ଏକ ବ୍ୟକ୍ତି ପାଞ୍ଚବର୍ଷ ବୟସରେ ଗୃହର କରିଥିଲା । କିନ୍ତୁ କସ୍ମି ନିଅଦ ମଧ୍ୟରେ ଗୃହସୀ ଗତକାଲ୍ ତାହାର ସ୍ୱାମୀ ସେ ଗ୍ରାମସ୍ଥ ଗୃହଜଣ ବର୍କନ୍ଦାଜଙ୍କ ନିକଟରେ କେତେକଟଙ୍କା ଦାଦରେ ନାଲସ କଲା । ସବୁବାଦରମାନେ ନାଲସ ମୁତାବକ ଦାବୀଟଙ୍କା ତାହା ଉପରେ ପାଉଣା ବଜାୟକରି ଗଞ୍ଜା ତହସିଲ କରିବାର ଦିଅଦାବନ୍ଧଣକୁ ଟଙ୍କା ଅଦୁଲ ତମନେ ମୁତାବକ କଲେ ପିଅଦାମାନଙ୍କୁ ସେ ନ ମାରିବାରୁ ପିଅଦାମାନେ ସରକାରୀ ପିଅଦା ଥିବା ବମାବରେ ଅପମାନିତ ହୋଇ ସରକରକାରମାନଙ୍କ ଆଦେଶ ମୁତାବକ ତାକୁ ଏପରି ଗୁରୁତର ପ୍ରହାର କଲେ ଯେ ତଦ୍ଦ୍ୱାରା ସେ ଜ୍ଞାନଶୂନ୍ୟ ହୋଇ ଏକଦିନାନ୍ତର ପ୍ରାଣ-ତ୍ୟାଗ କରିଅଛି । ସ୍ଥାନୀୟ ଅପରାଧ ପୁଲିସ ସନ୍ଧାନରେ ଏ ପର୍ଯ୍ୟନ୍ତ ପ୍ରକାଶ ପାଇ ନ ଥିଲା କିନ୍ତୁ ତହିଁର ସନ୍ଧାନ ଏଠା ଡେପୁଟୀମା-ଜିଷ୍ଟ୍ରେଟ ପ୍ରାପ୍ତ କରି ପୁଲିସ ଇନସ୍ପେକ୍ଟରକୁ ତଦାରଖରେ ନିଯୁକ୍ତ କରି ମାଜିଷ୍ଟ୍ରେଟଙ୍କୁ ଜଣା-ଇବାରେ ମାଜିଷ୍ଟ୍ରେଟସାହେବ ପୁଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଟିକସ ସାହେବଙ୍କଦ୍ୱାରା ତଦନ୍ତ କରି ଆସାମିକୁ ଦୌରାସୁପୋର୍ଦ କରିଅଛନ୍ତି ।

ଗତମାସ ତା ୨୨ ରିଖ ଶୁକ୍ରବାର ଦ୍ୱିପ୍ରହର ସମୟରେ ଏପରି ଭୟାନକ ତୋଫାନ ଏ ତରଫରେ ହୋଇ ଯାଇଅଛି ତଦ୍ୱାରା ଅନେକ ବଡବଡ ବୃକ୍ଷମାନ ଭାଙ୍ଗିଯାଇ ଓ ଅନେକ ଘରର ଛପର ଉଡି ଯାଇଅଛି । ତହିଁ ସଙ୍ଗେ ଶିଳାବୃଷ୍ଟି ମଧ୍ୟ ହୋଇଥିଲା ଏଠା ମୁନସଫି

Split by PDF Splitter

Digitized by srujanika@gmail.com

Split by PDF Splitter



କଟେଣି ଥାନା ଓ ସ୍କୁଲ ପ୍ରଭୃତି ସରକାରୀ ଗୃହମାନଙ୍କର ଛପର ସମ୍ପୂର୍ଣ୍ଣ ଉଡ଼ ଯାଇଅଛି ସରକାରୀ ଗୃହମାନଙ୍କର ଅବସ୍ଥା ଉପଯୁକ୍ତ ସମୟରେ ପ୍ରତିବର୍ଷ ଛପରବନ୍ଦୀ ହୋଇ ନ ଥିବାରୁ ଏପରି ଦେଖାଯାଏ । ଉକ୍ତ ଝଡ଼ର ସମୟରେ ବୈତରଣୀ ନଦୀ କୂଳସ୍ଥ ବଡ଼ ବୃକ୍ଷମାନଙ୍କ ତଳରେ ଯାତ୍ରୀମାନଙ୍କ ଗାଡ଼ି ଓ ବଳଦ ବନ୍ଧା ହୋଇଥିଲେ ଏକ ବୃହତ୍ ବୃକ୍ଷ ଡାଳ ଏକ ଶକଟ ଉପରେ ଭାଙ୍ଗିପଡ଼ିବାରୁ ବଳଦଟି ମରି ଯାଇଅଛି ।

ଭାରତବର୍ଷରେ ସୁରାପାନ ଦିନ ଦିନ ବୃଦ୍ଧି ହେବାରୁ ତାହା ଦମନ କରିବାର ଉପାୟ କରିବା ସକାଶେ ବଙ୍ଗବାସିମାନେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି । ଏଠାରେ ବାବୁ ଜାନକୀନାଥ ବାନର୍ଜ୍ଜୀ ଆବେଦନପତ୍ର ସ୍ୱାକ୍ଷର କରାଇ ପଠାଇବାର ଯତ୍ନ କରୁଅଛନ୍ତି ଏହା ଉତ୍ତମ ଅଟଇ । ଶୁଣିବାରେ ଆସିଲା ମଧ୍ୟ ଆବେଦନ ପତ୍ର ପ୍ରେରିତ ହୋଇଅଛି । ଯେଉଁଠାରେ ଭୁବନେଶ୍ୱରଙ୍କ ସମସ୍ତ ସୁରାପାନ ପ୍ରଥା ପ୍ରଚଳିତ ଅଛି ସେଠା ଲୋକେ ଯେବେ ଉହିଁ ପ୍ରତି ଦୃଷ୍ଟି ହୋଇଥନ୍ତେ ତେବେ ତାହା ଦମନ କରିବା ପକ୍ଷରେ ଶୀଘ୍ର ଉପାୟ କରିବାର ଅବଶ୍ୟକ ।

ଭୁବନେଶ୍ୱରଙ୍କ ମନ୍ଦିରର ଲଗାରେ ଗୋଟିଏ ପୁଣି ଓ ଦୁଇଟି ଚୋରିର ଘଟଣା ହୋଇଅଛି । କେତେକ ଲୋକଙ୍କର ବିଶ୍ୱାସ ଜନ୍ମିଲା ଯେ ଗୋଟିଏ ସ୍ନାନବେଦୀରେ ବହୁତ ସ୍ୱର୍ଣ୍ଣ ରତ୍ନ ପୋତା ହୋଇଅଛି ଯେଉଁଥିରେ ବହୁମୂଲ୍ୟ ସମ୍ପତ୍ତି ହସ୍ତଗତ ହେବ ଏଥିର ପରାମର୍ଶ ପୁରୋହିତଙ୍କୁ ପଚାରିବାରେ ସେ କହିଲେ ବ ଗୋଟିଏ ନରବଳି ଦେଲେ ତାହା ପ୍ରାପ୍ତ ହେବ ତହିଁ ସେମାନେ ଗୋଟିଏ ଶିଶୁକୁ ବଳିଦାନ ଦେଲେ । ବ ଉକ୍ତ ସ୍ଥଳର ଭୁଇଁଖୋଳା ଓ ଶିଶୁର ବ୍ୟାପାର । ପୁଲିସର ତଦନ୍ତ ଏବେ ସେ ଅଭିଯୁକ୍ତମାନେ ଠଗୁଆ ଦଣ୍ଡବିଧାନରେ ଅଛନ୍ତି ବୋଧ ହୁଏ ବହୁତ ଦଣ୍ଡ ଭୋଗ କରିବେ ।

ଗବର୍ଣ୍ଣମେଣ୍ଟ ଉଣ୍ଡିଆଙ୍କ ଅଧୀନରେ ବମ୍ବେଇର ଦୁଲାବସିଂହଙ୍କ କର୍ମ ଉଠି ଯାଇଅଛି । ଏ ମହକୁମାର ହିଉ କମ୍ପନି କମିଶ୍ନରଙ୍କୁ ଅର୍ପିତ ହୋଇଅଛି । ଏ ବନ୍ଦୋବସ୍ତି ଉତ୍ତମ ଅଟଇ ଦୁଲାବସିଂହର କର୍ମ ସକଳସ୍ଥାନର ଉଠିଗଲେ ଗବର୍ଣ୍ଣମେଣ୍ଟ ଗୋଟିଏ ଅନର୍ଥକ ବ୍ୟୟରୁ ଉଦ୍ଧାର ପାଇବେ ।

ହାଇକୋର୍ଟ ବିଧାନ କରିଅଛନ୍ତି ଯେ ନୋଟିସଲରେ ଇନ୍ଦ୍ରେଣୀର ଉକାଲତି ଓ ମୁକ୍ତାରି ପରୀକ୍ଷା କେବଳ ସେହିସମସ୍ତ ଲୋକ ଦେଇ ପାରିବେ ଯେଉଁମାନେ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଦେଇଥିବେ ଅଥବା ମାଇନର ବୃତ୍ତି ଉଚ୍ଚବାଙ୍ଗାଲାର ଛାତ୍ରବୃତ୍ତି ପରୀକ୍ଷା ଦେଇଥିବେ । ଏଭିନ୍ନ ସେମାନେ ଉତ୍ତମ ଚରିତ୍ରର ସାର୍ଟିଫିକେଟ ଦର୍ଶାଇବେ ଏବଂ ତାହାଙ୍କର ବୟସ ବ ୨୦ ବର୍ଷଠାରୁ ନ ୩୫ ବର୍ଷ ମଧ୍ୟରେ ହୋଇଥିବ ।

ଗତ ଇଣ ସପ୍ତାହ ହେଲା ଲେପ୍ଟେନେଣ୍ଟ ଗବର୍ଣ୍ଣରଙ୍କ ନାମରେ ସହାଯ୍ୟକର ଉଚ୍ଚ ସଂଯୁକ୍ତ ଉତ୍ତରାଳାନାନ ହିନ୍ଦୁପେଟ୍ରିଅଟରେ ପ୍ରକାଶ ହେଉଅଛି । ଏଥିରୁ ହେଜନ୍ସିସ୍ ବୋଲନ୍ତି ଯେ ଏରୂପ ଲେଖିବାରେ କିଛି ଫଳ ନାହିଁ କେବଳ ସମ୍ବାଦପତ୍ରର ନୀତକୁ ପ୍ରକାଶ କରୁଅଛି । ବିଶେଷ ସ୍ଥିରି ଉଦ୍ଦେଶ୍ୟ ଭଲ ଉହା ପ୍ରକାଶ କଲେ ଜମ୍ମିବା ଯାହା ଉଦ୍ଧାରର ଉପାୟ ହୋଇପାରେ । ଅମ୍ଭମାନଙ୍କର ମଧ୍ୟ ଏହି ମତ ଅଟଇ ।

ମାନ୍ଦ୍ରାଜର ତାରଡାକଯୋଗେ ସମ୍ବାଦ ଆସିଅଛି ଯେ କୃଷ୍ଣାନଦୀ ବହିବାରୁ ରେଲୱାଏ ବନ୍ଦ ହୋଇଅଛି ଗତଦିନରେ ଏତେ ନଥିଲା ! ମାନ୍ଦ୍ରାଜ ଏକ ବିଷମ ସ୍ଥାନ ଅଟଇ ।

ଫ୍ରେଣ୍ଡ ଅବ ଇଣ୍ଡିଆଙ୍କ ରିପୋର୍ଟରୁ ତାରଡାକଯୋଗେ କାବୁଲଠାରୁ ସେ ମାସ ତା ୮ ଇଣରେ ସମ୍ବାଦ ଆସିଅଛି ଯେ ବୃତ୍ତୀୟମାନେ ଜିଲାସ୍ଥିତ ଉରକଜ ନଗର ଅଧିକାର କରିଅଛନ୍ତି ଓ ଅବଦୁଲରହମାନଙ୍କୁ ସେଣ୍ଟପିଟର୍ସବର୍ଗକୁ ଯିବାପାଇଁ ଆଜ୍ଞା ହୋଇଅଛି ।

ବମ୍ବେଇ ବରୋଦା ଓ ମଧ୍ୟଭାରତବର୍ଷର ରେଲୱେ କମ୍ପାନି ନାମରେ ଏକ ନୂତନ ପ୍ରକାରର ଫେଜଦାରୀ ମକଦ୍ଦମା ହୋଇଅଛି । କେତେକ ଭଲଲୋକ ରେଳ କେତେକ ନେଟିଭ ଜାତୀୟ ଲୋକଙ୍କ ସହିତ ଏକତ୍ରରେ ରେଲଗାଡ଼ିରେ ବସି ଯାଉଥିବାରୁ ତାହାଙ୍କର ଜାତିଭ୍ରଷ୍ଟ ହେବାର ସନ୍ଦେହ ହୋଇଅଛି ଯଥା ଜେଣେ ଜେ ବାଧ ହୋଇ ଲୁଗା ବଦଳିଲେ ଅଖାଦ୍ୟ ଦ୍ରବ୍ୟକୁ ପୋଛାଇଦେଲେ ଏବଂ ସାଗର ଲମ୍ବିଲୁ ନୂଆ ରଙ୍ଗ ଲଗାଇଲେ ।

ଡାକତାର ପ୍ରଭୃତି ଅଭ୍ୟାସର ମକଦ୍ଦମାରେ ପ୍ରମାଣସ୍ୱରୂପ ଗୋଟିଏ ନର ଉପସ୍ଥିତ ହୋଇଥିଲା ଏଥିରୁ ସେମାନେ ବୋଲନ୍ତି ବ ଜଣେ ମନୁଷ୍ୟର ଦୂରୀକରଣ ଉପାୟ ହେଲା । ଅମ୍ଭେମାନେ ବୋଧ କରୁଁ ପୁଲିସ ଇଚ୍ଛାକଲେ ସେରୂପ ହେବା କିଛି କଠିନ ନୁହଇ ।

ବାବୁ ବ୍ରଜେନ୍ଦ୍ରନାଥ ଦେ ଏମ, ଏ, ଗତ ସିବିଲ ସର୍ଭିସ ପରୀକ୍ଷାରେ ଇଂଲଣ୍ଡରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଏ ବ୍ୟକ୍ତି କେବଳ ମା ୯ ମ ଅଧ୍ୟୟନ କରି କୃତକାର୍ଯ୍ୟ ହୋଇଥିବା ୩୫ ଜଣ ଛାତ୍ରଙ୍କ ମଧ୍ୟରେ ନ ୧୭ ସ୍ଥାନରେ ସ୍ଥାନ ପାଇଅଛନ୍ତି । ଅସ୍ମଦ୍ଦେଶୀୟଙ୍କ ପକ୍ଷରେ ଏହା ଅତିଶୟ ଆନନ୍ଦର ଅଟଇ ।

କଲିକତାର ମଦ ବିକ୍ରେତାମାନେ ବଙ୍ଗଳା ବ୍ୟବସ୍ଥାପକ ସଭାର କାର୍ଯ୍ୟ ବିଷୟରେ ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ନିକଟକୁ ଆବେଦନପତ୍ର ପଠାଇ ଅଛନ୍ତି । ଅମ୍ଭେମାନେ ଏହାଙ୍କ ସାହସକୁ ପ୍ରଶଂସା କରୁଅଛୁଁ ।

ସୁଜାଗଡ଼ର ନବାବ ଆପଣା ପୁଅର ବିବାହ ହେବାରେ ପାଞ୍ଚଲକ୍ଷ ଟଙ୍କା ବ୍ୟୟ କରିବା ପାଇଁ ସ୍ଥିର କରିଅଛନ୍ତି । ଅନ୍ତଦନରେ ଏ ବିବାହ କାର୍ଯ୍ୟ ଶେଷ ହେବ । ବୃଥା ବ୍ୟୟରେ ଭାରତବର୍ଷୀୟଙ୍କୁ କେହି ପାଇବେ ନାହିଁ ।

ବମ୍ବେଇର ଦେଶୀୟ ଲୋକମାନେ ଲୁଗା ଓ ଅନ୍ୟାନ୍ୟ ଦ୍ରବ୍ୟ ବିଷୟରେ ଇଂଲଣ୍ଡଠାରୁ ସ୍ୱାଧୀନ ହେବାକୁ ମନସ୍ଥ କରିଅଛନ୍ତି । ବମ୍ବେଇ ଓ ପୁନାର ସଭ୍ରାନ୍ତ ଲୋକମାନେ ଦେଶୀ ଲୁଗା ବ୍ୟବହାର କରିବାକୁ ଲୋକଙ୍କୁ ପ୍ରବୃତ୍ତ କରୁଅଛନ୍ତି ଓ ଅନେକ ଲୋକ ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଦ୍ରବ୍ୟ ଛଡ଼ା ଆଉ କିଛି ବିଲାତି ଦ୍ରବ୍ୟ କିଣିବାକୁ ଅସମ୍ମତ ହୋଇ ଅଛନ୍ତି ।

ଏ ବର୍ଷ ବ୍ରହ୍ମଦେଶରେ ଧାନଫସଲ ଗତ ବର୍ଷଠାରୁ ବହୁତ ଊଣା ହୋଇଅଛି । ଏଥିପାଇଁ ଚାଉଳ ରପ୍ତାନି ମଧ୍ୟ ଊଣା ହୋଇଅଛି ଗତବର୍ଷ ଯେତେ ରପ୍ତାନି ହୋଇଥିଲା ତହିଁର ଷଷ୍ଠାଂଶ ଊଣା ପଡ଼ିଅଛି ।

କୁଷ୍ଟରକ୍ଷା ପ୍ରଭୃତି ବିଷୟ ପକ୍ଷରେ ହାଇକୋର୍ଟ ଯେଉଁ ଉନ୍ନତି କରିଅଛନ୍ତି ତହିଁ ବିଷୟରେ ବିଲାତର ପ୍ରିଭି କୌନସିଲରେ ଅପିଲ କରିବାର ବିଷୟ ଇଂରେଜ ଜମିଦାର କମିଟିର କେତେକ ସମ୍ଭ୍ରାନ୍ତ ଲୋକ ଦେବାଦ୍ୱାରା ଅର୍ଥ ସଂଗ୍ରହ କରୁ ଅଛନ୍ତି । ପ୍ରାୟ ପଚିଶହଜାର ଟଙ୍କା ରେବା ସଂଗୃହ ହେଲାଣି ।

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଅତିରିକ୍ତ

ଉତ୍କଳଦୀପିକା ତା ୭ ରିଖ ମାହେ ଜୁନ ସନ ୧୮୭୩ ମସିହା ।

### ଗଜେଟସ୍ଥ ବିଜ୍ଞାପନ ।

ଉତ୍କଳଦେଶର ବୃକ୍ଷତ୍ୱଗ୍ ଉତ୍ପାଦନ ହେଉଥିବା ଓ ବିଶେଷରେ ଜାଲ ପାଣିସ୍ଥାସ୍ଥ ଅବାଧ ହୋଇ ଉତ୍ପନ୍ନ ହେଉଥିବା କପାର ନମୁନା ଚେମ୍ବର ଅଫ କାମର୍ସ ନାମକ କଲିକତାରେ ସ୍ଥାପିତ ଥିବା ସଭାକୁ ପ୍ରେରଣ ହୋଇଥିବାରୁ ତହିଁର ଗୁଣ ଓ ବଜାରର ମୂଲ୍ୟ ପରୀକ୍ଷା ହୋଇ ନିମ୍ନଲିଖିତ ମନ୍ତବ୍ୟମାନ ପ୍ରକାଶିତ ହୋଇଅଛି ।

ନଂ ୧ ମ୍ବର ନମୁନା । ଏ କପା ପରିଦ କରି ବନ୍ଦ କରିବା ଖଳାଗେ ଯେପରି ଅବସ୍ଥାରେ ଅଛିଅଛି ତାହା ବାଣିଜ୍ୟର ଅଯୋଗ୍ୟ ବୋଧ ହୁଏ ଯେ ଏ କପା କଞ୍ଚା ଥିବା ସମୟରେ ଉଠାଇ ତୋଳା ହୋଇଅଛି ଓ ଏଥିର ମଞ୍ଜିମାନ କପା ସଙ୍ଗେ ସଂଯୁକ୍ତ ଅଛି ମଞ୍ଜି ବାହାର କରି ଦେଲେ ଏଥିର କପା ସରୁ ଉତ୍ତମ ହୋଇ ପାରିବ ଏ କପା ବଜାରରେ ଉତ୍ତମ ମୂଲ୍ୟରେ ବିକ୍ରୟ ହେବ ଏହା ବେଙ୍ଗଲର ନିର୍ଯ୍ୟାସ ଇଚ୍ଛାରେ ବିଶୁଦ୍ଧ ମଇଳା ଓ ଟୁକୁଡ଼ା ଅଂଶ ଅଛି ଅତ ଭାଲ ଏ କପାରୁ ମଞ୍ଜି ଓ ଅନ୍ୟାନ୍ୟ ମଇଳାମାନ ପରିଷ୍କାର କରି ଦିଅନ୍ତି କଲେ କଞ୍ଚା କପାର ମହଣକୁ ୫ ୧୨ ଙ୍କା ହିସାବ ବିକ୍ରି ହେବ ।

ନଂ ୨ ମ୍ବର ନମୁନା । ଉପର୍ଯ୍ୟୁକ୍ତ ନମୁନା ପରି ଅଛି ମାତ୍ର ରେଶମର ଗୁଣ ଅଧିକ ଅଛି ମଧ୍ୟ ଅଧିକ ସରୁ ଜଣାପାଏ ମଞ୍ଜି ଓ ମଇଳା ପରିଷ୍କାର କଲେ କଲିକତା ବଜାର ମହଣକୁ ପ୍ରାୟ ୫ ୧୦ ମୂଲ୍ୟ ହୋଇପାରେ ।

ନଂ ୩ ମ୍ବର ନମୁନା । ନଂ ୧ ମ୍ବର ନମୁନା ପରି ରଙ୍ଗ ଉତ୍ତମ ଓ ବଙ୍ଗଳା କପା ପରି ପାଉଲ ଯଦ୍ୟପି ମଞ୍ଜି ଓ ଅନ୍ୟାନ୍ୟ ମଇଳାମାନ ପରିଷ୍କାର ହୁଏ ତେବେ ମହଣକୁ ୫ ୧୨ ମୂଲ୍ୟ ହେବ ।

ସମ୍ଭବ ହୁଏ ଯେ ଓଡ଼ିଶାର କପାକୁ ସାବଧାନ ପୂର୍ବକ ଅବଧ କଲେ ତାହା ଅତି ବହୁମୂଲ୍ୟ ଫସଲ ହୋଇପାରେ ଓ ଏ ଫସଲ ପକ୍ଷରେ ବହୁତ ଉନ୍ନତ ମଧ୍ୟ ସାଧନ ହୋଇପାରେ କପା କେବଳ ଉତ୍ତମରୂପେ ପକ୍ୱ ହେଲା ଉତ୍ତାରେ ତାହା ତୋଳିବା ଓ କପାକୁ ମଇଳାରୁ ପରିଷ୍କାର ରଖିବାର ଆବଶ୍ୟକତା ପକ୍ଷେ ଚାଷୀ ଓ ବେପାରୀ ସମସ୍ତଙ୍କର ବିଶେଷ ମନୋଯୋଗ କରିବା ଆବଶ୍ୟକ କପା ଉତ୍ତମରୂପେ ପାକଳ ନ ହେଲେ କପା ମଞ୍ଜି ଏବଂ ବଳଗ୍ ହେବନ୍ତି ସବଳରେ ଗ୍ରହଣ ନାହିଁ ଯଦ ଏଥି ପ୍ରତି ଉତ୍ତମରୂପେ ମନୋଯୋଗ କରାଯାଏ ତେବେ କପାର ମୂଲ୍ୟ ଯଥୋଚିତରୂପେ ବୃଦ୍ଧି ହେବ ଓ ଚାଷୀ ଓ ବେପାରୀ ସମସ୍ତଙ୍କର ଲାଭର ଉନ୍ନତି ହେବ ।

ତା ୯ ରିଖ ମଇ ସନ ୧୮୭୩ ମସିହା ।

### NOTICE.

Notice is hereby given that the services of Babus N. Venketa Chilum Puntuloo and M, Prosotum Naidu, managers of the firm of Messrs. Scobul Chunder Mullick & Sons, have been dispensed with.

Cuttack, 1st June, 1873.

Scobul Chunder Mullick & Sons.

### CALCUTTA GENERAL AGENCY OFFICE.

Notice is hereby given that the manager of the Book Agency Office is going to open the above mentioned office to supply the Rajahs, Zemindrs, Officers, Tradesmen and Gentlemen residing in the Moffussil who are desirous of making purchases at the Calcutta Market, with the undermentioned articles :—Commercial articles, confectionery, all sorts of clothes, dresses, golden and silver ornaments, toys, furniture, medicines, umbrellas, brass and stone made and all other metallic articles, pictures and photographs, all sorts of leathers, papers, pens, books, &c., glasswares, wines, printing &c., engraving, guns and powders &c., cutlery, machines, &c.

The above agency will also undertake a translate Lawsuits, Books, &c., and execute all sorts of orders.

Terms Cash.

The agency charges for all sorts of orders commission at the rate of 4 per cent., and at one per cent. on goods and packages shipped or cleared at Calcutta : all extra costs will be borne by the parties themselves.

Kalipuosonno Sen Goopta

*Manager of Book & General Agency Office.*

Calcutta,

*Normal School.*

ମୂଲ୍ୟ ନ ଦେବ

Split by PDF Splitter

REGISTERED NO. 43



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ } ତା ୨୮ ରିଖ ଜୁନ ସନ ୧୮୭୩ ମସିହା । ମୁ । ଆଷାଢ଼ ଶୁକ୍ଳ ସନ ୧୨୮୦ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୨।
ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨।
ମଫସଲ ଡାକମାସୁଲ ୨।୵

ଫଉଜଦାରୀ ମୋକଦ୍ଦମାରେ ଫରିୟାଦୀ ଓ ସାକ୍ଷିମାନଙ୍କୁ ଖୋରାକୀ ଦେବା ବିଷୟରେ ଗବର୍ଣ୍ଣମେଣ୍ଟ ବଙ୍ଗାଲ ନୂତନ ବିଧାନ କରି ଗତମାସ ତା ୩୦ ରିଖ ଗେଜେଟ ବିଜ୍ଞାପନଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଅଛନ୍ତି । ତହିଁରୁ ଦେଖାଯାଏ ଯେ (୧) ଯେ ସମସ୍ତ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଥବା କୌଣସି ଜଜ, ମାଜିଷ୍ଟ୍ରେଟ କିମ୍ବା ଅନ୍ୟ ସରକାରୀ କର୍ମଚାରୀଙ୍କ ଆଜ୍ଞା ବା ଅନୁମତି ସହିତ ଅବା ଯେଉଁ ମୋକଦ୍ଦମା ସରକାରୀ କାର୍ଯ୍ୟର ହିତ ସକାଶେ ଦାଏର ହେବ । (୨) ଯେ ସବୁ ମୋକଦ୍ଦମା ଫଉଜଦାରୀ କାର୍ଯ୍ୟବିଧି ଅନୁସାରେ ଯାମିନ ଯୋଗ୍ୟ ନୁହଇ ଏବ (୩) ଯେ ସ୍ଥଳେ ସାକ୍ଷୀମାନେ ମାଜିଷ୍ଟ୍ରେଟଙ୍କର ଇଚ୍ଛାନୁସାରେ ଉପସ୍ଥିତ ହେବାକୁ ବାଧ୍ୟ ହୁଅନ୍ତି ସେହି ସ୍ଥଳମାନଙ୍କରେ ଖୋରାକୀ ଦିଆଯିବ । ଖୋରାକୀର ନିୟମ ଏହି ହୋଇଅଛି ଯେ ଦେଶୀୟ ମଜୁରିଆ ଶ୍ରେଣୀର ଲୋକ ଦୁଇଅଣା ଉର୍ଦ୍ଧ୍ୱ ଭଦ୍ର ଶ୍ରେଣୀର ଦେଶୀୟ ଲୋକ ଚାରିଅଣା ଓ ଇଉରୋପୀୟ ଏବ ମାନ୍ୟଶ୍ରେଣୀର ଦେଶୀୟ ଲୋକ ଏକଟଙ୍କା ଲେଖାଏ ଦୈନିକ ପାଇବେ । ଏପରି ଯାହାଙ୍କୁ ଡାକରେ ଆସିବାର ଆବଶ୍ୟକ ହୁଅଇ ଅଥବା ବୟସ, ମର୍ଯ୍ୟାଦା କିମ୍ବା ଅଭ୍ୟାସ ହେତୁରୁ ଯେଉଁମାନେ ଖୋଜରେ ଚଳି ନ ପାରନ୍ତି ତାହାଙ୍କୁ ଯଥାର୍ଥ ଗମନଖର୍ଚ୍ଚା ଦିଆଯିବ କିନ୍ତୁ ତାହା ମାଇଲ ପ୍ରତି ଦୁଇଅଣାରୁ ଅଧିକ ହେବ ନାହିଁ । ଅନର୍ଥକ ଖର୍ଚ୍ଚା ନିବାରଣ ପକ୍ଷରେ କର୍ମଚାରୀମାନଙ୍କୁ ବିଶେଷ ବିଷୟରେ ଉପଦେଶ ଦିଆ ଯାଇଅଛି ।

---

ପୁରୀର କଲେକ୍ଟର ଶ୍ରୀଯୁକ୍ତ ଗୋଡ଼ସ ସାହେବଙ୍କ ବଦଳରେ ଉକ୍ତ ନଗରବାସିମାନେ କେବଳ ଦୁଃଖିତ ଅଛନ୍ତି ଏମନ୍ତ ନହେ ତାହାଙ୍କୁ ଫେରି ପାଇବା ସକାଶେ ଏକ ସାଧାରଣ ଆବେଦନପତ୍ର ଶ୍ରୀଯୁକ୍ତ ଲେପ୍ଟନେଣ୍ଟଗବର୍ଣ୍ଣରଙ୍କ ନିକଟକୁ ପଠାଇ ଅଛନ୍ତି । ଆମ୍ଭେମାନେ ଉକ୍ତ ଦରଖାସ୍ତର ହିନ୍ଦୁପେଟ୍ରିଅଟରେ ପାଠ କରି ଜାଣିଲୁଁ ଯେ ଦରଖାସ୍ତରେ ଯାହା ଲେଖା ଅଛି ସବୁ ଯଥାର୍ଥ ଅଟଇ । ବାସ୍ତବରେ ଗୋଡ଼ସ ସାହେବଙ୍କ ପରି ହାକିମ ସହଜରେ ମିଳଇ ନାହିଁ । କିନ୍ତୁ କ ହେବ ଆଜିକାଲିର ସମୟ ବଡ଼ ମନ୍ଦ । ଯେ ଭଲ କରନ୍ତି ତାହାର ମନ୍ଦ ଘଟିବ ଓ ଯେ କୌଣସିରୂପେ ଗୋଲମାଲରେ ଚଳିବ ସେ ବଡ଼ ଭଲଲୋକ ବୋଲି ଗଣ୍ୟ ହେବ । ଶ୍ରୀଯୁକ୍ତ ଗୋଡ଼ସ ସାହେବ ଯେବେ ପ୍ରଜାଙ୍କ ସୁଖରେ ଉପକାର ଚେଷ୍ଟା କରି ଗବର୍ଣ୍ଣମେଣ୍ଟଙ୍କୁ ରଙ୍ଗିନ ରିପୋର୍ଟଦ୍ୱାରା ତୁଷ୍ଟ କରିବାକୁ ଚେଷ୍ଟା କରିଥାନ୍ତେ ତେବେ ତାହାଙ୍କର ଏ ଦୁର୍ଦ୍ଦଶା ଘଟନ୍ତା ନାହିଁ । ଯାହା ହେଉ ଆମ୍ଭେମାନେ ଶୁଣି ଆହ୍ଲାଦିତ ହେଲୁଁ ଯେ ଗୋଡ଼ସ ସାହେବଙ୍କ ଦୁର୍ଗତିର କଥା ସିମଲାରେ ପହଞ୍ଚିବାରୁ ସେଠାରେ ଲୋକମାନେ ବଡ ବିରକ୍ତି ପ୍ରକାଶ କରିଅଛନ୍ତି ଓ ଯେବେ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ କର୍ଣ୍ଣଗୋଚରରେ ଏ କଥା ପଡ଼ିଅଛି ତେବେ ଆମ୍ଭମାନଙ୍କ ଭରସା ହେଉଅଛି ଯେ ଏଥିର ଉଚିତ ପ୍ରତୀକାର ହେବ ସତେ କି ଗୋଡ଼ସ ସାହେବଙ୍କ ସତ୍କର୍ମର ଫଳ ଏଠାରେ ଫଳିବ ?

---

### ମେଓ ସ୍ମରଣାର୍ଥ ଫଣ୍ଡ ।

ଗତ ସପ୍ତାହରେ ଏ ଜିଲାର ଶିକ୍ଷା କମିଟୀର ଯେଉଁ ଅଧିବେଶନ ହୋଇ ଥିଲା ତହିଁରେ ମୃତ ମେଓସାହେବଙ୍କ ସ୍ମରଣାର୍ଥ ଫଣ୍ଡର କିପ୍ରକାର ବ୍ୟୟ ହେବ ତାହା ସ୍ଥିର ହୋଇଅଛି । ତଦନ୍ତକରି ଜଣାଗଲା କି ଯେତେଟଙ୍କା ଚେନ୍ଦାଦ୍ୱାରା ସଂଗ୍ରହ ହୋଇଅଛି ତହିଁରୁ ବାର୍ଷିକ ୧୮୦୦ ଟଙ୍କା ଆୟ ହୋଇପାରେ ଏଣୁ ମାସକୁ ୧୫୦ ଟଙ୍କା ଲେଖାଏ ଆୟ ହେଉଅଛି । କମିଟୀରେ ଧାର୍ଯ୍ୟ ହେଲା ଯେ ଏହି ୧୫୦ ଟଙ୍କା ମଧ୍ୟରୁ ମାସିକ ୧୨୦ ଲେଖାଏ ୧୪୦ ଟଙ୍କାରେ ବୃତ୍ତି ଦିଆଯିବ ଓ ଅବଶିଷ୍ଟ ୧୦ ଟଙ୍କା ଜମା ରହିବ । କେବଳ ଓଡ଼ିଶାବାସିମାନଙ୍କ ମଧ୍ୟରୁ ଯେଉଁ ଛାତ୍ରମାନେ ହାଇସ୍କୁଲରେ ଏଲ, ଏ, ପରୀକ୍ଷା ଦେଇ କଲିକତାର କୌଣସି କାଲେଜକୁ ପଢ଼ିବାକୁ ଯିବେ ସେହିମାନେ ଉକ୍ତ ବୃତ୍ତି ପାଇବେ । ଓଡ଼ିଶାବାସୀ କାହାକୁ ବୋଲିବାକୁ ହେବ ଏହା ମଧ୍ୟ ସ୍ଥିର ହୋଇଅଛି । ଯେଉଁମାନେ ଓଡ଼ିଶାରେ ଚିରକାଳ ଥାଇ ବାସ କରୁଥିଲେ ଓ ଯାହାଙ୍କର ଅନ୍ୟ କୌଣସି

Digitized by srujanika@gmail.com

ସ୍ଥାନରେ ବାସଗର ନାହିଁ ସେହିମାନେ ଓଡ଼ଗାଁବାସୀ ବୋଲାଇବେ । ମେରାମତିକରଣାର୍ଥ ଫଣ୍ଡର ବ୍ୟବସ୍ଥା ଏତେଦିନେ ହେଲା ସୁଖର ବିଷୟ ଅଟଇ ଓ ବ୍ୟବସ୍ଥାଟି ଭଲ ହୋଇଅଛି ସନ୍ଦେହ ନାହିଁ ତେବେ ଅବଶିଷ୍ଟ ୪ ୧୦ କାରେ କି କାର୍ଯ୍ୟ ହେବ ଜଣାଯାଉ ନାହିଁ । ଏହି ସଭାରେ ଗାମ୍ଭୁଲ ଉଇଲାଜ ସାହେବ ଏ ଜିଲ୍ଲାର ଶିକ୍ଷାକାର୍ଯ୍ୟର ବାର୍ଷିକ ବର୍ଣ୍ଣନା ପଠଇ କରିଥିଲେ ସଭ୍ୟମାନେ ପୂର୍ବ ଏକସ୍ଥାନରେ ସଂଶୋଧନ କରି ତାହାକୁ ଗ୍ରହଣ କରିଅଛନ୍ତି ଶୁଣିଲୁ ଯେ ବକ୍ତୃତାଲେଖା ଉତ୍ତମ ହୋଇଥିଲା ।

---

ସ୍ୱେଚ୍ଛାଚାର ଶାସନ ।

ବାଲେଶ୍ୱରର କଲେକ୍ଟର ଓ ମାଜିଷ୍ଟ୍ରେଟ ଯେଉଁ ଧାତୁର ଲୋକ ବୋଧ ହୁଏଇ ତାହା ଏଠାରେ କାହାରିକୁ ଅବିଦିତ ନାହିଁ ମାତ୍ର ତାହାଙ୍କର ସବୁ କାର୍ଯ୍ୟ ଜିଲ୍ଲା ମଧ୍ୟରୁ ବାହାରକୁ ବାହାରଇ ନାହିଁ ଓ ସ୍ଥାନୀୟ ସମ୍ବାଦପତ୍ରରେ ମଧ୍ୟ ତାହା କିଛି ପ୍ରକାଶ ହୁଏଇ ନାହିଁ ବୋଲି ଯେତେ ଫଉଜଦାରୀ ମୋକଦ୍ଦମାରେ ତାହାଙ୍କ ଅଜ୍ଞାକୁ ଜଜସାହେବ ଅନ୍ୟଥା କରନ୍ତି ତାହା ସବୁ ଲୁଚି ରହି ଯାଏ । କିନ୍ତୁ ଅଳ୍ପଦିନ ହେଲା ଗୋଟିଏ ମୋକଦ୍ଦମା ହାଇକୋର୍ଟକୁ ଯାଇଥିବାରୁ ହିନ୍ଦୁପେଟ୍ରିଅଟ ପତ୍ରିକା ତାହା ପ୍ରକାଶ କରି ଜଜ ସାହେବଙ୍କ ସ୍ୱେଚ୍ଛାଚାର ପରିଚୟ ଦେଇ ଅଛନ୍ତି । ମୋକଦ୍ଦମାଟି ଏହି ଯେ ରଘୁନାଥ ଥାନାର ଅଭ୍ୟାଗତର ପ୍ରତିକାର ସକାଶେ ଫଉଜଦାରୀରେ ନାଲିଶ କଲା । ମାଜିଷ୍ଟ୍ରେଟ ତାହାର ଇଜାହାର ପ୍ରଭା ନ ନେଇ କେବଳ ଦରଖାସ୍ତ ମିସିଲରେ ରଖିଲେ । ମାଜିଷ୍ଟ୍ରେଟ ମୋଫସଲ ଯାତ୍ରାକୁ ଗଲାରୁ ଜଏଣ୍ଟ ମାଜିଷ୍ଟ୍ରେଟ ଭାରପ୍ରାପ୍ତ ଥିବା ସମୟରେ ସେ ପୁନର୍ବାର ଦରଖାସ୍ତ କଲା ଓ ତାହାର ଇଜାହାର ନିଆଯାଇ ଆସାମୀ ଉପରେ ଓୟାରେଣ୍ଟ ଜାରୀ ହେଲା । ମାଜିଷ୍ଟ୍ରେଟ ସାହେବ ଏ କଥା ଶୁଣି ତତ୍କ୍ଷଣାତ୍ ନଥି ଉଠାଇ ଆଣି ଓୟାରେଣ୍ଟ ସ୍ଥଗିତ କଲେ ଓ ନୂତନ କାର୍ଯ୍ୟବିଧି ଆଇନର ୬୭ ଧାରାନୁସାରେ ଏହି ହେତୁ ଦର୍ଶାଇ ମୋକଦ୍ଦମା ଡିସମିସ କଲେ କି ସେ ସ୍ୱୟଂ ଇଜାହାର ଲେଇ ଦେଖିଅଛନ୍ତି ଯେ ପୂର୍ବରୁ କେବଳ ଆପଣା ଦୋଷ କରିଅଛନ୍ତି । ସେସନ ଜଜ ଏ କାର୍ଯ୍ୟକୁ ଅନ୍ୟାୟ ମଣି ହାଇକୋର୍ଟକୁ ରିପୋର୍ଟ କରିବାରେ ଉକ୍ତ ଅଦାଲତ ହମ୍ବର ସାହେବଙ୍କ କାର୍ଯ୍ୟ ଅନ୍ୟାୟ ଥିବାର ଅଭିପ୍ରାୟ ବ୍ୟକ୍ତ କରି ମୋକଦ୍ଦମାକୁ ପୁନର୍ବାର ଚଳାଇବାର ଆଜ୍ଞା ଦେଇଅଛନ୍ତି ।

ଏଦେଶର ପୁଲିସ ନାମରେ ଯେତେ କଥା ଶୁଣାଯାଏ ତହିଁର ସୀମା ନାହିଁ ତହିଁରେ ଯେବେ ଜଣେ ସାକ୍ଷାତରେ ନାଲିଶ କଲା ଉତ୍ତାରୁ ମାଜିଷ୍ଟ୍ରେଟ ଇଜାହାର ନ କରନ୍ତି ତେବେ ଲୋକଙ୍କର ଦୁର୍ଦ୍ଦଶାର ସୀମା ରହିବ ନାହିଁ । କିନ୍ତୁ ହମ୍ବର ସାହେବ ବାଲେଶ୍ୱରର ସ୍ୱଚ୍ଛା ଅଟନ୍ତି ଓ ଯାହା କରନ୍ତି ତାହାଙ୍କର ଅଭାବ ଥିଲା ନୂତନ କାର୍ଯ୍ୟବିଧି ଆଇନଦ୍ୱାରା ତାହା ପୂର୍ଣ୍ଣ ହୋଇଅଛି ।

---

ତେଲିଙ୍ଗାପେଣ୍ଠ ନିବାସୀ ଚୂଡ଼ାମଣିଙ୍କ ସ୍ୱାକ୍ଷରିତ ଏକ ପତ୍ରରୁ ଅମ୍ଭେମାନେ ଅବଗତ ହେଲୁଁ ଯେ ଉକ୍ତ ବଜାରରେ ଗୋଟିଏ ୯ ଗଜ ପଶ୍ଚା ଧର୍ମଶାଳା ଓ ଏକ କୂପ ଅଛି । ଉକ୍ତ ବଜାରର ଜଣେ ଶୁଣ୍ଡି ସେହି ଧର୍ମଶାଳା ପଶ୍ଚିମକୁ ଖାତ୍ତିପର ନିର୍ମାଣ କରି ଧର୍ମଶାଳାର ଜଳବହଗ ବନ୍ଦକରି ନେଇଅଛି ଓ ବଜା ୭ ଗଜ ମଇଲା ଜମାକରି ଜଳ ରଖିଅଛି ସୁତରାଂ ଧର୍ମଶାଳାର ପ୍ରକୃତ ବ୍ୟବହାର ବନ୍ଦ ହୋଇଯାଉ ନାହିଁ । ପତ୍ରପ୍ରେରକମାନେ କହନ୍ତି ଯେ କଟକର ମାଜିଷ୍ଟ୍ରେଟ ସନ ୧୮୭୩ ମସିହା ମାର୍ଚ୍ଚ ମାସରେ ଶୁଣ୍ଡିକୁ ଘର ଉଠାଇ ନେବାପାଇଁ ଅଜ୍ଞା ଦେଇଥିଲେ ପୁନଶ୍ଚ ସନ ୧୮୭୧ ମସିହାରେ ଶାସ୍ତ୍ରୀ ମାଓଫର୍ଡନ ସାହେବ ଉକ୍ତ ଶୁଣ୍ଡିର ଘର ଉଠାଇଦେବା ପାଇଁ ବାଗବାହାଦୂର କାନୁନଗୋଇ ପ୍ରତି ଅଜ୍ଞା ଦେଇଥିଲେ ଓ ଶୁଣ୍ଡି ସେ ସମୟରେ ଆପତ୍ତି କରିଥିଲା ମାତ୍ର ତାହା ଅଗ୍ରାହ୍ୟ କଲେ । କିନ୍ତୁ ଅଦ୍ୟାପି ସେ ଅଜ୍ଞା ପ୍ରତିପାଳନ ହୋଇ ନାହିଁ ଧର୍ମଶାଳା ସେହିପରି ଶୁଣ୍ଡି ହାତରେ ଅଛି ଓ ବିଦେଶୀ ଯାତ୍ରୀମାନେ ବିଶ୍ରାମ ପାଇଁ ଧର୍ମଶାଳା ପ୍ରସ୍ତୁତ ହୋଇଅଛି ସେମାନେ ସେଠାରେ ରହିପାରନ୍ତି ନାହିଁ କଷ୍ଟ ପାଉଅଛନ୍ତି । ଏ ବଡ ଦୁଃଖର ବିଷୟ ଅଟଇ ଓ ଏହା ପ୍ରତି ଜିଲ୍ଲାର କଲେକ୍ଟର ମାଜିଷ୍ଟ୍ରେଟ ସାହେବଙ୍କ ଦୃଷ୍ଟି ଦେବା ପାଇଁ ସେମାନେ ପ୍ରାର୍ଥନା କରୁଅଛନ୍ତି । ଏକଥା ସତ୍ୟ ହେଲେ ଅମ୍ଭେମାନେ ଉକ୍ତ ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ତାହାଙ୍କ ଅଜ୍ଞା ପ୍ରତିପାଳନ ପକ୍ଷରେ ଉଚିତ ଉପାୟ କରନ୍ତୁ ଓ ଯେବେ କାନୁନଗୋଇ ଅଜ୍ଞା ମାନ୍ୟ କରିବାରେ ତ୍ରୁଟି କରିଥାଏ ତାହାକୁ ଉଚିତ ଶିକ୍ଷାଦେବାର ଆବଶ୍ୟକ । ଅଧୀନ କର୍ମଚାରୀମାନେ ଯେବେ ହାକିମଙ୍କ ଅଜ୍ଞାକୁ ଏହିରୂପେ ଅନ୍ୟଥା କରିପାରିବେ ତେବେ ହାକିମୀ ଅଉ କେଉଁ କାର୍ଯ୍ୟର ହେଲା ? ଏଠାରେ କହିବାର ଅବଶ୍ୟକ ଯେ ସଦର କାନୁନଗୋଇଙ୍କର କାର୍ଯ୍ୟରେ ମଧ୍ୟ ଶୈଥିଲ୍ୟ ଦେଖାଯାଏ କାରଣ କାନୁନଗୋଇଙ୍କ ପ୍ରତି ଯାହା ଅଜ୍ଞା ହୁଏଇ ତାହା ପ୍ରତିପାଳିତ ନ ହେଲେ ତାହାଙ୍କୁ ଜବାବଦେହିରେ ଅଣିବାର ଉଚିତ ହେଉଅଛି ।

---

ପଥକର ଅତ୍ୟାଚାର

ବାଲେଶ୍ୱର ଜିଲ୍ଲାରେ ଲାଖରାଜ ଜମିର ଯେ ପର ପଥକର ବନ୍ଦୋବସ୍ତ ହୋଇ ଅଛି ତାହାକୁ ଅତ୍ୟାଚାର ବା ଅନ୍ୟାୟ ସ୍ୱତ୍ତ୍ୱ ବୋଲିବାକୁ ହେବ । ସେଠା କଲେକ୍ଟର ହମ୍ବର ସାହେବ ସବୁ କାର୍ଯ୍ୟରେ ତତ୍ପର ଓ ଚତୁର ଏ ହେତୁ ଯେ କୌଣସି ବିଧି ଗବର୍ଣ୍ଣମେଣ୍ଟ ପ୍ରଚାର କରନ୍ତି ତାହା ସକଳ ଜିଲ୍ଲା ଅପେକ୍ଷା ବାଲେଶ୍ୱରରେ ଅଗ୍ରେ କାର୍ଯ୍ୟରେ ପରିଣତ ହୁଏଇ ସୁତରାଂ ସରକାରୀ କର୍ମରେ ବାଲେଶ୍ୱର ଅଗ୍ରପଦ ପାଉଅଛି । କିନ୍ତୁ ସେ କାର୍ଯ୍ୟ ସବୁ ବିଧି ନ୍ୟାୟ ଓ ଯୁକ୍ତିସଙ୍ଗତ କି ନା ଓ ପ୍ରଜାଙ୍କ ସହିତ ହୁଏଇ କି ନାହିଁ ସନ୍ଦେହ ଯୁକ୍ତ ଅଟଇ । ସନ୍ଦେହ ନାହିଁ କି, ତତ୍କାଳ କାର୍ଯ୍ୟରେ ଅନେକ ସମୟ ବ୍ୟତିକ୍ରମ ହୁଏ ଏହା ସଂଶୟହୀନ ଅଟେ । ହମ୍ବର ସାହେବ ଆପଣାର ସ୍ୱଭାବ ଅନୁସାରେ ପଥକର କାର୍ଯ୍ୟକୁ ଶୀଘ୍ରରେ ସାରିବାର ଅଭିପ୍ରାୟ ଦେଖାଇ ଦେଲେ ଓ କାର୍ଯ୍ୟ ଅନେକ ବାକି ଥାଉଁ ଥାଉଁ ମାସକରେ ପଥକରର ଜରିପ ସାର୍ଯ୍ୟ କରି ଓ ବନ୍ଦୋବସ୍ତ ପତ୍ର ଉପରରେ ସାରିବାର ରିପୋର୍ଟ କରି ସେ ଉପରେ ମନ୍ତବ୍ୟ କରିଦେଲେ କିନ୍ତୁ ପଥକର କାର୍ଯ୍ୟ ସହଜରେ ସରିବାର ନୁହେ । ବନ୍ଦୋବସ୍ତ ଶେଷ ହେବା କଥା ଯେତେବେଳେ ଥାଉ ଗତ ଅକ୍ଟୋବରମାସ ପର୍ଯ୍ୟନ୍ତ ସାଧାରଣ ଲୋକେ କର୍ମ ଶେଷ ହୋଇ ନ ଥିଲା । ଅମ୍ଭେମାନେ ଦେଖିଅଛୁଁ ଯେ ଗୋପାଳଶିଂ ମଠ ପ୍ରତି ଉକ୍ତ ମାସରେ ଧାରା ଅନୁସାରେ କାଗଜ ଦାଖଲ ନୋଟିସ ଜାରୀ ହୋଇଥିଲା ଓ ସେ କାଗଜ ଦାଖଲ ଦେବାର ମିଆଦ ଅଦ୍ୟାବଧିରେ ମା ... ସ ଅଛି । ସେ ଯାହା ହେଉ ହମ୍ବର ସାହେବ ଯେପରି ରିପୋର୍ଟ କରିଅଛନ୍ତି ସେପରି କାର୍ଯ୍ୟ ଦେଖାଇବାକୁ ହେବ । ଅତଏବ ନ୍ୟାୟସଙ୍ଗତ ହେଉ ବା ନ ହେଉ କୌଣସିରୂପେ

Split by PDF Splitter
Digitized by srujanika@gmail.com

Split by PDF Splitter



…ବନ୍ଦୋବସ୍ତ ସାତ ଏବର୍ଷ ମଧ୍ୟରେ ପଥକର …ସଂଗ୍ରହ କରିବାକୁ ହେବ । ଅମ୍ଭେମାନେ ଯେଉଁ …କାର୍ଯ୍ୟକୁ ଉଲ୍ଲେଖ କରୁଅଛୁଁ ତାହା ଏହି …ଅର୍ଥେ ।

…ଅଷ୍ଟମ ଧାରାନୁସାରେ କୌଣସି ସମ୍ପତ୍ତିର …ରସ୍ଥ ବନ୍ଦୋବସ୍ତ ହେଲେ ତହିଁର ରେଜ …ର୍ଥାତ୍ ମୂଲ୍ୟ ଧାର୍ଯ୍ୟ ଫର୍ଦ୍ଦ ଭୂମ୍ୟଧିକାରୀ ଉପରେ …ଶୀ ହେବ ତାହାର ତହିଁରେ କିଛି ଆପତ୍ତି …ଲେ ସେକାଗଜ ଦାଖଲ କରିବ ତହୁଁ କାଗଜ …ଙ୍ଗଲୀ ମହାଲର ବନ୍ଦୋବସ୍ତ ହେବାର ଯେ ବିଧି …ଛି ତାହା ଏହାପ୍ରତି ଖଟିବ ଅର୍ଥାତ୍ ସେହି …ାଗଜ ଅନୁସାରେ ମୂଲ୍ୟ ଧାର୍ଯ୍ୟ କରି ପୁନରପି …ଗୁଲ ତାଗି କରାଯିବ ଓ ତହିଁରେ ପୁଣି କିଛି …ପତ୍ତି ଥିଲେ କମିସନରୀରେ ଅପିଲ ହୋଇ …ରିବ ଜମା ଯେହି ସମ୍ପତ୍ତି ସଂକ୍ରାନ୍ତ ନିକିମିର …ଲ୍ୟ ଅଧିକ ହୋଇଥିଲେ ସିକିମିଦାର ବନ୍ଦୋ- …ସ୍ତ କର୍ତ୍ତାଙ୍କଠାରେ ଅପତ୍ତି କରିପାରିବ । ଏ …ପତ୍ତି ସବୁ କିଷ୍ପତ୍ତି ପାଇଲେ ଜମା ଆପତ୍ତି ନ …ହାଇଥିଲେ ତହିଁର ମିଆଦ ଏକମାସ ଅଧିକାର …ସମୟ ଗତ ହେଲେ ଯେ ଜମା ସ୍ଥିର ରହିବ …ହିଁ ଉପରେ ପଥକର ଧାର୍ଯ୍ୟ ହୋଇ ଧା ୧୬ …ନୁସାରେ କର ତଲବୀ ନୋଟିସ ଜାରି ହେବ । …ଇନର ଏପ୍ରକାର ମର୍ମ ଥିବା ଓ ତଦନୁସାରେ …ନ୍ୟ ଜିଲାମାନଙ୍କରେ କାର୍ଯ୍ୟ ହେଉଥିବା …ଶେଷ ବିମ୍ସ ସାହେବ ଲଗଣି କମିଟ୍ …ନ୍ତି ଧାର୍ଯ୍ୟ ଧା ୮ ଅନୁସାରେ କର ତହିଁର …ଇ ଏବଂ ଧା ୧୬ ଅନୁସାରେ କର ତଲବୀ …ୋଟିସ ଏକାବେଳକେ ଜାରି କରୁଅଛନ୍ତି ଓ …ନୋଟିସରେ ଅଧିକନ୍ତୁ ଲେଖା ହୋଇଥାଏ …ଦଶଦିନ ମଧ୍ୟରେ ପ୍ରଥମ କିସ୍ତ ଅର୍ଥାତ୍ …୪ କରର ଅର୍ଦ୍ଧେ ଦାଖଲ ନ କଲେ ଯାଏ- …ଦ ଜୋରକ ଦଖଲନାମା ଟଙ୍କା ଆଦାୟ …ହିବ । ଅମ୍ଭେ ଶୁଣୁଅଛୁଁ ଯେ ଏକା …ଇଗର ଏତୁପ୍ରକାର ରେକ ଓ ନୋଟିସ ଏଠାର …ାକ ଉପରେ ଜାରି ହୋଇଅଛି । ଏପରି …କାଶ ଦେବାର ବୋର୍ଡ ବିଧି କରି ନାହାନ୍ତି । …ଯାହା ହେଉ ଏ ଅମଳାଣରେ ଚିଏ ନ …ବ । ମୋଫସଲରେ କେତେ ଲୋକ ଅଛନ …ନ୍ତି ? ହାକିମଙ୍କର ପରୱାନାକୁ ତାହା ଅଛି- …ିଛି ଥାଉ ବା ନ ଥାଉ ମୋଫସଲଲୋକେ …ତାଙ୍କ ଆଜ୍ଞାପତ୍ରିକା ଅପେକ୍ଷା ଅଧିକ କରି …ନ୍ତି ଓ ତାହାହିଁ ତାଙ୍କପ୍ରତି ଅଇନ ହୋଇ- …ଏ । ପୁଣି ସଉସର ବନ୍ଦୋବସ୍ତର ଗେଲ

ସଙ୍ଗେ ଉଲ୍ଲିପନ ଦେବାର ଯେ କମିଶ୍ନରସାହେବ ବିଧି କରିଅଛନ୍ତି ଓ ଦ ଯାହା କଟକଜିଲାରେ ଜାରି ହେଉଅଛି ତାହା ବାଲେଶ୍ୱରରେ ଜାରି ହେଉ ନାହିଁ । ଏ ବିଜ୍ଞାପନରେ ସରସରୀ ବନ୍ଦୋବସ୍ତ ସମ୍ପର୍କେ ଆଇନର ମର୍ମ ଓ ଅପତ୍ତି ଥିଲେ କାଗଜ ଦାଖଲ କରିବା ବିଷୟ ଲେଖାଥାଏ ବୋଧ ହୁଏ ଏହି ହେତୁ ବିମ୍ସ ସାହେବ ସେ ବିଜ୍ଞାପନକୁ ଗୋପନ କରୁଅଛନ୍ତି । ସେ ବିଜ୍ଞାପନ ବୃଥା ଅପତ୍ତି ଅମଳଣ କରପାରେ ସତ୍ୟ ଉଠାଉ ତାହା ଶ୍ରୋତୃକର ଅଟଇ ଓ ବୃଥା ଅପତ୍ତିରେ ହାକିମଙ୍କର କର୍ତ୍ତବ୍ୟ କାର୍ଯ୍ୟ ବୃଦ୍ଧି ଭିନ୍ନ ଅନ୍ୟ କିଛି ହାନି ହୋଇ ନ ପାରେ । ସେ ବିଜ୍ଞାପନ ଦେବା ଦୂରେ ଥାଉ ବିମ୍ସ ସାହେବ ଏକାବେଳକେ ଦଶଦିନ ମଧ୍ୟରେ ଅର୍ଦ୍ଧେ କର ତଲବ କରୁଅଛନ୍ତି ଓ ତାହା ନ ଦେଲେ ଜାଏଦାଦ କୋରକ ନିଲାମର ଭୟ ଦେଖାଇ ଅଛନ୍ତି । ଏ ଧମକାଣରେ କିଏ କର ନ ଦେବ ଓ ଟଙ୍କା ଦେଲା ଉତ୍ତାରୁ କିଏ ଅପତ୍ତି କରିବାକୁ ଯିବ ? ସରସରି ବନ୍ଦୋବସ୍ତ ଯେ ସଙ୍କଳ୍ପରେ ଠିକ ହୋଇଥିବ ଏହା କଦାପି ସମ୍ଭବ ନୁହେଁ । ଅଧିକା ଜମା ହୋଇବା ସ୍ଥଳେ ଯଦି ଟାକ୍ସ ଦାତ୍ରୀ ସେ ଧମକାଣରେ ଅଇନାନୁସାରେ ଅପତ୍ତି ଉଠାଇ କରି ଯଥାର୍ଥ ଜମା ଧାର୍ଯ୍ୟ କରାଇ ନ ପାରନ୍ତି ତେବେ ସେ କାର୍ଯ୍ୟକୁ ଅନ୍ୟାୟର ବା ଅନ୍ୟାୟସୂଚକ କୁହା ନ ଯାଇ ଅଉ କଣ କୁହାଯିବ । ଅମ୍ଭମାନଙ୍କ ବିବେଚନାରେ ବିମ୍ସ ସାହେବଙ୍କର ଏକାର୍ଯ୍ୟ ଉତ୍ତମ ହୋଇ ନାହିଁ ଓ ତହିଁରେ ଅନେକ ଦୁଃଖୀ ପ୍ରଜାଙ୍କର କ୍ଷତି ଘଟିଥିବ ସନ୍ଦେହ ନାହିଁ । କମିଶ୍ନର ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ଉପର୍ଯ୍ୟୁକ୍ତପ୍ରକାରରେ କେତେ ବନ୍ଦୋବସ୍ତ ହୋଇଅଛି ତଦନ୍ତ କରନ୍ତୁ ଓ ତହିଁରେ ଅନ୍ୟାୟ ହୋଇଥିଲେ ତାହା ସୁଧୁରିବାର ଉପାୟ କରନ୍ତୁ । ଅମ୍ଭେମାନେ ସଂକ୍ଷେପରେ ଏତିକି ବୋଲୁଅଛୁଁ ଯେ ବଙ୍ଗଳା ଡିଭାର କୌଣସି ଜିଲାରେ ଏପର୍ଯ୍ୟନ୍ତ ବନ୍ଦୋବସ୍ତ ଶେଷ ହୋଇ ନାହିଁ ଓ ପୁରୀ ଖୁର୍ଦ୍ଧା ଜିଲା ହେଲେହେଁ ସେଠାର ବନ୍ଦୋବସ୍ତ ହୁଇ ନାହିଁ କିନ୍ତୁ ବାଲେଶ୍ୱରରେ ଏପର୍ଯ୍ୟନ୍ତ କାରଖଣ କର ସଂଗ୍ରହ ହେଲାଣି ଏଥିରୁ ସେଠା କାର୍ଯ୍ୟ କିପରି ଘରପାଟିରେ ହୋଇଅଛି ପାଠକମାନେ ସହଜରେ ବୁଝିପାରିବେ ।

ପରିଶେଷେ ବିମ୍ସସାହେବଙ୍କୁ ଅମ୍ଭେମାନେ ଏତିକି କହୁଅଛୁଁ ଯେ ସେ ତାଙ୍କର ଏକାଦୃଶ ଚଞ୍ଚଳ ସ୍ୱଭାବ ତ୍ୟାଗକରି ବୁଦ୍ଧିକୁ ସୁଥିର କରନ୍ତୁ । ସେ ଯେପରି ଯୋଗ୍ୟଲୋକ ବୁଦ୍ଧି ଧୀରତା ଅବଲମ୍ବନ କଲେ ତାଙ୍କର କୌଣସି ଦୋଷ ନ ରହିବ ଓ ସେ ଅତି ମହତ ଓ ଆଦରଣୀୟ ଲୋକ ହେବେ ସନ୍ଦେହ ନାହିଁ । ପଥକର ନାମ ମାତ୍ରକ ଘୃଣିତ ଓ ବିରକ୍ତିଜନକ ଅଟଇ ପୁଣି ତହିଁର କାର୍ଯ୍ୟ ସମ୍ପାଦନରେ କିଞ୍ଚିନ୍ମାତ୍ର ଅନ୍ୟାୟ ବା ଅତ୍ୟାଗ୍ରହ ହେଲେ ତାହା ଅସହ୍ୟ ହୋଇ ପଡେ । ଯେପରି ଲୋକଙ୍କର କିଛିହିଁ ଅସୁବିଧା ନ ହୋଏ ସେପରି କର୍ମ କରିବାର ଉଚିତ ଏଥିରେ ଯଦି କିଛି ବିଳମ୍ବ ଓ ଅଧିକ ବ୍ୟୟ ହୁଅଇ ସେଥି ପାଇଁ କିଛି ଗୋଟଣା ନାହିଁ ।

---

# ସାପ୍ତାହିକସଂବାଦ ।

କେତେକ ଦିନ ହେଲା ମାହାଙ୍ଗା ଓ କୁଆଁପାଇରେ ଦିନ ଦୁଇପ୍ରହର ସମୟରେ ଅନେକ ଗୁଡିଏ ଘର ପୋଡି ଯାଇଅଛି । ଜପ୍ତି ହେତୁ ଗୃହସାମଗ୍ରୀ ସବୁ ବାହାର ହୋଇ ନ ପାରିବାରୁ ଅନେକ କ୍ଷତି ହୋଇଅଛି ।

ଏଠା ଫଉଜଦାରୀରେ ଦସ୍ତୋଟି ବ୍ୟଭିଚାର ମକଦମା ଆଗତ ହୋଇଅଛି ଗୋଟିକରେ ଫିଲଡ ସାହେବ କାଙ୍ଗ ଓ ଅନ୍ୟଟିରେ ସାମୁଏଲ ରୋଥ୍ଲି ଏ ଦୁହିଙ୍କର ସ୍ତ୍ରୀ ସଙ୍ଗେ ଦୁଇଜଣ ଭେଲଙ୍ଗା ପାପାଲାପ କରିଥିବାର କୁହାଯାଏ । ଏ ଉଭୟ ବ୍ୟଭିଚାରିଣୀ ଖ୍ରୀଷ୍ଟିୟାଣୀ ଅଟନ୍ତି । ଏଥିର ସବିଶେଷ ବୃତ୍ତାନ୍ତ ପ୍ରକାଶ ପାଇଲେ ପାଠକମାନଙ୍କୁ ଜଣାଇବୁଁ ।

ବାଲେଶ୍ୱରର ପୁଲିସଇନସ୍ପେକ୍ଟର ଅଣ୍ଡରଡ ସାହେବଙ୍କ କାର୍ଯ୍ୟ ଉପରେ କିଛି ସନ୍ଦେହ ହେବାରୁ ତାହାଙ୍କୁ କଟକକୁ ବଦଳି କରି ତାହାଙ୍କ ପରିବର୍ତ୍ତରେ କଟକର କୋର୍ଟ ଇନସ୍ପେକ୍ଟର ବାବୁ ରଘୁନାଥ ବୋଷଙ୍କୁ ବାଲେଶ୍ୱରକୁ ପଠାଇବା ଶ୍ରୀଯୁକ୍ତ କମିଶ୍ନର ସାହେବ ଆଜ୍ଞା ଦେଇ ଅଛନ୍ତି ଓ ମାଜିଷ୍ଟ୍ରେଟ ସାହେବ ମଧ୍ୟ ତହିଁରେ ସମ୍ମତ ହୋଇଅଛନ୍ତି ।

ଏ ବର୍ଷ ପୁରୀକୁ ରଥଯାତ୍ରା ଉପଲକ୍ଷରେ ବିଶେଷ ବଙ୍ଗାଳିଯାତ୍ରୀ ଆସି ଅଛନ୍ତି । ଏମାନେ ଯେବେ ରଥଯାତ୍ରା ପର୍ଯ୍ୟନ୍ତ ପୁରୀ ନଗରରେ ଜମା ହୋଇ ରହିବେ ତେବେ ଅନିଷ୍ଟ ହେବାର ସମ୍ଭାବନା । ଭରସା କରୁଁ ପୁରୀର ସ୍ୱାସ୍ଥ୍ୟରକ୍ଷକ ଏହାକ ପାଇଁ ଉତ୍ତମ ବନ୍ଦୋବସ୍ତ କରିଥିବେ ।

Digitized by srujanika@gmail.com

୧ । ଏତଦ୍ବେଦନ ଗଡ଼ିଏର ଅବଗତ ହେଲୁଁ

ଶୂଳବେଦନାର ଔଷଧ ।

| | |
|---|---|
| ଇନ୍ଦ୍ରଯବ | ୧ତୋଳା । |
| ବଚଙ୍ଗ | ୧ତୋଳା । |
| ସୁହାଗଭଜା | ୧ତୋଳା । |
| କିସମିସ | ୧ତୋଳା । |
| ମିଶରୀ | ୧ତୋଳା । |

ଉପରଲିଖିତ ଦ୍ରବ୍ୟସମୁଦାୟ ବଣିଆ ଦୋକାନରେ ମିଳେ । ମୂଲ୍ୟ ଦୁଇଅଣାରୁ ଅଧିକ ହେବ ନାହିଁ ଏହି ଦ୍ରବ୍ୟଗୁଡ଼ିକ ଖଣ୍ଡରେ ଶୁଖାଇ କିସମିସ ଛଡ଼ା ଅଉ ସବୁ ଦ୍ରବ୍ୟ ପିଠାବତ୍ ଧୂଳିପରି ଗୁଣ୍ଡା କରିବାକୁ ହେବ । ତହିଁ ଉତାରୁ ବଡ଼କର ପରିମାଣ ଗୋଟିଏ ଷଡ଼ାଇ ଗୋଟିଏ ପିତ୍ତଳ ପାତ୍ରରେ ଅଧସେରେ ପାଣି ବସାଇବାକୁ ହେବ ଜଳ ଗରମ ହେଲେ ପ୍ରଥମେ ମିଶିରିଗୁଣ୍ଡା ପକାଇ ଘାଣ୍ଟିବାକୁ ହେବ ତହିଁ ବାଦ ଜଳ ଫୁଟି ଉଠିଲେ ଅନ୍ୟ ମସଲ୍ଲାଗୁଡ଼ିକର ଏକଏକପ୍ରକାର ପକାଇ ପୋହାର ପିଠାଗଡ଼ିବାଯାଏ କ୍ରମାଗତ ଘାଣ୍ଟିବାକୁ ହେବ ସର୍ବଶେଷରେ କିସମିସ ଦେବାକୁ ହେବ । କ୍ରମେ ପାଣ୍ଟୁ ୨ ବେଷ୍ଟିକ ଯେତେବେଳେ ଟେଲା ବାନ୍ଧିଆସିବ ଅର୍ଥାତ୍ ବଉବାନ୍ଧିବା ଯୋଗ୍ୟ ହେବ ସେତେବେଳେ ଓହ୍ଲାଇବାକୁ ହେବ ।

ପରିଶେଷରେ ଏତେବଡ଼ ହେବାର ଉଚିତ ଯେ, ଯେପରି ଏକାଥରକେ ରଖାକାର୍ଯ୍ୟ ଶେଷହେବ ଯାହାକୁ ବାହାରିବାର ବଡ଼କାଳ ଗୋଟିଏ ପଥର ବାସନରେ ଭର୍ତ୍ତିଲେ ଟାଣ ହୋଇଯିବ । ତେଣେ ଜେତେବେଳେ ତହିଁରେ ଅଣ୍ଟୋଟି ବଟି କାଟିବାକୁ ହେବ । ପାଉଦର ସେଭନ ଦରକା ପ୍ରତ୍ୟେକ ସେଇ ବଡ଼ ଗୋଟିଏଗୋଟିଏ ଖାଇବାକୁ ହେବ, ପାନ ଅମ୍ଳ ଲଙ୍କା ଓ ତେଲ ବାଦ ଅନ୍ୟ ସବୁ ଖାଇବାର ନିଷେଧ ନାହିଁ । ଏହି ଔଷଧରେ ଶୂଳବେଦନା ନିଶ୍ଚୟ ଆରାମ ହୁଏ ତେବେ ଦଶ ପନ୍ଦରଦିନ ବ୍ୟବହାର କରିବାକୁ ହେବ ଅର୍ଥାତ୍ ରୋଗ ପୁରୁଣା ହୋଇଲେ ମାସେ ବା ଦୁଇମାସ ଖାଇବାକୁ ହୁଏ । ଦଶ ବାର ବର୍ଷ ହେଲେ ୩୪ମାସ ଓ ତାହାଠାରୁ ଅଧିକଦିନର ହେଲେ ଛମାସଠାରୁ ବର୍ଷେପର୍ଯ୍ୟନ୍ତ ଖାଇବାକୁ ହୁଏ । କିନ୍ତୁ ଖାଇବାକୁ କଷ୍ଟନାଶ କଷ୍ଟ ନାହିଁ ।

ଏହି ଔଷଧରେ ଦୁଇଜଣଙ୍କ ଅଧିକ ଶୂଳରୋଗୀ ଆରୋଗ୍ୟ ହେବାର ଦେଖିଅଛୁଁ । ତେଣେ ସନ୍ନ୍ୟାସି ଲୋକଠାରୁ ଏହି ଔଷଧ ମିଳିଥିଲା । ଏହି ଔଷଧସମ୍ବନ୍ଧରେ ତାହାଙ୍କର ବୃଢ଼ଗୋଟି ଅଛି । ସୁଥାନ ଏହି ଔଷଧ ହେଉ ଖାଇବାର ରାତ୍ରର ପଢ଼ାଇଲା ହେବାର ନୁହେଁ । ଅତଏବ ଯାହାକୁ ଏହି ଔଷଧ ଲହୁଦଅଯାଏ, ସେମାନେ ପ୍ରସ୍ତୁତ କରିବାକୁ ହେବ, ତାହା ଯେପରି ପ୍ରଥମଥରରୁ ଦେଖାଇଦଅଯାଏ ।

୨ । ମେଦନୀପୁର ଜିଲାର ଗୋବନ ପଣ୍ଡାର କଥିବା ଜଣେ ସତ୍ତ୍ୱର ଆନନ୍ଦ ପଣ୍ଡାର ବିବାହ ହୋଇଅଛି ।

୩ । ସମ୍ବାଦପୂର୍ଣ୍ଣଚନ୍ଦ୍ରୋଦୟରେ ଗୋଟିଏ ଚମତ୍କାର ବିବରଣ ଲେଖା ହୋଇଅଛି । ଦନଂଗ୍ରାମର ଅନ୍ତର୍ଗତ କୌଣସି ଗ୍ରାମର ଏକ ବ୍ରାହ୍ମଣ ୭ ବର୍ଷର ଗୋଟିଏ ବାଳିକାକୁ ବିବାହ ହୋଇ ଆପଣା ଶ୍ୱଶୁର ଘରେ ତାହାକୁ ରଖି ବିଦେଶୀ ସ୍ଥାନକୁ ଗଲା । ସାତବର୍ଷ ସେଠାରେ ରହି ୩୦୦ ହଜାର ଟଙ୍କା ଓ ଗହଣାଦ ଉପାର୍ଜନ କରି ଦେଶକୁ ଆସିଲା, ଏବଂ ସ୍ତ୍ରୀକୁ ଆଣିବାକୁ ଶ୍ୱଶୁର ଘରକୁ ଗଲା । ଶ୍ୱଶୁର ଜାଣେ କଣ ଭୟଥିଲେ କି, ତାଙ୍କର ସ୍ତ୍ରୀ ମରି ଯିବାରୁ ସେହି ବାଳିକାଟା କନ୍ୟାକୁ ବଦଳ ଦେଇ ଅଉ ଗୋଟିଏ ବିବାହ କରି ପରିବର୍ତ୍ତନା କରିଅଛନ୍ତି ଜୁଆଁଇର ଦେଖିବା ମାତ୍ର ଜାନ ଆକୁଳ ହେଲେ ଜୁଆଁଇ ପଚାରିଲେ କ ହୋଇଅଛି ? ବା ତୁମ୍ଭର ଶାଶୁ ଓ ଭାର୍ଯ୍ୟା ଦୁହେଁ ମରିଗଲେ ମୁଁ ପୁନର୍ବାର ବିବାହ ହୋଇଅଛି, ସେହି ଦ୍ୱିତୀୟବାକୁ ତୁମ୍ଭର ନୂଆଶାଶୁ । ଜୁଆଁଇ ଚମତ୍କୃତ ହୋଇ ଫେରି ଘରକୁ ଯାଇଁ ୨-୩ ବାରରେ ଶୁଣିଲେ ତାଙ୍କ ଶ୍ୱଶୁର ୫ ୬ ଅଧିକୁ ପଇଟି କରି ବିବାହ ହୋଇଅଛି ତାହାର ସ୍ତ୍ରୀ ମରି ନାହିଁ । ଜୁଆଁଇ ମଧ୍ୟ ବଡ଼ ମଜବୁତ ଲୋକ । ଦିନେ ଦିନ ଭୋରରେ ବାଡ଼ି ହାତେ ଶ୍ୱଶୁର ନିକଟରେ ଉପସ୍ଥିତ ହେଲା । ଶ୍ୱଶୁର କହିଲେ କ ହୋଇଅଛି ବାବା । ଏଥର କଣ ? ନା, ମାତାର ମୃତ୍ୟୁ ହୋଇଅଛି, ତାଙ୍କର ମୁଁ ଦୁଇହଜାର ଟଙ୍କା ବ୍ୟୟ କରିବି । ଅତଏବ ଆପଣଙ୍କୁ ଏଥର ଖର୍ଚ୍ଚ ଦେବାକୁ ହେବ, ଅଉ ଶାଶୁଠାକୁରାଣୀଙ୍କି ପଠାଇବାକୁ ହେବ, ନତୁବା ମୋର କର୍ତ୍ତବ୍ୟ ଚଳୁ ନାହିଁ । ଶ୍ୱଶୁର ଜବାବ ଦୁଇହଜାର ଟଙ୍କା ହାତରେ ମିଳିଲେ ଦେନ୍ତି ନାଇ ବଶ୍ୟବ, ଏହି ଲୋଭରେ ମୋହିତ ହୋଇ ସ୍ତ୍ରୀକୁ ଅତରେ ପଠାଇ ଦେଲେ । ଜୁଆଁଇ ଶାଶୁକୁ ନେଇ ମାତା ନିକଟକୁ ଯାଇ କହିଲେ ଯେ ଏହି ବୋହୂ ଆଣିଅଛି ମାତା ମଧ୍ୟ ପୁତ୍ରକଥିକୁ ଘଟ ଅନୁସାରେ ଖାତିର କଲେ ଗୃହିରେ ଶାଶୁକୁ ନେଇ ଜୁଆଁଇ ସ୍ତ୍ରୀ ପ୍ରାପ୍ତ କାଦମ୍ବାର ହେଲ । ପ୍ରଥମରେ ସେ ଅସମ୍ମତ ହେଲା, ପରେ ଟଙ୍କା ଓ ଗହଣା ଲୋଭ ପାଇ ଭୁଲି ଗଲା । ଶ୍ୱଶୁର ତହିଁ ଅଉଦିନ ଯାଇ ଅଉ ବଗଲ ପାଇଲେ ନାହିଁ, ତାହାକୁ ଗାଳି ଦେଇ ଉଠ ଦେଲେ । ସେ ବର୍ତ୍ତମାନ ବନଗ୍ରାମ ଥାନାରେ ନାଲିଶ କରିଅଛି । ଏ ଅଉ ଛଠାରୁ ଅଛି ।

ମିଉନିସିପାଲ ବିଲ ଗବର୍ଣ୍ଣମେଣ୍ଟ ଇଣ୍ଡିଆର ହାତଙ୍କର ଦେବାରୁ ବଙ୍ଗଳା ବ୍ୟବସ୍ଥାପକ ସଭାରେ ପୁନର୍ବାର ଯେଉଁ ମିଉନିସିପାଲ ବିଲ ପ୍ରସ୍ତୁତ ହେଲା ଓ ଯହିଁରେ ଅଭୂ ଶାସନର ଦେଷେଜ ଉପାୟ ହୋଇଅଛି ତାହା ଗବର୍ଣ୍ଣମେଣ୍ଟ ଇଣ୍ଡିଆ ମଞ୍ଜୁର ହୋଇଅଛନ୍ତି । କାର୍ଯ୍ୟତଃ ଏହା କିପରି ଚଳିବ ଦେଖାଯିବ ।

ପୁନାନଗରର ପୁରାତ ମାଜିଷ୍ଟ୍ରେଟ ମିସ୍ତର ନାନାମସ୍ତେଙ୍କ ଆପଣା ପୁଅକୁ ସିଭିଲ ସର୍ଭିସ ପରୀକ୍ଷା ଦେବା ପାଇଁ ଇଂଲଣ୍ଡକୁ ପଠାଇବାର ମନସ୍ଥ କରିଅଛନ୍ତି ।

## ବିଜ୍ଞାପନ

କଟକ ସହରରେ ବଙ୍ଗ ବିଦ୍ୟାଳୟ ।

ସର୍ବସାଧାରଣଙ୍କୁ ଜଣାଇ ଯାଉଅଛି ଯେ ଆଗାମୀ ଜୁଲାଇମାସ ତା ୨ ଏଗ ବୁଧବାର ଦିନ ଏହି ରଙ୍ଗମହଲରେ ଗୋଟିଏ ବଙ୍ଗଳା ବିଦ୍ୟାଳୟ ସଂସ୍ଥାପିତ ହେବ । କେବଳ ବଙ୍ଗଳା ଭାଷାରେ ଶିକ୍ଷା ଦିଆଯିବ । ଆଉ ଛାତ୍ରମାନଙ୍କର ଚରିତ୍ର ଉପରେ ଦୃଷ୍ଟି ରଖିବାକୁ ହେବ ।

ସମୟ—ପ୍ରାତଃକାଳ ୯ ୭ ଘଟିକା ସନ୍ଧ୍ୟା ପର୍ଯ୍ୟନ୍ତ ଛାତ୍ରମାନଙ୍କର ବେତନ— ୧ ମ ଓ ୨ ୟ ଶ୍ରେଣୀ—୫୦ ଅଣା ତୃତୀୟଶ୍ରେଣୀ ୫୦ । ଅଣା

କଟକ ତା ୧୨ ଏଗ ଜୁନ ସନ ୧୮୭୩ ମସିହା — ଶ୍ରୀ ଦାନନାଥ ବନ୍ଦ୍ୟୋପାଧ୍ୟାୟ ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଅର୍ତ୍ତବନ୍ଧୁ ଲକର | ଦତ୍ତକ ଚନ୍ଦା | ୫୦୯ |
| ,, ରାମଗୋପାଳଭଟ୍ଟାଚାର୍ଯ୍ୟ ପୁରୀ | ,, | ୫୧୦/ |
| ଶ୍ରୀ ଶ୍ରୀ ମହାରାଜା | ,, ,, | ୫୦୦୦/ |
| ବାବୁ ରାମଚନ୍ଦ୍ର ଆଢ୍ୟ | ,, ,, | ୫୧୦ |
| ,, ଯାଦବନାଥପ୍ରସାଦଦାସ | ,, ,, | ୫୬/ |
| ,, ଘନଶ୍ୟାମ ବାନ୍ଦ୍ୟୋ | ,, | ୫୧୦ |

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ... ସଂଖ୍ୟା ... } ତା ୨୯ ଜୁନ ସନ ୧୮୯୦ ମସିହା । ମୂ । ଆଷାଢ଼ ୧୫ ଦିନ ସନ ୧୨୯୭ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୨୲ ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨୷ ମଫସଲ ଥାଇ ଡାକମାସୁଲ ୨।୵

ଗତ ସପ୍ତାହରୁ ବର୍ଷାକାଳ ଆରମ୍ଭ ହେଲାଣି ବୋଲି ଅଦ୍ୟାପି ଏ ନଗରରେ ପ୍ରଚୁର ବୃଷ୍ଟି ହୋଇ ନାହିଁ କେବଳ ଅଳ୍ପବୃଷ୍ଟି ଓ ପବନ ମନ୍ଦଗତିରେ ଆରମ୍ଭ ହୋଇଅଛି । ନଦୀରେ ମଧ୍ୟ ଜଳ କିଛିହେଲେ ବୃଦ୍ଧି ହୋଇ ଥଳ ଢାଙ୍କି ନଲାଣି କିମ୍ବା ନୂଆପାଣି ଅଦ୍ୟାପି ଆସି ନାହିଁ । ଯାହା ହେଉ ଅଳ୍ପବୃଷ୍ଟିରେ ମଧ୍ୟ ଶୀତଳ ହେବାରୁ ଲୋକମାନେ ଏ ବର୍ଷର ଅସହ୍ୟ ଗ୍ରୀଷ୍ମରୁ ରକ୍ଷା ପାଇଅଛନ୍ତି । ମଫସଲରେ ସହର ଅପେକ୍ଷା କିଛି ଅଧିକ ବୃଷ୍ଟି ହୋଇଅଛି । ଅଦ୍ୟାପି ଲୋକଙ୍କର ସ୍ୱାସ୍ଥ୍ୟ ପକ୍ଷରେ କିଛି ବ୍ୟାଘାତ ହୋଇ ନାହିଁ ଓ ଶୁଣାଯାଏ ଯଦ୍ୟପି ଓଳାଉଠା ରୋଗ ଆରମ୍ଭ ହୋଇଅଛି ମାତ୍ର ଏହାର ପ୍ରାଦୁର୍ଭାବ ବଢ଼ିବାର ଦେଖା ନ ଯାଏ । ଯେବେ ଏହିପରି ପୂର୍ଣ୍ଣିମା ପର୍ଯ୍ୟନ୍ତ କଟି ଯାଏ ତେବେ ଏ ବର୍ଷା ଭଲରେ ଅତିବାହିତ ହେବାର ବୋଲାଯାଇ ପାରେ ।

---

କଲିକତା ଚିତ୍ପୁର ରୋଡ଼ ନଂ ୧୯୬ ମୁଦ୍ର ଘରେ ଗୋଟିଏ ଦେଶୀୟ ଔଷଧାଳୟ ସ୍ଥାପିତ ହୋଇଅଛି । ଦେଶୀୟ ଚିକିତ୍ସାଶାସ୍ତ୍ରାନୁସାରେ ଚରକର ବ୍ୟବହାର ହେଉଥିବା ସମସ୍ତ ପ୍ରକାର ଔଷଧ ତେଲ ଓ ଘୃତ ଏଠାରେ ପ୍ରସ୍ତୁତ ହୋଇ ବିକ୍ରୟାର୍ଥେ ରହୁଅଛି ଯେ ସର୍ବସାଧାରଣ ପ୍ରୟୋଜନ ସମୟରେ ଅବଲମ୍ବରେ ଔଷଧ କିଣି ପାଇବେ ଓ ଆପଣା ଇଚ୍ଛାରେ ଔଷଧ ପ୍ରସ୍ତୁତ କରିବାରେ ଯେତେ ଅଧିକା ବ୍ୟୟ ତାହା ପଡ଼ିବ ନାହିଁ । ଔଷଧ ସବୁର ମୂଲ୍ୟ ସହିତ ତାଲିକା ମୁଦ୍ରିତ ହୋଇ ବିତରଣ ହେଉଅଛି ମଫସଲବାସିମାନେ ଏକଅଣାର ଡାକଟିକଟ ଦେଇ ପତ୍ର ଲେଖିଲେ ତାଲିକା ପାଇବେ ବାବୁ ବିନୋଦଲାଲ ସେନ ଏ ଔଷଧାଳୟର ମେନେଜର ହୋଇଅଛନ୍ତି । ଆମ୍ଭେମାନେ ଏ ସମ୍ବାଦ ଅବଗତ ହୋଇ ଅତିଶୟ ଆନନ୍ଦିତ ହେଲୁଁ କାରଣ ଏହାଦ୍ୱାରା ଗୋଟିଏ ଭଲ ଅଭାବ ଦୂରୀଭୂତ ହୋଇଅଛି ଓ ଯେବେ ଉତ୍କୃଷ୍ଟ ଔଷଧ ସର୍ବଦା ପ୍ରାପ୍ତି ହେବ ତେବେ ଅନୁମାନ ହୁଏ ହିନ୍ଦୁ ଚିକିତ୍ସାପ୍ରଣାଳୀର ଗୌରବ ବଢ଼ିବ ।

---

ଦେଶୀୟ ସଙ୍ଗୀତବିଦ୍ୟାର ଯେରୂପ ଦୁରବସ୍ଥା ହୋଇଅଛି ତାହା କାହାରିକୁ ଅବିଦିତ ନାହିଁ । ଏମନ୍ତ ଦୁରବସ୍ଥାକୁ ନେଇଅଛି ଯେ ସଙ୍ଗୀତବିଦ୍ୟା ଯେ କି ତାହା ବର୍ତ୍ତମାନ ଅନେକ ଲୋକଙ୍କୁ ଜଣାଅଛି । ସାଧାରଣରେ ସଙ୍ଗୀତବିଦ୍ୟା ଇତର ଲୋକଙ୍କ ବୃତ୍ତି ମଧ୍ୟରେ ପରିଗଣିତ ହୋଇଅଛି କିନ୍ତୁ ଯେଉଁମାନେ ଏଥିର ଅନୁସନ୍ଧାନ କରନ୍ତି ସେମାନେ ଜାଣିଅଛନ୍ତି ଯେ ଏବିଦ୍ୟା ଅତି ଉତ୍କୃଷ୍ଟ ଅଟଇ ଓ ଏବିଷୟରେ ଯେତେ ପ୍ରାଚୀନ ଶାସ୍ତ୍ର ସଂସ୍କୃତରେ ଲେଖା ହୋଇଅଛି ସେସବୁ ଜାଣିବାର କେଣିକି ଥାଉ ବର୍ତ୍ତମାନର ଲୋକଙ୍କୁ ନାମ ମାତ୍ର ଜଣା ନାହିଁ । ଯାହା ହେଉ କଳିକତାବାସୀ ରାଜା ଯତୀନ୍ଦ୍ରମୋହନ ଠାକୁର ଓ ତାହାଙ୍କ ଭାଇ ରାଜା ଶୌରୀନ୍ଦ୍ର ମୋହନ ଠାକୁରଙ୍କ ଉଦ୍ୟମରେ ସଙ୍ଗୀତବିଦ୍ୟା ପୁନର୍ଜୀବିତ ହେବାର ଉପାୟ ବଙ୍ଗଦେଶରେ ହୋଇଅଛି ଏ ମହାଶୟମାନେ ସଙ୍ଗୀତ ଅଧ୍ୟାପକ ବାବୁ କ୍ଷେତ୍ରମୋହନ ଗୋସ୍ୱାମୀଙ୍କ ସାହାଯ୍ୟରେ ସଙ୍ଗୀତ ବିଷୟରେ ଅନେକ ଗ୍ରନ୍ଥ ପ୍ରସ୍ତୁତ ମୁଦ୍ରିତ କଲେଣି ଏବଂ ଆପଣା ଗୃହରେ ନାଟ୍ୟଶାଳା ପ୍ରସ୍ତୁତ କରି ଉତ୍କୃଷ୍ଟ ସଙ୍ଗୀତର ରୁଚି ଜନ୍ମାଇ ଅଛନ୍ତି । ଏ ମହାଶୟଙ୍କ ଯତ୍ନରେ ଗୋଟିଏ ସଙ୍ଗୀତବିଦ୍ୟାଳୟ ମଧ୍ୟ ସ୍ଥାପିତ ହୋଇଅଛି ସେଠାରେ ଛାତ୍ରମାନେ ବିନା ବ୍ୟୟରେ ଶିକ୍ଷା ଲାଭ କରନ୍ତି । ହନୁପେଟ୍ରି ଅଟର ଅବଗତ ହେଲୁଁ ଯେ ଗତମାସ ତା ୩୧ ରଖ ଶନିବାର ଏ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ହୋଇଥିଲା ଓ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଛାତ୍ରମାନଙ୍କୁ ପାରିତୋଷିକ ଦାନ ହେଲା । ରାଜା କାଳୀକୃଷ୍ଣ ବାହାଦୁର ରାଜା ଶୌରୀନ୍ଦ୍ର ମୋହନ ଠାକୁର ଓ ଲେଫ୍ଟେନାଣ୍ଟ ଉଡ୍ରୋ ସାହେବ ଉପସ୍ଥିତ ଥିଲେ ତାହାଙ୍କ ଦ୍ୱାରା ସଙ୍ଗୀତ ବିଦ୍ୟାର ଗୌରବ ବ୍ୟାଖ୍ୟା କରିଥିଲେ । ସଙ୍ଗୀତବିଦ୍ୟାର ପୁନରୁଦ୍ଦୀପନ ସକାଶେ ଆମ୍ଭେମାନେ ବିଦ୍ୟାଳୟର ସ୍ଥାପନକର୍ତ୍ତାଙ୍କୁ ଧନ୍ୟବାଦ ଦେଉଅଛୁଁ । ମାତ୍ର ଦୁଃଖର ବିଷୟ ଯେ ଏ ପ୍ରଦେଶରେ ସଙ୍ଗୀତବିଦ୍ୟାର ଉନ୍ନତିସାଧନ ପକ୍ଷରେ କାହାରିକୁ ଯତ୍ନବାନ୍ ହେବାର ଦେଖାଯାଏ ନା । ଏଠାରେ କେତେଜଣ ଧନୀଲୋକ ଆପଣା ବ୍ୟୟ-

Digitized by srujanika@gmail.com

ରେ ଶିକ୍ଷକ ରଖି ନାଚୁଅଛିଲା ପ୍ରବୃତ୍ତ କରବାର ଦେଖାଯାଏ ମାତ୍ର ଶିକ୍ଷକମାନେ ସଙ୍ଗୀତ କାହାକୁ କହନ୍ତି ଜାଣନ୍ତି ନାହିଁ କେବଳ ଚ ଅଣ ମିଶି ବଡ ପାଟି କରି ଗୀତାଏ ଗାଇପାରିଲେ ହେଲା । ଯେବେ ଧନିମାନେ ପ୍ରେତ୍ୟ ନ କରି ପ୍ରାଚୀନ ଶାସ୍ତ୍ରାନୁସାରେ ଶୁଦ୍ଧ ରାଗ ଓ ତାଳରେ ଗାୟନ କରିବାକୁ ଶିଖାନ୍ତେ ତାହା ହେଲେ ମଧ୍ୟ କ୍ରମଶଃ ଏ ବିଦ୍ୟାର ଉନ୍ନତି ହୁଅନ୍ତା । ଧନଶାଳୀ ବ୍ୟକ୍ତିଙ୍କୁ ଏ ବିଷୟରେ ଯତ୍ନବାନ୍ ହେବାର ଉଚିତ ।

---

## ପୁରୀର ସ୍ନାନଯାତ୍ରା ।

ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ସ୍ନାନପୂର୍ଣ୍ଣିମାଦିନ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରର ବ୍ୟବସ୍ଥା ଉତ୍ତମରୂପ ହୋଇ ନାହିଁ । ସେଠା ଡେପୁଟିକଲେକ୍ଟରସାହେବ ଯାତ୍ରିଙ୍କ ସୁବିଧା ସକାଶେ ପୂର୍ବର ରାଜାଙ୍କ ନିକଟକୁ ପରୱାନା ପଠାଇଥିଲେ ଯେ, ପୂର୍ଣ୍ଣିମାଦିନ ନିତ୍ୟକର୍ମ ଶୀଘ୍ର ସାରି ମହାପ୍ରଭୁଙ୍କୁ ମଣ୍ଡପକୁ ବିଜେ କରାଇବେ ଓ ଉକ୍ତ ଦିନ ଘ ୯ ଟା ସମୟରେ ସ୍ୱୟଂ ସେଠାରେ ଉପସ୍ଥିତ ହୋଇ ଦେଖିଲେ ଯେ କିଛି ହୋଇ ନାହିଁ ତାହାଙ୍କ ପରୱାନା କେବଳ କାଗଜରେ ରହିଅଛି । ତହୁଁ ସେ ମୁକ୍ତାରଙ୍କୁ ଡକାଇ ତାଗିଦ କରି ପହଣ୍ଡି କରାଇ ଦେଇ ଚାଲିଗଲେ । କିନ୍ତୁ ଏଥିରେ କିଛି ଫଳ ହେଲା ନାହିଁ । ମନ୍ଦିରର ଦ୍ୱାର ବନ୍ଦ ଯାତ୍ରିମାନେ ଦର୍ଶନ ପାଇଲେ ନାହିଁ କିମ୍ବା ମନ୍ଦିରରେ ମହାପ୍ରସାଦ କିଣି ଖାଇବାକୁ ସୁଯୋଗ ପାଇଲେ ନାହିଁ । ଦୁଃଖରେ ସବୁ ଦାଣ୍ଡରେ ପଡି ରହିଥାନ୍ତି । ଘ ୧୧ ଟା ସମୟରେ ପହଣ୍ଡି ହେଲା ପୂର୍ବାହ୍ନର ଘ ୩ ଟାରେ ନୀତି ବଢିଲା ଓ ଘ ୬ ଟାକୁ ଦର୍ଶନ ନିମନ୍ତେ କବାଟ ଫିଟିଲା । ଏଥିରେ ଯାତ୍ରିଙ୍କର କେତେ କଷ୍ଟ ହେଲା ପାଠକମାନେ ବିଚାର କରନ୍ତୁ ଏସମସ୍ତ ବିଶୃଙ୍ଖଳା ପାଇଁ ରାଜା ଦାୟୀ ଅଟନ୍ତି କାରଣ ସେ ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ ହୋଇଅଛନ୍ତି । ମାତ୍ର ରାଜା ନାବାଳଗ ଓ ତାହାଙ୍କ କର୍ମଚାରୀମାନେ ଭଲ ନୁହନ୍ତି । କର୍ମଚାରୀ ଭଲ ହୋଇଥିଲେ ରାଜାଙ୍କର ଚିନ୍ତା ହୁଅନ୍ତା ନାହିଁ । ଦେଉଳର ଅଧିନ ଯେଉଁ ବ୍ୟକ୍ତି ହୋଇଅଛନ୍ତି ତାହାଙ୍କର ପୂର୍ବକଥିତ ଭଲ ନ ଥିବାର ପ୍ରକାଶ ଅଛି । ପୁଣ ଜଗନ୍ନାଥ ମନ୍ଦିରରେ ଏପରି ଲୋକଙ୍କୁ ନିଯୁକ୍ତ କରିବା ଅବଶ୍ୟ ଭୁଲ ଅଟଇ । ସେ ଯାହା ହେଉ ଅମ୍ଭେମାନେ ବିବେଚନା କରୁଁ ଯେ ମନ୍ଦିରର ତତ୍ତ୍ୱାବଧାରଣ ବିଷୟରେ ଗବର୍ଣ୍ଣମେଣ୍ଟଙ୍କର କେତେକ ପରିମାଣରେ ହସ୍ତକ୍ଷେପଣ କରିବାର ଆବଶ୍ୟକ ବିଶେଷରେ ଯେଉଁକାଳେ ରାଜା ନାବାଳଗ ଥିବାରୁ କୌଣସି କଥାରେ ତାହାଙ୍କୁ କିଛି କୁହାଯାଇ ନ ପାରେ । କିନ୍ତୁ ସରକାରୀ ପୁଲିସମାନେ ସେଠାରେ ଯାତ୍ରାଦିନ ଉପସ୍ଥିତ ଥାଇଁ ଯେ ଭଲକର୍ମ କରି ଅଛନ୍ତି ଏମନ୍ତ କୁହାଯାଇ ନ ପାରେ । ଦେଉଳ ପରିଚାଳକମାନେ ଯାତ୍ରିପ୍ରତି ଏକଅଣାଠାରୁ ଦୁଇ-ଏକ ଟଙ୍କା ପର୍ଯ୍ୟନ୍ତ ଅର୍ଥଧା ଇଚ୍ଛାନୁସାରେ ନେଇ କଲେ । ସମୟରେ ଦ୍ୱାର ଫିଟିଥିଲେ ଏ ଘଟନା ହୋଇ ନ ପାରନ୍ତା । ଅମ୍ଭମାନଙ୍କର ସମ୍ବାଦପ୍ରେରକ ଲେଖିଅଛନ୍ତି ଯେ କଲେକ୍ଟରସାହେବ ନୂତନ ଆସିଥିବାରୁ ସେ ଉତ୍ତମ ବନ୍ଦୋବସ୍ତ କରି ପାରିଲେ ନାହିଁ ତଥାପି ସାଧ୍ୟାନୁସାରେ ତ୍ରୁଟି କରି ନାହାନ୍ତି ଭରସା ହୁଅଇ ସେସ୍ଥାନର ସକଳ ଅବସ୍ଥା ଅବଗତ ହେଲେ ଉତ୍ତରକୁ ଭଲ କରିବେ । ଏକ ବ୍ୟକ୍ତି ଅଧ୍ୱାରେ ସାକ୍ଷି-ଦ୍ୱାରେ ଟଙ୍କାଥିଲା ତାକୁ କେହି ଚୋରି କରିଥିବ ଏହିସମୟରେ ଟାଉନ ଚପରାସୀ ତାହାକୁ ଗିରଫ୍ତାର କରିବାରୁ ତାହାର ଦଣ୍ଡ ହେଲା ମାଜିଷ୍ଟ୍ରେଟ ଦଣ୍ଡ ଦେବାବେଳେ ଯଥାର୍ଥ କହିଅଛନ୍ତି ଯେ ଟାଉନଚପରାସୀ ଯେବେ ଚୋର ଧରେ ଏତେ ପୁଲିସ ଥାଇଁ କି କରୁଥିଲେ ।

ଉପସଂହାରସ୍ଥଳେ ସମ୍ବାଦପ୍ରେରକ ଲେଖିଅଛନ୍ତି ଯେ ପୂର୍ବେ ରାମଲକ୍ଷ୍ମୀଦାସ ଡେପୁଟି କଲେକ୍ଟର ଥିବା ସମୟରେ ମନ୍ଦିରର ତତ୍ତ୍ୱାବଧାରଣ କରୁଥିବାରୁ ସୁନ୍ଦରରୂପେ ସକଳକାର୍ଯ୍ୟ ଚଳୁଥିଲା ବର୍ତ୍ତମାନ ଯେବେ କଲେକ୍ଟରୀର ନୂତନ ସିରସ୍ତାଦାର ବାବୁ ରାମପ୍ରସାଦସିଂହଙ୍କୁ ସେ କର୍ମ ଦିଆଯାଏ ତେବେ ଉତ୍ତମ ହେବ । ଅମ୍ଭେମାନେ ଏମତରେ ଐକ୍ୟ ଅଛୁଁ ।

---

## କଟକର ଫଉଜଦାରୀ ଅଦାଲତ ।

ଅଳ୍ପ ୧୮ ସପ୍ତାହ ହେଲା ହିନ୍ଦୁପେଟ୍ରିଅଟ ପତ୍ରିକାରେ ସ୍ୱେଚ୍ଛାଚାରର ଶାସନର ଅନେକ ଉଦାହରଣ ବାହାର ଅଛି ଏଥି ମଧ୍ୟରେ କଟକର ଗୋଟିଏ ସୁଦ୍ଧା ନାହିଁ । ତହିଁର କାରଣ ଏହି ବୋଧ ହୁଅଇ ଯେ କଟକର ମାଜିଷ୍ଟ୍ରେଟ ମାକ୍‌ଫର୍ସନସାହେବ ଅତି ସଚ୍ଚରିତ୍ର ଥିଲେ । ଅଲନ ଓ ହ୍ୟାଷ୍ଟି ଯେଉଁ ସମୟ କାର୍ଯ୍ୟ କରୁଥିଲେ ସେ ଏ ଜିଲାକୁ ପରିତ୍ୟାଗ କଲେ ଓ ଶ୍ରୀଯୁକ୍ତ ଇର୍‌ବିନସାହେବ ତାହାଙ୍କ ସ୍ଥଳାଭିଷିକ୍ତ ହେଲେ ପ୍ରଥମ ଦୁଇ ତିନମାସ ଲୋକମାନଙ୍କରେ କିନ୍ତୁ ଏଣିକି ତାହାଙ୍କର କାର୍ଯ୍ୟର ଯେରୂପ ପରିଚୟ ମିଳୁଅଛି ତହିଁରୁ ଦେଖାଯାଏ ଯେ କାନୁନୀ ଶାସନ ଏଜିଲାରେ ଆରମ୍ଭ ହେଲା । ଇର୍‌ବିନସାହେବ ଜଣେ ଭଲ କର୍ମକର୍ତ୍ତା ସନ୍ଦେହ ନାହିଁ ଓ ଯେବେ ଏକ ଏକ ମୋକଦ୍ଦମାରେ ସେ ସାଧାରଣ ମତର ବିପରୀତ କାର୍ଯ୍ୟ କରନ୍ତି ତହିଁପାଇ ବଡ ବଦନାମ ହୋଇ ନ ପାରନ୍ତି କାରଣ ଅଭ୍ରାନ୍ତ କିଏ ଅଛି ? କିନ୍ତୁ ଫଉଜଦାରୀ ଦରଖାସ୍ତ ଗ୍ରହଣ କରିବା ବେଳେ ଏହାଙ୍କର ବୁଦ୍ଧିଶକ୍ତି କେଉଁ ଆଡେ ଲୁଚି ରହଇ କିଛି ଜଣାଯାଇ ନାହିଁ । ଅମ୍ଭେମାନେ ଅନୁମାନ କରୁଅଛୁଁ ଯେ ଦରଖାସ୍ତ ନେବାକୁ ସେ ମୋକଦ୍ଦମା କାର୍ଯ୍ୟ ଜ୍ଞାନ କରନ୍ତି ନାହିଁ ବୋଲି ତହିଁରେ ମନ ଦିଅନ୍ତି ନାହିଁ ଅଥବା କଠିଅପଣ ହେତୁରୁ କହୁଣ କାର୍ଯ୍ୟ କରି ନ ପାରିବାରୁ ମୋକଦ୍ଦମାର ମୂଳ ବୁଡାଇବାକୁ ଦୃଢକଳ୍ପ ହୋଇ ଅଛନ୍ତି । କିନ୍ତୁ ମୋକଦ୍ଦମା କରିବାକୁ କାତର ହେଲେ ଯେ ଅନିଷ୍ଟର ସୀମା ରହିବ ନାହିଁ ଓ ଦୁର୍ବଳ ବ୍ୟକ୍ତି ସର୍ବଦା ବଳବାନର ଦାସ ହେବ ଓ ଦେଶର ଶାନ୍ତିଭଙ୍ଗ ହେବ ତାହା ସେ ହୃଦୟଙ୍ଗମ କରି-ପାରି ନାହାନ୍ତି ବଡ ଅକ୍ଷେପର ବିଷୟ ଅଟଇ । ଅମ୍ଭେମାନେ ଶୁଣିଅଛୁଁ ଯେ ଯେତେ ଯେତେ ଫଉଜଦାରୀ ମୋକଦ୍ଦମା ଅଣାଯାଏ ତହିଁରୁ ଅନେକ ଅଗ୍ରାହ୍ୟ ହୋଇଯାଏ । ନାନା କାରଣରୁ ଏତେ ମୋକଦ୍ଦମାର ଦରଖାସ୍ତ ଅଗ୍ରାହ୍ୟ ହୁଅଇ ଓ କେତେ ପ୍ରକାର ଅଟଇ ଉଦାହରଣ ସ୍ୱରୂପ କେତୋଟି ଅମ୍ଭେ ଲେଖୁଅଛୁଁ ପାଠକମାନେ ତହିଁରୁ ନ୍ୟାୟାନ୍ୟାୟ ବିଚାର କରନ୍ତୁ ।

ଏକବ୍ୟକ୍ତି ମାଜିଷ୍ଟ୍ରେଟର ନାଲିଶ କରି କେହିରେ ଥିବା ମାଡର ଚିହ୍ନ ଦେଖାଇ ହାକିମଙ୍କର ପ୍ରତୀତ ଜନ୍ମାଇଲା ମାଡର କାରଣ ସମ୍ବନ୍ଧରେ କହିଲା କି ଜମି ବାସ୍ତ ସକାଶେ କଜିଆ ହେବାରୁ ତାହାର ଏରୂପ ଶାସ୍ତି ହୋଇ ଅଛି ହାକିମ ଏହା ଶୁଣି ଆଜ୍ଞା ଦେଲେ ଯେ ପଛେ ସରକାରୀ କଥା ଅଦାଲତରେ ସାବ୍ୟସ୍ତ କରିଥିଲେ ପଶ୍ଚାତ୍ ମାଜିଷ୍ଟ୍ରେଟର ବିଚାର ହେବ ।

ଅତି ଏକ ମାଜିଷ୍ଟ୍ରେଟର ଇଜହାର ବେଳେ ପ୍ରକାଶ ପାଇଲା ଯେ ଫରିଆଦି ଜାହାରେ ଯେକାଳ ଘଟଇ ଓ ଦାଖି ସେଠ ମାନସ ଉଦବୃ ହୋଇ ଅଛି । ହାକିମ ଉତ୍ତରଦାତାମାନଙ୍କର ମୋକଦ୍ଦମା

Split by PDF Splitter
Digitized by srujanika@gmail.com

Split by PDF Splitter



ଶୁଣିବାକୁ ବସି ତାହାଙ୍କ ଏହା କହି ଦରଖାସ୍ତ ଅଗ୍ରାହ୍ୟ କଲେ ।

ଏକବ୍ୟକ୍ତି କହନ୍ତି ତାହାର ଝିଅକୁ ଜଣେ ଲୁଚାଇ ଦେବାର ଶୁଣିପାରି ସେ ଉକ୍ତ ଲୋକକୁ ତାହାର ଏରୂପ ଆଚରଣ ବାନ୍ଧିବ କରୁଅଛୁ ପଚାରିବାରୁ ସେ ବହସ୍ୟା କରି ତାହାକୁ ମାଡ ମାରିଲା ତାହାର ଦରଖାସ୍ତ ଏହି ହେତୁରେ ଅଗ୍ରାହ୍ୟ ହେଲା କି ଯେବେ ଦରଖାସ୍ତକାରୀ ଏହା ତାହା ସଙ୍ଗରେ ଯାଇ ବହସ୍ୟା କରିବ ତେବେ ସେ ମାଡଖାଇଲେ ସୁଦ୍ଧା ତାହାର ଗୁହାରି ଶୁଣାଯାଇ ନ ପାରେ ।

ଜଣେ ପିଲାକୁ ଦେଖି ମାରିବାକୁ ସେ ଯାଇ ଦରଖାସ୍ତ ଦେଲା । ହାକିମ ତାହାକୁ ମିସଲରେ ଦେଖି ପ୍ରଥମେ ପଚାରିଲେ ତୋହର ଏଠାକୁ ଆସିବାକୁ କପରି ହିମତ ହେଲା । ସେ କିଛି ଭଲ ଉତ୍ତରଦେଇ ପାରିଲା ନାହିଁ ତହିଁରେ ତାହାକୁ ପଚାରିଲେ ତୋହାର ମାଡ଼ ଅଛି କି ନାହିଁ ଯନ୍ତ୍ରଁ ସେଲ କହିଲା କି ତାହାର ମାଡ ଅଛି ତହିଁ ହୁକୁମ ହେଲା ଯେ ମାଡ ନିକଟରେ ନାଲିଶ କର ।

ଜମି, ବୃକ୍ଷ ତମ୍ବା ଫଲସେକ ଯେତେ ଅପରାଧ ହୁଅଇ ସେ ସବୁ ପ୍ରାୟ ଅଗ୍ରାହ୍ୟ ହୋଇଯାଏ କାରଣ ଫଉଜଦାରି ଜମିର ଚୌହଦି ଓ ଜରିପ ନମ୍ବର କହି ପାରଇ ନାହିଁ ।

ଆଉ କେତେ ଦରଖାସ୍ତକାରିଙ୍କ ମୋକ ଜବାବ ଦପର ଅର୍ଥାତ୍ ଏମାନେ ମୋଫସଲରୁ ଦୂର ଦୂରଦେଶରୁ ଖରଚଖାଇ ମାମଲା କରିବା ସକାଶେ କଟକକୁ ଆସି ପିଠାମ ଲେଖାଇ ଓ ମୁନ୍ସୀର ଫିସଗଣି ଦେଇ ଦରଖାସ୍ତ ଦଅନ୍ତି ମାତ୍ର ତାହା ଶୁଣାଣିବାରେ ଅନେକ ବିଳମ୍ବ ହୁଅଇ ସୁତରାଂ ଖାଇବାଖର୍ଚ୍ଚା ସରିଗଲେ ଦରଖାସ୍ତକାରୀ ଘରକୁ ପଳାଇଯାଏ ।

ଅକାରଣରେ ଦରଖାସ୍ତ ନ ନେବା ଦସ୍ତୁରେ ଦୂଇ ଏକ ଅପିଲ ହୋଇଅଛି ତଥାପି ହୋଇ ନାହିଁ । ଅମ୍ଭେମାନେ କହୁଅଛୁ ଯେ ଅଧିକ ଅପିଲ ହେବାର ଉଚିତ ଅଟଇ । ତାହା ହେଲେ ଭ୍ରମ ସଂଶୋଧନ ହୋଇପାରିବ ମାତ୍ର ଅପିଲ କରିବାକୁ କେତେ ଲୋକର ବଳଯାଏ । ପ୍ରଥମେ ମାଜିଷ୍ଟ୍ରେଟ ପ୍ରତିକାର ପାଇବା ଅଶାରେ ଫଉଜଦାରୀକୁ ଆସି ଦୁରଚ୍ଛା ଅବେ ବ୍ୟୟ କଲା । ଦରଖାସ୍ତ ନାମଞ୍ଜୁର ହେବାରେ ତାହା ଦୁରମାନାଦୁଲ୍ ହେଲା । ମାଜିଷ୍ଟ୍ରେଟ ଦରମାନା ଦେଲା ଉପରେ ଆଉ ଟଙ୍କା ବ୍ୟୟ କରିବାକୁ ତାହାର ଚିତ୍ତ ବଳବ ?

---

## ଶ୍ରୀଯୁକ୍ତ ରେଭେନସାହେବ ।

ଏମହାଶୟ ଅନ୍ଦାଜ ମା ୨ ସ ହେଲା ଏଜିଲାର କଲେକ୍ଟର ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି ଓ ଯେପ୍ରକାର କାର୍ଯ୍ୟ କରୁଅଛନ୍ତି ତାହା ଯଦ୍ୟପିକି ଅମ୍ଭେ ମାନେ ଉକ୍ତ ସପ୍ତାହ ପୂର୍ବ ବ୍ୟକ୍ତ କରି ଥିଲୁଁ ଅଦ୍ୟ ତହିଁର କିଛି ପରିବର୍ତ୍ତନ ହୋଇ ନାହିଁ । ବରଂ ଦେଖାଯାଏ ଯେ ଏଣିକି ତାହାଙ୍କର ରାଗ ବିଶେଷରୂପେ ସର୍ବାଙ୍ଗରେ ଲାଗିରହିଅଛି । ଓ ଗତପ୍ରକାଶିତ ଉତ୍କଳପୁସ୍ତକରେ ମଧ୍ୟ ବର୍ଣ୍ଣିତ ହୋଇଅଛି । ଏଥିରୁ ବୋଧ ହୁଅଇ ଯେ ତାହାଙ୍କର କାର୍ଯ୍ୟପ୍ରତି କେହି କହନ୍ତି ନାହାନ୍ତି କେତେକ କାର୍ଯ୍ୟକୁ ଉଲ୍ଲେଖ କରି ଲୋକେ ରହସ୍ୟ ମଧ୍ୟ କରୁଅଛନ୍ତି । ଏକ ହାକିମଠାରେ ଏକଦରେ ଲୋକଙ୍କର ଅସନ୍ତୁଷ୍ଟ ଓ ଭକ୍ତି ଭାବନା ଉଦୟ ହେବା ଟ୍ରୁଗ୍‌ସାହେବ ଏଜିଲାର କଲକ୍ଟର ହେବା ସମୟରେ ଦେଖା ଯାଇଥିଲା । ଏଥିରୁ ପାଠକମାନେ ଏମନ୍ତ ବୁଝିବେ ନାହିଁ ଯେ ଟ୍ରୁଗ୍‌ସାହେବଙ୍କ ସ୍ୱଭାବ ସହିତ ରେଭେନସାହେବଙ୍କ ସ୍ୱଭାବ ସମ୍ପୂର୍ଣ୍ଣରୂପେ ଐକ୍ୟ ଅଛି କେବେ ଗୋଟିଏ ବିଷୟରେ ଉଭୟ ସମତା ଦେଖାଯାଏ । ଟ୍ରୁଗ୍‌ସାହେବଙ୍କ ସମୟରେ ତାହାଙ୍କ ଅଧୀନସ୍ଥ ହାକିମ ଓ ଅମଲାମାନେ ଯେମନ୍ତ ସଶଙ୍କିତ ଓ କାତର ଥିଲେ ରେଭେନସାହେବଙ୍କ ସମୟରେ ମଧ୍ୟ ସେହି ପରି ଘଟିଅଛି । କାରଣ ଓହ୍ଲାଲ ବାବୁ ଯଦୁନାଥସରକାର ଗତ ସୋମବାରଠାରୁ ଇସ୍ତଫା ଦେଲେଣି ଓ କାହ୍ନା ନବୀହର ଉପାଧ୍ୟ ଥିଲେ ଆହୁରି କେତେଜଣ ଇସ୍ତଫା ଦଅନ୍ତେ ସନ୍ଦେହ ନାହିଁ । ରାହାର କର୍ମ ମୂଳକ ଯେମନ୍ତ ବୁଝଇ ସେମନ୍ତ ଅନ୍ୟ ଲୋକରେ ବୁଝିବାର ସମ୍ଭବ ନୁହଇ ଏଣୁ କରି କଲେକ୍ଟର ଯେବେ ଆପଣା ଅଧୀନସ୍ଥ କର୍ମଚାରୀଙ୍କୁ ଅକର୍ମଣ୍ୟ ଜ୍ଞାନ କରନ୍ତେ ତହିଁରେ କହିବାର କହିବାର କାହାର ସାଧ୍ୟ ନାହିଁ । ଇଧାର ଗୋଟିଏ କଥା ଅମ୍ଭମାନଙ୍କୁ ଅଶ୍ଚର୍ଯ୍ୟ ଜଣାଯାଏ । ଏହି କର୍ମଚାରୀମାନେ ପୂର୍ବ ହାକିମଙ୍କ ଅମଳରେ ଉତ୍ତମରୂପେ କର୍ମ କରି ପ୍ରଶଂସାପତ୍ର ପାଇ ଅଛନ୍ତି ଓ ଯେବେ ତାହା ନୁହେ ତେବେ କଲେକ୍ଟପକ୍ଷରେ ଉଚିତ ହୋଇ ଅଛି ଅଛନ୍ତି ବର୍ତ୍ତମାନ ଏମାନେ ଅନୁପଯୁକ୍ତ ହୋଲେ କାହିଁକି ପ୍ରକାଶ ହେଲ ? ରେଭେନସାହେବଙ୍କ ମନରେ ଏରୂପବିଶ୍ୱାସ ହେବାର ଅମ୍ଭେମାନେ ବୁଝୁଅଛୁଁ ଯେ ସେ ପୂର୍ବ ହାକିମଙ୍କପ୍ରାପ୍ତ କାର୍ଯ୍ୟକ୍ଷମ ନୁହନ୍ତି । ଉପଯୁକ୍ତ ଅମଲା ସେଇ ହାକିମ କର୍ମ କଲେ ଯେବେ ପ୍ରଶଂସା ହୁଅଇ ତେବେ ଅକର୍ମଣ୍ୟ ଅମଲା ସେଇ କାର୍ଯ୍ୟ କରିବା ଅଧିକ ପ୍ରଶଂସନୀୟ ସନ୍ଦେହ ନାହିଁ । ରେଭେନସାହେବ ନୂତନ ଲୋକ ପାରଦର୍ଶିତା ଲାଭ ନ କରିଥିବାରୁ କାର୍ଯ୍ୟ ଚଳିବାରେ ବ୍ୟାଘାତ ହେଉଅଛି ଏହା ସ୍ୱୀକାର କଲେ ସେ ତାହାଙ୍କ ଅଧୀନ ଅମଲା ପ୍ରଭୃତିଙ୍କୁ ଦୋଷୀ କରି ନ ପାରନ୍ତି । ଏହିରୂପ ବିବେଚନା କରି ଅସଭ୍ୟ ଲୋକଙ୍କ ମନରେ "ନାଚ ନ ଜାଣି ବାଟର ଦୋଷ" ଇତି ଉଦୟ ହେଉଅଛି । କେବଳ ଉଦୟ କାହିଁକି ଯେଉଁମାନେ କଟକରେ ଏହାଙ୍କର କାର୍ଯ୍ୟର ଶୃଙ୍ଖଳା ଦେଖିଅଛନ୍ତି ସେମାନେ ନିଶ୍ଚୟ ବୁଝି ଥିବେ ଯେ ରେଭେନସାହେବ ବର୍ତ୍ତମାନ ଯେଉଁ ରୂପମରେ କାର୍ଯ୍ୟ କରୁଅଛନ୍ତି ତାହା ପରିବର୍ତ୍ତନ ନ କଲେ କେତେବଡ ଉପଯୁକ୍ତ ଅମଲା ରାହାଯ୍ୟ ପାଇଲେ ମଧ୍ୟ ତାହାଙ୍କଦ୍ୱାରା କାର୍ଯ୍ୟ ଚଳିବା ଭାର ହେବ । ଉଦାହରଣ ସ୍ୱରୂପ ପୂର୍ବ. ଏକ ଫଉଜଦାରି କାର୍ଯ୍ୟର କଥା ଲେଖୁଅଛୁଁ ଯଥା

ପୂର୍ବେ ଯେସବୁ କର୍ମ ଅମଲମାନେ ପିରସ୍ତାରେ କରୁଥିଲେ ଏବେ ତାହା ମିସଲ ଉପରେ ହେଉଅଛି । କାଗଜପତ୍ରସବୁ ମିସଲରେ ହାକିମଙ୍କ ସାକ୍ଷାତରେ ରେଜଷ୍ଟରୀ ପର୍ଯ୍ୟନ୍ତ ହୁଅଇ ଓ ରେଜଷ୍ଟ୍ରୀରେ ଅପେ ବହି ଲେଖନ୍ତି ସେ କାଳରେ ହାକିମ ଅନ୍ୟ କାର୍ଯ୍ୟ କରି ପାରନ୍ତି ନାହିଁ, ଏଥିରୁ ଅନୁମାନ ହୁଅଇ ଯେ ସାହେବ କେଣସି ଅମଲାକୁ ବିଶ୍ୱାସ କରନ୍ତି ନାହିଁ । ସବୁ କାର୍ଯ୍ୟ ଆପେ କରିବେ ସବୁ କାଗଜ ଆପଣା ପାଖରେ ରଖିବେ ଏଥିରେ ଯେମନ୍ତ ସହଜରେ ଶୀଘ୍ର କାର୍ଯ୍ୟ ହେବ ତାହା ଅନାୟାସରେ ଜଣା ଯାଏ ବାସ୍ତବରେ ଏଥିରେ ଏହି ଫଳ ହୋଇ ଅଛି ଯେ ସାହେବଙ୍କ କୋଠୀମୁନ୍ସୀ ଏକ ମହାପିତ୍ତଗାନା ହୋଇଅଛି ।

ଓଡ଼ିଆକାଗଜ ଉପରେ ଇଂରାଜି ଖୋଲସା ଲେଖା ନ ହେଲେ ସାହେବ ତହିଁରେ କିଛି ଆଜ୍ଞା କେବେ ନାହିଁ କ୍ଷମା ଦସ୍ତଖତ ସୁଦ୍ଧା କରିବେ ନାହିଁ ଓ ଅନେକ କାଗଜ ବଙ୍ଗଳା ଓଡ଼ିଆ ତରଜମା ହୁଅଇ । ଏଥିରୁ ବୋଧ ହୁଅଇ ସାହେବ ଓଡ଼ିଆ ଭଲ ଜାଣନ୍ତି ନାହିଁ ନୋହିଲେ କାହିଁକି ଅମଲାମାନେ କାଗଜରେ ଏକଲେଖିବେ

Digitized by srujanika@gmail.com

ଓ ଅଧିକ ଏକ ବୃଦ୍ଧାଇବେବେ ଏରୂପ ଶଙ୍କା କରନ୍ତି ସୁତରାଂ ଆମଙ୍କ ପ୍ରତି ତାହାଙ୍କର ଅବିଶ୍ୱାସ ଥିବାର ଏଥିରୁ ମଧ୍ୟ ଜଣା ଯାଉଅଛି । ଏପର ଘୋଷଣା ଲେଖିବା ତାତ୍ପର୍ଯ୍ୟ କହିବାରେ ଉକ୍ତ ଜଣଙ୍କ ଅନର୍ଥକ ପରିଶ୍ରମ ପଡ଼ିଲା ଓ ଇଚ୍ଛାନୁଯାୟୀ ପ୍ରକୃତ କାର୍ଯ୍ୟ କରିବାରେ ବିଳମ୍ବ ଘଟିଲା ।

ବସ୍ତୁତଃ ବିଶେଷର ନଜରଭୁକ୍ତ ବସ୍ତୁ ନ ହେଲେ ସାମାନ୍ୟ ବିଷୟର ସକଳ କାର୍ଯ୍ୟରେ ସାହେବ ଅଭିମତ ଇଚ୍ଛାପତ୍ର ପ୍ରକାଶ କରନ୍ତି । ସାବଧାନପୂର୍ବକ କାର୍ଯ୍ୟ କରିବା ଗୋଟିଏ ମହତ୍ ଗୁଣ ଅଟଇ ସନ୍ଦେହ ନାହିଁ କିନ୍ତୁ ସାମାନ୍ୟ କାର୍ଯ୍ୟରେ ଅନର୍ଥକ ସାବଧାନତା ପ୍ରକାଶ କରି ବସିଲେ ଦରକାର କାର୍ଯ୍ୟକୁ ଉଚ୍ଛନ୍ନ କରଇ ଓ ଇଚ୍ଛାନୁସାରେ ମହତ୍କର୍ମ ସବୁ ପଡ଼ିରହେ ।

ସତ୍କାର୍ଯ୍ୟ ଶୀଘ୍ର ଚାଲିନେବୋଲି ସାହେବ ଅତି ବ୍ୟସ୍ତ ହୋଇ ସମସ୍ତ ଉତ୍କଳର ଅମଲଙ୍କୁ ଏକଥରେ ନିକଟରେ ପଠାଇ ଉଦ୍ୟମ ମାତ୍ର ସବୁ ଅମଲର କାର୍ଯ୍ୟ ଏକଥରେ ହେବାର ଅସମ୍ଭବ ସୁତରାଂ ଏକ ଉନ୍ନତିର କାର୍ଯ୍ୟ ହେଉଥିବା କାଳରେ ଅପର ଉନ୍ନତିର ଅମଲମାନେ ନିକଟରେ ଛିଡା ହୋଇ ରହି ବେଶ୍ୟାନ୍ତି ଏଣେ ତାହାଙ୍କର ସରକାରୀକର୍ମ ପଡ଼ିରହଇ ।

ଏହାପର ଅନ୍ୟ ହେଲେ କବାହରୀ ଦସ୍ତାନାରେ ଓ କେତେକ ଅଲୋଚନା କଲେ ଉତ୍ତରଦାତାହେବଙ୍କ କାର୍ଯ୍ୟ କାହିଁକି ବିଳମ୍ବ ହୁଅଇ ସ୍ପଷ୍ଟରୂପେ ବୁଝାଯାଉଅଛି କାର୍ଯ୍ୟରେ ବିଳମ୍ବ ହେବାବୋଲି ଅପରା ଦୃଷ୍ଟି ନ ଯାଉ ଅମଲଙ୍କ ଉପରେ କୌଣସି ପ୍ରକାଶ କରନ୍ତି ଓ ଅମଲମାନେ ସ୍ପଷ୍ଟ ଓ ବ୍ୟସ୍ତ ହେଲେ ଅଧିକ ବିଳମ୍ବ ଓ ଗଡ଼ବଡ଼ ହୁଅଇ ଓ କାହିଁରେ ମାନଙ୍କ ମକଦମା ଅଧିକଦିନ ପଡ଼ିରହିବାରୁ ଅର୍ଥୀପ୍ରତ୍ୟର୍ଥୀଙ୍କର କଷ୍ଟ ହେଉଅଛି ସୁତରାଂ ଆମ୍ଭେମାନେ ଉପରଲିଖିତ କଥାକୁ ନ କହି ଆଉ ରହି ପାରିଲୁଁ ନାହିଁ ।

## ସାପ୍ତାହିକସଂବାଦ ।

ଏ ନଗରର ଶିକ୍ଷା ବିଭାଗର ଡେପ୍ୟୁଟି ଇନ୍‌ସ୍ପେକ୍ଟର ମିଷ୍ଟର ଏକର ସାହେବ ଅସୁସ୍ଥ ହେବାରୁ ଏତ୍କରେଣ୍ଟ କେମ୍ପରେ ଅଛନ୍ତି ଓ ଏ ବ୍ୟକ୍ତି ହେଏ ଓ କମୋଟିଭା ରହି କରୁଅଛନ୍ତି । ଏ ବ୍ୟକ୍ତି ମାନ୍ଦ୍ରାଜ ପ୍ରେସିଡେନ୍‌ସିର ଶିକ୍ଷା ବିଭାଗରୁ ଅତି ଅଳ୍ପ ସୁଦ୍ଧା ବଙ୍ଗଦେଶରେ ଏହାଙ୍କ ପଦରେ ବଦଳ ମିଳିବ ।

ଗତ ସପ୍ତାହରେ ଯେଉଁ ଦୁଇ ବ୍ୟଭିଚାର ମୋକଦମାର ସଂବାଦ ଲେଖିଥିଲୁଁ ତହିଁ ମଧ୍ୟରୁ ସାମୁଏଲ ଗୌଧୁରୀ ମୋକଦମାରେ ତାହାଙ୍କ ସ୍ତ୍ରୀ ସହିତ ବଂଧୁଣୀର କର୍ମ କରିଥିବା ଅପରାଧ ଅଦାଳି ଉପରେ ପ୍ରମାଣ ନ ହେବାରୁ ସେ ଖଲାସ ପାଇ ଅଛି । ଏ ମୋକଦମାରେ ନଟଜ ଅଦାଲତର ଉକୀଲ ବାବୁ ହରିବଲ୍ଲଭ ଘୋଷ ସାକ୍ଷୀ ସ୍ୱରୂପ ତୋବାନବନ୍ଦି ଦେଇଥିଲେ । ସେ ସମ୍ପର୍କରେ ଓ ମୋକଦମା ସମ୍ପର୍କରେ ହାକିମ ହେଉଛନ୍ତି ମନ୍ତବ୍ୟ ପ୍ରକାଶ କରି ଅଛନ୍ତି ଗ୍ରାନ୍ଧାଳିକ ହେଲୁ ଏ ସପ୍ତାହରେ ନ ଲେଖି ପାଗାମିକୁ ରଖିଲୁଁ ।

ଗ୍ରାଣ୍ଡଜଳସାହେବ ଅଦ୍ୟ ବାଲେଶ୍ୱରକୁ ଯାତ୍ରା କରିବେ ଅଗାମୀ ସୋମବାରଠାରୁ ସେଠାରେ ଫୌଜ୍‌ଦାରୀ ହେବ ଓ ସାହେବ ପ୍ରାୟ ଏକସପ୍ତାହ ମଧ୍ୟରେ ଫେରି ଆସିବେ ।

ଆଉ ଜଣେ ବଙ୍ଗାଳୀ ବଙ୍ଗଳରେ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଏହାଙ୍କ ନାମ ବାବୁ ବ୍ରଜେନ୍ଦ୍ରନାଥ ଦେ । ଏପରୀକ୍ଷାରେ ୩୨୦ ଜଣ ପ୍ରାର୍ଥୀ ଥିଲେ ତହିଁ ମଧ୍ୟରୁ ୩୭ ଜଣ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଅଛନ୍ତି । ବ୍ରଜେନ୍ଦ୍ରବାବୁ ପରୀକ୍ଷାର ଫଳାନୁସାରେ ଛବିଶ ଜଣଙ୍କ ଭିତରେ ସପ୍ତଦଶ ସ୍ଥାନ ପାଇ ଅଛନ୍ତି ।

ସୁଲିସ ରିପୋର୍ଟରୁ ଅବଗତ ହେଲୁ ଯେ କୁଜଙ୍ଗ ଗ୍ରାମର ନଅଲ ଖଣ୍ଡ ପୋଖରୀରେ ଖୋଳାଏ କହଁଲ ମାଛ ମରି ପଡ଼ିଥିବାର ଜଣେ ହେଡ଼ କନଷ୍ଟେବଲ ଦେଖିଅଛି । ସେ ମାଛ ୪୫ ହାତ ଲମ୍ବ ଓ ୧୫ ହାତ ଓସାରା । ସେ ପୋଖରୀ ଲୋକଙ୍କ ଯତ୍ନଭାବରେ ସେମାନେ କହୁଛନ୍ତି ଯେ ଗତମାସ ତା ୯ ରଖରେ ଝଡ଼ର ସମୟରେ ସେ ମାଛ ଅଣ୍ଟି ଭିତ୍ତି ହୋଇଥିଲେ ପ୍ରବଳ ହେଲା ନିମ୍ନ ଭୂଅଞ୍ଚଳ ଛାଡ଼ିଦେବାରୁ ସେ ବାହାରି ନ ପାରି ଓ ଦୋଷ ଜଳ ଭାବୁ ଅଣ୍ଟ ହେବାରୁ ମରିଗଲା । ସ୍ଥାନରେ ଏପର ବିଜୟି ମତ୍ସ୍ୟ ଅନେକ ଅଛନ୍ତି ।

ସୁଶାଅବଶବରିର ଅବଗତ ହେଲୁଁ ଯେ ବମ୍ବେଇରେ ଅର୍ଦ୍ଧଦଶାଗ୍ରସ୍ତ ତାମରେ ଏକବ୍ୟକ୍ତି ଅପଣା ସ୍ତ୍ରୀର ନାସା ଛେଦନ ଅପରାଧ କରିଅଛି । ସେ ବ୍ୟକ୍ତି ଏତେ ନିଷ୍ଠୁର ଯେ ନାକ କାଟିବାଉ ଝିଟା ଉପରଲୁ ଙ୍କାର ଦେଲା ଓ ଭୂଅ ଜାବୁ ଦେବ ଗଲେ । ଏମନ୍ତେ ପୀଡ଼ା ଦେଉଥିବା ସତ୍ତ୍ୱେ ଅପମାନ ମଧ୍ୟ କରିଅଛି । ମାଜିଷ୍ଟ୍ରେଟ୍ ଏହାକୁ ଏକବର୍ଷ କାରାବାସର ଦଣ୍ଡ ଦେଲେ କିନ୍ତୁ ତାହାର ଦୁର୍ଭାଗିଣୀ ସ୍ତ୍ରୀ ଏମନ୍ତ ପତିବ୍ରତା ଯେ ସ୍ୱାମିର କଠିନ ଦଣ୍ଡରୁ ମୁକ୍ତ କରିବା ନିମିତ୍ତ ମାଜିଷ୍ଟ୍ରେଟ୍‌ଙ୍କୁ ଅତି କରୁଣସ୍ୱରରେ ପ୍ରାର୍ଥନା କଲା । ହାୟ ! ଏପରି ସ୍ତ୍ରୀ ଯେଉଁ ଅପରାଧରେ ଏମନ୍ତ ଦୁର୍ଜନ ପତିର ହସ୍ତ ଧରି ଥିଲା ।

ଏକଜଣ ଅପଣା ସାଳୀର ଦୁଶ୍ଚରିତ୍ର ଦେଖି ତାହା ମୁଣ୍ଡରେ ଏକପାହାର ମାରି କୂଅରେ ପକାଇ ଦେଇଥିଲା । ତାହା ଉପରେ ଅପରାଧ ପ୍ରମାଣ ହେବାରୁ ପ୍ରାଣଦଣ୍ଡର ଆଜ୍ଞା ହୋଇଅଛି । ସଦାଚରଣ ନାହାରି ହେଲେ ପୁଣି ତାହା ପୁଣି ଯାଏ ନା !

### ବିଜ୍ଞାପନ ।

ଅଗାମୀ ତା ୨୮ ଇଣ ଜୁନମାସ ସୋମବାର ଘଣ୍ଟି ୯ ୮ ଟିକା ସମୟରେ ଅଥେଷ୍ଟ ପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ଗ୍ରାହକୁ ବାବୁ ଆଘୋରନାଥ ଘୃଷ୍ଟ "ବ୍ରାହ୍ମଲୋକ" ଏହି ବିଷୟରେ ଗୋଟିଏ ବକ୍ତୃତା ଦେବେ । ଇତି ।

କଟକ
ତା ୨୫ ଇଣ ଜୁନ
ସନ ୧୮୭୭ ସାଲ
ଶ୍ରୀ ହରିନାଥ ଭଟ୍ଟାଚାର୍ଯ୍ୟ

ଯେହେତୁ ଏହି ଜୁନ ମାସ ତା ୨୮ ଇଣ ଶୁକ୍ର ଶନିବାର ଦ୍ୱାର ସାଡ଼ିଶଂ ସମୟରେ ବାଲୁବାଡ଼ୀ କମ୍ପ ମଧ୍ୟରେ ସରକାରୀ ଗଏରକାମୀ କଡ଼ଅର୍, ଭଙ୍ଗା ଏଦୋ ପୁରୁଣା କାଲ, ଘୁଣି ଖା କାଠ, ଦରୋଜା, ଚୌକସ୍ କାଠ ଓ ବଲଣ୍ଡୀ ଥୁଳା ଏ ମାନ ଛଲିମ ହେବ ଯେ ଯେଉଁ ବ୍ୟକ୍ତି ଉକ୍ତ ବସ୍ତୁମାନଙ୍କୁ ନେବାକୁ ବାଞ୍ଛା ରଖୁଥିବେ ସେମାନେ ଯାଇ ଉଲ୍ଲିଖିତ ସମୟରେ ହାଜର ହୋଇ ନିଲାମ ଖରିଦ କରିବେ କିନ୍ତୁ ତହିଁର ଦାମ ଦେଷ୍ଟମଣି ଦେଇ ପାରିବ ନ ଦେଲେ ମାଲ ଛଡ଼ା ନ ହେବ ।

### ମୂଲ୍ୟପ୍ରାପ୍ତି ।

ବାବୁ କ୍ଷେମମୋହନ ଦୋଷ ପୁରୀ ଦଶାସ୍ତ୍ରୀ ୫୮୯

ଏହି ଉତ୍କଳଦୀପିକା କଟକ ଓଡ଼ିଆ ଉର୍ଦ୍ଧ୍ୱ-ବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୨୨ | ସଂଖ୍ୟା ୨୬ | ତା ୨୮ରିଖ ଜୁନ ସନ ୧୮୮୭ ମସିହା । ମୂ । ଆଷାଢ଼ ୧୬ଙ୍କ ସନ ୧୨୯୪ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪ । ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫ । ମଫସଲ ଡାକମାସୁଲ ୧।୵

ଗତ ବୁଧବାର କଟକ ନର୍ମାଲ ସ୍କୁଲର ବାର୍ଷିକ ପାରିତୋଷିକ ଦାନ କର୍ମ ହୋଇଥିଲା । ନଗରବାସୀ ସମସ୍ତ ସମ୍ଭ୍ରାନ୍ତବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଇଥିବା ପ୍ରତ୍ୟକ୍ଷେ ଅତ୍ୟଳ୍ପ ଲୋକ ମାତ୍ର ଉପସ୍ଥିତ ହୋଇଥିଲେ । ଏପକ୍ଷରେ ପୂର୍ବବର୍ଷ ମାନଙ୍କର ସଙ୍ଗରେ ଏଥର ତଫାତ ଜଣାଗଲା । ଇଂରେଜଙ୍କ ମଧ୍ୟରେ ହ୍ରାସ ହୋଇଯାଇଥିବାର ହେବ । ଇଂରେଜଙ୍କ ମଧ୍ୟରେ କେବଳ କମିସନର ସାହେବ ଓ ଲେଡି ସାହେବ ଓ ଦେଶୀୟଙ୍କ ମଧ୍ୟରେ କେ ୭ ଜଣ ମାତ୍ର ଥିଲେ । ଯାହା ହେଉ ସକଳ କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହେଲା । ପୁସ୍ତକ ବିତରଣ ଉତ୍ତାରୁ ଛାତ୍ରମାନେ ଛନ୍ଦବଦ୍ଧ ଗୀତ ଇତ୍ୟାଦି ଅନେକ ପାଠ କଲେ ଓ ଦୁଇ ତିନିଗୋଟି ଗଦ୍ୟ ଓ ପଦ୍ୟ ନୂତନ ରଚନା ମଧ୍ୟ ପାଠ ହେଲା । ଏହିଁରେ ସଭାସଦମାନେ ବଡ ସନ୍ତୋଷ ହେଲେ ଓ ନର୍ମାଲ ବିଦ୍ୟାଳୟର ଶିକ୍ଷାକାର୍ଯ୍ୟ ଉତ୍ତମରୂପେ ଚାଲୁଥିବାର ପ୍ରକାଶ ହେଲା । ମାନ୍ୟବର କମିସନର ସାହେବ ଇଂରାଜୀରେ ଓ ବାବୁ କାଳୀପଦ ବାନର୍ଜ୍ଜୀ ଓଡ଼ିଆରେ ବକ୍ତୃତା କରିଥିଲେ ।

---

ଗତ ସୋମବାର ବାବୁ ଅଘୋର ନାଥ ଗୁପ୍ତ ଏହି ସହରର ଟାଉନହଲ କୋଠାରେ ବ୍ରାହ୍ମସମାଜ ବିଷୟରେ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ । ଏହି ତାହାଙ୍କର ଶେଷ ବକ୍ତୃତା, ଏହା ଶୁଣିବାପାଇଁ ଅନେକ ଲୋକ ଆସିଥିଲେ । ବକ୍ତୃତାଟି ଅତି ଦୀର୍ଘ, ପ୍ରାୟ ଦୁଇଘଣ୍ଟା ଶେଷ ହେବାକୁ ଲାଗିଥିଲା ଓ ତାହା ଶୁଣିବାକୁ ସୁନ୍ଦର ହୋଇଥିଲା । ଶ୍ରୋତାମାନେ ପୂର୍ବେ ଯେମନ୍ତ ଏହାଙ୍କ କଥା ଶୁଣି ଆନନ୍ଦିତ ହୋଇଥିଲେ ଏଥର ମଧ୍ୟ ସେହିରୂପ ହେଲେ । ଆମ୍ଭେମାନେ ତାହାଙ୍କ କଥା ଶୁଣି ଜାଣିଲୁଁ ଯେ ସେ ଧର୍ମ ବିଷୟରେ ଅନେକ ଶାସ୍ତ୍ର ଅଧ୍ୟୟନ କରିଅଛନ୍ତି ଓ ଭାରତବର୍ଷରେ ଯେରୂପେ ପ୍ରଥମେ ଧର୍ମର ଉତ୍ପତ୍ତି ଓ କ୍ରମଶଃ ଉନ୍ନତି ହେଲା ତାହା ବହୁ ବିଶେଷ ପର୍ଯ୍ୟାଲୋଚନା କରି ଦେଖିଅଛନ୍ତି । ବେଦ ଉପନିଷଦ ପୁରାଣ ତନ୍ତ୍ରାଦିର ସାର ଧର୍ମ ସେ ସୁନ୍ଦରରୂପେ ବ୍ୟାଖ୍ୟା କଲେ ଓ ବ୍ରାହ୍ମସମାଜ କେଉଁରୂପେ ସ୍ଥାପିତ ହେଲା ଓ ବର୍ତ୍ତମାନ ତାହାର ଅବସ୍ଥା ଯେରୂପ ହୋଇଅଛି ଏହା ମଧ୍ୟ ଉତ୍ତମରୂପେ ବୁଝାଇ କହିଲେ । ଯେବେ ଆମ୍ଭମାନଙ୍କର ଅବକାଶ ହେବ ତେବେ ଆଗାମୀ ସଂଖ୍ୟାରେ ବକ୍ତୃତାର ସାର କଥାମାନ ପାଠକଙ୍କୁ ଜଣାଇବୁଁ ।

---

କଟକ ମ୍ୟୁନିସିପାଲ କମିଟୀର ଗତ ଅଧିବେଶନରେ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ଉକ୍ତ କମିଟୀର ସହକାରୀ ସଭାପତି ହୋଇଅଛନ୍ତି । ଶୁଣାଯାଏ ଯେ ଉକ୍ତ ସଭାର ସଭାପତି ମାଜିଷ୍ଟ୍ରେଟ ସାହେବ ଏଥିରେ ସମ୍ମତ ନ ଥିଲେ କିନ୍ତୁ ଅଧିକାଂଶ ସଭ୍ୟଙ୍କ ମତ ହେବାରୁ ତାହାଙ୍କର କର୍ତ୍ତବ୍ୟ କିଛି ଚଳିଲା ନାହିଁ । ଦେଶୀୟ ଲୋକ ଜଣେ ସହକାରୀ ସଭାପତି ହେବାର ଆମ୍ଭେମାନେ ଆନନ୍ଦିତ ଅଟୁଁ ଓ ଭରସା କରୁଅଛୁ ଯେ ଏହାଙ୍କର କୌଣସି ସରକାରୀ କାର୍ଯ୍ୟ ନ ଥିବାରୁ ଅଧିକ ପରିମାଣରେ ମିଉନିସିପାଲ କାର୍ଯ୍ୟ ପ୍ରତି ମନୋଯୋଗୀ ହୋଇ ଯେରୂପ ସୁନାମର ପ୍ରାପ୍ତ ହୋଇଅଛନ୍ତି ତହିଁର ସମୁଚିତ ଟେକ ରଖିବେ । ଦେଶୀୟ ସଭ୍ୟମାନଙ୍କୁ ଉଚିତ ଯେ ମିଉନିସିପାଲ କାର୍ଯ୍ୟ ସୁଚାରୁରୂପେ ଚଳିବା ପକ୍ଷରେ ଯାହାଙ୍କର ଯାହା ଅଭିପ୍ରାୟ ଥାଏ ତେବେ ଅଗାଉରେ ବ୍ୟକ୍ତ କରନ୍ତୁ । ଏତେ ଦିନ ହାକିମଙ୍କ ଭୟରେ ଅଥବା ମନନ୍ତ ଯୋଗାଇବା ଆଶାରେ ଯାହା ବ୍ୟକ୍ତ କରିବାକୁ କୁଣ୍ଠିତ ହେଉଥିଲେ ଏବେ ତାହା ନିର୍ଭୟରେ ବ୍ୟକ୍ତ କରନ୍ତୁ ଏ କାର୍ଯ୍ୟରେ ଅଗ୍ର ହେଲା ଭଲ ବୋଲି ଉଚିତ ବୁଝିଲ କାରଣ ହେଲା ଭଲେ ଏହିକି ମାତ୍ର ପ୍ରକାଶ ହେବ ଯେ ଦେଶୀୟ ଲୋକଙ୍କଦ୍ୱାରା କିଛି କାର୍ଯ୍ୟ ହୋଇ ନ ପାରେ ।

---

ଆମ୍ଭମାନଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ଉକ୍ତ ପ୍ରଗନା କଟିକା ମୌଜାନିବାସୀ ଧ୍ରୁବ ବେହେରା ନାମକ ଜଣେ ମହାଜନ କର୍ମ କରି ଉନ୍ନତ ହୋଇଅଛି କମ୍ପନ ସାହି ତେଲିକୁ ଲଣ୍ଡି ଦେବାର କର୍ମରେ ଲିପ୍ତ ରହିଥିଲା ଗତ ବୈଶାଖ ମାସ ଦ ୮ ଜ ପ୍ରାୟ ଦଶ ଘଡି ସମୟରେ ତାହା ସଙ୍ଗରେ କଳହ ହେବାରୁ କମ୍ପନ ସାହି ମୁଣ୍ଡରେ ଏମନ୍ତ ଏକ ବାଡି ମାରିଲା

Digitized by srujanika@gmail.com

Split by PDF Splitter



ନେ ସେ ପ୍ରାଣ ହରାଇଲା । ଧ୍ରୁବ ଥାନାକୁ ଏହାର ଜମିଦାର ଓ ପଡ଼ୋଶିମାନଙ୍କ ଯୋଗକର ମୂର୍ଚ୍ଛାରକୁ ପୋଡ଼ିଦିଆଗଲା । କେତେଦିନ ବାଦ ପୁଲିସ ଅମଲା ଶୁଣାଶୁଣିରେ ଯାଇ କୁସୁନ ଓଭରଟାଙ୍ଗେଙ୍କ ମରିଥିବାର ରପୋର୍ଟ କଲା । ଡେପୁଟୀମାଜିଷ୍ଟ୍ରେଟ କୌଣସି ସୁପ୍ରଦ୍ୟୁଶାନ ଏହା ଶୁଣି ପ୍ରଥମେ ସବଇନସ୍ପେକ୍ଟର ଓ ପରେ ବାବୁ ହରେକୃଷ୍ଣଦାସ ଇନସ୍ପେକ୍ଟରଙ୍କ ନାମରେ ତଦନ୍ତ କରିବା ପଠାଇବାରୁ ସେ ମକଦ୍ଦମା ସାବୁତ କରି ଅସାମୀକୁ ଚଲାଣ କରିଅଛନ୍ତି । ଗତମାସ ତା ୨୯ ରଖରେ ଅସାମୀ ଡେପୁଟୀମାଜିଷ୍ଟ୍ରେଟଙ୍କ ସାକ୍ଷାତରେ କହିଲା ଯେ କୁସୁନ ଖାଦ୍ୟାଠାରେ ଗୁଳର ଥିଲା । ସବୁ ବୁଝି ଉକ୍ତ ସମୟରେ ବାଣ୍ଡପରିସ୍ତ ପର ଡକ୍ଟିର ଗଡ ଖଡ କରିବାରୁ ସେ ତାହାକୁ ଗୋରମନି ପାହାରେ ମାରିଅଛି । ମାଡ଼ଖାଇ ପଳାଇଯାଇ ଅପଣା ଘରେ ବଂଶୀ ବାସନ ଉପରେ ଚଡ଼ୁପଡ଼ିବାରୁ ମୁଣ୍ଡଫାଟି ମରିଗଲା । ଅସାମୀ ହାଜତରେ ଅଛି ଓ ମକଦ୍ଦମାର ବିଚାର ହେଉଅଛି, ବୋଧ ହୁଏଇ ଦଉରାକୁ ଅସିବ ।

ଏ ନଗରରେ ବର୍ତ୍ତମାନ ଯାଣୀ ନାହାନ୍ତି ଓ ଓଲାଉଠାରୋଗର ବଡ ପ୍ରାଦୁର୍ଭାବ ନ ଥିଲେହେଁ ଏହାଂ ସ୍ଥାନରେ ଦେଖାଯାଉଅଛି କେଲ ଏକଦିନ ହଡା ବୃଷ୍ଟି ହେଉଥିବାରୁ ବୃକ୍ଷ ଶୀତଳ ଅଛି ଓ ଲୋକମାନେ ସୁଖବର୍ଦ୍ଧରେ ଆନନ୍ଦରେ ଯାପୁଭ ଅଛନ୍ତି ।

---

ସ୍ୱେଚ୍ଛାଚାର ଶାସନ ।

ଗତ ସପ୍ତାହରେ କଟକର ଜଏଣ୍ଟ ମାଜିଷ୍ଟ୍ରେଟ ଶାଯୁକ୍ତ ମ୍ୟାକଲୀନ ସାହେବ ନୂତନ କାର୍ଯ୍ୟ କଷ୍ଟ ଆଇନର ସମ୍ବନ୍ଧେ ବାରର ବିଧାନ ମତେ ଗୋଟିଏ ମକଦ୍ଦମା ଫଏସଲା କରିଥିଲେ ତହିଁର ବୃତ୍ତାନ୍ତ ଏହି ଯେ କଣେ ବାଳକ ସଡ଼କ ପାଖରେ ଗୁଡ଼ି ଉଡ଼ାଉଥିଲା ମାଜିଷ୍ଟ୍ରେଟ ରବିନ ସାହେବ ସେ ସମୟରେ ବଗିରେ ଯାଉଥିଲେ । ଗୁଡ଼ି ଉଡ଼ାଇବାର ଦେଖି ତାହାକୁ ଗିରଫ୍ତାର କରିବାପାଇଁ ପୁଲିସକୁ ଆଜ୍ଞା ଦେବାରୁ ପୁଲିସ ଆଜ୍ଞା ପ୍ରତିପାଳନ ପୂର୍ବକ ସେ ଲୋକକୁ ଚଲାନ କଲା ଓ ମ୍ୟାକଲୀନ ସାହେବଙ୍କୁ ମକଦ୍ଦମା ସୁପୋର୍ଦ୍ଦ ହେଲା । ସେ ବାଳକ ଆପଣା ଉତ୍ତରରେ ଏହି କହିଲା ଯେ ସେ ଅପଣା ବାଡ଼ିଠାରେ ଗୁଡ଼ି ଉଡ଼ାଉଥିଲା । ସାହେବ ତାହା ଉପରେ ଗୁଡ଼ି ଉଡ଼ାଇବାର ଅପରାଧ ସପ୍ରମାଣ କରି କାର୍ଯ୍ୟବିଧିର ଧା ୨୮୩ ମ୍ ଅନୁସାରେ ଦୁଇ ଟଙ୍କା ଅର୍ଥଦଣ୍ଡ କଲେ । ଏ ବିଷୟର କଥା ଯେଉଁମାନେ ଶୁଣିଅଛନ୍ତି ସେହିମାନେ ଆଶ୍ଚର୍ଯ୍ୟ ହେଉଅଛନ୍ତି । ପିଲାମାନେ ସଡ଼କ ପାଖରେ ଚିରକାଳ ଗୁଡ଼ି ଉଡ଼ାଇ ଆସୁଅଛନ୍ତି ଏଥିରେ ଯେ କହିବାକୁ ହେଲେ କାହାର ଅସୁବିଧା ବା ସାଧାରଣର ଅନିଷ୍ଟ ହୋଇଅଛି ଏମନ୍ତ କେବେହେଁ ଶୁଣା ନାହିଁ ଓ ଗୁଡ଼ି ଉଡ଼ାଇବା ନିଷେଧକାର୍ଯ୍ୟ କୌଣସି ଅବଧି ଅଧିକାଂଶ ଲୋକେ ଜାଣନ୍ତି ନାହିଁ । ଅତଏବ ମାଜିଷ୍ଟ୍ରେଟ ସାହେବ ଏରୂପ ଦଣ୍ଡ ବିଧାନ କଲେ ଏହା ଶୁଣିଲେ କାହାର ମନରେ ଉଦୟ ନ ହେବ ଯେ ଏହା ବର୍ତ୍ତମାନ ସ୍ୱେଚ୍ଛାଚାର ଶାସନର ଫଳ ଅଟଇ । ମାଜିଷ୍ଟ୍ରେଟ ସାହେବଙ୍କର ଯେବେ ଭଲାନ୍ତୁ ଇଚ୍ଛା ଥିଲା ଯେ ଗୁଡ଼ି ଉଡ଼ାଇବାର ଆମୋଦ କାହାରି ଭୋଗ କରି ଦେବେ ନାହିଁ ତେବେ ପ୍ରଥମେ ଢେଣ୍ଡ ଘୋଷଣାପତ୍ରଦ୍ୱାରା ସର୍ବସାଧାରଣଙ୍କୁ ସାବଧାନ କରାଇ ଦେଇ ପୁଲିସକୁ ସତର୍କ ରହିବା ପାଇଁ ଅଜ୍ଞା ଦେଇଥିଲେ ତାହାଙ୍କର ମାନସ ସଫଳ ହୋଇଥାନ୍ତା କିନ୍ତୁ ଅକସ୍ମାତ୍ ବିଷୟ ଯେ ଅତି ବାଳ ସ୍ୱଭାବ ବାଳକକୁ ଗିରଫ୍ତାର ହାକିମ ଅତି ସରଳ ଏହି ସମ୍ଭବ ପ୍ରଜାଙ୍କର ନାନାପ୍ରକାର କ୍ଳେଶ ବଢ଼ାଉଅଛି ।

---

ଭାଷା ପାଠ୍ୟପୁସ୍ତକ ।

ଇଂରେଜିସ୍କୁଲରେ ବ୍ୟବହାର ହେଉଥିବା ପାଠ୍ୟପୁସ୍ତକ ସବୁ ସମାଲୋଚନା କରିବା ପାଇଁ ଯେପ୍ରକାର ଏକ କମିଟୀ ନିଯୁକ୍ତ ହୋଇଅଛି ସେହିପରି ଭାଷାବିଦ୍ୟାଳୟର ପୁସ୍ତକମାନ ସମାଲୋଚନା କରିବା ପାଇଁ ଅନ୍ୟଏକ କମିଟୀ ନିଯୁକ୍ତ କରିବା କାରଣ କଲିକତାର ବ୍ରିଟିଶଭାରତୀୟ ସଭା ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବାରେ ବଙ୍ଗଳା ଗବର୍ଣ୍ଣମେଣ୍ଟ ତହିଁର ଉତ୍ତରରେ ଲେଖି ଅଛନ୍ତି ଯେ କମିଟୀଙ୍କୁ ଏ ବିଷୟରେ ଆଜ୍ଞା ଦିଆଯିବ । ଏ କାର୍ଯ୍ୟଟି ଉତ୍ତମ ଅଟଇ ଓ ଏଥିପାଇଁ ଆମ୍ଭେମାନେ ଭାରତବର୍ଷୀୟ ସଭାକୁ ଧନ୍ୟବାଦ ଦେଉଅଛୁଁ । ବାସ୍ତବରେ ଇଂରେଜୀ ପାଠ୍ୟପୁସ୍ତକ ଅପେକ୍ଷା ଭାଷା ପାଠ୍ୟପୁସ୍ତକ ଉପରେ ଅଧିକ ଦୃଷ୍ଟି ରଖିବାର ଆବଶ୍ୟକ କାରଣ ଭାଷାପୁସ୍ତକ ସବୁ ଏ ଦେଶୀୟଲୋକଙ୍କ ପ୍ରଚାର କରନ୍ତି ଓ ଯାହାଙ୍କର ଶିକ୍ଷା ବାଲ୍ୟରେ କୌଣସି ପଦରେ କେହି ବନ୍ଧ କାରକ ଅଛି ତାହାଙ୍କଦ୍ୱାରା ସେଲେଖିବ ହୋଇଥାରେ ଅପଣା ପ୍ରକୃତିର ପୁସ୍ତକ ବିଦ୍ୟାଳୟରେ ପ୍ରବେଶ କରନ୍ତି । ସୁତରାଂ ଭଲ ପୁସ୍ତକ ସୁଲଭ ଥିଲେ ମଧ୍ୟ ତାହା ସବୁ ବିଦ୍ୟାଳୟରେ ପଠିତ ହୁଅଇ ନାହିଁ । ଏଥିରେ କେବଳ ଛାତ୍ରମାନେ ଉତ୍ତମ ଶିକ୍ଷାରୁ ବଞ୍ଚିତ ହୁଅନ୍ତି ଏମନ୍ତ ନୁହେ କେତେ ଉତ୍ତମପୁସ୍ତକ ରଚୟିତା ସହାନୁଭୂତି ବିହୀନରେ ଅପଣା ପୁସ୍ତକ ବିକ୍ରୟ କରିବାକୁ ଅକ୍ଷମ ହୋଇ ନିରୁତ୍ସାହିତ ହୁଅନ୍ତି । ଏମନ୍ତ କେଉଁଠି ଉତ୍କୃଷ୍ଟ ପୁସ୍ତକ ବାହାରିବାର ସମ୍ଭାବନା ଊଣା ହୁଅଇ ଓ ତଦ୍ଦ୍ୱାରା ଲୋକସାଧାରଣ ଅନିଷ୍ଟ ହୁଅଇ ସନ୍ଦେହ ନାହିଁ ।

କିନ୍ତୁ ଅମ୍ଭେମାନେ ଦୁଃଖ ହୋଇ ସ୍ୱୀକାର କରୁଅଛୁଁ ଯେ କାମ୍ବେଲସାହେବ ଶିକ୍ଷା ସଂକ୍ରାନ୍ତ ଅନ୍ୟାନ୍ୟ ବିଷୟରେ ଯେରୂପ ଚତୁର ହୋଇ କାର୍ଯ୍ୟ କରନ୍ତି ଏ ସ୍ଥଳ ସେରୂପ କିଛି ଦେଖା ଯାଇ ନାହିଁ ଉପରଲିଖିତ ଆବେଦନ ପତ୍ରରେ ଭାରତବର୍ଷୀୟ ସଭା ଦରଖାସ୍ତ ପ୍ରଧାନ ସ୍ୱାକ୍ଷରକରେ କହିଥିଲେ ଯଥା—ମୁଦ୍ରିତ ହୋଇଥିବା ଭାଷାପୁସ୍ତକ ସବୁ ମଧ୍ୟମ ବାଳକ ଓ ବାଳିକା ବିଦ୍ୟାଳୟମାନଙ୍କରେ ଯେ ସବୁ ପୁସ୍ତକ ପଠିତ ହେବାର ଉପଯୋଗୀ ଅଛି ସେ ସବୁ ନିର୍ଣ୍ଣୟ କରିବା ସକାଶେ ଗୋଟିଏ କମିଟୀ ସ୍ଥାପନ କରନ୍ତା ଓ ସମୟରେ ଯେ ସବୁ ଭାଷା ପୁସ୍ତକମାନ ବାହାରିଥିବ ତହିଁପ୍ରତି ଦୃଷ୍ଟିରଖି ପାଠ୍ୟ ପୁସ୍ତକର ତାଲିକାକୁ ସଂଶୋଧନ କରିବା ପାଇଁ ଗୋଟିଏ କମିଟୀ ବର୍ଷକର ବସାଇ ରଖିବା । ଏ ଦୁଇ ପ୍ରସ୍ତାବର ପ୍ରକୃତ ଉଦ୍ଦେଶ୍ୟ ପ୍ରତି ଗବର୍ଣ୍ଣମେଣ୍ଟ ବିଶେଷ ଯଥୋଚିତ ମନୋଯୋଗ କରିବାର ପ୍ରମାଣ ପାଉ ନାହିଁ । କାରଣ ଉକ୍ତ ଆବେଦନର ଉତ୍ତରରେ ଏହିମାତ୍ର ଅଛି ଯେ ଇଂରେଜୀ ପାଠ୍ୟପୁସ୍ତକର ତାଲିକା କରିବାପାଇଁ ଯେଉଁ କମିଟୀ ବସି ଅଛି ଭାଷା ପାଠ୍ୟପୁସ୍ତକର ମଧ୍ୟ ତାଲିକା କରିବାପାଇଁ ତାହାଙ୍କୁ ଆଜ୍ଞା ଦିଆଯିବ । ଏଥିରୁ ଦେଖାଯାଏ ଯେ ଉକ୍ତ କମିଟୀର ସମସ୍ତ ସଭ୍ୟ ଇଂରେଜ, କେବଳ ମାତ୍ର ଦେଶୀୟ ସଭ୍ୟ ଅଛନ୍ତି । ଅତଏବ ଏ କମିଟୀଦ୍ୱାରା ଯେ ଉକ୍ତ କାର୍ଯ୍ୟ ନିର୍ବାହ ହେବ ଏମନ୍ତ ଅନୁମାନ ହେଉ ନାହିଁ । ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ସାହେବ ଏକଥାକୁ ବିବେଚନା କରିଥିଲେ ଭାରତବର୍ଷୀୟ ସଭାର ପ୍ରସ୍ତାବାନୁସାରେ ଗୋଟିଏ ପୃଥକ୍ କମିଟୀ ନିଯୁକ୍ତ କରିଥାନ୍ତେ ଓ ସେହିମାନଙ୍କଦ୍ୱାରା ଉକ୍ତ ସକଳ ଉଭୟ କାର୍ଯ୍ୟ ଚଳିଯାଆନ୍ତା । ଅମ୍ଭେମାନେ ଭରସା କରୁଁ ଯେ

Digitized by srujanika@gmail.com

Split by PDF Splitter



ଭାରତବର୍ଷୀୟ ସଭ୍ୟ ଗବର୍ଣ୍ଣମେଣ୍ଟଙ୍କ ଭ୍ରମ ଦେଖାଇ ଦେଇ ଯହିଁରେ ପ୍ରସ୍ତାବଦ୍ୱୟ ପ୍ରକୃତରେ ସଫଳ ହେବ ତେମନ୍ତ ପରାମର୍ଶ ଉଲ୍ଲେଖ କରି ଅତି ଶୀଘ୍ର ଏ ଆବେଦନ ପତ୍ର ପଠାନ୍ତୁ ।

ଏ ପ୍ରସଙ୍ଗରେ ଆମ୍ଭେମାନେ ଶ୍ରୀଯୁକ୍ତ କମିଶନର ଓ ଜଏଣ୍ଟ ଇନସ୍ପେକ୍ଟର ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ଉତ୍କଳଭାଷା ପାଠ୍ୟ ପୁସ୍ତକର ଉପରଲିଖିତ ପ୍ରକାର ଶ୍ରେଣୀ ଏ ଭାଷା ପ୍ରବୃତ୍ତ କରାଇବା ବିଷୟରେ ଉଦ୍ୟୋଗୀ ହେଉନ୍ତୁ । ଓଡ଼ିଆ ପାଠ୍ୟପୁସ୍ତକର ବିସ୍ତର ଉନ୍ନତି ଏଠାରେ ସ୍କୁଲର ସଭା ରହିଅଛି ଏହାଙ୍କଦ୍ୱାରା ଏ କାର୍ଯ୍ୟ ଉତ୍ତମରୂପେ ଚଳିପାରେ କିନ୍ତୁ ଆମ୍ଭେମାନେ ଦୁଃଖିତ ହୋଇ କହୁଅଛୁଁ ଯେ ଏ ସଭାର ସମସ୍ତ ସଭ୍ୟଙ୍କ ଜିଲ୍ଲା ଶିକ୍ଷାକମିଟୀର ସଭ୍ୟ ନିଯୁକ୍ତ ନ କରିବାରୁ ତଳ ହାକିମମାନେ ଏହାଙ୍କ ପ୍ରତି ଅତିଶୟ ଅନ୍ୟାୟ ଓ ଅରୁଚିକର ବ୍ୟବହାର କରୁଅଛନ୍ତି । କେଉଁ କାରଣରୁ ଏମାନେ ଜିଲ୍ଲା କମିଟୀର ସଭ୍ୟ ହେବାକୁ ଅନୁପଯୁକ୍ତ ହେଲେ ଆମ୍ଭେମାନେ କହି ନ ପାରୁଁ କିନ୍ତୁ ଏହାଙ୍କ ନାମ ନ ଥିବାରୁ ଏହି ପ୍ରତୀତ ହେଉଅଛି ଯେ ଏ କମିଟିର ଅସ୍ତିତ୍ୱ ଆଉ ନାହିଁ ଓ ଗବର୍ଣ୍ଣମେଣ୍ଟ ସଭ୍ୟମାନଙ୍କୁ ନିଯୁକ୍ତ କରନ୍ତି ମଧ୍ୟରୁ କେତେକ ଜଣଙ୍କୁ ଏମନ୍ତ ଗୋପନରୂପେ ବିଦାୟ ଦେବାରେ ବୋଧ ହୁଅଇ ଏହାଙ୍କ ପରଚ୍ଛନ୍ଦରେ ତଳ ହାକିମମାନେ ଅଥବା ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇ ନାହାନ୍ତି । ସେ ଯାହା ହେଉ ଆମ୍ଭେମାନେ ନିବେଦନ କରୁଁ ଯେ ଜିଲ୍ଲାର ଶିକ୍ଷାକମିଟୀରେ ବର୍ତ୍ତମାନ ଅନେକ ସଭ୍ୟ ଅଛନ୍ତି ଓ ତାହାଙ୍କଦ୍ୱାରା ଏ କାର୍ଯ୍ୟ ହୋଇ ପାରେ କେବଳ କୌଣସି ସଭ୍ୟ ଏକଥା ଉତ୍ଥାପନ କଲେ ହେଲା ।

---

ବ୍ୟଭିଚାରର ମକଦ୍ଦମା ।

ଗତ ସପ୍ତାହରେ ଯେଉଁ ଦର୍ପୋଡ଼ି ବ୍ୟଭିଚାରର ମକଦ୍ଦମାର ସମ୍ବାଦ ଦିଆ ଯାଇଅଛି ତହିଁ ମଧ୍ୟରୁ ସାମୁଏଲ ଚୌଧୁରୀର ନାଲିଶୀ ମକଦ୍ଦମା ନିଷ୍ପତ୍ତି ହୋଇଅଛି । ଏ ମକଦ୍ଦମା ସ୍ୱୟଂ ଏପରି କିଛି ଗୁରୁତର ବା ଅସାଧାରଣ ନୁହେ କିନ୍ତୁ ତହିଁରୁ ଏକ ସମ୍ପ୍ରଦାୟର ଭ୍ରଷ୍ଟତ୍ୱର (Depravity) ଓ ଏକ ବଡ ଉକୀଲର ଶଠତ୍ୱ ଓ ନୀଚ ବ୍ୟବହାର ପ୍ରକାଶ ହୋଇଥିବାରୁ ବନ୍ଧୁବର୍ତ୍ତୀ ଅତି ଅକ୍ଷେପ କରୁଅଛନ୍ତି ଓ ଆମ୍ଭେମାନେ ମଧ୍ୟ ତାଙ୍କ ସଙ୍ଗେ ସମଦୁଃଖିତ ହୋଇ ଏ ପ୍ରସଙ୍ଗ ଲେଖିବାର କର୍ତ୍ତବ୍ୟ ବୋଧ କଲୁଁ ।

ମକଦ୍ଦମାର ବୃତ୍ତାନ୍ତ ବାଦୀର କହିବାନୁସାରେ ଏହି ଯେ ଦେଢ଼ବର୍ଷ ହେବ ତାହାର ସ୍ତ୍ରୀ ଅମ୍ଳବାଇ ଜଣେ କୃଷ୍ଣ ଓ ବୃଦ୍ଧ ଭାଡ଼ାର ଗେଲଡ଼ା ସଙ୍ଗେ ବ୍ୟଭିଚାର କରିଥିବାର ସେ ଶୁଣିବାରୁ ତିନି ଚାରିମାସ ପୂର୍ବେ ଦୁହିଙ୍କ ମଧ୍ୟରେ ବିବାଦ ହେଲା ତହିଁ ସ୍ତ୍ରୀ ଆପଣା ପିତା ଗୃହରେ ଅଟକି ରହିଲା । ଏଥିର ପଶ୍ଚାତ୍ତୁ ହୋଇ ଏହି ସ୍ଥିର ହେଲା କି ସେ ସ୍ତ୍ରୀ ଆପଣା ଦୋଷ ସ୍ୱୀକାର ଓ କ୍ଷମା ପ୍ରାର୍ଥନା କରି ସ୍ୱାମୀ ସଙ୍ଗେ ସହବାସ କରିପାରିବ କିନ୍ତୁ ଅମ୍ଳବାଇ ଏହା ନ କରି ଅନ୍ୟ ପୁରୁଷ ସଙ୍ଗେ ରତ ହୋଇ ରହିଲା । ବାଦୀ ଏଥିର ସମ୍ବାଦ ପାଇ ଓ ଆଉ ସହି ନ ପାରି ଜେଲଖାନାମରେ ନାଲିଶ କରିବାରୁ ମକଦ୍ଦମା ଡଏଣ୍ଟମାଜିଷ୍ଟ୍ରେଟ ସ୍ମିଥନସାହେବଙ୍କୁ ଅର୍ପିତ ହେଲା । ଏ ମକଦ୍ଦମାରେ ଅନେକ ସାକ୍ଷୀ ଗୃହୀତ ହୋଇଅଛନ୍ତି ଓ ସାହେବ ସ୍ୱୟଂ ସ୍ଥାନୀୟ ତଦନ୍ତ କରିଅଛନ୍ତି କିନ୍ତୁ ବିଶ୍ୱାସଯୋଗ୍ୟ ପ୍ରମାଣ ନ ମିଳିବାରୁ ପ୍ରତିବାଦୀକୁ ଖଲାସ ଦେଲେ । ଏ ମକଦ୍ଦମାରେ ପ୍ରମାଣ ଦେବାରେ ବାଦୀପକ୍ଷର କିଛିହେଁ ତ୍ରୁଟି ହୋଇ ନାହିଁ ଏମନ୍ତ କି ପରଦେଶେ ଅପରାର ଉକୀଲରୁ ସୁଧା ଥାଳୀ କଲା କିନ୍ତୁ ସ୍ମିଥନସାହେବ ଅତି ସୂକ୍ଷ୍ମ ବିଚାର କରିବାରୁ ପ୍ରତିବାଦୀ ଖଲାସ ପାଇଲା । ଏ ଯୋଗୁଁ ଆମ୍ଭେମାନେ ସାହେବଙ୍କ ବିଚାରକୁ ପ୍ରଶଂସା କରୁଅଛୁଁ ।

ମକଦ୍ଦମାର ବୃତ୍ତାନ୍ତ ଉପରେ ଲେଖାଗଲା ବର୍ତ୍ତମାନ ଆମ୍ଭେମାନେ ଆପଣାର ଉଦ୍ଦେଶ୍ୟ ପଥ ପ୍ରବୃତ୍ତ ହେଉଅଛୁଁ । ବସ୍ତୁତଃ ବୋଲନ୍ତେ ଏ ମକଦ୍ଦମା ଦୁଃଖଜନକ ଅଟଇ କାରଣ ଏଥିର ଏକ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ନଷ୍ଟାଚରଣ ପ୍ରକାଶ ହେଉଅଛି କି ଯାହା ଅତି ଅକ୍ଷେପର ବିଷୟ ଅଟଇ । ସେ ଏ ମକଦ୍ଦମାର ସମସ୍ତ ସାକ୍ଷୀଙ୍କୁ ( ପ୍ରାୟ ସମସ୍ତେ ଖ୍ରୀଷ୍ଟିୟାନ ) ତିନିଶ୍ରେଣୀରେ ବିଭକ୍ତ କରିଅଛନ୍ତି । ପ୍ରଥମଶ୍ରେଣୀ ଅତି ଭକ୍ତ ସାକ୍ଷୀ–ଏମାନେ ପ୍ରତିବାଦୀକୁ କୌଣସିରୂପେ ଦଣ୍ଡ ଦିଆଇବା ଅଭିପ୍ରାୟରେ ଅନେକ ଅସମ୍ଭବ କହିଅଛନ୍ତି । ୨ୟ ଅତି ଅନୁକୂଳ ସାକ୍ଷୀ–ଏମାନେ ଅନେକ ସତ୍ୟକଥା ଲୁଚାଇବାଦ୍ୱାରା ମିଥ୍ୟା କହିଅଛନ୍ତି । ୩ୟ ସ୍ୱ–ଅସ୍ୱୀକାରକାରୀ ସାକ୍ଷୀ–ଏମାନେ ସତ ହେଉ ଅବା ମିଛ ହେଉ କିଛି ନ ଜାଣିବାର କହିଅଛନ୍ତି । ଏହିପ୍ରକାରରେ ମକଦ୍ଦମାର ପ୍ରକୃତ ବୃତ୍ତାନ୍ତ କୌଣସି ସାକ୍ଷିଠାରୁ ନ ମିଳିଲା କିନ୍ତୁ ମକଦ୍ଦମା ସମ୍ପୂର୍ଣ୍ଣ ମିଥ୍ୟା ନୁହେ କେବଳ ବିଶ୍ୱସ୍ତସାକ୍ଷୀର ଅଭାବ । ସ୍ମିଥନ ସାହେବ ଏଥିର ସୁଦୀର୍ଘ ମୀମାଂସା ଲେଖି ଅନେକ ବିଷୟର ତର୍କବିତର୍କ କରିଅଛନ୍ତି ସେସବୁ ଉଲ୍ଲେଖ କରିବାକୁ ସ୍ଥାନ ବା ସମୟ ନାହିଁ ସଂକ୍ଷେପରେ ବୋଲିବାର ଏହି ଯେ ସାକ୍ଷୀମାନେ ପ୍ରାୟ ସମସ୍ତେ ସପଥପୂର୍ବକ ମିଥ୍ୟା କହିଅଛନ୍ତି । ପୁଣି ସେମାନଙ୍କ ମଧ୍ୟରେ କେତେକ ସାକ୍ଷୀ ଉପ ଓ ପ୍ରଧାନ ଖ୍ରୀଷ୍ଟିୟାନ ଅଟନ୍ତି । ଅହୋ ! କି ଘୃଣିତ ବ୍ୟାପାର ! ଏ ମକଦ୍ଦମା ଛଡ଼ା କଟକରେ ଖ୍ରୀଷ୍ଟିୟାନୀ ଭ୍ରଷ୍ଟତାର ଆଉ ଦୁଇ ତିନି ମକଦ୍ଦମା ହୋଇ ଯାଇଅଛି । ଏଥିର କାରଣ ଏହିକି ଅଧିକାଂଶ ଦେଶୀୟ ଖ୍ରୀଷ୍ଟିୟାନଙ୍କର ତାଦୃଶ ଶିକ୍ଷା ବା ଜ୍ଞାନ ନାହିଁ ଓ ହିନ୍ଦୁସମାଜର ଯେ ସୁନିୟମ ଗୁରୁଜନ ଭୟର ବା ଅଭିଭାବକଙ୍କ ଆୟତ୍ତ ଓ ସଚେତରେ ରଖଇ ସେସବୁ ସେମାନଙ୍କର ନାହିଁ ଅଧିକନ୍ତୁ ସେମାନଙ୍କର ସ୍ୱାଧୀନତା ଅଧିକ କିନ୍ତୁ ସେମାନେ ସ୍ୱାଧୀନତାର ଉଚିତ ବ୍ୟବହାର ଜାଣନ୍ତି ନାହିଁ । ସୁତରାଂ ସେମାନେ ଯଥେଚ୍ଛାଚାରୀ ହୋଇପଡନ୍ତି । ଖ୍ରୀଷ୍ଟିୟାନ ହେଲେ ବୋଲି କେହୁ ସ୍ୱର୍ଗ ଯିବ ନାହିଁ । ସ୍ୱର୍ଗଦ୍ୱାର କେବଳ ଧାର୍ମିକ ଲୋକଙ୍କପାଇଁ ଫିଟିଥାଏ ଅତଏବ ଖ୍ରୀଷ୍ଟିୟାନମାନେ ଧାର୍ମିକ ହେବାର ଚେଷ୍ଟା କରନ୍ତୁ ତାହା ନ କଲେ ସେମାନଙ୍କର ଖ୍ରୀଷ୍ଟିୟାନ ହେବାରେ କିଛିହେଁ ଫଳ ନାହିଁ । ଲୋକ ନ ବୁଝି ଖ୍ରୀଷ୍ଟିୟାନ କରିବାର ଏହିଫଳ ଅଟଇ ଅତଏବ ପାଦରୀ ସାହେବଙ୍କୁ ଏ ବିଷୟରେ ସାବଧାନ ହେବାର ଉଚିତ ।

ଉକୀଲଙ୍କ ବିଷୟରେ ବିସ୍ତୃତ ବୋଲନ୍ତୁ ଯେ ଅସାମୀ ତାହାଙ୍କ ନିକଟରେ ବ୍ୟଭିଚାରର ଅପରାଧ ସ୍ୱୀକାର କରିଅଛି ଏହି କଥା ପ୍ରମାଣ କରାଇବେ ତାହାଙ୍କୁ ମୁଦ୍ଦେଇ ସାକ୍ଷୀ ମାନିଥିଲା । ଏଥିରୁ ଜଣାଯାଏ ଯେ ଏ ମୋକଦ୍ଦମା ଉପସ୍ଥିତ ହେବାର ଶୁଣି ଅସାମୀ ତାହାଙ୍କ ପକ୍ଷ ପରାମର୍ଶ କରିବାକୁ ଯାଇଥିଲା ମାତ୍ର ବାବୁ ସ୍ୱୀକାର୍ଯ୍ୟ ବିଷୟରେ କିଛି କହି ନାହାନ୍ତି ଓ ସେ ଯେଉଁ ଜୋବାନବନ୍ଦୀ ଦେଇ ଅଛନ୍ତି ତାହା ତାହାଙ୍କର ବ୍ୟବସାୟ ଘଟିତ ମର୍ଯ୍ୟାଦା ପକ୍ଷରେ ପ୍ରଶଂସନୀୟ ନୁହଇ ତାହାଙ୍କ ଉକ୍ତିରେ ପୃଥକ୍‌ରୂପେ ବିସ୍ତର ହେବ । ଆମ୍ଭେମାନେ ଜୋବାନବନ୍ଦୀର ମର୍ମ ଅବଗତ ହୋଇଅଛୁଁ ତହିଁରେ ଦେଖାଯାଏ ଯେ ଉକୀଲ ମହାଶୟ ବାଦୀର ଉକୀଲନାମା

Digitized by srujanika@gmail.com

Split by PDF Splitter



ନେବାର ତାହାକୁ ପରାମର୍ଶ ଦେଇ ଅଛନ୍ତି ମାତ୍ର ପ୍ରତିବାଦୀଙ୍କୁ ପରାମର୍ଶ ଦେଇ ଅଛନ୍ତି ଯେ ବାଦୀ ନାମରେ ସ୍ୱୟଂ ଅପବାଦର ନାଲିଶ ଓ ସ୍ତ୍ରୀଙ୍କର ଖୋରପୋଷାକର ନାଲିଶ ସେ କରି ପାରେ ଓ ସ୍ତ୍ରୀ ଯେଉଁପରି ଆପଣା ବାପଘରୁ ନ ଫେରି ଆସି ତାହାଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବ ଏହିଁର ଉପାୟ ମଧ୍ୟ କରି ଦେଇଅଛନ୍ତି । ଏପ୍ରକାର ଦୁଇଅଡ଼େ ପରାମର୍ଶ ଦେବାର କାରଣ ଯଥେଷ୍ଟ ହୁଅଇ ତାହାଙ୍କୁ ଦୋଷୀ କରୁଅଛନ୍ତି ଓ ଏଥିର ବିଚାର ହେବ ଏବଂ ବିବରଣ ଜଜସାହେବଙ୍କ ନିକଟକୁ ଲେଖି ପଠାଇବାର ଶୁଣାଯାଏ । ଜଜସାହେବଙ୍କ ବିଚାର ନାହା ହେବ ଏଥରେ ଜଣାଯିବ ସମ୍ପ୍ରତି ଆମ୍ଭେମାନେ ଏତିକି ଜଣାଉଁ ଯେ ଉତ୍କଳ ମହାଶୟ ପ୍ରଭୃତି ଯେଉଁପରି ନ୍ୟାୟ ଦଣ୍ଡରେ ଶାସ୍ତ୍ର ସାକ୍ଷ୍ୟ ଦେଇ ଅଛନ୍ତି ତହିଁରୁ ବୋଧ ହୁଅଇ ସେ ସରଳ ଭାବରେ ସମସ୍ତ କାର୍ଯ୍ୟ କରୁଅଛନ୍ତି ଓ କୌଣସି କାର୍ଯ୍ୟ ଯୋଗ୍ୟଭାବରେ ମନେ କରୁନାହାନ୍ତି । ବିଶେଷରେ ଏ ମୋକଦ୍ଦମାରେ ଉତ୍ତର ଦେଇ ପ୍ରତିବାଦୀ ଆପଣାକୁ ରକ୍ଷା କରିବ ସେପରି ପରାମର୍ଶ ତାହାକୁ ଦେବାର ପ୍ରମାଣ ପାଇ ନାହିଁ ।

---

# ସାପ୍ତାହିକସଂବାଦ ।

ଶ୍ରୀମାନ୍ କମିସନରଙ୍କ ବକ୍ତୃତା ପଢ଼ିବା ସଂଖ୍ୟାରେ ଗବର୍ଣ୍ଣମେଣ୍ଟ ଉକିଲ ବାବୁ ଭଗବାନଚନ୍ଦ୍ର ଦାସଙ୍କଠାରୁ ବୃତ୍ତିଶୁଳ୍କ ଟ ୧୫୦ ଶ ନେବାକୁ ଭର୍ତ୍ସିତ ହୋଇଅଛନ୍ତି ଏଥିନିମନ୍ତେ ଗୁଣ୍ଡିଏ ପୁସ୍ତକ ପ୍ରତି ଉତ୍ସାହ ଦେବାରୁ ଗବର୍ଣ୍ଣମେଣ୍ଟଙ୍କୁ ଦେଖାଇବା ଅଭିଳାଷରେ ବିଷୟ ଅଟଇ ।

କୁଳଭୂମାବ ତା ୧ ଓ ୧୪ ଓ ୨୧ ତାରିଖମାନଙ୍କରେ ଏବଂ ତାହାଙ୍କ ଉଇଲଟାଉ ବନ୍ଦୋବସ୍ତରୁ ଅସିବାରୁ ସ୍ଥିର ହୋଇଅଛି । ଖଣ୍ଡଗାଳିକୁ ପ୍ରତି ବୁଧବାର ଜାହାଜ ଆସୁଅଛି ।

ଏବର୍ଷ ଯାଜିପୁର ଅଞ୍ଚଳରେ ଚନ୍ଦବାଲିର ଜାହାଜର ମାଲିକମାନେ ବଲଏପ୍ରଭ ଲାଭ କରୁଅଛନ୍ତି । ଓଡ଼ିଶା, ଯୋଗେ ଜଗଦେବୀସ୍ଥମାନେ ସେତେ ଲାଭ କରୁ ଅଛନ୍ତି ତାହା ଓଡ଼ିଶାବାସୀମାନଙ୍କ ବୁଦ୍ଧି କରିପାରୁ ନାହାନ୍ତି ।

ଏକାଗ୍ରୁ ସୁଦୃଢ଼ ଉପକଷ୍ଟେଣ୍ଟର ମାଙ୍ଗଟଙ୍କ ବଦଳି ହେବାର ଶୁଣାଯାଏ । ବାବୁ ରାଧାନାଥଙ୍କର ବଦଳି ଯାଜପୁର ଓ ବାବୁ ହରେକୃଷ୍ଣ ଦାସ ସେପ୍ରେସିଡ଼ାକୁ ବଦଳି ହେବେ । ବାବୁ ଜେଦର ଚୌଧୁରୀ ଜଗତସିଂହପୁରର ଉପଷେକ୍ଟର ହେବେ । ବାବୁ ଗଙ୍ଗାନାଥଙ୍କ ବଦଳରେ ସଟେକ ନେବାମା ହଇଗାସ୍ତ ପଡ଼ିବାର ଏବଂ ପରିବର୍ତ୍ତନର ଅବଗତ ହେଲା ।

ଜଗତସିଂହପୁରର ଡେପୁଟୀ କଲେକ୍ଟର ବାଉସନ ସାହେବ ହୁଟୀ ନେବାରୁ ବାବୁ ହରିବା ପ୍ରସାଦ ଘୋଷ ତାହାଙ୍କଠାରୁ କର୍ମଭାର ଗ୍ରହଣ କରିବାକୁ ଆଜ୍ଞା ପାଇଅଛନ୍ତି । ବାଉସନ ସାହେବ ଯେତେଦିନ ଜଗତସିଂହ ପୁରରେ ଥିଲେ ଲୋକଙ୍କର ସେତେ ସନ୍ତୋଷଭାଜନ ହୋଇ ନ ଥିଲେ ।

ଓଏଲ ସାହେବଙ୍କ ଗଣନା ଯଦ୍ୟପି ବିଠିକ ଅଟି ନାହିଁ ତଥାପି ତହିଁର ପୁନଃ ୨ ପରୀକ୍ଷା କରିବାର ଆବଶ୍ୟକ । ତାହାଙ୍କ ପ୍ରକାଶିତ ଗଣନାରୁ ଦେଖାଯାଏ ଯେ କଟକରେ ତା ୨୩ ତାରିଖଠାରୁ ତା ୨୮ ଉଣ ଜୁନ ପର୍ଯ୍ୟନ୍ତ ସାମାନ୍ୟ ବୃଷ୍ଟି ହେବ । ତା ୨୮ ଉଣ ଜୁନଠାରୁ ତା ୧୬ ଉଣ ଜୁଲାଇ ପର୍ଯ୍ୟନ୍ତ ଜଡ଼ା ୨ ବୃଷ୍ଟି ହେବ । ତା ୧୬ ଉଣ ଓ ତା ୨୧ ଉଣ ଜୁଲାଇରେ ପ୍ରଭଞ୍ଜନର ଅଳ୍ପ ଓ ବୃଷ୍ଟି ହେବ । ତା ୨୧ ଉଣ ଠାରୁ ତା ୨୨ ଉଣ ଜୁଲାଇ ପର୍ଯ୍ୟନ୍ତ ଭଲ ବୃଷ୍ଟି ହେବ ଓ ତା ୨୨ ଉଣ ଜୁଲାଇଠାରୁ ତା ୧ ଉଣ ଅଗଷ୍ଟ ଓ ସେଠାରୁ ପୁଣି ତା ୨୭ ଉଣ ଅଗଷ୍ଟ ପର୍ଯ୍ୟନ୍ତ ବହୁତ ବୃଷ୍ଟି ହେବ ।

ନିଉର ପତ୍ରିକା ଲେଖନ୍ତି ଯେ ଜଣେ ସ୍ତ୍ରୀଲୋକ ପଞ୍ଚଇନ୍ଦ୍ରିୟ ରହିତ ପୁତ୍ର ପ୍ରସବ କରିବାର ବାର୍ତ୍ତା ସଙ୍କ ଅନାୟାସରେ ଉହା ପ୍ରକାଶିତ କଲେ ।

ପାରସ୍ୟ ଦେଶର ରାଜା ଲଣ୍ଡନ ନଗରରେ ପ୍ରବେଶ ହୋଇଅଛନ୍ତି ଜ୍ୟେଷ୍ଠ ରାଜକୁମାର ପ୍ରିନ୍ସ ଅଫ୍ ଓଏଲସ୍ ତାହାଙ୍କୁ ସ୍ୱାଗତ କରି ତାହାଙ୍କ ପାଖରୁ ତାହାଙ୍କ ଅବାସସ୍ଥାନକୁ ନେଇ ଗଲେ ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ସାହେବ ବିଜ୍ଞାପନ ଦେଇଅଛନ୍ତି ଯେ ଯେଉଁଲୋକମାନେ ଷ୍ଟାମ୍ପ କାଗଜ ବ୍ୟବହାର ଅଯୋଗ୍ୟ ହେବ ସେତେବେଳେ ଷ୍ଟାମ୍ପ କ୍ରୟ କରିବାଠାରୁ ଛ ମାସ ମଧ୍ୟରେ ଜମା ହୋଇଥିବା କଲେକ୍ଟରଙ୍କୁ ପ୍ରାର୍ଥନା କଲେ ଓ କାଗଜ ଫେରାଇ ଦେଲେ ମୂଲ୍ୟ ଓ ଉପରୁ କିଛି ଅଥବା ତହିଁ ପରିବର୍ତ୍ତରେ ସେହିମୂଲ୍ୟର ଅନ୍ୟ ଷ୍ଟାମ୍ପ କାଗଜ ମିଳି ପାରିବ ।

ଇଂଲଣ୍ଡର ଡାକ୍ତର ଭର୍ଜଙ୍କ ଲେଖାରୁ ଅଙ୍କ ଅଛି ଯେ କାର୍ତ୍ତିକର ସୁବର୍ଣ୍ଣନଙ୍କୁ କହିଦେବେ ଯେ ସେ ଦିନ ଅପେକ୍ଷାରେ ମଧ୍ୟସ୍ଥରେ ଭଦ୍ରଲୋକ କରିବେ ନୋହିଲେ ସୈନ୍ୟଦ୍ୱାରା ତାହାଙ୍କ ରାଜ୍ୟ ବେଷ୍ଟିତ ହେବ ଓ ଦାସ ବାଣିଜ୍ୟ ରହାଇବା ଅଧିକ ଏକାବେଳକେ ଜାରି ହେବ । ସୁଲତାନଙ୍କୁ ଏଥର କାହିଁ କଲେ ସରକାରୁ ଇଂରାଜ ଗବର୍ଣ୍ଣମେଣ୍ଟ ଦାସ ବାଣିଜ୍ୟ କଦାପି ଛାଡ଼ି ଦେବେ ନାହିଁ ।

ପିଭ୍ୟଲପଦପ୍ରେଣ୍ଟମାନଙ୍କ ସଂବାଦପତ୍ର ଲେଖନ୍ତି ଯେ "ଉନମାର୍ଗି ନୋଥଲ ନଗରର ମୁସଲମାନମାନେ ଯାତ୍ରିଙ୍କ ସୁବିଧା କାରଣ ଯୋଡ଼ା ଓ ନଗ୍ରୀ ନଗର ମଧ୍ୟରେ ରେଲୱାଏ ନିର୍ମାଣ କରିବା ନିମନ୍ତେ ଗୋଟିଏ କମ୍ପାନି ସ୍ଥାପନ କରୁଅଛନ୍ତି । ଏ ଦୃଷ୍ଟାନ୍ତ ଦେଖି ପଣ୍ଡିତ ବୋଲନ୍ତି ଯେ ଅମ୍ଭମାନଙ୍କ ବାବୁଙ୍କ ସଙ୍ଗେ ଅମ୍ଭେମାନେ ଲଜ୍ଜିତ ଅଟୁଁ । ତାହାଙ୍କ ଧନଦ୍ୱାରା ଜଗତର ଉପକାର ହୁଅଇ, ସେମାନେ କେବଳ ଆପଣା ନିମିତ୍ତ ବସ୍ତ୍ର ଅଳଙ୍କାରପ୍ରିୟ ମରନ୍ତି କୌଣସି ସାଧାରଣ ହିତକର କାର୍ଯ୍ୟ ତାହାଙ୍କଦ୍ୱାରା ହେବାର ଦେଖା ନ ଯାଏ । ଯଦ୍ୟପି ଅମ୍ଭମାନଙ୍କର ଧନଶାଳୀ ଓ ବାବୁମାନେ ଯେଉଁମାନେ ସ୍ୱସ୍ଥ ହିନ୍ଦୁ ବୋଲି ଗର୍ବ କରନ୍ତି ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନାଭିଳାଷୀ ଯାତ୍ରିମାନଙ୍କ ସୁବିଧା ନିମିତ୍ତ କାଳିକତାଠାରୁ ପୁରୀ ପର୍ଯ୍ୟନ୍ତ ରେଲୱାଏ ନିର୍ମାଣ କାରଣ ଗୋଟିଏ କମ୍ପାନି ସ୍ଥାପନ କରନ୍ତେ ତେବେ ଯାତ୍ରିଙ୍କର ଅପାର କ୍ଲେଶ ମୋଚନ ହୁଅନ୍ତା" । ଅମ୍ଭେମାନେ ଏ ମତର ସମ୍ପୂର୍ଣ୍ଣ ଅନୁମୋଦନ କରୁଁ । ସ୍ୱାର୍ଥର ଉପର ନିମିତ୍ତ ବାବୁମାନେ ଯତ୍ନ କରନ୍ତି ତାହାନ୍ତ ଦୁଃଖର ବିଷୟ ଅଟଇ ।

ଅମ୍ଭମାନଙ୍କ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ସହିତ ସମ୍ମାନର ସଭା ଦାର୍ଜିଲିଂରେ ଭେଟ କରିଥିଲେ । ଏହାଦ୍ୱାରା କି ଫଳ ଲାଭ ହୋଇଅଛି ବର୍ତ୍ତମାନ ଜଣା ପଡ଼ୁ ନାହିଁ ।

---

ବିଜ୍ଞାପନ ।

ସମ୍ବାଦପତ୍ରସ୍ଥ ପୁସ୍ତକ ଶ୍ରେଣୀ ଦର୍ଶକ ଗିଣ୍ଟି ଲୁଥଗ୍ରାଫିଙ୍କ ସମ୍ବାଦରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଯାହାଙ୍କ ପ୍ରୟୋଜନ ମୂଲ୍ୟ ଓ ଡାକମାଶୁଲ ପଠାଇଲେ ପାଇପାରିବେ ।

---

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 43



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ } ତାଂ ୧୨ ଜୁଲାଇ ସନ ୧୮୮୩ ମସିହା । ମୂ । ଆଷାଢ଼ ୨୯ ଅଙ୍କ ସନ ୧୨୯୦ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ସଂଖ୍ୟା } { ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫॥
{ ମଫସଲ ପାଇଁ ଡାକମାସୁଲ ୫।୵୦

ଗବର୍ଣ୍ଣମେଣ୍ଟ ବଙ୍ଗାଳ ବିଜ୍ଞାପନ ଦେଇଅଛନ୍ତି ଯେ ଅନ୍ୟାନ୍ୟ ଜେଲେକ ଜଲା ସହିତ କଟକ ଓ ପୁରୀ ଜିଲାରେ ଆଗାମୀ ଅକ୍ଟୋବର ମାସର ପ୍ରଥମ ତାରିଖଠାରୁ କାଟକର ଏବଂ ବାଟକର ଆଇନରେ ଅନ୍ୟ ଯେ ସବୁ କର ହେବାର ବିଧି ଅଛି ତାହା ଯଦାନ୍ତ ହେବାର ଆରମ୍ଭ ହେବ ।

ଅନନ୍ତରଂ ଜିଲା ସହିତ କଟକ, ବାଲେଶ୍ୱର ଓ ପୁରୀର ସେପ୍ଟେମ୍ବର ଡିସେମ୍ବରୀ ଜୁଲାଇ ମାସରେ ସଭା କର ଅଧ୍ୟ ବ୍ୟୟର ଇଷ୍ଟିମେଟ ପ୍ରସ୍ତୁତ କରିବେ ।

---

ଏ ପତ୍ରିକାର ସଂ୨୪ଖ୍ୟାରେ ଶ୍ରୀଯୁକ୍ତ କମ୍ସ ସାହେବଙ୍କ ବିଷୟରେ ଯାହା ଲେଖାଥିଲା ତହିଁପ୍ରତି ବାଲେଶ୍ୱର ସଂବାଦବାହିକା ବୋଲନ୍ତି ଯେ "ଶ୍ରୀଯୁକ୍ତ କମ୍ସସାହେବଙ୍କ ଠାରେ ଦୋଷାରୋପ, ତନ୍ମାରେ ଜଣଙ୍କ ଦେବାଗୁଣ୍ଡ ଅଟଇ" ଅଙ୍କଳଙ୍କ ତନ୍ମାବୋଲି ଶଦମାନ କବିଙ୍କ ଲିବନାରେ ଉଦୟ ହେବାର ଶୁଣିଅଛୁଁ ପ୍ରକୃତରେ ତାହା ଦେଖା ନାହିଁ କିନ୍ତୁ ସମ୍ବାଦବାହିକାରୁ ଜଣାଯାଏ ବାସ୍ତବରେ ସେପରି ଚନ୍ଦ୍ରମା ବାଲେଶ୍ୱରରେ ଉଦୟ ହୋଇଅଛି । ତଥାଚ ଅମ୍ଭେମାନେ ଏମନ୍ତ ପ୍ରକୃତିର ଦାସ ହୋଇଅଛୁଁ ଯେ ସେ ଚନ୍ଦ୍ରମାରେମଧ୍ୟ କଳଙ୍କ ଦେଖୁଅଛୁଁ ।

---

ଗତ ସପ୍ତାହରେ ସ୍ୱେଚ୍ଛାଗ୍ରହ ଶାସକ ଘିଗ୍ନେ ନାମା ପ୍ରସ୍ତାବରେ ଘୋଡ଼ି ଉଡାଇବା ମକଦ୍ଦମାରେ ବୃଟିଷ୍ଟଙ୍କ ଅର୍ଥଦଣ୍ଡ ହୋଇଥିବାର ଯେ ଲେଖିଥିଲୁଁ ତାହା ଭୁଲ ଅଟେ । ଏକଟଙ୍କା ଅର୍ଥଦଣ୍ଡ ହୋଇଅଛି ଓ କାର୍ଯ୍ୟବିଧିର ୨୮୩ ଧାରାନୁସାରେ ଦଣ୍ଡ ନ ହୋଇ ଦଣ୍ଡବିଧିର ୨୮୩ ଧାରାନୁସାରେ ହୋଇ ଅଛି । ଉକ୍ତ ଦଫାରେ ଲେଖେ ଯେ ଯଦି କେହି ସର୍ବସାଧାରଣଙ୍କ କାଟରେ ଅବରୋଧ ଅଥବା ଆପଦଜନକ କାର୍ଯ୍ୟ କରେ ତେବେ ସେ ଦଣ୍ଡନୀୟ ହେବ । ଆଇନବେତ୍ତାମାନେ ବୋଲନ୍ତି ଯେ ଏ ଅପରାଧ ନିମିତ୍ତ କାହାର ପ୍ରତି ପ୍ରକୃତରେ ଅବରୋଧ ବା ଆପଦ ପଡ଼ିଥିବାର ପ୍ରମାଣ ଆବଶ୍ୟକ କିନ୍ତୁ ଏ ମକଦ୍ଦମାର ସରସର ବିଗ୍ରହ ହୋଇ ଥିବାରୁ ସାକ୍ଷିମାନଙ୍କର ଲିପିବଦ୍ଧ ସାକ୍ଷ ନାହିଁ ମାତ୍ର ଥାନାରେ କନଷ୍ଟବଲର ଇଜହାରରୁ ପ୍ରକାଶ ଯେ କାହାର କିଛି କ୍ଷତି ବା ଅବରୋଧ ଇତ୍ୟାଦି ହୋଇ ନାହିଁ । ସେ କେବଳ କହେ ଯେ ମେଜଷ୍ଟର ସାହେବଙ୍କ ଆଜ୍ଞାନୁସାରେ ସେ ଘୋଡ଼ି ଉଡାଇବା ବ୍ୟକ୍ତିଙ୍କୁ ଧରିଥିଲା ।

ଜଏଣ୍ଟ ମାଜିଷ୍ଟ୍ରେଟ ବୋଲନ୍ତି ଯେ ଘୋଡି ଉଡାଇବା କାର୍ଯ୍ୟ ଶିଳ୍ପଅସ୍ତ୍ର ଉପରେ ଚଡି ଯାଉଥିବା ବ୍ୟକ୍ତିମାନଙ୍କ ପ୍ରତି ଆପଦ ଘଟାଇ ପାରେ । ଏ ଅତି ଚମତ୍କାର କଥା ! ଘୋଡି ଅନେକ ଉପରେ ଉଡଇ ତହିଁରେ କିପରି ସେଠାରେ ଚମକିବ ଯେଉଁ ଘୋଡା ଘୋଡି ଦେଖି ଚମକିବ ସେ ଅନେକ କଥାରେ ଚମକିବ ଯଥା ଦେଉଳ ଧ୍ୱଜା, ପତାକା, ବାଜା ବା ବନ୍ଧୁକ ଶବ୍ଦ, ଅନ୍ୟ ପଶୁ ଓ ଅନ୍ୟ ଜେଲେକ ପ୍ରକାର ଦ୍ରବ୍ୟ; ଏ ସବୁ ସ୍ଥଳେ କ ଦଣ୍ଡ ହେବ ? କେଉଁ ଗଳିରେ ଯଦି ଘୋଡା ଚମକେ ତେବେ କ ଇନ୍ଦ୍ରଦେବଙ୍କୁ ଦଣ୍ଡ ଦିଆଯିବ ? ଇଞ୍ଜିନ ସାହେବଙ୍କର ଯେ ଘୋଡା ଗାଡ଼ିରେ ଯୋଗ ହୋଇଥାଏ ସେ ଚମକାଇ ଅତିଶକ୍ତ ମୋଟ ଦଉଡାରେ ବନ୍ଧା ହୋଇଥାଏ ଓ ତାକୁ ଦୁଇଜଣ ଦୁଇପାର୍ଶ୍ୱେ ଧରିଥାନ୍ତି ଏପରି ଘୋଡ଼ା ଦୃଷ୍ଟିରେ ଏ ଦଣ୍ଡ ହୋଇଅଛି କି ? ଅମ୍ଭମାନଙ୍କ ବିବେଚନାରେ ଏ ମକଦ୍ଦମାରେ ଦଣ୍ଡାଜ୍ଞା ଆଇନବିରୁଦ୍ଧ ଅଟେ ଓ ଏଥିର ଅପିଲ ହେବାର ଆବଶ୍ୟକ । ଜଏଣ୍ଟ ମାଜିଷ୍ଟ୍ରେଟଙ୍କର ଅନେକ ମକଦ୍ଦମାରେ ସୁବିଚାର ଦେଖାଯାଏ ଏ ମକଦ୍ଦମାରେ କାହିଁକି ଅନ୍ୟାୟ ବିଚାର ହେଲା ।

---

ରଥଯାତ୍ରା ।

ପାଠକମାନଙ୍କୁ ଜଣାଥିବ ଯେ ଅଳ୍ପଦିନ ତଳେ ଆମ୍ଭମାନଙ୍କ ଲେଫ୍ଟନେଣ୍ଟ ଗବର୍ଣ୍ଣର ରଥଯାତ୍ରା ପ୍ରତିକୂଳରେ ମନ୍ତବ୍ୟ ଲେଖି ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ପରାମର୍ଶପାଇଁ ପଠାଇଥିଲେ ଓ ତହିଁରେ ଲେଖିଥିଲେ ଯେ ରଥସବୁ ବଡ଼ଦାଣ୍ଡର ଓ ବଡ଼ଦାଣ୍ଡଘରେ ନିର୍ମାଣ ହୋଇଥିବାରୁ ତହିଁର ଅନେକ ବିପଦ ଘଟିବାର ସମ୍ଭାବନା

Digitized by srujanika@gmail.com

ଓ ତାହା ଉଠାଇଦେଲେ ଅନାୟାସରେ ଚୋରୀପାରେ କାରଣ ପ୍ରକୃତ ହିନ୍ଦୁ ବା ଯେଉଁମାନେ ଏଥିରେ ଲିପ୍ତ ହେବେ ତାଙ୍କ ସଂଖ୍ୟା ଅତ୍ୟଳ୍ପ ଅଟଇ । ଉଭୟପକ୍ଷରେ ଉତ୍ସବ ସ୍ଥିର ନ ହେଲେ ଓ ଉଭୟଙ୍କ ସଙ୍ଘର୍ଷ ଘଟିବାର ଆଶଙ୍କା ନ ଥିଲେ ତାହା ଟଣାଯିବାପାଇଁ ମାଜିଷ୍ଟ୍ରେଟଙ୍କୁ ଆଜ୍ଞା ଦିଆଯାଇ ପାରେ । ମହାମାନ୍ୟ ଲର୍ଡ ନର୍ଥ ବ୍ରୁକସାହେବ ବା ସେ କୌଣସି ଧର୍ମପ୍ରବର୍ତ୍ତକଙ୍କର ପକ୍ଷପାତୀ ନୁହନ୍ତି ଓ ସମସ୍ତ ସମ୍ପ୍ରଦାୟର ଧର୍ମକୁ ସମାନରୂପ ମାନ୍ୟ କରନ୍ତି ଇତି ପତ୍ରର ଉତ୍ତରରେ ଲେଖିଅଛନ୍ତି ବା ଉଭୟଙ୍କ ଅଧିକ ସଙ୍ଘର୍ଷ ଘଟିବାର ପ୍ରମାଣ ନାହିଁ ଓ ଇହିଁରେ ହସ୍ତକ୍ଷେପ କରିବା ଅନାବଶ୍ୟକ ଯଦ୍ୟପି ଯେବେ ଦୁର୍ଘଟନା ହୁଅଇ ତାହା ମାଜିଷ୍ଟ୍ରେଟ ଓ ପୁଲିସଙ୍କ ସାବଧାନତାଦ୍ୱାରା ଯଥାର୍ଥରୂପେ ନିବାରିତ ହୋଇପାରେ । ମହାମାନ୍ୟ ପ୍ରତିନିଧି ସାହେବଙ୍କୁ ଏଥିପାଇଁ ଆମ୍ଭେମାନେ ସହସ୍ର ଧନ୍ୟବାଦ ଦେଉଅଛୁଁ । ତାହାଙ୍କ ପୂର୍ବ୍ବରହେତୁ ବେଙ୍ଗଲ ଲେପ୍ଟନେଣ୍ଟ ଗବର୍ଣ୍ଣରଙ୍କ ଗୋଟିଏ ଅନ୍ୟାୟର ନିବାରିତ ହେଲ ଏମନ୍ତ ନୁହେ ବରଂ ପ୍ରଶଂସିତ ପ୍ରତିନିଧି ମାନ୍ଦ୍ରେବ ଯେଉଁ ଉପାୟ କହିଦେଇଅଛନ୍ତି ତାହା ହାଇକୋର୍ଟର ପୁଟରେ ପ୍ରତ୍ୟକ୍ଷ ହେଲା । ସେଠା ମାଜିଷ୍ଟ୍ରେଟସାହେବ ଯେରୂପ ସ୍ୱତନ୍ତ୍ରରୂପେ ଗତ ରଥଯାତ୍ରା ଉତ୍ସବ କରିଅଛନ୍ତି ତହିଁର ବିବରଣ ଏଥିସଙ୍ଗେ ପ୍ରକାଶିତ ହୋଇଥିବା ଆମ୍ଭମାନଙ୍କ ପୁରୀସ୍ଥ ସମ୍ବାଦଦାତାଙ୍କ ପତ୍ରରୁ ପ୍ରକାଶ ପାଇବ । ସୁଯୁକ୍ତ ଅର୍ମଷ୍ଟ୍ରଙ୍ଗସାହେବ ଅତ୍ୟଳ୍ପ କାଳରେ ପୁରୀରେ ଏରୂପ ସୁଖ୍ୟାତି ପ୍ରାପ୍ତ ହେଲେ ଅତିଶୟ ଆନନ୍ଦର ବିଷୟ ଅଟଇ ଓ ସୁଯୋଗକୁ ସୁଯୋଗ୍ୟ ବାବୁ ରାମପ୍ରସାଦସିଂହ ତାହାଙ୍କ ସିରସ୍ତାଦାର ହୋଇଅଛନ୍ତି । ଏ ଦୁହିଙ୍କଯୋଗେ ପୁରୀର ଯଥେଷ୍ଟ ମଙ୍ଗଳ ସାଧନ ହେବାର ସମ୍ପୂର୍ଣ୍ଣ ଲକ୍ଷଣମାନ ଜଣାଯାଏ ।

---

କିଆ ଉମପଡା ।

ଏ ଗଡ଼ଜାତଟି ନଷ୍ଟ ହେବାର ଉପକ୍ରମ ଦେଖା ଯାଏ । ଏଠାରେ ରଜା ପ୍ରଜାଙ୍କ ମଧ୍ୟରେ ଏମନ୍ତ ଅସଦ୍ଭାବ ଜାତ ହୋଇଅଛି ଯେ ରଜା ପ୍ରାଣ ଭୟରେ ଗଡ ଛାଡ ପଳାଇ ଆସି ସ୍ଥାନୀୟ ସାହେବମାନଙ୍କ ଆଶ୍ରୟ ଗ୍ରହଣ କରିଅଛନ୍ତି । କଟକର କେହି ଲୋକ ଏହାଙ୍କର କଥା ଶୁଣୁ ନାହାନ୍ତି କମିଶନର ସାହାଯ୍ୟ କରୁ ନାହାନ୍ତି । ପ୍ରଜାଙ୍କ ମନରେ ପ୍ରଜାଙ୍କର ଏ ପ୍ରକାର କ୍ଷମତା ବଢିବା ସମୟର ମହାମାନ୍ୟ ଅଟଇ ତଥାପି ଏହାର କିଛି କାରଣ ଥିବ ସନ୍ଦେହ ନାହିଁ କାରଣ ଆଉ କୌଣସି ପ୍ରଜାଙ୍କଠାରେ ସେରୂପ ଆଚରଣ ଲକ୍ଷିତ ହେଉ ନାହିଁ । ଆମ୍ଭେ ଏଥିର କାରଣ ଏତିକିମାତ୍ର ବୁଝିଅଛୁଁ ଯେ ରଜା ଆପଣା ଜମିଦାରୀର ପ୍ରକୃତ ଉତ୍ପନ୍ନ ଲାଭ କରିବା ମାନସରେ ଅନ୍ୟାୟ ଜାଗିର ସବୁ ଜବତ ଓ ପ୍ରତ୍ୟେକ ପ୍ରକାର ଭୂମି କଷିତ କରି ଉଚିତ କର ବସାଇବାକୁ ଚେଷ୍ଟା କଲେ ମାତ୍ର ପ୍ରଜାଙ୍କର ତାହା ମନୋନୀତ ହୋଇ ନାହିଁ । ତାହାଙ୍କୁ ଅଧିକ କର ଦେଣ ପଡିବ ବୋଲି ସେମାନେ ଏକମେଳ ହୋଇ ଏରୂପ ବିଦ୍ରୋହାଚରଣ କରୁଅଛନ୍ତି । ଏ କାରଣ ଯେବେ ଯଥାର୍ଥ ହୁଅଇ ତେବେ ରଜାଙ୍କର ଦୋଷ ନାହିଁ । ସେ କେବଳ ଆପଣାର ଉଚିତ ଲଭ ପାଇବାକୁ ଚେଷ୍ଟା କରୁଅଛନ୍ତି ଓ ପ୍ରଜାମାନଙ୍କ ମଧ୍ୟରୁ ଯେ କେହି ଏ କାର୍ଯ୍ୟଦ୍ୱାରା ଆପଣାକୁ କ୍ଷତିଗ୍ରସ୍ତ ଜ୍ଞାନ କରନ୍ତି ସେ ଅଦାଲତର ସାହାଯ୍ୟ ନେଇପାରେ । ଏକମେଳ ହୋଇ ଦେଲେତ କାଳ ଅନ୍ୟାୟ ଲଲ କରନ୍ତେ ? ରଜା ସେମାନଙ୍କ ଅନ୍ୟାୟ ମେଳି ଭାଙ୍ଗି ପାରୁ ନାହାନ୍ତି ବୋଲି ତାହାଙ୍କୁ ଅକ୍ଷମ ଜଣାଯାଏ ଓ ସେ ଅକ୍ଷମ ହେବାରୁ ସିନା ଆପଣା ଜମିଦାରୀ ମତ ଉତ୍ତର ପକ୍ଷଙ୍କଠାରେ ଶରଣ ପଶିଅଛନ୍ତି । କିନ୍ତୁ କତ ଦୁଃଖର ବିଷୟ ଯେ ପ୍ରାୟ ବର୍ଷେ ହେବ ଏହି ଗୋଳମାଳ ଉପସ୍ଥିତ ହେଲାଣି ଅଦ୍ୟାପି ସ୍ଥାନୀୟ ସାହେବମାନେ ଉଚିତ ନ କରି ପ୍ରଜାଙ୍କ ମୁହଁ ବଢାଉଅଛନ୍ତି । କେହି କହି ବୋଲିବେ କି ରଜା ଯେବେ ଆପଣା ଜମିଦାରୀକୁ ସୁଶୃଙ୍ଖଳାରେ ଚଳାଇ ନ ପାରିବେ ତେବେ ସରକାରୀ ସାହେବମାନେ କ କରିବେ ଏବଂ ଲୋକର କଥା ବୁଝିବ ଏହାଙ୍କର ଦରମିତ । ଏ କଥା କେତେକ ପରିମାଣରେ ସତ୍ୟ ହେଲେହେଁ ଉମପଡା ପ୍ରତି ତାହା ଖଟି ନ ପାରେ କାରଣ ଉମପଡା ରଜା ଅକ୍ଷମ ହେବାର ହେତୁ ସରକାର ଅଟନ୍ତି କାରଣ ଏ ବ୍ୟକ୍ତି ନାବାଳଗ ଅବସ୍ଥାରେ ରାଜ୍ୟ ପ୍ରାପ୍ତ ହେବାରୁ ସରକାର ଏହାଙ୍କର ଶିକ୍ଷାଭାର ଗ୍ରହଣପୂର୍ବକ ବହୁବ୍ୟୟରେ ଏହାଙ୍କୁ କଲିକତାରେ ନେଇ ପଢାଇଲେ ତଥାପି ଯେବେ ଏହାଙ୍କୁ ଆପଣା ବିଷୟ କର୍ମ ବୁଝିବା ସକାଶେ ଉପଯୁକ୍ତ କରି ନ ଦେଲେ ତେବେ ଆଉ କି ଶିକ୍ଷା ଦେଇଥିଲେ ? ଏହାଙ୍କୁ ଉପଯୁକ୍ତ କରିବାରେ ଯେମନ୍ତ ଶିଥିଳ କରିଅଛନ୍ତି ତେମନ୍ତ ବର୍ତ୍ତମାନ ସମ୍ପ୍ରତି । ରଜାଙ୍କ ସିଙ୍ଗ ଦନ୍ତ ସରକାର ସାହାଯ୍ୟରେ ଭଙ୍ଗାହୋଇ ଆସିଅଛି ଏବେ ଆଉ ତାହାଠାରୁ ଯିବ । ଆମ୍ଭେମାନେ ବୋଧ କରୁଁ ଗବର୍ଣ୍ଣମେଣ୍ଟ ପୁନର୍ବାର ହସ୍ତ ଦେବାପାଇଁ ଏ ଜମିଦାରୀକୁ କୋର୍ଟ ଅବ ୱାର୍ଡସ ତଳେ ଆଣନ୍ତୁ ।

---

' ସତ ଉପୁଜିବ କଉରକୁ '

ସଉରଅଙ୍କ ପ୍ରାୟ ଶେଷ ହୋଇ ଆସିଲା ଏଥିରୁ ମାଳିକା ଲେଖା ଅନୁସାରେ କଳି ଉପୁଜିଲା କି ନାହିଁ ଅଥବା କି କଳି ଉପୁଜିଅଛି ଏଥିର ଆଲୋଚନା କରିବାର ଆବଶ୍ୟକ । ଆମ୍ଭେମାନେ ଅନୁସନ୍ଧାନ କରି ଅନେକ ଦେଖୁଅଛୁଁ ଯେ ମାଳିକା ବାକ୍ୟକୁ ଶିରୋଧାର୍ଯ୍ୟ କରି ସମସ୍ତେ କଳି ଉପୁଜିବାର କହୁଅଛନ୍ତି ଓ ବାସ୍ତବରେ କଳିଯୁଗ ପ୍ରାପ୍ତ ଅନୁଭବ ହେଉଅଛି ସନ୍ଦେହ ନାହିଁ କିନ୍ତୁ କି ସତ୍ୟ ଉପୁଜିଅଛି ଏଥିରେ ମତଭେଦ ଦେଖାଯାଏ । ନାନାସମ୍ପ୍ରଦାୟର ଲୋକ ନାନାମତ ବ୍ୟକ୍ତ କରୁଅଛନ୍ତି । ଯଥା ସାମାନ୍ୟ ବୁଦ୍ଧିର ଲୋକମାନେ କହନ୍ତି ଏବର୍ଷରେ ବଡ଼ର ଆମ୍ବ ଫଳିବାରୁ ( ଆମ୍ବକୁ ସତ୍ୟଫଳ ବୋଲି ଲୋକେ କହନ୍ତି ), ପଣ୍ଡାମାନେ ବୋଲନ୍ତି ଜମିଦାରଙ୍କର ଦୌରାତ୍ମ୍ୟ ନିବାରଣର ପ୍ରକୃତ ଉପାୟ ହେବାରୁ, ମାରୱାଡିମାନେ ବୋଲନ୍ତି ଇନ୍‌କମ୍‌ଟାକ୍ସ [illegible] ଉଠିଯିବାରୁ, ହଟେଲିମାନେ ବୋଲନ୍ତି ସେମାନେ ଉନ୍ନତି ହେବାରୁ ଓ ଆମ୍ଭେମାନେ ବୋଲୁଁ ରାସ୍ତର କମିଶନର ରେଭେନ୍‌ସା ସାହେବଙ୍କର ଗୋଟିଏ କଥା ଫଳିବାରୁ ସତ ଉପୁଜିବାର ମାନିବାକୁ ହେଉଅଛି । ଏଥିମଧ୍ୟରୁ ଶେଷଲିଖିତ ଦୁଇ ବିଷୟରେ କିଛି ବୋଲିବାର ଆମ୍ଭେମାନେ ଆବଶ୍ୟକ ଜ୍ଞାନ କରୁଅଛୁଁ । ନୋହିଲେ ପାଠକରୁ ଅନାୟାସରେ ବୁଝାଯାଉଅଛି ।

ହଟେଲିଶୀ ପଦରେ ଆମ୍ଭେମାନେ ଅଭିଳ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ଦର୍ଶନ କରୁଅଛୁଁ ବ ଯେଉଁମାନେ ପୂର୍ବବର୍ଷ ପୂର୍ବେ ଉତ୍କଳର ଉନ୍ନତି ସାଧନ ସକାଶେ ଅତିଶୟ ବ୍ୟସ୍ତ ଥିଲେ । ସେତେବେଳେ ଏହି କ୍ଷୁଦ୍ର ନଗରରେ ଛଅ ପୃଥକ୍ ସଭା ହୋଇଥିଲା ଓ ତହିଁର କାର୍ଯ୍ୟ ମହା ଆଡମ୍ବରରେ ଚାଲୁଥିଲା । ବର୍ତ୍ତମାନ ସେସବୁ କିଛି ଦେଖିବାରେ ଆସୁ ନାହିଁ । ସକଳରୁ କାର୍ଯ୍ୟତଃ ଦୂର ହେଲେଣି ବୋଲିବାକୁ ହେବ କାରଣ

Digitized by srujanika@gmail.com

Split by PDF Splitter



...ଶି ଶସ୍ୟ ଉତ୍ପନ୍ନ ହେବାର ଦେଖାଯାଉ ନାହିଁ । ଏରୂପ ହେବାର କାରଣ କି ? ଗତବର୍ଷ ପୂର୍ବରେ ଓଡ଼ିଶାର କି ଏତେ ମନ୍ଦ ଦଶା ଥିଲା ଯେ ତହିଁପାଇଁ ସମସ୍ତେ ବ୍ୟସ୍ତ ଥିଲେ ଓ ସଭା ଉପରେ ସଭା କରି ଆପଣା ଦୁର୍ଭିକ୍ଷ ଦେଖାଉଥିଲେ ? ଏବେ କଣ ତାହାଙ୍କ ମନରେ ଦୃଢ଼ବିଶ୍ୱାସ ହେଲା ଯେ ଆଉ ଓଡ଼ିଶାପାଇଁ ଚିନ୍ତା କରିବାର ନାହିଁ ଏହାର ଅବସ୍ଥା ସର୍ବପ୍ରକାରରେ ଉତ୍ତମ ହୋଇଅଛି ? ସଭ୍ୟମାନେ ସମସ୍ତେ ନିଶ୍ଚିନ୍ତ ହୋଇ ବସିବାର ଅନୁମାନ ହୁଅଇ ଯେ ସେମାନଙ୍କର ଭଲପ୍ରକାର ଦୃଢ଼ବିଶ୍ୱାସ ହୋଇଅଛି କିନ୍ତୁ ଓଡ଼ିଶାର ଅବସ୍ଥା ଦେଖିଲେ ସେରୂପ କିଛି ପ୍ରକାଶ ପାଏ ନାହିଁ ବରଂ ଦନ୍ତ ସଭାର ଆବଶ୍ୟକତା ଅଧିକ ଅନୁଭବ ହେଉଅଛି । ତେବେ ସେରୂପ ଉଦାସର କାରଣ କି ? ଅମ୍ଭମାନଙ୍କର ଏହି ଅନୁମାନ ହେଉଅଛି ଯେ ସଭ୍ୟମାନେ ମାଙ୍କଡ଼ା କଥାରୁ ସତ ମଣି ନିଶ୍ଚୟ ଜାଣିଅଛନ୍ତି ଯେ ସତ୍ୟଯୁଗ ଉପସ୍ଥିତ ହୋଇଅଛି ଅଉ ସେମାନଙ୍କର ଚିନ୍ତା କରିବାର କୌଣସି କାରଣ ନାହିଁ ।

ଯେତେବେଳେ ଏନଗରରେ ଉକ୍ତ ସଭାର ବିଶେଷ ଅନୁଧ୍ୟାନ ଥିଲା ସେତେବେଳେ ଅମ୍ଭମାନଙ୍କ କମିଶନର ସାହେବ କହିଥିଲେ ଯେ ଏ କ୍ଷୁଦ୍ର ନଗରରେ ଛଅଟା ପୃଥକ୍ ସଭା ରହିବାର ସ୍ଥାନ ନାହିଁ ସମସ୍ତେ ମିଶି ଐକ୍ୟ ସ୍ଥାନରେ କାର୍ଯ୍ୟ ନ କଲେ କେହି ରହିବ ନାହିଁ । ଏଥିପାଇଁ ସେସବୁ ସଭାକୁ ମିଶାଇ ଏକ କରିବାକୁ ଚେଷ୍ଟା କରିଥିଲେ ଓ ଏହା ନ ହେଲେ ସବୁ ନଷ୍ଟ ହେବ ଏହା ମଧ୍ୟ କହିଥିଲେ । ସବୁ ସଭାର ଏକ ହେଲା ନାହିଁ କିନ୍ତୁ କମିଶନର ସାହେବଙ୍କ ବାକ୍ୟଟି ଫଳିଲା । ସୁତରାଂ ବର୍ତ୍ତମାନ କୌଣସିଟିର ଜୀବନ ଥିବାର ଦେଖାଯାଉନାହିଁ । ଅତଏବ ଅମ୍ଭେମାନେ ବୋଲୁଁ ଯେ ସଭାରୂପଙ୍କରେ କମିଶନର ସାହେବଙ୍କ କଥାର ସତ ଉଷ୍ଟଲା ।

କେହି ବୋଲନ୍ତି ଯେ ଏବେତ କର୍ଣ୍ଣେଲ ସାହେବ ନାହାନ୍ତି ବମ୍ବା ନାଳସମ୍ପର୍କରେ କିଛି ଅଭ୍ୟାସର ନାହିଁ ଏଣୁ ସବୁ କାହିଁ କି ହେବ ? ଏଥିରୁ ଉତ୍ତର ଏହି ଯେ କର୍ଣ୍ଣେଲ ସାହେବ ନ ଥିଲେ ଇରବନ ସାହେବଙ୍କ ଅଛନ୍ତି ଓ ନାଳ କଟକର ସମ୍ପର୍କରେ ଅଭ୍ୟାସର ନ ଥିଲେକ ନାଳ ଖୋଳିବା ସମ୍ପର୍କରେ ଅଛି ଏଥର ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ଅନୁଶାସନ ପ୍ରଣାଳୀ ଅଧୁନାତନ ପ୍ରଚଳିତ କରିବା ଉଦ୍ଦେଶରେ ଟାଉନକମିଟୀ, ସେସକମିଟୀ ଶିକ୍ଷାକମିଟୀ ପ୍ରଭୃତି ନିଯୁକ୍ତ କରିଅଛନ୍ତି । ଏସବୁର କାର୍ଯ୍ୟ କିରୂପେ ଉତ୍ତମରୂପେ ନିର୍ବାହ ହେବ ସେଥିପାଇଁ ଦୁର୍ଭିକ୍ଷିମାନଙ୍କୁ ଅନେକ କଥା ବିଚାର କରିବାର ଅଛି । ପୁଣି ଲଜାଘର ଅଭାବ ସମ୍ପର୍କରେ ଯାତ୍ରିମାନଙ୍କର ଯେତେ କ୍ଲେଶ ହୋଇଅଛି ତାହା ଜାଣିବା ଓ ତହିଁରୁ ସେମାନଙ୍କୁ ଉଦ୍ଧାର କରିବାପାଇଁ ଉପାୟ କରିବାର ଅଛି । ଏତଦ୍ଭିନ୍ନ ଓଡ଼ିଶାର ସାମାଜିକ ଓ ବୈଜ୍ଞାନିକ ଉନ୍ନତି ଅନେକପ୍ରକାରରେ କରିବାର ପ୍ରୟୋଜନ ହୋଇଅଛି ଏମନ୍ତ ଅବସ୍ଥାରେ ସଭାର କାର୍ଯ୍ୟ କିଛି ନାହିଁ ବୋଲି କିଏ ସ୍ୱୀକାର କରିବ ?

---

## ଶିକ୍ଷାଦାନର ଉଦ୍ଦେଶ୍ୟ ।

ଏ ନଗରସ୍ଥ ନରମାଲ ସ୍କୁଲର ଗତ ବାର୍ଷିକ ସଭାରେ ଶ୍ରୀଯୁକ୍ତ ରେବେନସା ସାହେବ ସଭାପତି, ଛାତ୍ରମାନଙ୍କୁ ଯେ ଉପଦେଶମାନ ଦେଇଥିଲେ ତହିଁ ମଧ୍ୟରେ ଏ ଦେଶରେ କୃଷିକାର୍ଯ୍ୟର ଉନ୍ନତି ସାଧନ ବିଦ୍ୱାନ୍ ଲୋକଙ୍କର ବିଶେଷ କର୍ତ୍ତବ୍ୟ ବୋଲି ବ୍ୟକ୍ତ କରିଥିଲେ । ସାହେବ ପ୍ରଶଂସିତ ହୋଇଲେ ଯେ ଗତ ଲୋକସଂଖ୍ୟାରୁ ଜଣାଯାଏ ଯେ ଓଡ଼ିଶାର ଲୋକସଂଖ୍ୟା ପୂର୍ବାପେକ୍ଷା ଦ୍ୱିଗୁଣ ବଢ଼ିଅଛି ଓ ଏହାଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଏପରି ଏମନ୍ତ ପ୍ରୟୋଜନ ହୋଇଅଛି ଯେ କୃଷିମାନେ ଜମିସକାଶେ ବ୍ୟସ୍ତ ହୋଇ ବୁଲୁଁ ଅଛନ୍ତି ଜମି ମିଳୁ ନାହିଁ । ସରକାରୀ ନାଳର ଜଳ ପ୍ରାପ୍ତିର ସୁବିଧା ହେବାରୁ ଯେଉଁ ଜମିରେ ଚାଷ ହେବାର ଆଶା ନ ଥିଲା ତାହା ମଧ୍ୟ କର୍ଷିତ ହେଲାଣି ପୂର୍ବେ ସମୟ ସମୟରେ ଦୁର୍ଭିକ୍ଷ ପଡ଼ି ଲୋକସଂଖ୍ୟା ଊଣା କରୁଥିଲା ଏଣିକି ନାଳଯୋଗେ ଆଉ ଦୁର୍ଭିକ୍ଷର ଭୟ ନାହିଁ ମାତ୍ର ଲୋକଙ୍କ ପ୍ରୟୋଜନାନୁସାରେ ଫସଲ ଉତ୍ପନ୍ନ ନ ହେଲେ ନିର୍ବାହ ହେବାର କଠିନ, ଫସଲ ବୃଦ୍ଧିର ଉପାୟ ଅଧିକ ଜମି ଚାଷକରିବାଦ୍ୱାରା ହୋଇ ନ ପାରେ କାରଣ ଜମି ମିଳିବାକୁ ନାହିଁ ତେବେ ଏହି ଜମିରେ ଯେପ୍ରକାରେ ଅଧିକ ଶସ୍ୟ ହୋଇ ପାରେ ତହିଁର ଚେଷ୍ଟା କରିବା ଆବଶ୍ୟକ ବର୍ତ୍ତମାନ ବିଜ୍ଞାନଶାସ୍ତ୍ରର ସାହାଯ୍ୟରେ ଉତ୍କୃଷ୍ଟପ୍ରକାର ଚାଷ କରିବା ଓ ଜଳ ଓ ଖଇଦ୍ୱାରା ଭୂମିର ଉତ୍ପନ୍ନ ଶକ୍ତି ବୃଦ୍ଧି କରିବାର ଯେ ସମସ୍ତ ଉପାୟ ହୋଇଅଛି ସେ ସବୁ ଅବଲମ୍ବନ କଲେ ବର୍ତ୍ତମାନ ଯେଉଁ ଜମିରେ ଯେତେ ଫସଲ ହେଉଅଛି ତହିଁର ଦୁଇ ଗୁଣ କି ତିନିଗୁଣ ହୋଇପାରେ ଛାତ୍ରମାନଙ୍କୁ ଏ ସବୁ ଉପାୟ ବିଶେଷରୂପେ ଶିଖିବାର ଆବଶ୍ୟକ ତାହା ହେଲେ ସେମାନେ ପ୍ରକୃତରୂପେ ଆପଣାର ଓ ସମାଜର ହିତକାରୀ ହେବେ ।

ଶ୍ରୀଯୁକ୍ତ ସଭାପତି ମହାଶୟଙ୍କ ଉପର ଲିଖିତ ଉପଦେଶ ଯେ ଅତି ସୁନ୍ଦର ତହିଁରେ କିଛି ସନ୍ଦେହ ନାହିଁ କିନ୍ତୁ ନର୍ମାଲ ସ୍କୁଲର ଛାତ୍ରମାନଙ୍କୁ ଯେରୂପ ଶିକ୍ଷା ଦିଆ ଯାଉଅଛି ତହିଁରେ ଉକ୍ତ ଉପଦେଶ କାର୍ଯ୍ୟରେ ଆସିବ ଏମନ୍ତ ଅମ୍ଭମାନଙ୍କୁ ବୋଧ ହେଉ ନାହିଁ । କୌଣସି ପ୍ରକାର ଉନ୍ନତି ସାଧନ ସକାଶେ ଅନେକ ପ୍ରକାର ବିଜ୍ଞାନ ଶାସ୍ତ୍ର ଅଧ୍ୟୟନର ଆବଶ୍ୟକ କିନ୍ତୁ ଛାତ୍ରମାନେ ତାହା ପାଠକରି ଯାଉ ନାହାନ୍ତି ବମ୍ବା ବିଦ୍ୟାଳୟର ଶିକ୍ଷା ପ୍ରଣାଳୀ ସେରୂପ ନୁହଇ । ଗବର୍ଣ୍ଣମେଣ୍ଟ ଏହାଙ୍କୁ ଅଧିକ ଶିଖାଇବାକୁ ମନାକରି ଅଛନ୍ତି କାରଣ ଅଧିକ ଶିଖିଲେ ବଡ଼ ଗୁରୁର ଛୋଟ ବୃତ୍ତିରେ ଅବଧାନୀ କରିବାରେ ତୃପ୍ତ ହେବେ ନାହିଁ କିନ୍ତୁ ଅଧିକ ନ ଶିଖିଲେ ଯେ କଦାଚ ଶ୍ରୀଯୁକ୍ତ କମିଶନର ସାହେବଙ୍କ ଆଶା ପୂର୍ଣ୍ଣ ହେବ ନାହିଁ ଓ ବିଦ୍ୟାଦାନର ପ୍ରକୃତ ଫଳ ହେବ ନାହିଁ ଏହା ଉତ୍ତମରୂପେ ବୋଲା ଯାଇ ପାରେ । ବର୍ତ୍ତମାନ ଦେଶୀୟ ଅଜ୍ଞାନ ତିମିରରେ ଆଚ୍ଛନ୍ନ ରହିଅଛି । ଗବର୍ଣ୍ଣମେଣ୍ଟ ଏ ଉଦ୍ଦେଶରେ ବିଦ୍ୟାଦାନ ଦେବାକୁ ଏତେ ବ୍ୟସ୍ତ ଓ ବ୍ୟୟଶାଳୀ ହୋଇ ଅଛନ୍ତି ତାହା ବୁଝିବାର ଲୋକ ମୋଫସଲରେ ବିରଳ ଓ ବିଦ୍ୟାଲୟଦ୍ୱାରା ମନୁଷ୍ୟର ଉନ୍ନତି ହୋଇପାରେ ଏହା ଯେ କେହି ବିଶ୍ୱାସ କରନ୍ତି ଅତି ସନ୍ଦେହର ସ୍ଥଳ । ଏଠାଲୋକେ ଏତିକି ଜାଣନ୍ତି ଯେ କିଛିତ ପଢ଼ିଲେ ବୈଦେଶିକ ବିଲାସ ପ୍ରଭୃତି ଅର୍ଥ ବ୍ୟୟ କରିବାର ଓ ଅଳ୍ପ ପଢ଼ିଲେ ଜଣାବନା କାର୍ଯ୍ୟ ଭଲରୂପେ ଶିଖିବା ଓ ସନ୍ଧ୍ୟାବେଳେ ଦୁଇଏକ ଅଧ୍ୟାୟ ଭାଗବତ ମଧ୍ୟ ପଢ଼ିବାର କ୍ଷମତା ହୁଅଇ ବିଦ୍ୟାଦ୍ୱାରା ଭୂମିରେ ଅଧିକ ଶସ୍ୟ ଫଳେ ବ୍ୟବସାୟରେ ଅଧିକ ଲାଭ ହୁଏ ବମ୍ବା ଅଳ୍ପଶ୍ରମରେ ଅଧିକ କାର୍ଯ୍ୟ ହୁଏ ଏ ଦେଶୀୟ କେତେଲୋକ ଏହା ବିଶ୍ୱାସ କରନ୍ତି ? ବରଂ ବିଦ୍ୟାକୁ ବ୍ୟବସାୟର ବିରୋଧୀ ବୋଲି କାର୍ଯ୍ୟତଃ ଏଠାଲୋକେ ସ୍ଥିର କରିବାର ପ୍ରକାଶ ହୁଅଇ । ଯାହାକୁ ଲେଖି ପଢ଼ି ଆସଇ ନାହିଁ ସେଠା ହଳୁଆ ଓ ଯେ ଟିକିଏ ଗ୍ରାମ୍ୟପାଠଶାଳିରେ ଲେଖା ପଢ଼ି ଶିଖିଅଛି

Digitized by srujanika@gmail.com

Split by PDF Splitter



ସେ ହଳ ପାଣରୁ ଯିବ ନାହିଁ କାରଣ ଇଛିରେ ତାହାର ପାଣ୍ଡିତ୍ୟ ପ୍ରତି ଦୋଷ ପଡ଼ିବ । ତେଣୁ ଯେବେ ଲେଖି ପଢ଼ିପାରିଲା ତେବେ ଅନ୍ନ ଲଜ୍ଜା ଭୁଲିବ ନାହିଁ ଓ ବଢ଼ିଲେ ଯେବେ କେତେ ଗଡ଼ି ଶିଖିଲା ତେବେ ବାରସି ଧରିବ ନାହିଁ ଏହି ପରି ସବୁ ବ୍ୟବସାୟରେ ଦେଖାଯାଏ । ଯେଉଁଠାରେ ଏତାଦୃଶ କୁସଂସ୍କାର ବଦ୍ଧମୂଳ ସେଠାରେ କିପରି କୃଷକ ଲୋକମାନଙ୍କ ଶିକ୍ଷାପ୍ରାପ୍ତ ବାଞ୍ଛିତ ପ୍ରକାରର ଉନ୍ନତି ହୋଇପାରେ ଅବଧାନମାନେ କେହି କୁସଂସ୍କାରଗ୍ରସ୍ତ ଲୋକ ହେଲେ ଯୋଗଂସଲରୁ ଯାଇ ସେହି ପ୍ରକାର ତଥ୍ୟକୁ ଘୃଣା କରିବେ ତେବେ କି ପ୍ରକାରରେ କ୍ଷେତ୍ର ଦୁଃଖ ବଢ଼ିବ ? ଅତଏବ ଅମ୍ଭେମାନେ ବୋଲୁଅଛୁଁ କି ଯେବେ ଏ ଦେଶର ଲୋକଙ୍କ ଅବସ୍ଥା ଉନ୍ନତି କରିବାକୁ ଗବର୍ଣ୍ଣମେଣ୍ଟ ପ୍ରକୃତରେ ଯତ୍ନବାନ୍ ଅଛନ୍ତି ଅର୍ଥାତ୍ ଯେବେ କର୍ଣ୍ଣେଲ୍ କଦ୍ୟାଲସ୍ ଓ ମୋଫସଲ ଇନ୍ସପେକ୍ଟର ସାହେବଙ୍କ ବାଞ୍ଛିତ ହିତସାଧନର ଚେଷ୍ଟା ଥାଏ ତେବେ ପାଠଶାଳା ପକ୍ଷରେ ଅବଧାନମାନଙ୍କୁ ନାନାପ୍ରକାର ଉତ୍ତମ ଶାସ୍ତ୍ରରେ ଶିକ୍ଷା ଦିଆଯାଉ ଯେମନ୍ତେ କି ତାହାଙ୍କର କୁସଂସ୍କାର ଦୂରୀଭୂତ ହେବ ଓ ମୋଫସଲ ଲୋକେ ତାହାଙ୍କଠାରୁ ଉଦାର ମହିମା ଓ ସାଂସାରିକ କାର୍ଯ୍ୟ ସମ୍ବନ୍ଧ ତାହାର ସମ୍ବନ୍ଧ ଅବଗତ ହୋଇ ତଦନୁସାର କାର୍ଯ୍ୟ କରିବାକୁ ମନ ବଳାଇବେ ।

---

# ସାପ୍ତାହିକସଂବାଦ ।

ଗବର୍ଣ୍ଣମେଣ୍ଟଙ୍କ ଅନବ୍ୟବସ୍ଥା ସମ୍ପର୍କରେ ପଜମର୍ଣ୍ଣ ଓ କମ୍ପର କାରଣ ଗୋଟିଏ ସଭା ବସାଇବାର ପ୍ରସ୍ତାବ କରି ଭାରତବର୍ଷୀୟ ସଭା ଇଣ୍ଡିଆ ଗବର୍ଣ୍ଣମେଣ୍ଟକୁ ଯେଉଁ ଆବେଦନ ପତ୍ର ପଠାଇଥିଲେ ତହିଁର ଉତ୍ତରରେ ଶ୍ରୀମାନ୍ୟ ପ୍ରଚଲସ୍ ସାହେବ କହି ଅଛନ୍ତି ଉକ୍ତ ପ୍ରସ୍ତାବାନୁସାରେ ସଭା ବସାଇବା ପକ୍ଷରେ ସେ କୌଣସି ଇଚ୍ଛା ଦେଇ ନ ପାରନ୍ତି ।

ଭାରତବର୍ଷୀୟ ହଲଣ୍ଡ ଦେଶୀୟ ଗବର୍ଣ୍ଣମେଣ୍ଟ ସୁମାତ୍ରାଦ୍ୱୀପସ୍ଥ ଆଚୀନର ସୁଲତାନଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ହୋଇଅଛନ୍ତି । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଘୋଷଣା ଦେଇଅଛନ୍ତି କି ଯେ ଭାରତବର୍ଷର କେହି ବ୍ରିଟିଶପ୍ରଜା କୌଣସି ପକ୍ଷକୁ ସାହାଯ୍ୟ କରିବେ ନାହିଁ ।

ଲେଫ୍ଟନେଣ୍ଟ କର୍ଣ୍ଣେଲ ଜବଲର, ଏବି, ସାଲବର୍ ସାହେବ ପଞ୍ଜାବ ପ୍ରଦେଶର ରାଇଫେଲ ଶାଖାର ପ୍ରଥମଶ୍ରେଣୀର ସୁପରଣ୍ଟେଣ୍ଡେଣ୍ଟ ଉଲିମାସ୍କର, ବଙ୍ଗଳା ପ୍ରଦେଶର ପ୍ରଧାନ ଇଞ୍ଜିନିୟର ଏବଂ ଇଉକେସନ ଶାଖାର ଡେପୁଟି ସେକ୍ରେଟାରୀ ନିଯୁକ୍ତ ହୋଇଅଛନ୍ତି । ଲେଫ୍ଟନେଣ୍ଟ କର୍ଣ୍ଣେଲ ହେଗ ସାହେବଙ୍କ ଯେଉଁଅବଧି ପର୍ଯ୍ୟନ୍ତ ଏ ବନ୍ଦୋବସ୍ତ ହୋଇଅଛି ।

ଅମ୍ଭମାନଙ୍କ ଲେଫ୍ଟନେଣ୍ଟ ଗବର୍ଣ୍ଣର ଦାର୍ଜିଲିଂ ପର୍ବତରୁ ଜଲପାଇଗୁଡ଼ିକୁ ବର୍ତ୍ତମାନ ତା ୨୫ ରିଖରେ ଯାତ୍ରା କରିଅଛନ୍ତି । ଅନ୍ୟାନ୍ୟ ଦେଶରେ ସ୍ଥାନ ପରିଭ୍ରମଣ କରି କଲିକତାକୁ ପ୍ରତ୍ୟାଗମନ କରିବେ କିନ୍ତୁ ତହିଁର ତାରିଖ ଅବଧି ଜଣା ଯାଇ ନାହିଁ ।

ବରଦାରେ ଅଧିକ ଅପରାଧର ପ୍ରାଦୁର୍ଭାବ ଦେଖାଯାଏ । ଜଣେ ବଦମାଏସ ଅଲଙ୍କାର ଲୋଭରେ ଗୋଟିଏ ପିଲାକୁ ମାରି ପକାଇଲା । ବୃଦ୍ଧଜଣେ ସ୍ତ୍ରୀଲୋକ ଅପଣା ଉପପତିଙ୍କ ସହିତ ଯୋଗ ଦେଇ ଆପଣାର ସ୍ୱାମିଙ୍କ ହତ୍ୟା ସାଧନ କଲେ । ଏ ଲୋକମାନେ ସମସ୍ତେ ଧରା ପଡ଼ି ଅଛନ୍ତି । ଶୁଣାଯାଉଅଛି ଏହାଙ୍କ ମୂର୍ତ୍ତିରେ କଳା ବୋଳି ଏହାଙ୍କୁ ଗଧ ଉପରେ ବସାଇ ନଗର ପରିଭ୍ରମଣ କରାଇ କଳାପାଣିକୁ ଚଲାଣ କରାଗଲା ।

ସୁରଟ ନଗରର ଏକ ସଂବାଦପତ୍ରରେ ଲେଖାଅଛି କେତେକ ଲୋକ ମିଶି ଗୋଟିଏ ନୂଆ ବ୍ୟାପାର ଆରମ୍ଭ କରିଅଛନ୍ତି । ସେମାନେ ନଗରରେ ପ୍ରଚାର କରିଅଛନ୍ତି ଯେ କେହି ତାହାଙ୍କୁ ଗୋଟିଏ ଟଙ୍କା ଦେଲେ ସେ ଏକ ବର୍ଷ ଉତ୍ତାରୁ ତାହାକୁ ଦୁଇଟଙ୍କା ଫେରାଇ ଦେବେ । ଏହାଦ୍ୱାରା ଦ୍ୱିଗୁଣ ଲାଭର ଆଶା ପାଇ ଅନେକ ଲୋକ ତାହାଙ୍କଠାରେ ଟଙ୍କା ଜମା କରୁଅଛନ୍ତି ଓ ଦ୍ୱିଗୁଣ ପାଉଅଛନ୍ତି କିନ୍ତୁ କେଉଁ ବାଟେ ଏମାନେ ତାହାକୁ ଟଙ୍କା ଦେବେ ଅଦ୍ୟାପି ପ୍ରକାଶ ପାଇ ନାହିଁ । ଭାରତବର୍ଷର ଅନେକ ସ୍ଥଳରେ ଏରୂପ ଠକବୃତ୍ତି ଦେଖାଯାଉଅଛି ଓ ଅନେକ ଲୋକ ଦ୍ୱିଗୁଣ ପାଇବା ଆଶାରେ ଦରିଦ୍ରତାକୁ ଲାଭ କରୁଅଛନ୍ତି ମାତ୍ର ଅର୍ଥଲୋଭର ବଶ୍ୟ ଯେ ତଥାପି ଲୋକେ ଚେତୁ ନାହାନ୍ତି ।

ହାଇକୋର୍ଟର ପୂର୍ଣ୍ଣାଙ୍ଗବେଞ୍ଚରେ ଧାର୍ଯ୍ୟ ହୋଇଅଛି ଯେ କୌଣସି ଜଜୋଟ ଦଫତରରେ ବିଶେଷ ସ୍ଥାନରେ ହାଜର କରାଇବାକୁ ନ ଦେଲେ ଯେବେ ମଜୁର [illegible] ନ ପାରେ ଏମନ୍ତ ଆଶ୍ୱାସ କରିବାର ଉପଯୁକ୍ତ କାରଣ ପ୍ରକାଶ ହେବ ତେବେ ଜମିଦାରକୁ ଉକ୍ତ ହାଜର କରାଇବା ନିଷେଧ କରିବାକୁ ମାଜିଷ୍ଟ୍ରେଟ ସାହେବ ସନ ୧୮୭୧ ମସିହା ୨୮ ଆଇନ ୭୮ ଧାରାନୁସାରେ କ୍ଷମତାପନ୍ନ ଅଛନ୍ତି ।

ବମ୍ବେରେ ଜଣେ ପାରସୀ ବନ୍ଧୁ ଅନେକ ଟଙ୍କା ବ୍ୟୟ ପୂର୍ବକ ଉପଯୁକ୍ତ ସବୁ କଲେଜର ପଣ୍ଡିତ ଜଣେ ଇଞ୍ଜିନିୟର ନିଯୁକ୍ତ କରି [illegible] ପ୍ରସ୍ତୁତ କରୁଅଛି । [illegible] ଅର୍ଥାତ୍ [illegible] ଅଧେ ମୂଲ୍ୟରେ । ଯେତେବେଳେ ଅଧିକ ପରିମାଣରେ ଏଦେଶୀୟ ଲୋକମାନେ ଏହିପରି ଗୋଟିଏ ବ୍ୟବସାୟରେ ନିଯୁକ୍ତ ହେବେ ସେତେବେଳେ ଏ ଦେଶର ଶ୍ରୀବୃଦ୍ଧି ହେବ ।

କଲିକତାର ପ୍ରିଭିକୌନସିଲରେ ସମ୍ପ୍ରତି ଗୋଟିଏ ବଡ଼ ମୋକଦ୍ଦମାର ବିଚାର ହୋଇଅଛି । ଉତ୍ତରପଶ୍ଚିମ ପ୍ରଦେଶର ଗୋଟିଏ ମୋକଦ୍ଦମାର ଅପିଲରେ ଏହି ଆପତ୍ତି ହୋଇଥିଲା ଯେ କେହି ହିନ୍ଦୁ ଅଥବା ଆପଣା [illegible] ହୋଇ ରହିଲେ ଭୋଗ୍ୟ [illegible] ସ୍ୱତ୍ୱବନ୍ତ ହେବ ନାହିଁ । ଏଥିରୁ ପ୍ରିଭିକୌନସିଲ ନିଷ୍ପତ୍ତି କରିଅଛନ୍ତି ଯେ ଉକ୍ତ ପ୍ରକାର ଆପତ୍ତି ଚଳିବ ନାହିଁ, ତେବେ ଯଦ୍ୟପି ଏମନ୍ତ ପ୍ରମାଣ ହେବ ଯେ ସେ ଉଚ୍ଛୃଙ୍ଖଳ ଅଥବା ଦେହଯାତ୍ରାର ଅନ୍ୟ କୁକର୍ମରେ ରତ ହୋଇଅଛି ତେବେ ତାହାର ଭୋଗ୍ୟ [illegible] ରହିତ ହେବ ।

[illegible] ଜଣାଯାଏ ଯେ ସେଠାରେ ତା ୨୪ ରିଖ ମଧ୍ୟରେ ଶେଷ ହେବା ସପ୍ତାହରେ ମୃତ୍ୟୁସଂଖ୍ୟା ପୂର୍ବଠାରୁ [illegible] ତହିଁ ମଧ୍ୟରେ ଓଲାଉଠା ରୋଗରେ ୬୨ ଜଣ ମରି ଥିଲେ ।

[illegible] ଟଙ୍କା ବ୍ୟୟ [illegible] ହୋଇଅଛି ବୋଲି [illegible] ଏ ଦେଶୀୟ ଲୋକେ [illegible] ।

---

ଏହି ଉତ୍କଳଦୀପିକା ସହର କଟକ [illegible] ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳଦୀପିକା

ଉତ୍କଳଦୀପିକା ତା ୫ ଋଣ ମଙ୍ଗଳ ଜୁଲାଇ ସନ ୧୮୭୩ ମସିହା ।

ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହୋଦୟେଷୁ ।

ବିନୟପୂର୍ବକ ନିବେଦନଂ

ମହାଶୟ !

ଅମ୍ଭେମାନେ କେତେକ ଶିକ୍ଷାନଭିଜ୍ଞମାନଙ୍କଠାରୁ ଶୁଣି ହେଲୁଁ କଟକପ୍ରଦେଶର ଉତ୍କଳଭାଷାର ବଙ୍ଗଭାଷା ହେଲାରୁ ଶିକ୍ଷା ଭଲ ଅଛି ପୁସ୍ତକ ଅଟକରେ ହସ୍ତାକ୍ଷର ପଢା ଯିବାର କଠିନ । ଏଥିର ଯେଉଁ ଦଣ୍ଡୀମାନ ହେଉଅଛନ୍ତି ପୂର୍ବେ ଯେଉଁମାନେ ବ୍ୟକ୍ତି ଥିଲେ ଓଡିଆଭାଷାରେ ପୁସ୍ତକ ନାହିଁ ମଧ୍ୟ ତାହା ଅରଣ୍ୟ ପ୍ରଦେଶର ଭଳି ବର୍ତ୍ତମାନ ସେମାନଙ୍କ ଯଥାର୍ଥ ପୋଷକତା ପରିତ୍ୟକ୍ତମାନ ହେଲେହେଁ ଅମ୍ଭମାନଙ୍କର ମାନ୍ୟବର କଲେକ୍ଟରଙ୍କ ସମ୍ପୂର୍ଣ୍ଣଭାବରେ ତାହା କାର୍ଯ୍ୟୋପଯୁକ୍ତ ହେଉ ନାହିଁ । ଯାହା କେଉ ଅମ୍ଭେମାନେ ବୋଲୁଁ ଯଦ ବଙ୍ଗାମହଲର କେତେକ ପଦ୍ୟ ପୁସ୍ତକ କଟକ ପ୍ରଦେଶରେ ଅଭ କଟକ ପ୍ରଦେଶର କେତେକ ପଦ୍ୟପୁସ୍ତକ ବଙ୍ଗାମହଲରେ ବହୁକାଳରୁ ପ୍ରଚଳିତ ହୋଇ ଆସୁଅଛି ଏବଂ ବଙ୍ଗାମହଲର ଗ୍ରାମ୍ୟ ବିଦ୍ୟାଳୟର ଅଧ୍ୟୟନ କାର୍ଯ୍ୟ କଟକ ଓ ପୁରୀଜିଲ୍ଲାର ଓଡିଆମାନଙ୍କଦ୍ୱାରା ହୋଇ ଦୂରଦେଶର ରାଜ୍ୟମାନଙ୍କରେ ଅନେକ ଦବସାବଧି ଚଳି ଆସୁଅଛି ସେବେ (କଟକର ଭାଷା ଓ ପ୍ରଚଳିତ ପୁସ୍ତକ ଗୁଡିକ ପ୍ରତି ବଙ୍ଗାମହଲବାସିଙ୍କ ବିଶେଷ ଅନୁରାଗ) ଭାଷାର ବଭେଦ ଅଛି ବୋଲି କେତେବେଳେ ବୋଲାଯାଇ ନ ପାରେ କେବଳ ପରୀକ୍ଷା ଦେବା ଯେଉଁମାନଙ୍କୁ କଷ୍ଟ ହେଉଅଛି ସେମାନେ ଦୂର ମୂରଖ କଥା (ଦବା ବହୁଦାଳୁ ଶଙ୍କା ନାହିଁ) ମହାଶୟଙ୍କଠାରୁ ଶିକ୍ଷି ଓଡିଆରେ ଲିଖିତ ବର୍ଣ୍ଣାଇବା ଅଭିପ୍ରାୟ କରୁଅଛନ୍ତି କରେଁ ଅନ୍ୟ ବିଷୟ ନୁହେ ବଙ୍ଗାମହଲ ତ୍ରୀଂଜାଲ୍ବତ ପୂର୍ବେ ଗୃହଦ୍ୱାରବାର ମାଗଙ୍କରେ ଯଦ୍ରୂପେ ଉତ୍କର୍ଷ ଥିଲା ସମ୍ପ୍ରତି ସେପରି ନ ଥିବାରୁ ଓଡିଆ ଲେଖା ପଢାର ବିଶେଷ ଅଭ୍ୟାସ ନାହିଁ ସେହେତୁରୁ କଟକର ଛାପିଲେଖାଦ ପ୍ରାପ୍ତ କେତେକ ବ୍ୟକ୍ତିଙ୍କୁ ପଢିବା କଠିନ ବୋଧ ହେଉଅଛି ।

କେଲେଙ୍କଜଣ ଓଡିଆ ।

---

ରଥଯାତ୍ରା ।

ଏଥିପୂର୍ବେ ସ୍ନାନଯାତ୍ରା ବିଷୟ ଲେଖିଅଛୁଁ ଓ ସେହିଦିନ ଉତ୍ତମରୂପେ କର୍ମ ନିର୍ବାହ ନ ହୋଇଥିବା ପ୍ରଯୁକ୍ତ ଯାତ୍ରୀଙ୍କୁ ଆରମଷ୍ଟ୍ରଂ ସାହେବ ସେବାଙ୍କ ଉପରେ ୫୦୦ଙ୍କା ଜରିମାନା କରି କହିଲେ ଯେ ଯଦି ଏହିପରି ଅସାବଧାନତା ଜଗନ୍ନାଥଙ୍କର ଛଡାଯାତ୍ରାପରେ କିମ୍ବା ରଥରେ କିମ୍ବା ଅନ୍ୟାନ୍ୟ ବିଷୟରେ ଦେଖାଯାଏ ତେବେ ପ୍ରତ୍ୟେକ ଦୋଷ ସକାଶେ ଅମ୍ଭେ ସେବାଙ୍କୁ ୫ ୧୦୦୦ ଙ୍କାରୁ କମ ଜରିମାନା କରିବୁଁ ନାହିଁ ଓ ପ୍ରତ୍ୟହ ଯେତେବେଳେ ଯେଉଁ ନୀତି ଶେଷ ହେବ କିମ୍ବା ଯେଉଁ କର୍ମ ସମାପନ ହେବ ତହିଁର ଏତଲା ଅମ୍ଭଠାରେ ଦେବ ଏହିପରି ହୁକୁମ ଦେଇ ଡେପୁଟୀ କେଦାର ବାବୁ ଓ ଅପରାପରଙ୍କୁ ଅନୁସନ୍ଧାନ ନେବା ସକାଶେ କହିଦେଲେ । ପ୍ରତ୍ୟହ ଉପଯୁକ୍ତ ସମୟରେ ନୀତି କରିବାରୁ ଯାତ୍ରିମାନେ ଓ ଅପରସାଧାରଣମାନେ ଅନାୟାସରେ ପ୍ରସାଦ ପାଇ ଅକ୍ଳେଶରେ ଆହାର କଲେ । ନବଯୌବନ ଦିନ ଗୃହ ଏକଘଣ୍ଟା ସମୟରେ ଦର୍ଶନ ସକାଶେ କବାଟ ଫିଟିବାର ହୁକୁମ ଦେଇ ଡେପୁଟୀ ବାବୁ କେଦାର ନାଥ ଦତ୍ତ ଓ ନନ୍ଦକିଶୋର ଦାସ ଓ କତେକାଳ ସମ୍ପାନମାନେ ଓ ପୁଲିସ ଏମାନଙ୍କୁ ନାନାଦ ସ୍ଥାନରେ ସେଉଳ ମଧ୍ୟରେ ରହି ଅକ୍ଳେଶରେ ଯାତ୍ରିମାନଙ୍କୁ ଦର୍ଶନ କରାଇବା ସକାଶେ ନିଯୁକ୍ତ କରିଥିଲେ । ସମସ୍ତେ ଉପସ୍ଥିତ ହୋଇ ଏକଘଣ୍ଟା ସମୟରେ ଦ୍ୱାର ଫିଟାଇ ଦିଲ୍ଲି ସମୟଠାରୁ ପରଦିନ ଦିବା ଘ ୯ ଟା ପର୍ଯ୍ୟନ୍ତ ପ୍ରାୟ ଏକଲକ୍ଷ ଲୋକଙ୍କୁ ଅକ୍ଳେଶରେ ଦର୍ଶନ କରାଇଲେ ଏଦିନ ପୁଲିସର କିଛି ଅଭ୍ୟାଗତ ଦେଖାଯାଇ ନାହିଁ ଯେହେତୁ ହାକିମମାନେ ଓ ସରକାରୀ ଅମଲାମାନେ ଉପସ୍ଥିତ ଥିବାରୁ ସେମାନଙ୍କର ସାହସ ହେଲା ନାହିଁ । ଗୁଣ୍ଡିଚ୍ଚାଦିନ ଦିବା ଅପରାହ୍ନ ଠିକ ଘ ୬ଟା ସମୟରେ ଜଗଠାକୁର ଯାକ ରଥ ଉପରେ ପହଣ୍ଡି ଲଗେ କରି ବସିଲେ ଓ ଦର୍ଶନାକାଂକ୍ଷୀ ପ୍ରାୟ ଅଶୀ ଜନେ ହଜାର ଲୋକ ଉପସ୍ଥିତ ଥିଲେ ଏଥିମଧ୍ୟରୁ ଷାଠିଏ ସତୁରୀ ହଜାର ପ୍ରାୟ ବଙ୍ଗଦେଶୀ ଯାତ୍ରୀ ହେବେ ମାତ୍ର ଏସମସ୍ତ ଯାତ୍ରୀ ଉତ୍ସବରେ ଓ ଅଧିକ ନୋଟ୍ ଶାନ୍ତ ବିନା ଦର୍ଶନ କରି ସ୍ୱ ସ୍ୱ ନଗରକୁ ପ୍ରତ୍ୟାଗମନ କରୁଅଛନ୍ତି । ମହାପ୍ରଭୁ ରଥରେ ବସିବା ପରେ ଡାକ୍ତର ସାହେବ, କଲେକ୍ଟର ସାହେବ, ପୁଲିସ ସାହେବ ଓ ଅସିଷ୍ଟାଣ୍ଟ ସାହେବ ଏ ଚାରି ସାହେବ ଲୋକାରଣ୍ୟ ମଧ୍ୟରେ ଘୋଡା ଚଢି ଆସି ପ୍ରବେଶ ହୋଇ ମହାପ୍ରଭୁଙ୍କୁ ଓ ଯାତ୍ରିମାନଙ୍କର ଆନନ୍ଦୋତ୍ସବ ଦେଖି ଫେରି ଗଲେ । ଶୁକ୍ରବାର ଦିନ ଗୁଣ୍ଡିଚ୍ଚ ହେଲା ଓ ପରେ ଶୁକ୍ର ଗତି ରବି ଏହି ତିନିଦିନ ମଧ୍ୟରେ ସାହେବଙ୍କର ଉତ୍ସାହେତୁରୁ ରଥଯାତ୍ରା ହୋଇ ମହାପ୍ରଭୁ ରବିବାର ଦିନ ସାୟ ଦୁଇଟା ସମୟରେ ପହଣ୍ଡି ବିଜେ କରି ଗୁଣ୍ଡିଚ୍ଚାମନ୍ଦିରରେ ପ୍ରବେଶ କରିଅଛନ୍ତି । ଏ ବିଷୟରେ ଏଠାର ଭଦ୍ର ଓ ଅପର ସାଧାରଣ ଲୋକମାନେ ଆରମଷ୍ଟ୍ରଂ ସାହେବଙ୍କର ପ୍ରଶଂସା କରୁଅଛନ୍ତି ଓ କହନ୍ତି ଯେ ପ୍ରାୟ ବ ୧୮ ବର୍ଷ

Split by PDF Splitter

Digitized by srujanika@gmail.com

Split by PDF Splitter



ହେଲା ଏସବୁ ନାଚ ଓ ଦର୍ଶନ ଓ ରଥ ଶୀଘ୍ର ଝଣା ହେବାର ଦେଖା ନ ଥିଲା ଓ ଏ ସକ ଅରମଷ୍ଟ୍ରଂ ସାହେବ ଅସିବାରୁ ୧୮।୨୦ ବରଷ ଗତ ବିଷୟ ଯାହା କି ଓଲିଭିସନ ସାହେବ ଓ ବାବୁ ନୀଳମଣି ତ୍ରିହ୍ମ ଡେପୁଟୀକଲେକ୍ଟରଙ୍କ ସମୟରେ ପ୍ରଚ୍ଚର ଥିଲା ତାହା ପୁନରସ୍ଥାପନ ହେଲା । ଯଦ୍ୟପି କି ଏଠାର ସମସ୍ତ ଲୋକ ଡିଉସ ସାହେବଙ୍କ ବଦଳିରେ ଅତ୍ୟନ୍ତ ଦୁଃଖ ପ୍ରକାଶ କରି ତାହାଙ୍କର ପ୍ରତ୍ୟାଗମନ ସକାଶେ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରିଥିଲେ ମାତ୍ର ସେମାନେ ବର୍ତ୍ତମାନ ବୁଝିଲେ ଯେ ଡିଉସ ସାହେବ ନ ଆସି ଯଦି ଏହି ସାହେବ ଚିରଦିନ ଥାନ୍ତି ତେବେ ତାଙ୍କ ଦେଶର ଅନେକ ମଙ୍ଗଳ ହେବ । ଉପର୍ଯ୍ୟୁକ୍ତ ବିଷୟମାନଙ୍କରେ ଅମ୍ଭେମାନେ ଏଠାର କଲେକ୍ଟରର ସିରସ୍ତାଦାର ବାବୁ ରାମପ୍ରସାଦ ସିଂହଙ୍କୁ ଧନ୍ୟବାଦ ନ ଦେଇ ଥାନ୍ତି ରହି ନ ପାରୁଁ ଯେହେତୁ ସେ ଅନେକ ଯତ୍ନ କରି ସାହେବଙ୍କୁ ସମସ୍ତ ବିଷୟ ଜଣାଇ ଓ କିପରି କି ହେବ ତାହା କହି ଉକ୍ତ କର୍ମ ସମାପନରେ ଯଥୋଚିତ କ୍ଲେଶ ସ୍ୱୀକାର କରିଅଛନ୍ତି ଅମ୍ଭେମାନେ ହିଲର ମାଜିଷ୍ଟ୍ରେଟ ଓ ଓଡ଼ିଶା ପ୍ରଦେଶର କମିଶନର ସାହେବଙ୍କୁ ଏହି ପ୍ରାର୍ଥନା କରୁଁ ଯେ ସେମାନେ ଯଦି ଦେଉଳର ତତ୍ତ୍ୱାବଧାରଣ କର୍ମରେ ବାବୁ ରାମପ୍ରସାଦ ସିଂହଙ୍କୁ ସରକାର ତରଫରୁ ନିଯୁକ୍ତ କରନ୍ତି ଓ ବୃଢାଙ୍କ ସାବକ ଚାକରମାନଙ୍କ ମଧ୍ୟରୁ ଖାରଜ ଦାଖଲ କରି ନୂତନ ଲୋକ ରଖାନ୍ତି ତେବେ ସମସ୍ତ କର୍ମ ସୁଶୃଙ୍ଖଳରୂପେ ନିର୍ବାହ ହେବ ସନ୍ଦେହ ନାହିଁ ।

କି ଆଶ୍ଚର୍ଯ୍ୟ ପୁରୀ ସହର ଲୋକମାନେ ତାଙ୍କ ମଧ୍ୟରୁ କେହି କୌଣସି ଦୁଷ୍କର୍ମର ଦଣ୍ଡ ପାଇବାର ଦେଖି ସୁଦ୍ଧା ସେଥିରେ କ୍ଷାନ୍ତ ହୁଅନ୍ତି ନାହିଁ । ଗୋରଧା ଜାନଗୋଇ ବଲି କୌଣସି ସ୍ତ୍ରୀଲୋକ ଯାତ୍ରିର ଲୁଟମର୍ଦ୍ଦନ କରି ଦେବାରୁ ତାଙ୍କୁ ଚରି ମାସ ମିଆଦ ହୋଇଅଛି । ଏକବ୍ୟକ୍ତି ରଥ ଉପରେ ଏକ ପଶ୍ଚିମା ସ୍ତ୍ରୀଲୋକର କାନରୁ ଅଲଙ୍କାର କବଳରେ ଛିଣ୍ଡାଇ ନେଉଥିବାରୁ ଧରା ପଡି ଏକମାସ କଏଦ ହୋଇଅଛି । ଏହିପରି ଅନେକ—

ତା ୧ ଲଗ ମାହେ ଜୁଲାଇ<br>ସନ ୧୮୭୩ ଇସିହା } ବସ୍ତୁଦର୍ଶକ ।

---

ମଲସବ ଦେଶ

Digitized by srujanika@gmail.com